ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୩/୨୦୨୧ (୧୬ ପୃଷ୍ଠା+ସାହିତ୍ୟାୟନ) | Bhubaneswar, Thursday, September 23/2021 | ★★★★★★
୪୭ଶ ଭାଗ ୨୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ଆଲର୍ଜି ଆପଣଙ୍କ ରୋଗର କାରଣ କି ?



## ରକ୍ତ ପରୀକ୍ଷା ଦ୍ୱାରା ଆଲର୍ଜିର କାରଣ ଜଣାପଡ଼ିଯାଇଥାଏ

**ECHS/ESI/CGHS** କାର୍ଡଧାରୀଙ୍କ ପାଇଁ **ଅତିରିକ୍ତ ରିହାତି**

**Vitamin B12 ଏବଂ Vitamin D** ପରୀକ୍ଷା **ନିଃଶୁଳ୍କ (FREE)** ପାଆନ୍ତୁ ଆଲର୍ଜି ପରୀକ୍ଷା ସହିତ

Jerath Path Labs & Allergy Testing Centre
*working for your better health*

ରୋଗକୁ ଡରିବା ନାହିଁ, ତା' ସହ ଲଢ଼ିବା।
ଆଜି ହିଁ ଆଲର୍ଜି ପରୀକ୍ଷା କରାଇନିଅନ୍ତୁ

ସାମ୍ପଲ୍ ଦେବାର ସମୟ ସକାଳ ୨ରୁ ସନ୍ଧ୍ୟା 5ଟା ପର୍ଯ୍ୟନ୍ତ

**24, 25, 26 ଓ 27 ସେପ୍ଟେମ୍ବର ଦିନ ଅଧାରୁ କମ୍ ଦରରେ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଖଣ୍ଡଗିରି, କୋରାପୁଟ, ରାୟଗଡ଼ା, କଟକ, କେନ୍ଦ୍ରାପଡ଼ା, ଭବାନୀପାଟଣା, ଗଜପତିରେ ପରୀକ୍ଷା କରାନ୍ତୁ**

**ଓଡ଼ିଶା ବିଶିଷ୍ଟ ଆଲର୍ଜି ପ୍ୟାନେଲ୍ ଉପଲବ୍ଧ (Odisha Specific Allergy Panel Available)**
ଓଡ଼ିଶା ବ୍ୟାପକ (comprehensive) ଆଲର୍ଜେନ ପ୍ୟାନେଲ୍
ଓଡ଼ିଶା ପାଇଁ ବିଶିଷ୍ଟ ଆଲର୍ଜି ଯାଞ୍ଚ
(ପ୍ରକାଶିତ ଅଧ୍ୟୟନ ଓ ଉପାଖ୍ୟାନର ଅନୁଭୂତି ଆଧାରରେ)

## ଆଲର୍ଜି କ'ଣ?

ପରାଗ ରେଣୁ, ଧୂଳିକଣିକା, ଖାଦ୍ୟ ଇତ୍ୟାଦି ଭଳି କେତେକ ବାହ୍ୟ ତତ୍ତ୍ୱ ପ୍ରତି ଆମ ଶରୀରର ରୋଗପ୍ରତିରୋଧକ କ୍ଷମତାର ଅସ୍ୱାଭାବିକ ପ୍ରତିକ୍ରିୟାକୁ ଆଲର୍ଜି କୁହାଯାଏ । ଏହି ରୋଗ ସାରା ପୃଥିବୀରେ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି । ଆଜିକାଲି ଯୁବ ଓ ବାଲ୍ୟାବସ୍ଥାରେ ମଧ ଆଲର୍ଜି ରୋଗ ଦେଖିବାକୁ ମିଳିଲାଣି । ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି କରୁଥିବା ତତ୍ତ୍ୱଗୁଡ଼ିକୁ ଆଲର୍ଜେନ୍ କୁହାଯାଏ । ଏହି ଆଲର୍ଜେନ୍ ବା ଆଲର୍ଜି ସୃଷ୍ଟିକାରୀ ତତ୍ତ୍ୱରେ ପ୍ରକୃତରେ କୌଣସି କ୍ଷତିକାରକ କୀଟାଣୁ କିମ୍ବା ବିଷାଣୁ ନ ଥାନ୍ତି, ବରଂ କ୍ଷତିକାରକ ଉପାଦାନ ରହିଥାଏ, ଯେମିତିକି ଗହମ, ବାଦାମ, ଦୁଗ୍ଧ, ପରାଗରେଣୁ, ଧୂଳିକଣିକା କିମ୍ବା ପରିବେଶରେ ଉପସ୍ଥିତ କେତେକ ପ୍ରାକୃତିକ ତତ୍ତ୍ୱ । ଏହି କାରଣରୁ ସବୁ ଲୋକଙ୍କୁ ଏଗୁଡ଼ିକ କ୍ଷତି ପହଞ୍ଚାଇ ନ ଥାଏ । ଗୋଟିଏ ଘରେ, ସମାନ ପରିବେଶରେ ଜଣେ ବ୍ୟକ୍ତିଙ୍କୁ ଆଲର୍ଜି ହେଉ ଥିବା ବେଳେ ଅନ୍ୟମାନେ ତାହାଦ୍ୱାରା ପ୍ରଭାବିତ ହୋଇ ନ ଥାନ୍ତି ।

## ଆଲର୍ଜିର ଲକ୍ଷଣ (Allergy Symptoms)

1. ନାକର ଆଲର୍ଜି - ବାରମ୍ବାର ଥଣ୍ଡା ହେବା, ନାକ କୁଣ୍ଡେଇ ହେବା, ନାକରୁ ବହିବା, ଲଗାତର ଛିଙ୍କ, ନାକ ବନ୍ଦ ହେବା
2. ତ୍ୱଚାର ଆଲର୍ଜି - ଅତି ସାଧାରଣ, ବର୍ଷାଦିନେ ଅଧିକ ହୋଇଥାଏ । କୁଣ୍ଡିଆ, ନାଲି ଦାଗ, ଦାନା, ଭାତୁଡ଼ି ଇତ୍ୟାଦି ହୋଇପାରେ ।
3. ଆଖିର ଆଲର୍ଜି - ଆଖିରୁ ପାଣି, ଆଖି ନାଲି ପଡ଼ିବା, ଆଖିରେ ଜ୍ୱାଳା ଓ କୁଣ୍ଡେଇ ହେବା ।
4. ଫୁସ୍‌ଫୁସ୍‌ର ଆଲର୍ଜି - କାଶ, ଶ୍ୱାସକ୍ରିୟାରେ ସମସ୍ୟା, ଫୁସ୍‌ଫୁସ୍‌ରେ କଫ, ଆଜ୍‌ମା କିମ୍ବା ଅଣନିଃଶ୍ୱାସୀ ଲାଗିବା
5. ଖାଦ୍ୟ ଓ ପାନୀୟର ଆଲର୍ଜି - ଅନେକ ଲୋକଙ୍କୁ ଖାଦ୍ୟ ପାନୀୟ (ଅଣ୍ଡା, ମାଛ, ଚକୋଲେଟ୍, ଦୁଗ୍ଧ ଇତ୍ୟାଦି)ରୁ ଆଲର୍ଜି ହୋଇଥାଏ ।
6. ସମ୍ପୂର୍ଣ୍ଣ ଶରୀରର ଆଲର୍ଜି - ସମ୍ପୂର୍ଣ୍ଣ ଶରୀରରେ ଗୁରୁତର ଲକ୍ଷଣ ଅତି ଗମ୍ଭୀର ପ୍ରଭାବ ପକାଇଥାଏ । ତୁରନ୍ତ ଚିକିତ୍ସାଳୟ ଯିବା ଆବଶ୍ୟକ ହୋଇଥାଏ ।




## ଡା. ପ୍ରଶାନ୍ତ ଜେରଥ୍‌ଙ୍କଠାରୁ ଆଲର୍ଜି ସମ୍ବନ୍ଧୀୟ ପରାମର୍ଶ ନିଅନ୍ତୁ



ଡା. ପ୍ରଶାନ୍ତ ଜେରଥ୍ (ଏମ୍.ଡି. ପାଥୋଲୋଜିଷ୍ଟ) (M.D. Pathologist) କୁହନ୍ତି ଯେ ଆଜିର ସହରୀକରଣର ଯୁଗରେ ସବୁକିଛି ପ୍ରଦୂଷିତ ହୋଇଯାଇଛି । କେଉଁ ଜିନିଷ ଆପଣଙ୍କୁ କିପରି ଭାବେ ପ୍ରଭାବିତ କରିବ ତାହା ଆପଣ ଅନୁମାନ ମଧ କରିପାରନ୍ତି ନାହିଁ । ବିଶେଷକରି ଶ୍ୱାସରୋଗ ସମୟରେ ପ୍ରତ୍ୟେକ ଜିନିଷକୁ ନେଇ ସତର୍କ ରହିବା ଉଚିତ ।
ଆପଣ ରାସ୍ତାରେ ଚାଲୁଚାଲୁ ହଠାତ୍ ଆପଣଙ୍କ ଦେହ କୁଣ୍ଡେଇ ହେଲେ କିମ୍ବା ତ୍ୱଚା ଫୁଲି କୁଣ୍ଡେଇ ହେଲେ, ବୁଝିନିଅନ୍ତୁ ଯେ ଏପରି କୌଣସି ଜିନିଷ ଆପଣଙ୍କ ଆଖପାଖରେ ଅଛି କିମ୍ବା ଅତିକ୍ରମ କରିଛି ଯାହା ପ୍ରତି ଆପଣଙ୍କର ଆଲର୍ଜି ଅଛି । ଆପଣ ଜଣେ ଶ୍ୱାସରୋଗୀ ହୋଇଥିଲେ ଆଲର୍ଜି ଆହୁରି ବିପଜ୍ଜନକ ହୋଇଯାଇଥାଏ । ଶ୍ୱାସରୋଗର ପ୍ରଭାବ ସହିତ ଆଲର୍ଜିର ପ୍ରଭାବ ପ୍ରାଣଘାତୀ ସାବ୍ୟସ୍ତ ହୋଇପାରେ । ମାତ୍ର ଗୋଟିଏ ବ୍ଲଡ୍ ଟେଷ୍ଟ ଆପଣଙ୍କ ସମସ୍ୟାକୁ ସହଜ କରିପାରିବ । ଏହା ସହିତ ଆଲର୍ଜି ପରୀକ୍ଷା ଓଡ଼ିଶାର ବିଭିନ୍ନ ଜିଲ୍ଲା ଓ ସହରରେ ଆୟୋଜନ କରାଯିବ ।



ଡା. ନବନୀତ (ନାକ, କାନ ଓ ଗଳା ବିଶେଷଜ୍ଞ) (M.B.B.S., MS ENT) ନାକ, କାନ ଓ ଗଳାର ଆଲର୍ଜି ବିଷୟରେ କହିଛନ୍ତି ଯେ, ଏହିସବୁ ଅଙ୍ଗ ପରସ୍ପର ସହିତ ସଂଲଗ୍ନ, ଯେଉଁ କାରଣରୁ ଏହି ତିନିଟି ଅଙ୍ଗ ମଧ୍ୟରୁ ଯେକୌଣସି ଗୋଟିଏ ଅଙ୍ଗରେ infection ହେଲେ, ବାକି ଦୁଇ ଅଙ୍ଗକୁ ମଧ ତାହା ବ୍ୟାପିଯିବାର ସମ୍ଭାବନା ବଢ଼ିଯାଇଥାଏ ।
Ear Problem - ଏହାକୁ ନେଇ ଆମେ ଅବହେଳା ପ୍ରଦର୍ଶନ କଲେ କାନ ବ୍ୟଥା, କାନରୁ ପାଣି ଝରିବା, କମ୍ ଶୁଭିବା ଓ କାନ ସହ ଜଡ଼ିତ ଅନ୍ୟାନ୍ୟ ଅନେକ ସମସ୍ୟା ଦେଖାଦେଇଥାଏ ।
Nose Problem - ଥଣ୍ଡା, ସର୍ଦ୍ଦି ଭଳି ସମସ୍ୟା ଆମକୁ ଯେକୌଣସି ସମୟରେ ଦେଖାଦେଇପାରେ କାରଣ ଏହା ଆମର ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗକୁ ପ୍ରଭାବିତ କରିଥାଏ ଓ ଏହି ଅଙ୍ଗଗୁଡ଼ିକ ସର୍ବଦା ପରିବେଶ ସଂସ୍ପର୍ଶରେ ରହୁଥିବାରୁ ଯଦି ଆମର immunity ଦୁର୍ବଳ ହୋଇଥାଏ, ତେବେ ଆମେ ଖୁବ୍ ଶୀଘ୍ର ଏହି ସମସ୍ୟାରେ ପୀଡ଼ିତ ହୋଇଯାଇଥାଉ ।
Throat Problem - ଗଳାର କେତେକ ସାଧାରଣ ସମସ୍ୟାଗୁଡ଼ିକ ହେଉଛି ଗଳାରେ ବ୍ୟଥା, ଟନ୍‌ସିଲ ହେବା, ଗଳା ଖରଖର କିମ୍ବା ସ୍ୱର ବଦଳିବା, ଯାହା ଋତୁ କାରଣରୁ ମଧ ହୋଇପାରେ ।

## ଆଲର୍ଜିର କାରଣ (Causes of Allergy)

1. କୀଟ (Insect Allergy) - ଘରେ ଛୋଟ ଛୋଟ ପୋକ କିମ୍ବା ଅସରପା କାମୁଡ଼ିବା କାରଣରୁ ମଧ ତ୍ୱଚା ଫୁଲି ନାଲି ପଡ଼ିଯାଏ, ବାନ୍ତି ଓ ଜ୍ୱର ମଧ ଆସିପାରେ ।
2. ଖାଦ୍ୟ (Food Allergy) - କେତେକ ବ୍ୟକ୍ତିଙ୍କୁ ଖାଦ୍ୟପଦାର୍ଥ (ଯେପରିକି ଚିନାବାଦାମ, ବାଦାମ, ଦୁଗ୍ଧ, ବିଲାତି ବାଇଗଣ, ମାଛ, ଅଣ୍ଡା କିମ୍ବା ବଜାରର କେମିକାଲଯୁକ୍ତ ଭୋଜନ)ରୁ ମଧ ଆଲର୍ଜି ହୋଇଥାଏ । କୁଣ୍ଡିଆ, ଅଇ ଉଠିବା, ଶରୀରରେ ଦାନା ମଧ ଦେଖାଦେଇପାରେ ।
3. ସୁଗନ୍ଧ (Fragrance Allergy) - ସୁନ୍ଦର ଦେଖାଯିବା ପାଇଁ ପ୍ରୟୋଗ କରାଯାଉଥିବା ସାମଗ୍ରୀ (ପାଉଡର, ଶାମ୍ପୁ, ପର୍‌ଫ୍ୟୁମ୍, କ୍ୟାଣ୍ଡେଲ୍, ସାବୁନ ଇତ୍ୟାଦି)ରୁ ମଧ କେତେକ ବ୍ୟକ୍ତିଙ୍କଠାରେ ମୁଣ୍ଡବିନ୍ଧା, ଅଇ ଉଠିବା କିମ୍ବା ନାକରେ ସମସ୍ୟା ଦେଖାଦେଇଥାଏ ।
4. ଜୀବଜନ୍ତୁ (Pet Allergy) - ପୋଷ୍ୟଜନ୍ତୁଙ୍କ ଲୋମ, ରୁପି, ଲାଳ ପ୍ରତି ମଧ କେତେକ ବ୍ୟକ୍ତିଙ୍କଠାରେ ଗମ୍ଭୀର ପ୍ରତିକ୍ରିୟା ଦେଖାଦେଇଥାଏ ।
5. ପରାଗରେଣୁ/ଘାସ (Pollen/Grass Allergy) - ଅନେକ କ୍ଷେତ୍ରରେ ଘାସ, ଗଛଲତା, ଫୁଲ ଓ ତାହାର ରେଣୁ ମଧ ଋତୁକାଳୀନ ଆଲର୍ଜି (କୁଣ୍ଡିଆ, ଛିଙ୍କ, ଆଖିରେ ଜ୍ୱାଳା ଇତ୍ୟାଦି) ଭଳି ସମସ୍ୟା ସୃଷ୍ଟି କରିଥାଏ ।

## ଆଲର୍ଜିର ପ୍ରତିରୋଧ (Allergy Treatment)

**ଆଲର୍ଜିରୁ ଦୂରେଇ ରହିବା ହିଁ ସର୍ବୋତ୍ତମ ଚିକିତ୍ସା ଅଟେ**
- ଘରର ପରିପାର୍ଶ୍ୱକୁ ସଫା ରଖନ୍ତୁ। ଘର ମଧରେ ଖୋଲା ଓ ତାଜା ପବନ ଚଳାଚଳ ହେବାକୁ ଦିଅନ୍ତୁ
- ଯେଉଁ ଖାଦ୍ୟପଦାର୍ଥ ପ୍ରତି ଆଲର୍ଜି ଥିବ, ତାହାକୁ ଖାଆନ୍ତୁ ନାହିଁ
- ହଠାତ୍ ଥଣ୍ଡାରୁ ଗରମ କିମ୍ବା ଗରମରୁ ଥଣ୍ଡା ବାତାବରଣକୁ ଯାଆନ୍ତୁ ନାହିଁ
- ମୁହଁ ଓ ନାକକୁ ଘୋଡ଼ାଇ ବାଇକ୍ ଚଲାନ୍ତୁ, ଭଲ କ୍ୱାଲିଟିର ଚଷମା ପିନ୍ଧନ୍ତୁ
- କମ୍ବଳ, ତକିଆ ଖୋଳ, ଗଦି ଓ ଚଦରକୁ ନିୟମିତ (ଗରମ ପାଣିରେ) ସଫା କରନ୍ତୁ
- ଯଦି ଜୀବଜନ୍ତୁଙ୍କଠାରୁ ଆଲର୍ଜି ରହିଥାଏ, ତେବେ ଘରେ ପୋଷନ୍ତୁ ନାହିଁ, ସେମାନଙ୍କୁ ଲିଭିଂ ରୁମ୍‌ରୁ ଦୂରେଇ ରଖନ୍ତୁ
- ଘରକୁ ସବୁବେଳେ ସଫା ରଖନ୍ତୁ, ଅଳନ୍ଧୁ ଜମା ହେବାକୁ ଦିଅନ୍ତୁ ନାହିଁ
- ଧୂଳିରୁ ଆଲର୍ଜି ଥିଲେ, ଫେସ୍‌ମାସ୍କ ପିନ୍ଧି କାମ କରନ୍ତୁ



**ଦୟାକରି କୋଭିଡ୍ ଗାଇଡ୍‌ଲାଇନ୍ସ ପାଳନ କରନ୍ତୁ (ମାସ୍କ ପିନ୍ଧନ୍ତୁ ଏବଂ ସାମାଜିକ ଦୂରତା ବଜାୟ ରଖନ୍ତୁ)**

Jerath Path Labs & Allergy Testing Centre

**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**
**CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet**

**ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ:- 98759-30831, 98759-30832, 98759-30833**

**BHUBANESWAR**
9439400019 — PRADHAN PATH LABS, PLOT NO. 351, SAHEED NAGAR, BHUBANESWAR
9438431752, 7008831212 — OMM DIAGNOSTIC, PLOT NO.49, NEAR SOUTH GATE OF CAPITAL HOSPITAL, UNIT-6, EKAMRA MARG, BHUBANESWAR

**PURI**
9439046037, 9778566736 — NIDAN 'A' PATHOLAB, BALAGANDI SQUARE, GRAND ROAD, PURI

**KHORDHA**
9778412915 — SEWA DIAGNOSTIC CENTRE, COLLEGE ROAD, IN FRONT OF GOVT. CHC, JATNI KHORDHA

**KHANDAGIRI**
9861035754 — IPSA CLINIC & LAB, PLOT NO. 678, JAGAMARA ROAD, KHANDAGIRI, BHUBANESHWAR

**KORAPUT**
9658018910 — SUBHASHREE PATHOLOGY CLINIC, SLN MEDICAL COLLEGE & HOSPITAL ROAD NEAR CENTRAL SCHOOL,KORAPUT

**RAYAGADA**
9437338953, 7008437910 — BANADURGA PATHOLOGY, OLD BUS STAND

**CUTTACK**
7978611650, 7008427608, 9937518098 — UDAYA LAB, SHOP NO. 16, NURSINGHPUR PLAZA, TULSIPUR, CUTTACK

**KENDRAPARA**
9437473435, 9937896343 — SAI AROGYAM DIAGNOSTICS CENTRE, MEDICAL ROAD

**BHAWANIPATNA**
9437188556, 8249828048 — MALAYA PATHOLOGY, NR. S.B.I MAIN BRANCH BHAWANIPATNA

**GAJAPATI**
9040507796, 9937616668 — SHREE PATHOLOGY/KAMALA MEDICAL STORE, NEAR THYROCARE OFFICE PATHAPATNAM RD PARALAKHEMUNDI

Member of Advertising Standards Council of India (Responsible Advertising)

**ବେକାରି ଯୋଗୁ ଡ୍ରଗ୍ସ ନେଉଛନ୍ତି ଯୁବବର୍ଗ: ଫାରୁକ୍**

ରୋଜଗାର ନ ଥିବାରୁ ଜମ୍ମୁ-କଶ୍ମୀର ଯୁବବର୍ଗ ଡ୍ରଗ୍ସ ସେବନ କରୁଛନ୍ତି ବୋଲି ନ୍ୟାଶନାଲ କନଫରେନ୍ସ ସଭାପତି ଫାରୁକ ଅବଦୁଲ୍ଲା କହିଛନ୍ତି। ଏଥିପାଇଁ ସ୍ଥାନୀୟ ପ୍ରଶାସନର ଉଦାସୀନ ମନୋଭାବକୁ ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶ୍ରୀନଗର ଏମ୍‌ପି ଫାରୁକ୍ ଦାୟୀ କରିଛନ୍ତି। ୫ ଅଗଷ୍ଟ ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ହଟାଇବା ନିଷ୍ପତ୍ତି ସ୍ଥାନୀୟ ଶିକ୍ଷିତ ତଥା କୁଶଳୀ ଯୁବକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଚାକିରି ନ ମିଳିବା ଯୋଗୁ ସେମାନେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଛନ୍ତି ବୋଲି ସେ କହିଛନ୍ତି।



# ତାଲିବାନ୍ ଜାତିସଂଘର ଦ୍ୱାରସ୍ଥ

■ରାଷ୍ଟ୍ରଦୂତ ରଖିବାକୁ ଚିଠି ଲେଖିଲା

■ଉଦ୍‌ବୋଧନ ଦେବାକୁ ଅନୁମତି ମାଗିଲା

**ଜାତିସଂଘ, ୨୨।୯**



ଆଫଗାନିସ୍ତାନରେ ସରକାର ଗଢ଼ିଥିବା ତାଲିବାନ୍ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପାଇବା ପାଇଁ ଜାତିସଂଘର ଦ୍ୱାରସ୍ଥ ହୋଇଛି। ଏହି ବିଶ୍ୱସ୍ତରୀୟ ସଙ୍ଗଠନରେ ନିଜର ରାଷ୍ଟ୍ରଦୂତ ରଖିବାକୁ ତାଲିବାନ୍ ଉଦ୍ୟମ କରିଛି। ଦୋହାରେ ଥିବା ତାଲିବାନ୍ ମୁଖପାତ୍ର ସୁହେଲ ଶାହିନଙ୍କ ନାଁକୁ ଏହି ଗୋଷ୍ଠୀ ଉକ୍ତ ପଦବୀ ପାଇଁ ନାମିତ କରିଛି। ଆସନ୍ତା ୨୭ରେ ଜାତିସଂଘର ସାଧାରଣ



ସୁହେଲ ଶାହିନ

ସଭା ଶେଷ ହେବାକୁ ଯାଉଥିବାବେଳେ ଏଥିରେ ଉଦ୍‌ବୋଧନ ଦେବା ପାଇଁ ମଧ୍ୟ ତାଲିବାନ୍ ଅନୁମତି ମାଗିଛି।

ତାଲିବାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅମିର ମୁତ୍ତାକି ସୋମବାର ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ଏ ନେଇ ଏକ ଚିଠି ଲେଖିଛନ୍ତି। ଜାତିସଂଘର ବାର୍ଷିକ ଉଚ୍ଚସ୍ତରୀୟ ସମ୍ମିଳନୀରେ ତାଲିବାନ୍ ଭାଗ ନେବାକୁ ଏହି ଚିଠିରେ ଅନୁମତି ମାଗିଥିବା ଗୁଟେରସ୍‌ଙ୍କ ମୁଖପାତ୍ର ଫରାନ୍ ହକ୍ ସୂଚନା ଦେଇଛନ୍ତି। ଗତ ଜୁଲାଇରେ ଜାତିସଂଘରେ ଆଫଗାନିସ୍ତାନର ସ୍ଥାୟୀ ପ୍ରତିନିଧି ଭାବେ ଗୁଲାମ ଇସାକଜାଇଙ୍କୁ ନିଯୁକ୍ତ କରାଯାଇଥିଲା। ହେଲେ ପରେ ତାଲିବାନ୍ ଆଫଗାନିସ୍ତାନ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କୁ କ୍ଷମତାଚ୍ୟୁତ କରି ସରକାର ଗଢ଼ିଛି। ଇସାକ୍‌ଜାଇଙ୍କ କାମ ଶେଷ ହୋଇଛି। ସେ ଆଉ ଆଫଗାନିସ୍ତାନର ନେତୃତ୍ୱ ନେଉ ନ ଥିବାରୁ ତାଙ୍କୁ ହଟାଇ ତାଲିବାନ୍‌ର ଜଣେ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଉ ବୋଲି ମୁତ୍ତାକି ତାଙ୍କ ଚିଠିରେ ଲେଖିଛନ୍ତି। ଆମେରିକା, ଚାଇନା, ରୁଷିଆ, ବାହାମାସ୍, ଭୁଟାନ, ଚିଲି, ନାମ୍ବିଆ, ସିଏରା ଲିଓନ ଏବଂ ସ୍ୱିଡେନ୍ ଆଦି ରାଷ୍ଟ୍ର ସମେତ ୯ ସଦସ୍ୟ ବିଶିଷ୍ଟ ଏକ କମିଟିକୁ ତାଲିବାନ୍ ଏ ନେଇ ଅନୁରୋଧ କରିଛି।

ତେବେ ୨୭ ତାରିଖ ପୂର୍ବରୁ ଏହି କମିଟିର ବୈଠକ ବସିବାର ସମ୍ଭାବନା କମ୍ ଥିବାରୁ ତାଲିବାନ୍ ଏହି ବିଶ୍ୱସ୍ତରୀୟ ସଙ୍ଗଠନରେ ଆଲୋଚନା ପାଇଁ ସୁଯୋଗ ପାଇବାକୁ ନେଇ ସନ୍ଦେହ ଉପୁଜିଛି। ଉକ୍ତ କମିଟି ତାଲିବାନ୍ ପ୍ରତିନିଧିଙ୍କୁ ନିଯୁକ୍ତି ପାଇଁ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଇସାକ୍‌ଜାଇ ହିଁ ଆଫଗାନିସ୍ତାନର ପ୍ରତିନିଧିତ୍ୱ କରିବେ ବୋଲି ହକ୍ କହିଛନ୍ତି। ଗୁଟେରେସ୍ କହିଛନ୍ତି, ମାନ୍ୟତା ପାଇଁ ତାଲିବାନ୍ ଇଚ୍ଛା କରୁଥିବାରୁ ଅନ୍ୟଦେଶଗୁଡ଼ିକ ଏହା ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ସରକାର ଗଠନ, ମାନବାଧିକାର ଓ ମହିଳାଙ୍କୁ ସମ୍ମାନ ଏବଂ ଅଧିକାର ପ୍ରଦାନ ନିମନ୍ତେ ଉକ୍ତ ଗୋଷ୍ଠୀ ଉପରେ ଚାପ ପକାଇପାରିବେ।

## ଆଇଏସ୍‌ଆଇ ମୁଖ୍ୟଙ୍କୁ ହଟାଇବାକୁ ଚାହୁଁଛି ପାକ୍ ସେନା

**ଇସ୍‌ଲାମାବାଦ, ୨୨।୯**



କମର ଜାଭେଦ ବାଜ୍‌ୱା



ଫୈଜ ହମିଦ

ତାଲିବାନ୍ ସରକାରରେ ପାକିସ୍ତାନର ହସ୍ତକ୍ଷେପ ଯୋଗୁ ଆଫଗାନିସ୍ତାନରେ ଅସ୍ଥିରତା ଦେଖାଦେଇଛି। ତାଲିବାନ୍ ସରକାରକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାକୁ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ମୁଖ୍ୟ ଫୈଜ ହମିଦ ଯୋଜନା ଚଳାଇଥିବାବେଳେ ସେନା ମୁଖ୍ୟ କମର ଜାଭେଦ ବାଜ୍‌ୱାଙ୍କ ସହ ବିବାଦ ଉପୁଜିଛି। ଏପରି କି ହମିଦ୍‌ଙ୍କୁ ପଦରୁ ହଟାଇବାକୁ ବାଜ୍‌ୱା ଚେଷ୍ଟା କରୁଥିବା ଗୋଇନ୍ଦା ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ସ୍ପାଏ ଏଜେନ୍ସି ଉପରେ ହମିଦ୍‌ଙ୍କ ଅଧିକ ପ୍ରଭାବ ଯୋଗୁ ବାଜ୍‌ୱାଙ୍କ ଉଦ୍ୟମ ସଫଳ ହୋଇପାରୁ ନାହିଁ।

ଦୀର୍ଘ ବର୍ଷ ଧରି ଆଇଏସ୍‌ଆଇ ତାଲିବାନୀଙ୍କୁ ଦାୟିତ୍ୱ ନେବା ସହ ସେମାନଙ୍କୁ ଆଫଗାନିସ୍ତାନ ମାଟିରେ ନିଜ ସ୍ୱାର୍ଥ ପୂରଣ ଉଦ୍ଦେଶ୍ୟରେ ବ୍ୟବହାର କରିଆସିଛି। ଏବେ ତାଲିବାନ୍ ସେଠାରେ ସରକାର ଗଢ଼ିଥିବାବେଳେ ସେଠାକାର ନିଷ୍ପତ୍ତି ଉପରେ ପାକ୍ ସେନାର ପ୍ରଭାବ ରହୁ ବୋଲି ବାଜ୍‌ୱା ଚାହୁଁଛନ୍ତି। କିନ୍ତୁ ହମିଦ୍ ତାହା କରାଇ ଦେଉ ନ ଥିବା ଜଣାପଡ଼ିଛି। ତାଲିବାନ୍‌ର ପ୍ରମୁଖ ନେତା ଓ ସଦସ୍ୟଙ୍କ ସହ ଆଇଏସ୍‌ଆଇର ସିଧାସଳଖ ଲିଙ୍କ୍ ରହିଛି। ଆଫଗାନିସ୍ତାନରେ ଆଇଏସ୍‌ଆଇର ପ୍ରମୁଖ ଲଢୁଆ ଏବଂ ରଣନୀତିକାର ମଧ୍ୟ ରହିଛନ୍ତି। ଆଫଗାନିସ୍ତାନକୁ ଆସୁଥିବା ଅର୍ଥ ଓ ସହାୟତାରେ ଆଇଏସ୍‌ଆଇ ନିଜର ଭାଗ ଚାହୁଁଛି। ସେପଟେ ବାଜ୍‌ୱା ମଧ୍ୟ ସେଠାରେ ନିଜ ପ୍ରଭାବ ବଢ଼ାଇବାକୁ ଉଦ୍ୟମ କରୁଥିବାବେଳେ ହମିଦ୍ ତାଙ୍କୁ ରୋକୁଥିବା ଜଣାଯାଇଛି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନ୍ତର୍କନ୍ଦଳ ସୃଷ୍ଟି ହୋଇଛି।

## ତାଲିବାନ୍ ଗାଡ଼ି ଉପରେ ଆକ୍ରମଣ: ୫ ନିହତ

**କାବୁଲ, ୨୨।୯**

ଆଫଗାନିସ୍ତାନରେ ତାଲିବାନୀଙ୍କୁ ଟାର୍ଗେଟ କରାଯାଇ ବୁଧବାର ପୁଣି ଆକ୍ରମଣ ହୋଇଛି। ଏଥିରେ ୨ ତାଲିବାନୀ ଓ ୩ ଜଣ ସାଧାରଣ ନାଗରିକ ନିହତ ହୋଇଛନ୍ତି। ଜଲାଲାବାଦରେ ବନ୍ଧୁକଧାରୀମାନେ ଏକ ଗ୍ୟାସ୍ ଷ୍ଟେଶନରେ ତାଲିବାନ ଗାଡ଼ିକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ନିହତଙ୍କ ମଧ୍ୟରେ ଜଣେ ତାଲିବାନୀ, ଉକ୍ତ ଷ୍ଟେଶନର ଜଣେ କର୍ମଚାରୀ ଏବଂ ଜଣେ ଶିଶୁ ରହିଛନ୍ତି। ସେହିପରି ଆଉ ଏକ ସ୍ଥାନରେ ଏକ ଗାଡ଼ି ଉପରେ ବୋମା ଫିଙ୍ଗିବାରୁ ବିସ୍ଫୋରଣରେ ୨ ତାଲିବାନ୍ ସଦସ୍ୟ ଏବଂ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ତେବେ ଆକ୍ରମଣ ପାଇଁ କୌଣସି ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। ଗତ ସପ୍ତାହରେ ମଧ୍ୟ ଜଲାଲାବାଦରେ ତାଲିବାନ୍ ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଥିଲା। ଆତଙ୍କବାଦୀ ସଙ୍ଗଠନ ଆଇଏସ୍-କେ ଏଥିପାଇଁ ନିଜକୁ ଦାୟୀ କରିବା ସହ ଆକ୍ରମଣରେ ୩୫ ତାଲିବାନୀ ନିହତ ହୋଇଥିବା ଦାବି କରିଥିଲା।

## ଜାତିସଂଘ ଦେଲା ୩୩୨କୋଟି ସହାୟତା

**ଜେନେଭା, ୨୨।୯**

ଆଫଗାନିସ୍ତାନକୁ ତାଲିବାନ୍ କବ୍‌ଜା କରିବା ପରଠାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିରେ ସୁଧାର ଆଣିବା ପାଇଁ ଜାତିସଂଘ ଜରୁରିକାଳୀନ ପାଣ୍ଠିରୁ ୪୫ ମିଲିୟନ ଡଲାର (ପ୍ରାୟ ୩୩୨ କୋଟି ଟଙ୍କା) ରିଲିଜ କରିଛି। ସେଠାରେ ଔଷଧ, ଚିକିତ୍ସା ଉପକରଣର ଘୋର ଅଭାବ ଦେଖାଦେଇଥିବା ଜାତିସଂଘ ମାନବୀୟ ବ୍ୟାପାର ଏବଂ ଜରୁରିକାଳୀନ ରିଲିଫ୍ ସଂଯୋଜକର ଅଣ୍ଡର ସେକ୍ରେଟାରି ଜେନେରାଲ ମାର୍ଟିନ ଗ୍ରିଫିଥ୍‌ସ କହିଛନ୍ତି। କୋଲ୍ଡ ଚେନ୍ ସରିଆସୁଥିବାବେଳେ ସ୍ୱାସ୍ଥ୍ୟକର୍ମୀମାନେ ଦରମା ପାଉନାହାନ୍ତି। ଡାକ୍ତରଖାନାରେ କର୍ମଚାରୀ ନାହାଁନ୍ତି। ଲୋକଙ୍କ ଦୁର୍ଦ୍ଦଶା ଦୂର ପାଇଁ ଜୀବନ ରକ୍ଷାକାରୀ ସହାୟତା ଲାଗି ଏହି ପଦକ୍ଷେପ ନିଆଯାଇଥିବା ମାର୍ଟିନ କହିଛନ୍ତି।

## ସଂକ୍ଷେପରେ

### ଆଧିପତ୍ୟ ଚାହେଁନି ଚାଇନା: ଜିନ୍‌ପିଙ୍ଗ୍



**ଜାତିସଂଘ, ୨୨।୯:** ଚାଇନା କେବେ ସର୍ବଶକ୍ତିମାନ କିମ୍ବା ବିଶ୍ୱରେ ଆଧିପତ୍ୟ ବିସ୍ତାର କରିବା ଦୌଡ଼ରେ ସାମିଲ ହେବାକୁ ଚାହେଁନାହିଁ। ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ବିବାଦକୁ ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ସମାଧାନ କରାଯିବା ଉଚିତ ବୋଲି ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ମଙ୍ଗଳବାର ଜାତିସଂଘର ୭୬ ତମ ସାଧାରଣ ସଭାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଚାଇନା ସହ ଆମେରିକା ଶୀତଳ ଯୁଦ୍ଧ ଚାହେଁ ନାହିଁ ବୋଲି ରାଷ୍ଟ୍ରପତି ଜୋ ବାଇଡେନ୍ କହିବା ପରେ ଜିନ୍‌ପିଙ୍ଗ ଏହି ମନ୍ତବ୍ୟ ଦେଇଛନ୍ତି। ବିଶ୍ୱରେ ଶାନ୍ତି, ବିକାଶ, ସମାନତା, ନ୍ୟାୟ, ଗଣତନ୍ତ୍ର ଏବଂ ସ୍ୱାଧୀନତା ବଜାୟ ରହିବା ଜରୁରୀ। ଏହା ଦ୍ୱାରା ଦୁନିଆ ଛୋଟ ଛୋଟ ଗୋଷ୍ଠୀରେ ପରିଣତ ହେବାରୁ ରୋକିହେବ ବୋଲି ଜିନ୍‌ପିଙ୍ଗ କହିଛନ୍ତି। ଗୋଟିଏ ଦେଶର ସଫଳତା ଅନ୍ୟ ଦେଶ ପାଇଁ କ୍ଷତିକାରକ ନ ହେବା ଉଚିତ। ସମସ୍ତ ଦେଶର ନିରାପତ୍ତା ବ୍ୟବସ୍ଥାକୁ ସୁରକ୍ଷିତ ରଖିବା, ବିକାଶ ସଫଳତା ଶେୟାର କରିବା ସହ ବିଶ୍ୱର ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ଜାତିସଂଘ କେନ୍ଦ୍ରୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

### ଆତଙ୍କବାଦ ଲିଙ୍କ୍: ୬ କର୍ମଚାରୀ ବରଖାସ୍ତ

**ଶ୍ରୀନଗର, ୨୨।୯:** ଆତଙ୍କବାଦ ସହ ସମ୍ପର୍କ ରଖିଥିବା ଜମ୍ମୁ-କଶ୍ମୀରର ୬ ଜଣ କର୍ମଚାରୀଙ୍କୁ ବରଖାସ୍ତ କରାଯାଇଛି। ଏମାନଙ୍କୁ ମିଶାଇ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରୁ ସମ୍ବିଧାନର ଅନୁଚ୍ଛେଦ ୩୧୧(୨)ସିରେ ୨୪ ସରକାରୀ କର୍ମଚାରୀ ଚାକିରିରୁ ବିଦା ହେଲେଣି। ଏହି କର୍ମଚାରୀମାନେ ଆତଙ୍କବାଦୀଙ୍କ ପାଇଁ କାର୍ଯ୍ୟ କରୁଥିବା ଜଣାପଡ଼ିବା ପରେ ସେମାନଙ୍କୁ ବହିଷ୍କାର କରିବା ଲାଗି ନିର୍ଦ୍ଦିଷ୍ଟ କମିଟି ସୁପାରିସ୍ କରିଥିଲା। ବହିଷ୍କୃତଙ୍କ ମଧ୍ୟରେ ୨ ଜଣ ଶିକ୍ଷକ, ୨ କନ୍‌ଷ୍ଟେବଲ, ସଡ଼କ ଓ ନିର୍ମାଣ ବିଭାଗର ଜଣେ ଜୁନିୟର ଆସିଷ୍ଟାଣ୍ଟ ଏବଂ ଜଣେ ଫରେଷ୍ଟ ରେଞ୍ଜ ଅଫିସର ଅଛନ୍ତି।

### ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ



**ନ୍ୟୁୟର୍କ, ୨୨।୯:** ଜାତିସଂଘ ସାଧାରଣ ପରିଷଦ ବୈଠକରେ ତୁର୍କୀ ରାଷ୍ଟ୍ରପତି ରେସିପ୍ ତାୟିପ୍ ଏର୍ଡୋଗାନ୍ ପୁଣିଥରେ କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଗତବର୍ଷ ମଧ୍ୟ ଜାତିସଂଘରେ ଏର୍ଡୋଗାନ ପୂର୍ବରୁ ରେକର୍ଡିଂ କରିଥିବା ଭିଡିଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ, ଯେଉଁଥିରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ରହିଥିଲା। ତୁର୍କୀ ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତ କହିଛି। ତୁର୍କୀ ଅନ୍ୟ ଦେଶଗୁଡ଼ିକର ସାର୍ବଭୌମତ୍ୱକୁ ସମ୍ମାନ ଦେଇ ଶିଖିବା ସହ ନିଜ ନୀତିରେ ଏହାକୁ ଅଧିକ ପ୍ରତିଫଳିତ କରିବା ଉଚିତ ବୋଲି ଭାରତ କହିଛି। ମଙ୍ଗଳବାର ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଉଦ୍‌ବୋଧନ ଦେଇ ଏର୍ଡୋଗାନ କହିଥିଲେ, ୭୪ ବର୍ଷ ହେଲା ରହିଥିବା କଶ୍ମୀର ସମସ୍ୟାର ସମାଧାନ ଜାତିସଂଘ ପ୍ରସ୍ତାବ ଆଧାରରେ ଆଲୋଚନା ମାଧ୍ୟମରେ ହେବା ଆବଶ୍ୟକ। ପାକିସ୍ତାନର ଘନିଷ୍ଠ ସହଯୋଗୀ ତୁର୍କୀ ରାଷ୍ଟ୍ରପତି ବାରମ୍ବାର କଶ୍ମୀର ପ୍ରସଙ୍ଗ ଉଠାଇ ଆସୁଛନ୍ତି। ଗତବର୍ଷ ପାକିସ୍ତାନ ଗସ୍ତ ବେଳେ ସେ କଶ୍ମୀର କଥା ଉଠାଇଥିଲେ। ସେତେବେଳେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର ପ୍ରତିବାଦ କରିଥିଲା। ଏର୍ଡୋଗାନ ମଙ୍ଗଳବାର ଉଦ୍‌ବୋଧନ ଦେବା ଅବସରରେ ଚାଇନାର ସଂଖ୍ୟାଲଘୁ ମୁସଲମାନ ଉଇଗର ଏବଂ ମ୍ୟାନ୍‌ମାରର ରୋହିଙ୍ଗ୍ୟାଙ୍କ ସମ୍ପର୍କରେ କହିଥିଲେ। ସେମାନଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ନଭେମ୍ବରରେ ଏନ୍‌ଡିଏ ପରୀକ୍ଷା ଦେବେ ମହିଳା

**ନୂଆଦିଲ୍ଲୀ, ୨୨।୯(ପି.ଟି.)**

ପ୍ରବେଶକୁ ସ୍ଥଗିତ ରଖାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ଆସନ୍ତା ନଭେମ୍ବର ୧୪ରେ ହେବାକୁ ଥିବା ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପରୀକ୍ଷାରେ ମହିଳାମାନଙ୍କୁ ଅନୁମତି ଦେବାକୁ ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମେ' ପର୍ଯ୍ୟନ୍ତ ଅପେକ୍ଷା କରିବା ଲାଗି ସରକାର କରିଥିବା ଅନୁରୋଧକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ଏନ୍‌ଡିଏରେ ମହିଳାଙ୍କ ପ୍ରବେଶକୁ ବର୍ଷେ ସ୍ଥଗିତ ରଖାଯାଇପାରିବ ନାହିଁ। ଆମେ ଛାତ୍ରୀମାନଙ୍କୁ ଆଶା ଦେଇଛେ। ଏବେ ସେମାନଙ୍କ ଆକାଂକ୍ଷାକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ ନାହିଁ। ଚଳିତ ବର୍ଷଠାରୁ ସେମାନଙ୍କୁ ପରୀକ୍ଷାରେ ବସିବାକୁ ଅନୁମତି ମିଳିବା ଆବଶ୍ୟକ ବୋଲି ଜଷ୍ଟିସ୍ ସଞ୍ଜୟ କିଶନ କୌଲଙ୍କ ଖଣ୍ଡପୀଠ କହିଥିଲେ। ପ୍ରବେଶିକା ପରୀକ୍ଷା ଗୋଟିଏ ବର୍ଷ ସ୍ଥଗିତ ରଖାଗଲେ ଏନ୍‌ଡିଏରେ ମହିଳାଙ୍କ ପ୍ରବେଶ ୨୦୨୩ ପର୍ଯ୍ୟନ୍ତ ବିଳମ୍ବିତ ହୋଇଯିବ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଥିଲେ।

ମହିଳା ପ୍ରାର୍ଥୀମାନଙ୍କୁ ଏନ୍‌ଡିଏ ପରୀକ୍ଷାରେ ବସିବା ଲାଗି ଆସନ୍ତାବର୍ଷ ମେ'ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କେନ୍ଦ୍ର ସରକାର କୋର୍ଟଙ୍କୁ ଜଣାଇଥିଲେ। ଏଥିପାଇଁ ପ୍ରତିରକ୍ଷା ସେବା ଦ୍ୱାରା ବିଶେଷଜ୍ଞମାନଙ୍କୁ ନେଇ ଏକ ଅଧ୍ୟୟନ ଗ୍ରୁପ୍ ଗଢ଼ାଯିବ, ଯେଉଁମାନେ ଏନ୍‌ଡିଏରେ ମହିଳା କ୍ୟାଡେଟ୍‌ମାନଙ୍କ ପାଇଁ ପାଠ୍ୟକ୍ରମ ସ୍ଥିର କରିବେ ବୋଲି କେନ୍ଦ୍ର କହିଥିଲା। ଖଣ୍ଡପୀଠ କହିଥିଲେ, ଜରୁରୀ ସ୍ଥିତିର ମୁକାବିଲାରେ ସଶସ୍ତ୍ର ବାହିନୀ ସର୍ବଶ୍ରେଷ୍ଠ ରେସ୍ପନ୍ସ ଟିମ୍ ହୋଇଥିବାରୁ ଅବିଳମ୍ବେ ମହିଳାମାନଙ୍କୁ ଏନ୍‌ଡିଏରେ ପ୍ରବେଶ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ।

## ଭୂକମ୍ପରେ ଥରିଲା ମେଲବୋର୍ନ



ଏକ ବିରଳ ଭୂକମ୍ପ ଅଷ୍ଟ୍ରେଲିଆର ମେଲବୋର୍ନ ସହରକୁ ଥରାଇ ଦେଇଛି। ବୁଧବାର ସକାଳେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୬ ଥିଲା। ମେଲବୋର୍ନଠାରୁ ଉତ୍ତରପୂର୍ବରେ ୨୦୦ କିଲୋମିଟର ଦୂର ମ୍ୟାନ୍ସଫିଲ୍ଡ ଗ୍ରାମାଞ୍ଚଳ ସହର ନିକଟରେ ଏହାର କେନ୍ଦ୍ରସ୍ଥଳ ବୋଲି ଜଣାପଡ଼ିଛି। ସୁନାମି ସତର୍କ ସୂଚନା ଜାରି ହୋଇନାହିଁ। ମେଲ୍‌ବୋର୍ନ ପାଇଁ ଭୂକମ୍ପ ସାଧାରଣ କଥା। କିନ୍ତୁ ବୁଧବାର ଯେଉଁ ଭୂକମ୍ପ ହୋଇଛି, ତାହାର ପ୍ରଭାବ ବ୍ୟାପକ ଅଞ୍ଚଳରେ ପଡ଼ିଛି, ଯାହା ଅନେକ ଦଶନ୍ଧି ମଧ୍ୟରେ ଦେଖାଯାଇ ନଥିଲା। ଘରଗୁଡ଼ିକ ଦୋହଲିବା ସହ କେତେକ କାନ୍ଥ ଭାଙ୍ଗିଯାଇଥିଲା। ଲୋକେ ଭୟରେ ଘରୁ ବାହାରିଆସିଥିଲେ। ଶହ ଶହ କିଲୋମିଟର ପର୍ଯ୍ୟନ୍ତ କମ୍ପନ ଅନୁଭୂତ ହୋଇଥିଲା।

## ସିଦ୍ଧୁଙ୍କୁ ଜିତାଇ ଦେବିନି: ଅମରିନ୍ଦର

**ନୂଆଦିଲ୍ଲୀ, ୨୨।୯**



ପଞ୍ଜାବ ବିଧାନସଭା ନିର୍ବାଚନରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ଜିତାଇ ଦେବେନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ସିଦ୍ଧୁଙ୍କ ବିରୋଧରେ ପ୍ରାର୍ଥୀ ଦେବା ସହ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ଯେକୌଣସି ତ୍ୟାଗ କରିବାକୁ ପ୍ରସ୍ତୁତ ଥିବା ଅମରିନ୍ଦର କହିଛନ୍ତି। ସିଦ୍ଧୁଙ୍କ ସହ ଦୀର୍ଘଦିନ ହେଲା ଅମରିନ୍ଦରଙ୍କର ବିବାଦ ଲାଗି ରହିଥିଲା। ତାଙ୍କ ବିରୋଧ ସତ୍ତ୍ୱେ ସିଦ୍ଧୁଙ୍କୁ ପିସିସି ମୁଖ୍ୟ ନିଯୁକ୍ତ କରାଯାଇଥିଲା। ବିଭିନ୍ନ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ଇସ୍ତଫା ଦେବାକୁ ଚାହୁଁଥିବା ୩ ସପ୍ତାହ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଜଣାଇଥିଲେ। ତେବେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କର ଅଭିଜ୍ଞତା ନାହିଁ ଓ ସେମାନଙ୍କୁ ବିଭ୍ରାନ୍ତ କରାଯାଉଥିବା କହି ସୋନିଆ ଅମରିନ୍ଦରଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସୋନିଆଙ୍କୁ ନ ଜଣାଇ କଂଗ୍ରେସ ବିଧାୟକ ଦଳର ଜରୁରୀ ବୈଠକ ଡକାଯାଇଥିବାରୁ ସେ ଅପମାନିତ ବୋଧ କରିଥିଲେ। ନିର୍ବାଚନ ଆଉ ମାତ୍ର ୫ ମାସ ଥିବାବେଳେ ଅମିରିନ୍ଦର ଗତ ଶନିବାର ଇସ୍ତଫା ଦେଇଥିଲେ।

## ସେନା ବିମାନ ଗାଏବ

**ମସ୍କୋ, ୨୨।୯**

ରୁଷିଆର ଏଏନ୍-୨୬ ସେନା ପରିବହନ ବିମାନ ଖାବାରୋଭସ୍କ ନିକଟରେ ବୁଧବାର ଗାଏବ ହୋଇଯାଇଛି। ଏଥିରେ ଥିବା ୬ଜଣ ମଧ୍ୟ ନିଖୋଜ ଅଛନ୍ତି। ଖାବାରୋଭସ୍କ ବିମାନବନ୍ଦରଠାରୁ ୩୮ କି.ମି. ଯିବା ପରେ ବିମାନଟି ରାଡାରରୁ ଗାଏବ ହୋଇଯାଇଥିଲା। ଏହାକୁ ଖୋଜିବା ପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ଗତ ଜୁଲାଇରେ ମଧ୍ୟ ଏକ ଏଏନ୍-୨୬ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା।

## ୩୦୦ ଦିନରେ କୃଷକ ଆନ୍ଦୋଳନ

**ନୂଆଦିଲ୍ଲୀ, ୨୨।୯**

ଆଗକୁ ଆହୁରି ଜୋର୍‌ଦାର ହେବ: ଏସ୍‌କେଏମ୍

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ବୁଧବାର ୩୦୦ ଦିନ ପୂରିଛି। ଏହି ଆନ୍ଦୋଳନ ଦେଶର ଲକ୍ଷ ଲକ୍ଷ କୃଷକଙ୍କ ଇଚ୍ଛାଶକ୍ତିର ପ୍ରମାଣ ଏବଂ ଆଗକୁ ଏହା ଆହୁରି ତୀବ୍ରତର ହେବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା(ଏସ୍‌କେଏମ୍) କହିଛି। ଏସ୍‌କେଏମ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଚାଷୀଙ୍କ ଦାବିକୁ ଭଲ ଭାବେ ଜାଣନ୍ତି। ଗଣତନ୍ତ୍ରରେ କୃଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଚାଷୀଙ୍କ ଭୋଟ ପାଇଲେ ହିଁ ଦଳ ସରକାର ଗଢ଼ିପାରେ। ଏହାସତ୍ତ୍ୱେ କୃଷି ଆଇନକୁ ପ୍ରତ୍ୟାହାର ନ କରିବା ଦୁର୍ଭାଗ୍ୟଜନକ। ଇତିମଧ୍ୟରେ ଆସନ୍ତା ୨୭ ତାରିଖରେ ଭାରତ ବନ୍ଦ ପାଇଁ ପ୍ରସ୍ତୁତି ଜୋର୍‌ଦାର କରାଯାଇଥିବା କୃଷକ ସଙ୍ଗଠନ କହିଛି।

## ସିବିଆଇ ତଦନ୍ତ ସୁପାରିସ

ନରେନ୍ଦ୍ର ଗିରି ମୃତ୍ୟୁ ମାମଲା

**ପ୍ରୟାଗରାଜ, ୨୨।୯**

ଅଖିଳ ଭାରତୀୟ ଆଖଡ଼ା ପରିଷଦ ଅଧ୍ୟକ୍ଷ ମହନ୍ତ ନରେନ୍ଦ୍ର ଗିରିଙ୍କ ପାର୍ଥିବ ଶରୀରକୁ ବାଘମ୍ବରି ମଠ ପରିସରରେ ବୁଧବାର ସମାଧି ଦିଆଯାଇଛି। ବହୁସଂଖ୍ୟାରେ ସାଧୁସନ୍ଥ ଉପସ୍ଥିତ ରହି ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ। ମହନ୍ତଙ୍କ ଅଭିଳାଷକ୍ରମେ ତାଙ୍କୁ ଏକ ଲେମ୍ବୁଗଛ ତଳେ ସମାଧି ଦିଆଯାଇଛି। ଏହା ପୂର୍ବରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ସଙ୍ଗମ ସ୍ଥଳକୁ ନିଆଯାଇ ଗାଧୋଇ ଦିଆଯାଇଥିଲା। ଇତି ମଧ୍ୟରେ ମହନ୍ତଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଏହା ଏକ ସୁନିୟୋଜିତ ହତ୍ୟାକାଣ୍ଡ ବୋଲି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମାମଲାର ସିବିଆଇ ତଦନ୍ତ ସୁପାରିସ୍



କରିଛନ୍ତି। ମହନ୍ତଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ଅଭିଯୋଗରେ ଗିରଫ ହୋଇଥିବା ଆନନ୍ଦ ଗିରି ଏବଂ ଆଦ୍ୟା ତିୱାରୀଙ୍କୁ ବୁଧବାର ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର ପରେ ନୈନି କେନ୍ଦ୍ରୀୟ ଜେଲ୍‌କୁ ନିଆଯାଇଛି। ଆନନ୍ଦଙ୍କୁ ସୋମବାର ରାତିରେ ହରିଦ୍ୱାରରୁ ଗିରଫ କରାଯାଇଥିଲା। ମହନ୍ତଙ୍କ ସୁଇସାଇଡ୍ ନୋଟ୍‌ରେ ମୃତ୍ୟୁ ପାଇଁ ଆନନ୍ଦ ଓ ତିୱାରୀଙ୍କ ନାଁ ରହିଛି।

## କୋଭିଶିଲ୍ଡକୁ ବ୍ରିଟେନ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୨।୯**

■ଭାରତର ପ୍ରତିବାଦ ପରେ ବଦଳିଲା ନିୟମ

■ଟିକା ନୁହେଁ, ସାର୍ଟିଫିକେଟ୍‌କୁ ନେଇ ସମସ୍ୟା ଥିବା କହିଲା ବ୍ରିଟେନ

ଭାରତର ପ୍ରତିବାଦ ପରେ ବ୍ରିଟେନ ନିକଟରେ ଜାରି କରିଥିବା ଯାତାୟାତ ନିୟମରେ ପରିବର୍ତ୍ତନ କରିଛି। ନୂଆ ଆଡଭାଇଜରିରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କୋଭିଶିଲ୍ଡକୁ ଅନୁମୋଦିତ ଟିକା ତାଲିକାରେ ସ୍ଥାନ ଦିଆଯାଇଛି। ନୂଆ ଟ୍ରାଭେଲ୍ ଆଡଭାଇଜରି ଅକ୍ଟୋବର ୪ ତାରିଖ ଭୋର ୪ଟାରୁ ଲାଗୁ ହେବ। ୧୪ ଦିନ ପୂର୍ବରୁ କୋଭିଶିଲ୍ଡ ଟିକାର ଉଭୟ ଡୋଜ୍ ନେଇଥିବା ଭାରତୀୟ ବ୍ରିଟେନ ଯାତ୍ରା କରିପାରିବେ। ସେଠାରେ ସେମାନଙ୍କୁ ୧୦ ଦିନିଆ କ୍ୱାରାଣ୍ଟାଇନରେ ରହିବାକୁ ପଡ଼ିବ ନାହିଁ। କୋଭିଶିଲ୍ଡ ବ୍ୟତୀତ ଆଷ୍ଟ୍ରାଜେନିକାର ଭାକ୍ସଜେଭ୍ରିଆ, ମଡର୍ନା ଟାକେଡା ଟିକାକୁ ଅନୁମୋଦନ ମିଳିଛି। ତେବେ ବ୍ରିଟେନ,




ୟୁରୋପ, ଆମେରିକା ଓ ବ୍ରିଟେନ୍ ଓଭରସିଜ୍ ଟିକାକରଣ କାର୍ଯ୍ୟକ୍ରମରେ ଟିକା ନେଇଥିବା ଲୋକେ ଅକ୍ଟୋବର ୪ ପୂର୍ବରୁ ବ୍ରିଟେନ ଯାଇପାରିବେ।

ବ୍ରିଟେନର ପୂର୍ବ ଟ୍ରାଭେଲ୍ ଗାଇଡ୍‌ଲାଇନରେ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟଙ୍କୁ ଯାତ୍ରା ଅନୁମତି ନ ମିଳିଥିବାରୁ ନୂଆଦିଲ୍ଲୀ ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ ଚେତାବନୀ ଦେଇଥିଲା। ଏହା ପରେ ବ୍ରିଟିଶ ସରକାର ଗାଇଡ୍‌ଲାଇନ ପରିବର୍ତ୍ତନ କରିଛନ୍ତି। ତେବେ କୋଭିଶିଲ୍ଡକୁ ନେଇ ନୁହେଁ ଭାରତରେ ଟିକା ସାର୍ଟିଫିକେଟକୁ ନେଇ ସନ୍ଦେହ ଥିଲା ବୋଲି ବ୍ରିଟିଶ ହାଇକମିଶନର ମୁଖପାତ୍ର କହିଥିଲେ। ବ୍ରିଟିଶ ସରକାର ଯେତେଶୀଘ୍ର ସମ୍ଭବ ଅନ୍ତର୍ଜାତୀୟ ଯାତ୍ରା ପାଇଁ ଅନୁମତି ଦେବାକୁ ପ୍ରତିଶ୍ରୁତିବଦ୍ଧ। ଏହାଦ୍ୱାରା ପୁଣିଥରେ ବିଭିନ୍ନ ଦେଶର ଜନସାଧାରଣ ଅବାଧରେ ଓ ନିରାପଦରେ ସହ ବ୍ରିଟେନ ଆସିପାରିବେ। ଭାରତରେ ଟିକା ନେଇଥିବା ଲୋକଙ୍କ ସାର୍ଟିଫିକେଟକୁ ସ୍ୱୀକୃତି ଦେବା ଲାଗି ନୂଆଦିଲ୍ଲୀ ସହ କଥାବାର୍ତ୍ତା ଜାରି ରହିଛି ବୋଲି ସେ କହିଥିଲେ। ତେବେ ନୂଆ ଆଡଭାଇଜରିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ସମସ୍ତ ଦେଶ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ସୁପାରିସ୍‌କୁ ଅନୁପାଳନ କରିବା ଉଚିତ ବୋଲି ଏହାର ମୁଖ୍ୟ ବୈଜ୍ଞାନିକ ସୌମ୍ୟ ସ୍ୱାମୀନାଥନ୍ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୩/୨୦୨୧ | Bhubaneswar, Thursday, September 23/2021 | ପୃଷ୍ଠା-୧



## ନର୍ଜେଙ୍କ ଆକର୍ଷଣୀୟ ବୋଲିଂ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଆକର୍ଷଣୀୟ ବୋଲିଂ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଏନରିଚ୍ ନର୍ଜେ।

୧୪ | ୧୨

## ଶୁଟିଂକୁ ଫେରିବେ ଶେହନାଜ ଗିଲ୍

ବିଗ୍‌ବସ୍ ବିଜେତା ତଥା ପୁରୁଷ ବନ୍ଧୁ ସିଦ୍ଧାର୍ଥ ଶୁକ୍ଲାଙ୍କ ମୃତ୍ୟୁ ପରେ ଶୁଟିଂ ବନ୍ଦ କରିଥିବା ଅଭିନେତ୍ରୀ ଶେହନାଜ ଗିଲ୍ ପୁଣି ଶୁଟିଂସେଟ୍‌କୁ ଫେରିବେ।



ବିତରକଙ୍କଠାରୁ ୮ ପୃଷ୍ଠାର ପାକ୍ଷିକ 'ସାହିତ୍ୟାୟନ' ସଂଗ୍ରହ କରିବାକୁ ପାଠିକା, ପାଠକ ବନ୍ଧୁମାନଙ୍କୁ ଅନୁରୋଧ।




ଧରିତ୍ରୀର ୭ ଟଙ୍କା ମୂଲ୍ୟ ଅପରିବର୍ତ୍ତିତ।

**ଆଜିର ସମ୍ପାଦକୀୟ**

ଆଗାମୀ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା

USHA TRAVELS
www.flyusha.in
OFFER PRICE
BHUBANESWAR ⇌

| | |
|---|---|
| KOLKATA | 2533/-* |
| HYDERABAD | 3533/-* |
| BENGALURU | 3533/-* |
| DELHI | 3633/-* |
| MUMBAI | 3733/-* |
| DUBAI | 10,333/-* |

T&C Apply*
CALL US! 1800 890 3566

# ଓଡ଼ିଆ ଚାଷୀ ସବୁଠୁ ଗରିବ

**କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଯୋଜନା ପରେ ଯୋଜନା ଗଢ଼ାହେଉଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରି ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବଜେଟ କରାଯାଉଛି। ଏହାସତ୍ତ୍ୱେ କୃଷକଙ୍କ ଆର୍ଥିକ ସ୍ଥିତିରେ ଆଖିଦୃଶିଆ ଉନ୍ନତି ଆସୁନାହିଁ। ଓଡ଼ିଶାର ଚାଷୀ ଅନ୍ୟ ରାଜ୍ୟଗୁଡ଼ିକର କୃଷକଙ୍କଠାରୁ ଗରିବ ହୋଇ ରହିଛନ୍ତି। ଖୋଦ୍ ସରକାରୀ ସର୍ଭେରୁ ଏହି ବିଷୟ ଜଣାପଡ଼ିଛି।**



ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଚଳିତ ମାସରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରକାଶିତ ୨ଟି ସର୍ଭେ ରିପୋର୍ଟରୁ କୃଷକ ପରିବାରର ସମ୍ପତ୍ତି ଏବଂ ମାସିକ ରୋଜଗାର ସମ୍ପର୍କରେ ତଥ୍ୟ ସାମ୍ନାକୁ ଆସିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ନ୍ୟାଶନାଲ ସାମ୍ପୁଲ ସର୍ଭେ ଅର୍ଗାନାଇଜେଶନ(ଏନ୍ଏସ୍ଏସ୍ଓ) ଦ୍ୱାରା ସର୍ବଭାରତୀୟ ଋଣ ଓ ପୁଞ୍ଜି ନିବେଶ ସର୍ଭେ-୨୦୧୯। ଅନ୍ୟଟି ହେଲା ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍ (ଏନ୍ଏସ୍ଓ) ପକ୍ଷରୁ ହୋଇଥିବା ଗ୍ରାମାଞ୍ଚଳ କୃଷକ ପରିବାରର ସ୍ଥିତି, ଭୂମି ଏବଂ ପ୍ରାଣୀଧନ ଆକଳନ-୨୦୧୯। ଏହି ଦୁଇ ସର୍ବେକ୍ଷଣ ୨୦୧୯ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ କରାଯାଇଥିଲା। ଏନ୍ଏସ୍ଏସ୍ଓ ପକ୍ଷରୁ ହୋଇଥିବା ସର୍ଭେରେ ୨୦୧୮ ଜୁନ୍ ୩୦ ସୁଦ୍ଧା ଓଡ଼ିଶାର କୃଷକ ପରିବାରର ହାରାହାରି ସମ୍ପତ୍ତି ମୂଲ୍ୟ(ଏଭିଏ) ୬ ଲକ୍ଷ ୨୧ ହଜାର ଟଙ୍କା ଥିଲା। ୨୦୧୩ରେ ହୋଇଥିବା ସର୍ଭେ ଏଭିଏ ୫ ଲକ୍ଷ ୭୧ ହଜାର ଟଙ୍କା ଥିଲା। ପ୍ରାୟ ୬ ବର୍ଷ ମଧ୍ୟରେ ଚାଷୀଙ୍କ ସମ୍ପତ୍ତିରେ ସେମିତି ଆଖିଦୃଶିଆ ବୃଦ୍ଧି ହୋଇ ନ ଥିବା ସର୍ଭେରୁ ସ୍ପଷ୍ଟ ହେଉଛି।

ଓଡ଼ିଶାର ଗ୍ରାମୀଣ ଚାଷୀମାନଙ୍କର ଅବସ୍ଥା ଆହୁରି ଶୋଚନୀୟ। ଏନ୍ଏସ୍ଏସ୍ଓ ସର୍ଭେ ଅନୁଯାୟୀ ଗ୍ରାମୀଣ ଚାଷୀଙ୍କ ଏଭିଏ ୫ ଲକ୍ଷ ୨୩ ହଜାର ଟଙ୍କା ଥିବାବେଳେ ସହରାଞ୍ଚଳ ଚାଷୀଙ୍କ ଏଭିଏ ୧୩ ଲକ୍ଷ ୪୧ ହଜାର ଟଙ୍କା ରହିଛି। ଓଡ଼ିଶା ଗ୍ରାମାଞ୍ଚଳର କୃଷକମାନେ ଦେଶର ସବୁଠାରୁ ଗରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଅନ୍ୟ ରାଜ୍ୟର ଗ୍ରାମୀଣ ଅଞ୍ଚଳକୁ ଦେଖିଲେ, ଆସାମ ଚାଷୀମାନଙ୍କ ଏଭିଏ ୭ ଲକ୍ଷ ଟଙ୍କା ଥିବାବେଳେ ଝାଡ଼ଖଣ୍ଡ ୮ ଲକ୍ଷ ୬୦ ହଜାର, ଛତିଶଗଡ଼ ୮ ଲକ୍ଷ ୯୦ ହଜାର ଏବଂ ପଶ୍ଚିମବଙ୍ଗର ଚାଷୀଙ୍କ ଏଭିଏ ୭ ଲକ୍ଷ ୮୯ ହଜାର ଟଙ୍କା ରହିଛି। କେବଳ ସେତିକି ନୁହେଁ, ☞ପୃଷ୍ଠା-୨

# ପରିବାରର ୩ଜଣଙ୍କୁ ହତ୍ୟା

**ବ୍ରଜରାଜନଗରରେ ଚାଞ୍ଚଲ୍ୟ**

■ **ମୃତ ମହିଳାଙ୍କ ଦିଅର ଅଟକ, ସ୍ୱାମୀ ଫେରାର**

ଝାରସୁଗୁଡ଼ା ଅଫିସ/ ବ୍ରଜରାଜନଗର, ୨୨।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅନ୍ତର୍ଗତ ଗଙ୍ଗାନଗର ଫାଟକପଡ଼ାରେ ମଙ୍ଗଳବାର ରାତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଗୋଟିଏ ପରିବାରର ଜଣେ ମହିଳା ଓ ତାଙ୍କ ୨ଝିଅଙ୍କୁ ହତ୍ୟା କରାଯାଇଛି। ମୃତକମାନେ ହେଲେ ନାରାୟଣ ପୋଦାରଙ୍କ ସ୍ତ୍ରୀ ସୋନି ପୋଦାର (୩୦), ବଡଝିଅ ରାଧିକା (୫) ଓ ସାନ ଝିଅ ମୁସ୍କାନ (୩)। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ବୁଧବାର ସକାଳେ ଖବର ପାଇ ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍‌ଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ମୃତ ମହିଳାଙ୍କ ମା' ସଙ୍ଗିତା ଗୋଣ୍ଡଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବ୍ରଜରାଜନଗର ଥାନାରେ ଏକ ମାମଲା(ନଂ.୨୬୯/୨୧) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ମୃତ ମହିଳାଙ୍କ ଦିଅର କଳାକାହ୍ନୁ ପୋଦାରଙ୍କୁ ସନ୍ଦେହରେ ଅଟକରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ କଳାକାହ୍ନୁ କିଛିମାସ ତଳେ ଭାଉଜଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜେଲ ଯାଇଥିଲେ। ୩ମାସ ତଳେ ସେ ଜେଲରୁ ମୁକୁଳିଛନ୍ତି। ☞ପୃଷ୍ଠା-୨

# ସ୍କୁଲରେ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କ ତଣ୍ଟି କାଟିଲେ ସ୍ୱାମୀ

ବଲାଙ୍ଗୀର ଅଫିସ,୨୨।୯

ସ୍କୁଲ ଭିତରେ ପଶି ଜଣେ ଶିକ୍ଷକ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀଙ୍କ ତଣ୍ଟି କାଟି ମାରିଦେବାକୁ ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ସମ୍ପୃକ୍ତ ଶିକ୍ଷକଙ୍କୁ ଗାଁ ଲୋକେ କାବୁ କରିବା ସହ ତାଙ୍କଠାରୁ ଛୁରି, ଏକ ବ୍ୟାଗ୍‌ରେ ରଖିଥିବା ଏସିଡ୍ ବୋତଲ, ପେଟ୍ରୋଲ, ଦିଆସିଲି ଆଦି ଜବତ କରିଛନ୍ତି। ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇ ସମ୍ପୃକ୍ତ ଅଭିଯୁକ୍ତ ଶିକ୍ଷକଙ୍କୁ ପୋଲିସ ଜିମା ଦେଇଛନ୍ତି। ଘଟଣାଟି ଘଟିଛି ବଲାଙ୍ଗୀର ଜିଲା ପୁଇଁତଲା ଥାନା ଦୁର୍ଗାପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ☞ପୃଷ୍ଠା-୯



ସଞ୍ଜୁରାଣୀ ଦେବତା

# ନିବେଶକଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ସିଷ୍ଟମ

ନୂଆଦିଲ୍ଲୀ,୨୨।୯

ନିବେଶକ ଏବଂ ବିଜ୍‌ନେସ୍ ଲାଗି ବହୁ ପ୍ରତୀକ୍ଷିତ ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଉନ୍ମୋଚିତ ହୋଇଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରର ସମସ୍ତ ମଞ୍ଜୁରୀ ବ୍ୟବସ୍ଥାକୁ ଏଠାରେ ସମନ୍ୱିତ କରାଯିବ ବୋଲି ଜଣାପଡ଼ିଛି। ନିବେଶ ପ୍ରସ୍ତାବର ମଞ୍ଜୁରୀ ଲାଗି ଏହା ଏକକ ସମାଧାନ ହେବ ବୋଲି ନୂଆ ବ୍ୟବସ୍ଥାକୁ ଶୁଭାରମ୍ଭକରି କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ୯ ରାଜ୍ୟ ଏବଂ ୧୮କେନ୍ଦ୍ରୀୟ ବିଭାଗର ବିଭିନ୍ନ ମଞ୍ଜୁରୀ ସୁବିଧା ଏଠାରେ ପ୍ରଦାନ କରାଯିବ। ଚଳିତ ବର୍ଷ ଶେଷ ସୁଦ୍ଧା ଆଉ ୫ ରାଜ୍ୟ ଏବଂ ୧୪ କେନ୍ଦ୍ରୀୟ ବିଭାଗକୁ ଏଥିରେ ଯୋଡ଼ାଯିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ଅମଲାତନ୍ତ୍ର ଉପରେ ନିର୍ଭରଶୀଳତା ହ୍ରାସ ହେବ। ଏହାବାଦ ଇଜ୍ ଅଫ୍ ଡୁଇଁ ବିଜ୍‌ନେସ୍ ମଧ୍ୟ ଏହାଦ୍ୱାରା ଉତ୍ସାହିତ ହୋଇପାରିବ। ବିଜ୍‌ନେସ୍ ଏବଂ ସରକାରଙ୍କ ମଧ୍ୟରେ ସିଙ୍ଗଲ ୱିଣ୍ଡୋ ସମ୍ପର୍କ ରକ୍ଷା କରିବ।

ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ବିଭାଗ (ଡିପିଆଇଆଇଟି) ପକ୍ଷରୁ ଏଭଳି ଏକ ପୋର୍ଟାଲ ଏପ୍ରିଲରେ ଆଣିବା ଲାଗି ଯୋଜନା ରଖାଯାଇଥିଲା। ମାତ୍ର ଦ୍ୱିତୀୟ ଲହର ଯୋଗୁ ଏଥିରେ ବିଳମ୍ବ ହୋଇଛି। ୧୫ ଅଗଷ୍ଟରେ ଏହାର ଶୁଭାରମ୍ଭ ପାଇଁ ଯୋଜନା ☞ପୃଷ୍ଠା-୨

# ୩ ପଞ୍ଚାୟତ ସଂଶୋଧନ ବିଲ୍ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ସକାଶେ ରାଜ୍ୟ ସରକାର ଓଡ଼ିଶା ଜିଲା ପରିଷଦ ନିର୍ବାଚନ ରୁଲ୍ ୧୯୯୪, ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ ରୁଲ୍ ୧୯୯୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ ରୁଲ୍ ୧୯୬୫କୁ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ପରେ ଉକ୍ତ ରୁଲ୍‌ଗୁଡ଼ିକ ଓଡ଼ିଶା ପଞ୍ଚାୟତ ସମିତି ନିର୍ବାଚନ (ସଂଶୋଧନ) ରୁଲ୍ ୨୦୨୧, ଓଡ଼ିଶା ଜିଲା ପରିଷଦ ନିର୍ବାଚନ (ସଂଶୋଧନ) ରୁଲ୍ ୨୦୨୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ନିର୍ବାଚନ (ସଂଶୋଧନ) ୨୦୨୧ ନାମରେ ନାମିତ ହୋଇଛି। ଏଥିନେଇ ବୁଧବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ଉକ୍ତ ରୁଲ୍‌ଗୁଡ଼ିକ ସଂଶୋଧନ ହେବାପରେ ଭୋଟ୍ ଗଣତି ନିର୍ବାଚନ ଦିନ ଅନୁଷ୍ଠିତ ନ ହୋଇ ପରବର୍ତ୍ତୀ ଧାର୍ଯ୍ୟ ସମୟରେ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଗତ ବିଧାନସଭା ଅଧିବେଶନରେ ଉକ୍ତ ସଂଶୋଧନ ରୁଲ୍‌ଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହାପରେ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ଉକ୍ତ ସଂଶୋଧିତ ☞ପୃଷ୍ଠା-୨




ବଲାଙ୍ଗୀରର ପାଟଣାଗଡ଼ରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ସ୍ମାର୍ଟ କାର୍ଡ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। **(ରିପୋର୍ଟ: ପୃଷ୍ଠା-୩)**

# ତଥ୍ୟ ବଦଳରେ ବିବାହ ପ୍ରସ୍ତାବ

କଟକ ଅଫିସ,୨୨।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ଗୁପ୍ତତଥ୍ୟ ଲିକ୍ ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କୁ ଗତ ୪ ଦିନ ଧରି କ୍ରାଇମବ୍ରାଞ୍ଚ ଜେରା କରୁଛି। ଏହି ଜେରା ଭିତରେ କ୍ରାଇମ୍‌ବ୍ରାଞ୍ଚ ହାତରେ ବହୁ ସାଂଘାତିକ ତଥ୍ୟ ଲାଗିଛି। ଅଭିଯୁକ୍ତମାନେ ହନିଟ୍ରାପ୍‌ରେ ଫସି ଗୋପନୀୟ ତଥ୍ୟ ପ୍ରଘଟ କରିଥିବା ସ୍ପଷ୍ଟ ହେବା ପରେ କ୍ରାଇମ୍‌ବ୍ରାଞ୍ଚ ଏବେ ଏହି ଦିଗରେ ତଦନ୍ତ ଆଗକୁ ବଢ଼ାଇଛି। ଜଣେ ଯୁବତୀ ଭିନ୍ନ ଭିନ୍ନ ପରିଚୟରେ ସମସ୍ତ ଅଭିଯୁକ୍ତଙ୍କୁ ମାୟାଜାଲରେ ଫସାଇବା ସହ ବିବାହ ପ୍ରସ୍ତାବ ଦେଇ ତଥ୍ୟ ଆଦାୟ କରୁଥିଲେ ବୋଲି ଜଣାପଡ଼ିଛି। ୨୦୨୦ ଏପ୍ରିଲ ମାସରୁ ଯୁବତୀ ଜଣକ ଫେସ୍‌ବୁକରେ ଜଣକ ପରେ ଜଣେ ଅଭିଯୁକ୍ତଙ୍କ ପାଖକୁ ବନ୍ଧୁତ୍ୱ ଅନୁରୋଧ ପଠାଇବା ସହ ଚାଟିଂ କରୁଥିଲେ। ପରେ ତାହା ହ୍ୱାଟସ୍‌ଆପ୍ ଯାଏ କଥା ପହଞ୍ଚିଥିଲା। ଗତ ଦେଢ଼ ବର୍ଷ ଧରି ଉକ୍ତ ଯୁବତୀ ୫ ଜଣଙ୍କୁ ନିଜ ମାୟାଜାଲରେ ଜାବୁଡ଼ି ଧରିଥିବାବେଳେ କାହାରିକୁ ସାମାନ୍ୟତମ ଟେର ମିଳି ନ ଥିଲା। ଏମିତିକି ନିଜ ଆଡ଼କୁ ଆକୃଷ୍ଟ କରି ରଖିବା ଲାଗି ଯୁବତୀଜଣକ ଅଭିଯୁକ୍ତଙ୍କୁ ବିବାହ ପ୍ରସ୍ତାବ ଦେଇଥଲେ। ଏପରି କି ଅଭିଯୁକ୍ତଙ୍କ ବିଶ୍ୱାସ ଜିଣିବା ଲାଗି ସେ ନିୟମିତ ମୋବାଇଲ ଓ ଭିଡିଓ କଲ୍ ମାଧ୍ୟମରେ ଯୋଗସୂତ୍ର ରଖୁଥିଲେ। ଏହି ରହସ୍ୟମୟୀ ଯୁବତୀଙ୍କ ସୁନ୍ଦରତାରେ ପାଗଳ ହୋଇ ଅଭିଯୁକ୍ତମାନେ ଗୁପ୍ତ ତଥ୍ୟ ଦେଇଥିଲେ। ଯୁବତୀ ଜଣକ କାହାକୁ ବ୍ରିଟେନ ଲିଭରପୁଲ୍, କାହାକୁ ରାଜସ୍ଥାନ, ଆଉ ଜଣକୁ ଡିଫେନ୍ସ ଷ୍ଟାଫ, ଜଣକୁ ପଞ୍ଜାବ ଚଣ୍ଡିଗଡ଼ରେ ନର୍ସ ଥିବାର ପରିଚୟ ଦେଇଥିଲେ। ଏହାସହ ବିଭିନ୍ନ ଉପାୟରେ ଅଭିଯୁକ୍ତଙ୍କ ପାଖକୁ ଯୁବତୀ ଅର୍ଥ ପଠାଉଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ସେହି ଯୁବତୀଙ୍କ ଦୁବାଇ ଆକାଉଣ୍ଟରୁ ଜଣେ ଅଭିଯୁକ୍ତଙ୍କ ପାଖକୁ ୨ଟି ପର୍ଯ୍ୟାୟରେ ☞ପୃଷ୍ଠା-୯

# କୋଭିଡ୍ ମୃତକଙ୍କ ପରିବାରକୁ ମିଳିବ ୫୦ ହଜାର ଟଙ୍କା

ନୂଆଦିଲ୍ଲୀ, ୨୨।୯(ପି.ଟି.)

କୋଭିଡ୍ ମହାମାରୀରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ସରକାର ୫୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବେ। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଏହା ଜଣାଇଛନ୍ତି। ୨୦୨୦ ଜାନୁୟାରୀରେ ମହାମାରୀ ଆରମ୍ଭ ହେବାଠାରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୪.୪୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ସମେତ ଆଗକୁ କୋଭିଡ୍‌ରେ ପ୍ରାଣ ହରାଇବାକୁ ଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କୁ ମଧ୍ୟ ଏହି ସହାୟତା ମିଳିବ ବୋଲି କେନ୍ଦ୍ର ସରକାର ସତ୍ୟପାଠରେ କହିଛନ୍ତି। ରାଜ୍ୟ ସରକାରଗୁଡ଼ିକ ସେମାନଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଜରିଆରେ ଏହି ସହାୟତା ରାଶି ପ୍ରଦାନ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତର ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଗାଇଡଲାଇନ ଅନୁଯାୟୀ କୋଭିଡ୍ ମୃତ୍ୟୁ ପ୍ରମାଣପତ୍ର ଆଧାରରେ ପରିବାର ସଦସ୍ୟଙ୍କୁ ସହାୟତା ପ୍ରଦାନ କରାଯିବ। ଆବେଦନକାରୀ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବାର ୩୦ ଦିନ ମଧ୍ୟରେ ଏହାକୁ ବିଚାର କରାଯାଇ ନିକଟ ସମ୍ପର୍କୀୟଙ୍କ ଆଧାର ସଂଯୋଗ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଡାଇରେକ୍ଟ ବେନେଫିଟ୍ ଟ୍ରାନ୍ସଫର (ଡିବିଟି) ପ୍ରକ୍ରିୟାରେ ସହାୟତା ରାଶି ପଠାଯିବ। କୌଣସି ଆପତ୍ତି ଅଭିଯୋଗ ଥିଲେ, ଜିଲାସ୍ତରୀୟ କମିଟି ଦ୍ୱାରା ଏହାର ସମାଧାନ କରାଯିବ। ଏଥିରେ ଅତିରିକ୍ତ ଜିଲାପାଳ, ☞ପୃଷ୍ଠା-୨

# ନେଟ୍ ସ୍ୱାଧୀନତା ସଙ୍କୁଚିତ

***ବିଶ୍ୱର ବହୁ ରାଷ୍ଟ୍ରରେ ଇଣ୍ଟରନେଟ୍ ବ୍ୟବହାରକାରୀମାନଙ୍କୁ ଜେଲ ଯିବାକୁ ପଡୁଛି। କେତେକ ଦେଶରେ ୟୁଜର୍ସ ନିଜ ପୋଷ୍ଟକୁ ନେଇ ଆକ୍ରମଣର ଶିକାର ହେଉଛନ୍ତି। ବିଶେଷକରି ବିଗତ ୧୧ ବର୍ଷ ଧରି ଅନ୍ତର୍ଜାତୀୟ ସ୍ତରରେ ନେଟ୍ ନ୍ୟୁଟ୍ରାଲିଟି ହ୍ରାସ ପାଇବାରେ ଲାଗିଛି। ଭାରତ ମଧ୍ୟ ଏହି ସରକାରୀ ଡିଜିଟାଲ କଟକଣାରୁ ମୁକ୍ତ ନୁହେଁ। ବିଶ୍ୱରେ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଥିବା ଇଣ୍ଟରନେଟ୍ ସ୍ୱାଧୀନତାର ଅସଲ ଚିତ୍ରକୁ 'ଫ୍ରିଡମ୍ ଅନ୍ ନେଟ୍' ଶୀର୍ଷକ ବାର୍ଷିକ ରିପୋର୍ଟରେ ଆଙ୍କିଛି ଆମେରିକୀୟ ଥିଙ୍କଟ୍ୟାଙ୍କ 'ଫ୍ରିଡମ୍ ହାଉସ୍'।***

ନୂଆଦିଲ୍ଲୀ/ୱାଶିଂଟନ,୨୨।୯

ବିଶ୍ୱରେ ଅନ୍‌ଲାଇନ୍ ରାଇଟ୍ସ ବା ଇଣ୍ଟରନେଟ୍ ସ୍ୱାଧୀନତା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ଘରୋଇ ଟେକ୍ ଇଣ୍ଡଷ୍ଟ୍ରିର ନିୟନ୍ତ୍ରଣ ଅଭାବ ଓ ନିୟାମକ ସଂସ୍ଥାଗୁଡ଼ିକର ଏକଚ୍ଛତ୍ରବାଦୀ ମନୋବୃତ୍ତି ଏହାର ମୁଖ୍ୟ କାରଣ। ଇଣ୍ଟରନେଟରେ ଅପପ୍ରଚାର ବଢ଼ିଚାଲିଥିବାବେଳେ ସରକାରମାନେ ୟୁଜର୍ସଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କୁଠାରଘାତ କରିବାରେ ଲାଗିଛନ୍ତି। ଏହି କାରଣରୁ ୟୁଜର୍ସଙ୍କ ଡିଜିଟାଲ ଅଧିକାର ବଳିପଡୁଛି ବୋଲି ୱାଶିଂଟନସ୍ଥିତ ଗଣତନ୍ତ୍ର ସପକ୍ଷବାଦୀ ସଂସ୍ଥା 'ଫ୍ରିଡମ୍‌ହାଉସ୍' ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

୧୯୭୩ ମସିହାରୁ ଫ୍ରିଡମ୍ ହାଉସ୍ ପକ୍ଷରୁ ପ୍ରତିବର୍ଷ ଇଣ୍ଟରନେଟ୍ ସ୍ୱାଧୀନତା ଉପରେ ରିପୋର୍ଟ ପ୍ରକାଶ ପାଇଆସୁଛି। ମଙ୍ଗଳବାର ପ୍ରକାଶିତ 'ଫ୍ରିଡମ୍ ଅନ୍ ଦି ନେଟ୍ ୨୦୨୧: ଗ୍ଲୋବାଲ ଡ୍ରାଇଭ୍ ଟୁ କଣ୍ଟ୍ରୋଲ ବିଗ୍ ଟେକ୍' ରିପୋର୍ଟରେ ବିଭିନ୍ନ ଦେଶରେ ଇଣ୍ଟରନେଟ୍ ବ୍ୟବହାରର ସ୍ଥିତିକୁ ଦର୍ଶାଯାଇଛି। ମ୍ୟାନ୍‌ମାରରେ ସ୍ଥିତି ଅତି ସଙ୍ଗିନ ଥିବାବେଳେ ଭାରତରେ ମଧ୍ୟ ଇଣ୍ଟରନେଟ୍ ବ୍ୟବହାରକାରୀ କମ୍ ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସବୁଠୁ କମ୍ ଇଣ୍ଟରନେଟ୍ ସ୍ୱାଧୀନତା ଥିବା ୧୦ ଦେଶ ମଧ୍ୟରେ ପଡ଼ୋଶୀ ପାକିସ୍ତାନ ରହିଛି। ପାକିସ୍ତାନର ପ୍ରସ୍ତାବିତ ରିମୁଭାଲ୍ ଆଣ୍ଡ ବ୍ଲକିଂ ଅଫ୍ ଅନ୍‌ଲଫୁଲ ଅନ୍‌ଲାଇନ୍ କଣ୍ଟେଣ୍ଟ(ପ୍ରସିଡ୍ୟୁର, ଓଭରସାଇଟ୍ ଆଣ୍ଡ ସେଫ୍‌ଗାର୍ଡ୍ସ) ରୁଲ୍ସର ସଦ୍ୟ ସଂସ୍କରଣ ୨୦୨୦ ନଭେମ୍ବରରେ ପ୍ରକାଶିତ ହୋଇଥିଲା। ପାକିସ୍ତାନରେ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକୁ ଗୋଟିଏ କିମ୍ବା ଏକାଧିକ ଡାଟା ସର୍ଭର ପ୍ରତିଷ୍ଠା କରିବା ପାଇଁ ଏଥିରେ ବାଧ୍ୟ କରାଯାଇଛି। ସବୁଠୁ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ର ତାଲିକାର ସର୍ବାଗ୍ରେ ରହିଛି ମ୍ୟାନ୍‌ମାର, ବେଲାରୁସ୍ ଓ ଉଗାଣ୍ଡା, ଯେଉଁଠି ନିର୍ବାଚନୀ ଓ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିବାବେଳେ ସରକାରୀ ବଳ ଇଣ୍ଟରନେଟ ସ୍ୱାଧୀନତାକୁ ସୀମିତ କରିଦେଇଛନ୍ତି। ୨୦୨୧ ଫେବୃୟାରୀରେ ମ୍ୟାନ୍‌ମାରରେ ସାମରିକ ବିଦ୍ରୋହ ପରଠାରୁ ସେଠାକାର ଲୋକେ ଇଣ୍ଟରନେଟ୍ ବ୍ୟବହାର ☞ପୃଷ୍ଠା-୯



**ଆଜିର ମନ୍ତବ୍ୟ**

କଂଗ୍ରେସ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ପାର୍ଟି ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପାଖରେ କମ୍ ଅଭିଜ୍ଞତା ରହିଛି। ଦେଶକୁ ନବଜୋତ୍ ସିଦ୍ଧୁଙ୍କ ପରି ଲୋକଙ୍କଠାରୁ ରକ୍ଷା କରିବାକୁ ପଡ଼ିବା-**ଅମରିନ୍ଦର ସିଂ, ପଞ୍ଜାବ ପୂର୍ବତନ ମୁଖ୍ୟମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଜଗା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ନୟନେ ନୟନ ହେଲେ**
**ଭେଟାଭେଟି**
**ହୁଏ ଗୋପନ ମିଳନ**
**ଏ କଥାକୁ ଯିଏ ହେଜ ନ କରିଛି**
**ସିଏ କି ପୁରୁଷ ଜାଣ ?**

ଅପ୍ରେମୀ ପ୍ରେମ ଚିହ୍ନି ପାରେ ନାହିଁ ଅର୍ଥାତ୍ ଅପ୍ରେମୀ ପାଖରେ ପ୍ରେମ ନିରର୍ଥକ। ଆଖିରେ ଆଖି ମିଶିଗଲେ ମନ ତଳେ ଥିବା ଅନେକ ଅକୁହା କଥା ସବୁ କହି ହୋଇଯାଏ। ଏଥିରେ ଯିଏ ଅଜ୍ଞ ସେ ପ୍ରେମୀ ପଦବାଚ୍ୟ ବୋଲାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ପାଉଣାରୁ ଅଧିକ ନିଏ**
**ତାକୁ ଜାଣିବ ଅଧମ;**
**ନିଜ ପାଉଣାରୁ କମତି ନିଏ**
**ତାକୁ ଜାଣିବ ଉତ୍ତମ;**
**ପର ପାଇଁ ନିଜ ଗଣ୍ଠିରୁ ଦିଏ**
**ଦନାଇ ବୋଲେ ସୁଧମ।**

ଯିଏ ଯେତିକି ପାଇବାର ହକ୍‌ଦାର ବା ଯୋଗ୍ୟ, ତା'ଠାରୁ ଯଦି ଅଧିକ ଦାବିକରେ ତା'ହେଲେ ସେ ଅଧମ ବୋଲାଇଥାଏ। ଯିଏ ନିଜ ପାଉଣା ଠାରୁ କମ ନିଏ, ସିଏ ଉତ୍ତମ ବ୍ୟକ୍ତି ଭାବେ ପରିଗଣିତ ହୋଇଥାଏ। ସେହିପରି ଯିଏ ପର ପାଇଁ ନିଜ ହାତରୁ ଖର୍ଚ୍ଚ କରେ, ସିଏ ସୁଧମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ୩ ପଞ୍ଚାୟତ ...

ବିଲ୍‌ଗୁଡ଼ିକୁ ପଠାଯାଇଥିଲା। ରାଜ୍ୟପାଳଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହୋଇଛି। ସେହିପରି ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ପ୍ରତିନିଧି ପାଇଁ ହେବାକୁ ଥିବା ମତଦାନ ପରେ ଭୋଟ୍ ବାକ୍ସ ଓ ଇଭିଏମ୍‌ଗୁଡ଼ିକୁ ରାଜନୈତିକ ଦଳର ପ୍ରତିନିଧିଙ୍କ ସମ୍ମୁଖରେ ସିଲ୍ କରାଯିବ। ଏହାପରେ ନିର୍ବାଚନ ଅଧିକାରୀ ଭୋଟ ବାକ୍ସ ଓ ଇଭିଏମ୍‌ଗୁଡ଼ିକୁ ବ୍ଲକ କାର୍ଯ୍ୟାଳୟକୁ ଗଣନା ପାଇଁ ପଠାଇବେ ବୋଲି ବିଲ୍‌ରେ ଉଲ୍ଲେଖ ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଆ ଚାଷୀ ସବୁଠୁ...

ପରିବାରର ଜମି ଓ ଜୀବିକା ଆଦିକୁ ନେଇ ଏନ୍‌ଏସ୍‌ଓ ପକ୍ଷରୁ ହୋଇଥିବା ସର୍ଭେରେ ଚାଷୀମାନଙ୍କ ମାସିକ ରୋଜଗାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଝାଡ଼ଖଣ୍ଡ ଚାଷୀଙ୍କର ମାସିକ ଆୟ ୪,୮୯୫ ଟଙ୍କା ରହିଛି, ଯାହାକି ଦେଶରେ ସର୍ବନିମ୍ନ। ଏହାପରେ ରହିଛନ୍ତି ଓଡ଼ିଶାର ଚାଷୀ। ସେମାନଙ୍କର ମାସିକ ଆୟ ୫ ହଜାର ୧୧୨ ଟଙ୍କା ରହିଛି। ଚାଷୀମାନଙ୍କ ଆୟ ଦୁଇଗୁଣା କରିବାକୁ ରାଜ୍ୟ ସରକାର କୃଷି କ୍ୟାବିନେଟ, କୃଷି ବଜେଟ ଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପାଇଁ କାଳିଆ ଯୋଜନା କରିଛନ୍ତି। ଏଥିରେ ପ୍ରତ୍ୟେକ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି। ଏ ବାବଦରେ ୨୦୧୯ ଜାନୁୟାରୀ ସୁଦ୍ଧା ରାଜ୍ୟ ସରକାର ପ୍ରାୟ ୯ ହଜାର କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ୨୦୨୧-୨୨ରେ ରାଜ୍ୟ ସରକାର କୃଷି ବଜେଟରେ ୧୭,୪୬୯ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ୨୦୧୨-୧୩ କୃଷି ବଜେଟ(୫୬୨୭ କୋଟି) ତୁଳନାରେ ପ୍ରାୟ ତିନିଗୁଣ। ସେହିପରି ଚାଷୀଙ୍କର ବିକାଶ ପାଇଁ କୃଷି ନୀତି-୨୦୧୯ 'ସମୃଦ୍ଧି ' କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଭଳି କେତେକ ଯୋଜନା କରାଯାଇଛି। କେବଳ ସେତିକି ନୁହେଁ, ରାଜ୍ୟ ସରକାର ଚାଷୀମାନଙ୍କୁ ସହାୟତା ଦେବାକୁ କୃଷି ଋଣ ପରିମାଣକୁ ୨୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କଲେଣି। ଏ ସବୁ ସତ୍ତ୍ୱେ ଚାଷୀଙ୍କ ଆୟ ଓ ସମ୍ପତ୍ତି ଆଶାନୁରୂପ ବୃଦ୍ଧି ହେଉନାହିଁ। ଓଡ଼ିଶାର ଚାଷୀଙ୍କ ଦୁରବସ୍ଥା ସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି, ସରକାର ଯେତିକି ଯୋଜନା କରୁଛନ୍ତି ତାହା ଏକ ରିଲିଫ୍ ଉଦ୍ଦେଶ୍ୟରେ ହେଉଛି। ଚାଷୀଙ୍କୁ କିଛି ଦେଇ ସନ୍ତୁଷ୍ଟ କରିଦେବାରେ ସରକାର ସୀମିତ ରହୁଛନ୍ତି। ଚାଷୀ କେମିତି ନିଜ ଗୋଡ଼ରେ ଛିଡା ହେବ ସେ ନେଇ କୌଣସି ଯୋଜନା ହେଉ ନାହିଁ। ଯେଉଁ ଭିତ୍ତିଭୂମି ଚାଷୀଙ୍କୁ ସ୍ୱାବଲମ୍ବୀ କରିବ ତାହା ତାଙ୍କୁ ଦିଆଯାଉ ନାହିଁ। ଜଳସେଚନ, ବିଦ୍ୟୁତ୍, ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ମିଳୁ ନ ଥିବାରୁ ଚାଷୀଙ୍କର ମୁଣ୍ଡ ପିଛା ଆୟ ବଢୁ ନାହିଁ। ଯୁବ ଚାଷୀ କୃଷିକ୍ଷେତ୍ରରୁ ଦୂରେଇ ଯାଉଛନ୍ତି। ଏନେଇ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି, ଓଡ଼ିଶାର ୬୧ ପ୍ରତିଶତ ଚାଷୀ ଋଣଗ୍ରସ୍ତ। ମେଘାଳୟଠାରୁ ମଧ୍ୟ ଆମ ରାଜ୍ୟ ଚାଷୀ ଗରିବ। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଜଳସେଚନ ସୁବିଧା ହୋଇପାରିଲା ନାହିଁ। ଚାଷୀ ବର୍ଷାକୁ ଚାହିଁ ମରୁଡ଼ିର ସମ୍ମୁଖୀନ ହେଉଛି । ଯଦି ସରକାର ଠିକ୍ ଢଙ୍ଗରେ ଯୋଜନା କରିଥାନ୍ତେ ତେବେ ଓଡ଼ିଶା ଦେଶରେ ୧ ନମ୍ବର ରାଜ୍ୟ ହୋଇ ପାରିଥାଆନ୍ତା। ଚାଷୀ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ପାଉନି। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ରାସ୍ତାରେ ପନିପରିବା, ଧାନ ଫିଙ୍ଗିଦେଉଛି। ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇଲେ କୃଷକଙ୍କ ଆୟ ବଢ଼ିପାରନ୍ତା। ଏସବୁକୁ ଦେଖିଲେ ଚାଷୀର ମୁଣ୍ଡପିଛା ଆୟ ବଢ଼ିବ କେମିତି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ମତରେ ଚାଷୀ ଧାନ କୁଇଣ୍ଟାଲ ପିଛା ୨୩୪୪ ଟଙ୍କା ଖର୍ଚ୍ଚ କରୁଥିବାବେଳେ ମାତ୍ର ୧୯୦୦ ଟଙ୍କା ପାଉଛି। ଅର୍ଥାତ୍ ଚାଷୀ କ୍ଷତି ସହିବାକୁ ବାଧ ହେଉଛି। ରାଜ୍ୟରେ ଆଖୁଚାଷ ବନ୍ଦ। ପନିପରିବା ଚାଷୀ ବିକ୍ରି ନ କରି ପାରି ରାସ୍ତାରେ ଫିଙ୍ଗି ଦେଉଛନ୍ତି। ରାଜ୍ୟ ସରକାର ଯେତେ ଯୋଜନା କଲେ ବି ତାହା ପ୍ରଚାରସର୍ବସ୍ୱ ହୋଇଯାଉଛି। ଚାଷୀ ବିରୋଧୀ ସରକାର। କେନ୍ଦ୍ର ସରକାର ଚାଷୀ ବିରୋଧୀ ଆଇନ ଆଣିଥିବାବେଳେ ସେହି ଢଙ୍ଗରେ ରାଜ୍ୟ ସରକାର ମଧ୍ୟ ଏକ ବିଲ୍ ଆଣିଛନ୍ତି। ଚାଷୀ ଚାଷ ଛାଡ଼ିବାକୁ ଆରମ୍ଭ କଲେଣି। ଅନ୍ୟପକ୍ଷେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଚାଷ ଓ ଚାଷୀଙ୍କର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀମାନଙ୍କ ରୋଜଗାର ଓ ଦକ୍ଷତା ବୃଦ୍ଧି ସହ ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ଅନୁକୂଳ ପାଇଁ କୃଷି ନୀତି 'ସମୃଦ୍ଧି' କାର୍ଯ୍ୟକାରୀ କରାଯାଉଛି। ସରକାର ସେମାନଙ୍କ ଆୟ ବୃଦ୍ଧି ସକାଶେ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେଉଛନ୍ତି। ଚାଷୀଙ୍କୁ ଆର୍ଥିକ ସହାୟତା ସହ ଧାନ ବିହନ, ସାର, କୀଟନାଶକ ଇତ୍ୟାଦିରେ ରିହାତି ପ୍ରଦାନ କରାଯାଉଛି। ଚାଷୀମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବୈଷୟିକ ତାଲିମ ଦିଆଯାଉଛି। କେନ୍ଦ୍ରାପଡା ଜିଲାର ଚାଷୀ ବନମାଳି ପରିଡ଼ା କହିଛନ୍ତି, ଚାଷ କାର୍ଯ୍ୟରେ ଖର୍ଚ୍ଚ ବଢ଼ି ଚାଲିଛି। ମଜୁରି, ସାର, ବିହନ ଇତ୍ୟାଦି ଦର ମଧ୍ୟ ବଢ଼ିଛି। ଧାର କରଜ କରି ଫସଲ କଲେ ମଧ୍ୟ ତାହା ମରୁଡ଼ି, ବନ୍ୟା, ବାତ୍ୟାରେ ଉଜୁଡ଼ିଯାଉଛି। ଯାହାକିଛି ହେଉଛି ସେସବୁ ବିକ୍ରି ହେଉ ନ ଥିବାରୁ ଆମକୁ ଅନେକ କ୍ଷତି ସହିବାକୁ ପଡୁଛି। ଶୀତଳଭଣ୍ଡାର ନ ଥିବାରୁ ଅମଳ ହେଉଥିବା ଶସ୍ୟକୁ ସାଇତି ରଖାଯାଇ ପାରୁନାହିଁ। ବାଧହୋଇ ଅଦର ଦରରେ ବିକ୍ରି କରିବାକୁ ପଡୁଛି। ସରକାର ହାତ ଟେକା ସାହାଯ୍ୟ ନ ଦେଇ ଶୀତଳ ଭଣ୍ଡାର, ବଜାର ସୃଷ୍ଟି କରି ପାରିଲେ ଅବସ୍ଥା ସୁଧୁରି ଯାଆନ୍ତା ବୋଲି ସେ ମତ ଦେଇଛନ୍ତି।

## ନିବେଶକଙ୍କ ପାଇଁ ...

ରଖାଯାଇଥିଲେ ମଧ୍ୟ ପରୀକ୍ଷଣ ଏବଂ ବିଭିନ୍ନ ଅଂଶୀଦାରଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମକୁ ଆଣିବାରେ ସମସ୍ୟା ରହିଥିଲା। ଏହା ଏକ ସ୍ୱେଚ୍ଛାକୃତ ପ୍ରକ୍ରିୟା ହୋଇଥିବା ବେଳେ କାହାକୁ ଏଥିଲାଗି ବାଧ କରାଯାଉନାହିଁ। ଡିସେମ୍ବର ଯାଏ ଅପେକ୍ଷା ନ କରି ବର୍ତ୍ତମାନ ଏହାର ସଫ୍ଟ ଲଞ୍ଚ କରାଯାଇଛି। କୌଣସି ନିବେଶ ପ୍ରସ୍ତାବ ଲାଗି ବିଭିନ୍ନ ବିଭାଗର ମଞ୍ଜୁରୀ ଲୋଡ଼ା ପଡ଼ିଥାଏ। ମାତ୍ର ବର୍ତ୍ତମାନ ଗୋଟିଏ କ୍ଲିକ୍‌ରେ ଏହା ହୋଇଯିବ ବୋଲି ଗୋୟଲ କହିଛନ୍ତି। ଏକ ସିଙ୍ଗଲ ଡ୍ୟାସ୍ ବୋର୍ଡରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରକ୍ଷା ଦିଗରେ ଏହା ସହାୟକ ହେବ। ବାଣିଜ୍ୟ ଲାଗି ଅନୁପାଳନ ବୋଝକୁ କମାଇବା ଦିଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଦ୍ୟମ କରୁଥିବା ଗୋୟଲ ସ୍ପଷ୍ଟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ପରିବାରରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଶୁଭେଚ୍ଛା ବାର୍ତ୍ତା ପାଇ ବହୁତ ଆନନ୍ଦ ଅନୁଭବ କରିବେ। ସହକର୍ମୀମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ। ଘରର ବରାଦି ମୁତାବକ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ବୃଷ**



ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ସମାଲୋଚିତ ହେବେ। ଜମିଜମା କାରବାର, ଘର ତିଆରି, ଯାନ ବାହନ ମରାମତି, ଦୋକାନର ଉନ୍ନତୀକରଣ ପାଇଁ ଯୋଜନା କରିପାରନ୍ତି। ଆନୁଷ୍ଠାନିକ କାମରେ ଟେନସନ୍ କିଛିମାତ୍ରାରେ ଲାଗିରହିବ। ବିଗତ ଦିନରେ ଘଟି ଯାଇଥିବା ଘଟଣାର ମୋଡ ବଦଳି ଯାଇପାରେ।

**ମିଥୁନ**



ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି। ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି କିଣା ବିକାରେ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ସମସ୍ୟା ସୃଷ୍ଟି ହୋଇପାରେ। ସଭାସମିତିରେ ବନ୍ଧୁମାନଙ୍କ ମଧ୍ୟରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ**



ଆପଣଙ୍କ କାର୍ଯ୍ୟକଳାପରେ ସାମୟିକ ଅସନ୍ତୁଷ୍ଟ ହୋଇ ବନ୍ଧୁମାନେ ସମାଲୋଚନା କରିପାରନ୍ତି। ଆଜି ଟଙ୍କା ପଇସା, ନେବା ଆଣିବା, ଦିଆ ନିଆ କ୍ଷେତ୍ରରେ ସତର୍କ ରହିବା ଭଲ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ ଏବଂ ଘର କାମକୁ ମଧ୍ୟ ଅବହେଳା କରିବେ। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧିପାଇବ।

**ସିଂହ**



ଅବହେଳା ଯୋଗୁ ସବୁ କାମ ବିଗିଡି ଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବାରୁ ସାମୟିକ ଖୁସି ରହିବେ। ବାଣିଜ୍ୟ ଓ ବ୍ୟବସାୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

**କନ୍ୟା**



ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ସମ୍ପନ୍ନ ହେବା କଷ୍ଟକର ହେବ। ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ପରିସ୍ଥିତିବିଶତଃ ମିତ୍ରତା ସାଜିବା ପାଇଁ ଚେଷ୍ଟିତ ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରକାଶନ, ପ୍ରଶାସନ, ସାମ୍ବାଦିକତା ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**



କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇବାରେ କୌଣସି ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟ ଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇ ଯିବ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**



ସମସ୍ୟା ସମାଧାନ ସକାଶେ ମନଭୁଲାଣିଆ କଥାରେ ବନ୍ଧୁଙ୍କୁ ଆପଣାର କରିବେ। ସାଧାରଣ କଥାକୁ ନ ବୁଝି ମଧ୍ୟ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଲୋଚନା ପରିସରରେ ସାମୟିକ ଯୁକ୍ତିତର୍କର ସମ୍ଭାବନା ରହିଛି।

**ଧନୁ**



ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ଅଫିସରେ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ମକର**



ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜମି କ୍ରୟବିକ୍ରୟ, ବାଣିଜ୍ୟ ଆରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନଙ୍କ ପରାମର୍ଶକ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**



ଆଜି ଦିନ ମଧ୍ୟରେ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେ କରିବେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ, ନଚେତ୍ ସମାଲୋଚିତ ହେବାକୁ ପଡ଼ିପାରେ।

**ମୀନ**



ପରିବାରର ଖର୍ଚ୍ଚ ଭାର ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରିପାରିବେ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ଯୋଗୁ ଖୁସି ହେବେ।



# classifieds Everyday

**0674-2580101, 2549302**




**SALE**

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College** ପାଖରେ **road, electricity, water** ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ **possession** ଥାଇ ମିଳୁଛି। **9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 2,80,000/-, ନଖରା ତ୍ରିନାଥବଜାର sqft.- 150/- (Outright). 9348232008. D-21590

**Half Acre Land for Sale at Balikhand Market Main Road to 0.5 Km, Ranitel to 7 Km Bhadrak to 13Km. Interested Person can contact: 9397357013.** D-21690

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ନଖରା ପାଖରେ 1,2,3BHK, Simplex, Duplex ଅଛି। 8327785834, 9658122456.** D-71701

**PURCHASE**

Simplex/ Duplex/ Apartment ପାଇଁ Bhubaneswarରେ ଏକ reputed Real Estate company ପାଇଁ Simplex/ Duplex/ Apartment କରିବା ପାଇଁ ଜମି ଦରକାର। (Joint Venture/ Sharing Basis) ଜମି BDA, BMC, BDO, CDA underରେ ଆସୁଥିବା ଦରକାର। ଇଚ୍ଛୁକ ଜମି ମାଲିକ / broker ସମ୍ପର୍କ କରନ୍ତୁ। Contact: 9937889778. D-71165

Required Flats independent houses GA plots from direct owner's, Bhubaneswar. 6371090682. D-68283




**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888




**2x2000sqft. Hall near Airport on 100ft. wide Bhimatangi Main road for Office or commercial. 9958003695.** D-71415




Ashirvaad Salon and SPA get good massage for your health tha best therapy. 7077181074. D-70487

**Refreshing your mind, your body with tha best therapy at Lotus Spa. 8018891951.** D-70484

Swarna SPA newly open positively health benefits with expert therapist. 9556978408. D-71162

Newly open full body massage ladies and gents. 8327740003. D-70486

Newly open SPA offer @799/-, positively health benefits, Jaydevbihar. 7846814019. D-71419

Newly open SPA centre with therapist full body massage. 8455987557. D-71418

Newly Open Saikrupa Panchakarma Spa positively health benefits with Expert. 8984068077. D-21717

**LOST**

ମୋର ବିକ୍ରୟ କବଲା ରେ:ନଂ.- ୧୧୧୩୧୦୦୫୦୩୪, ଗତ ୧୪।୦୯।୨୦୨୧ ଦିନ R.I. Office ଗାଡ଼କଣାରୁ ନୀଳାଦ୍ରିବିହାର ରାସ୍ତାରେ ହଜି ଯାଇଅଛି। ଉକ୍ତ ଦଲିଲ S.R. Khandagiri Bhubaneswarଙ୍କ ପାଖରେ ସମ୍ପାଦିତ ହୋଇଥିଲା। (ଖାତା- ୬୧୯, ପ୍ଲଟ୍ ନଂ.- ୨୯୩, ମୌ- ଚନ୍ଦ୍ରଶେଖରପୁର-୪୧)। ଅନୁରୋଧ ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ବା ପାଆନ୍ତି ତେବେ ଯୋଗାଯୋଗ କରିବାକୁ ନିବେଦନ।
ସୁବାସିନୀ ରାଉତ
ନୀଳାଦ୍ରିବିହାର
ମୋ- ୭୮୯୪୩୭୯୪୨୬
ଧ-୨୧୭୦୮

Repokit No.- 0557246 has been used lost in Pattamundai to Bhubaneswar on dated 21.09.21. HDFC Bank is not held responsible for any claim the above and Repokit. If anybody gets the above Repokit please contact to M/S. Jyotirmay Sasmal, Mobile: 9861200001. D-70242

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**AFFIDAVIT**

Before Notary Public, Bhubaneswar, I Ranjubala Pradhan at plot No.- 200 road No.-8, Unit-9, near Chitra Kuta Matha, Po- Bhoi Nagar, P.S.- Sahid Nagar changed my surname after marriage to Gopinath Swain. Henchforth I shall be known as Ranjubala Swain for all purposes. D-21711

Affidavit before Executive Magistrate, Jajpur Road, I Sushanta Kumar Sahoo S/o-Damodar Sahoo, At/Po- Nachhipura, PS.- Tamaka, Dist.-Jajpur solemnly declared that in school admission register of my son Shivam Kumar Sahoo in Kendriya Vidyalaya, Vyasanagar my name recorded as Susanta Kumar Sahoo as per previous birth certificate instead of my correct name Sushanta Kumar Sahoo as per Correction birth certificate. Henceforth Sushanta Kumar Sahoo & Susanta Kumar Sahoo is one and same person and known as Sushanta Kumar Sahoo for all purposes. D-21712

ମୁଁ ଜନାର୍ଦ୍ଦନ ନାଏକ, ପି- ଭାଗୀରଥି ନାଏକ, ଗ୍ରାମ- ଗୁମାବାହାଲ, ପୋ- କଲମପୁର, ଥାନା- ଜୟପାଟଣା, ଜିଲ୍ଲା- କଳାହାଣ୍ଡି। ମୋର ସମସ୍ତ କାଗଜାତରେ ମୁଁ ଜନାର୍ଦ୍ଦନ ନାଏକ ଭାବେ ପରିଚିତ ହେଉଛି। କିନ୍ତୁ ମୋର ମାଟ୍ରିକ ବୋର୍ଡ ସାର୍ଟିଫିକେଟରେ ତ୍ରୁଟି ଯୋଗୁ ଜନାର୍ଦ୍ଦନ ନାଏକ ପରିବର୍ତ୍ତେ ଜନାର୍ଦ୍ଦନ ହରିଜନ ହୋଇଯାଇଛି। ମୁଁ ନୋଟାରୀ ଥୁଆମୂଳରାମପୁରଙ୍କ ନିକଟରେ ସତ୍ୟପାଠ କରୁଛି ଯେ, ଜନାର୍ଦ୍ଦନ ହରିଜନ ଓ ଜନାର୍ଦ୍ଦନ ନାଏକ ଜଣେ ମାତ୍ର ବ୍ୟକ୍ତି। ମୁଁ ଏଣୁ ଏଣିକି ସର୍ବଦା ଜନାର୍ଦ୍ଦନ ନାଏକ ଭାବେ ପରିଚିତ ରହିବି। ଧ-୨୧୭୨୪

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

By virtue of an affidavit before the Executive Magistrate, Semiliguda, I Jadumani Parida of Semillguda to state that in matriculation Certificate of my Son Rajesh Kumar Parida, my name is wrongly mentioned Chhabiraj Parida instead of Jadumani Parida. That Jadumani Parida and Chhabiraj Parida is one and same person. D-21716

**LEGAL NOTICE**

ଏତଦ୍ୱାରା ମୁଁ ସରୋଜିନୀ ମୁଣ୍ଡା, ପିତା- ଯୁରା ମୁଣ୍ଡା, ସ୍ୱାମୀ- ସୁନ୍ଦର ମୁଣ୍ଡା, ନି- ମାଲିପାଲି, ଥା- ଶଙ୍କର୍ମା, ତ./ଜି.- ସମ୍ବଲପୁର ଜଣାଇଦେଉଛୁ ଯେ ମୁଁ କରିଥିବା ରେଜିଷ୍ଟ୍ରି ଚୁକ୍ତିନାମା ନଂ.- 1621101819/2011, ତା 16.04.2011 ଯାହାକି ୨ୟ ପକ୍ଷ ବିଦ୍ୟା ମୁଣ୍ଡା, ପିତା- ଡାହାରୀ ମୁଣ୍ଡା, ନି- ମୋତିଝରନ, ଥା- ଧନୁପାଲି, ତ./ଜି.- ସମ୍ବଲପୁର ସହିତ ସମ୍ପାଦିତ ହୋଇଥିଲା ଏବଂ ଅଦ୍ୟାବଧି ଚୁକ୍ତିନାମା ମୁତାବକ ଜମି ରେଜିଷ୍ଟ୍ରି ହୋଇପାରିନାହିଁ। ମୋତେ ଟଙ୍କାର ବିଶେଷ ଆବଶ୍ୟକତା ଥିବାରୁ ମୁଁ ଆପଣଙ୍କୁ ବହୁବାର ଜଣାଇଲା ସତ୍ତ୍ୱେ ଆପଣ ରେଜିଷ୍ଟ୍ରି କରୁନାହାନ୍ତି। ଏଣୁ ଅଦ୍ୟଦିନ ଠାରୁ ୧୫ଦିନ ସମୟ ଦେଲି ଯେ ଆପଣ ଉକ୍ତ ଚୁକ୍ତି ମୁତାବକ ଜମିକୁ ରେଜିଷ୍ଟ୍ରି କରାଇନେବେ। ଯଦି ଏଥିରେ ଆପଣ ବିଫଳ ହେବେ ତା ହେଲେ ଏହି ଘୋଷଣାନାମା ବଳରେ ଜଣାଇଦେଉଛି ଯେ ମୋର ଅତ୍ୟାବଶ୍ୟକ ଖର୍ଚ୍ଚ ତୁଲାଇବା ପାଇଁ ବାଧ୍ୟ ହୋଇ ଉକ୍ତ ଜମିକୁ ଅନ୍ୟତ୍ର ବିକ୍ରୟ କରିବି ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଚୁକ୍ତିନାମା ପାଇଁ ମୁଁ କିମ୍ବା ମୋର ଅଂଶୀଦାର ଦାଇଦାର ହେବେ ନାହିଁ ଧ- ୨୧୭୨୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## କୋଭିଡ୍ ମୃତକଙ୍କ ...

ମୁଖ୍ୟ ମେଡିକାଲ ସ୍ୱାସ୍ଥ୍ୟାଧିକାରୀ, ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ କିମ୍ବା ମେଡିକାଲ କଲେଜର ମେଡିସିନ୍ ବିଭାଗ ମୁଖ୍ୟ ବା ପ୍ରିନ୍ସପାଲ ଏବଂ ଜଣେ ସବ୍‌ଜେକ୍ଟ ଏକ୍ସପର୍ଟ ସଦସ୍ୟ ରହିବେ। କମିଟି ସମସ୍ତ ତଥ୍ୟ ଯାଞ୍ଚ କରିବା ପରେ ସଂଶୋଧିତ କାଗଜପତ୍ର ଇସ୍ୟୁ କରିବା ଓ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ନେବା ଲାଗି ପ୍ରସ୍ତାବ ଦେବେ। ଯଦି କମିଟିର ନିଷ୍ପତ୍ତି ଆବେଦନକାରୀଙ୍କ ସପକ୍ଷରେ ନ ଯାଏ, ଏହାର ସ୍ପଷ୍ଟ କାରଣ ରେକର୍ଡ କରାଯିବ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବା ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ) ସୁପାରିସ୍ କରିଥିଲେ। କୋଭିଡ୍-୧୯ ରିଲିଫ୍ କାର୍ଯ୍ୟ ଓ ପ୍ରସ୍ତୁତିରେ ସମ୍ପୃକ୍ତ ଥାଇ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ମଧ୍ୟ ଏହି ସହାୟତା ମିଳିବ। ସର୍ବୋଚ୍ଚ ଅଦାଲତଙ୍କ ଜୁନ୍ ୩୦ ନିର୍ଦ୍ଦେଶକ୍ରମେ ଏନ୍‌ଡିଏମ୍‌ଏ ପକ୍ଷରୁ ସେପ୍ଟେମ୍ବର ୧୧ରେ ଏନେଇ ଗାଇଡ୍‌ଲାଇନ ଜାରି କରାଯାଇଥିଲା। କୋଭିଡ୍‌ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ମିଳିବା ଉଚିତ। ୬ ସପ୍ତାହ ମଧ୍ୟରେ ସହାୟତା ରାଶି ପରିମାଣ ଉପରେ ନିଷ୍ପତ୍ତି ନେବା ସହ ଆବଶ୍ୟକ ଗାଇଡ୍‌ଲାଇନ ପ୍ରସ୍ତୁତ କରିବା ଲାଗି ସର୍ବୋଚ୍ଚ ଅଦାଲତ ଜୁନ୍ ୩୦ରେ ଏନ୍‌ଡିଏମ୍‌ଏକୁ ନିର୍ଦ୍ଦେଶ ଦେଇଥିଲେ। କୋଭିଡ୍ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଆଇନଜୀବୀ ଗୌରବ କୁମାର ବଂଶଲ, ସୁମୀର ସୋଧିଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ସୂଚନାଯୋଗ୍ୟ, ଇତିମଧ୍ୟରେ କେତେକ ରାଜ୍ୟ କୋଭିଡ୍ ମୃତକଙ୍କ ପରିବାର ଲାଗି ସହାୟତା ରାଶି ଘୋଷଣା କରିସାରିଛନ୍ତି। ବିହାର ସରକାର ପ୍ରତି ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଘୋଷଣା କରିଥିବାବେଳେ ମଧ୍ୟପ୍ରଦେଶ ସରକାର ୧ ଲକ୍ଷ ଏବଂ ଦିଲ୍ଲୀ ସରକାର ୫୦ ହଜାର ଟଙ୍କା ସହାୟତା ଦେବାକୁ କହିଛନ୍ତି।

## ପରିବାରର ୩ଜଣଙ୍କ...

ଅନ୍ୟପକ୍ଷେ ମୃତ ମହିଳାଙ୍କ ସ୍ୱାମୀ ନାରାୟଣ ମଙ୍ଗଳବାର ରାତିରୁ ଘରୁ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି । ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ଏ ନେଇ ଏସ୍‌ପି ଦାସ କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ସ୍ୱାମୀ ନାରାୟଣ ବିହାର ରାଜ୍ୟର ହୋଇଥିବାବେଳେ ସ୍ତ୍ରୀ ସୋନି ଛତିଶଗଡ଼ ଅଞ୍ଚଳର। ପରିବାର ସହ ନାରାୟଣ ଫାଟକପଡାରେ ଭଡାଘରେ ରହୁଥିବାବେଳେ ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ସବୁଦିନ ଭଳି ବୁଧବାର ସକାଳେ କ୍ଷୀରବାଲା ନାରାୟଣଙ୍କ ଘରକୁ କ୍ଷୀର ଦେବା ପାଇଁ ଆସିଥିଲେ । ହେଲେ କବାଟ ବନ୍ଦ ଥିବାରୁ ସେ ଡାକିଥିଲେ ମଧ୍ୟ କେହି ଖୋଲି ନ ଥିଲେ। ପରେ ସେ କବାଟ ଖୋଲିବାରୁ ଘର ଭିତରେ ମହିଳାଙ୍କ ସମେତ ୨ଶିଶୁଙ୍କ ମୃତଦେହ ପଡିଥିବା ଦେଖିପୋଲିସକୁ ଜଣାଇଥିଲେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୦୫,୩୮,୦୮୯ | ୪୭,୨୫,୯୮୧ | ୨୦,୭୨,୬୬,୦୦୬ |
| ଭାରତ | ୩,୩୫,୫୭,୫୮୩ | ୪,୪୬,୦୨୫ | ୩,୨୮,୦୨,୪୧୬ |
| ଓଡ଼ିଶା | ୧୦,୨୧,୯୫୦ | ୮୧୫୦(+୫୩) | ୧୦,୦୮,୬୭୧ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ମୂର୍ତ୍ତି କାରିଗରଙ୍କୁ ଆର୍ଥିକ ସହାୟତା ପାଇଁ ହାଇକୋର୍ଟରେ ମାମଲା

କଟକ ଅଫିସ,୨୨।୯: ଦୁର୍ଗାପୂଜା ସମୟରେ ରାଜ୍ୟର ବିଭିନ୍ନ ମୂର୍ତ୍ତି କାରିଗର ଏବଂ ଶ୍ରମିକଙ୍କୁ କାମ କରିବାର ସୁଯୋଗ କିମ୍ବା ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଏନେଇ ସରୋଜ କୁମାର ସିଂଙ୍କ ସମେତ ୩୫ଜଣଙ୍କ ପକ୍ଷରୁ ବୁଧବାର ହାଇକୋର୍ଟରେ ମାମଲା ଦାଏର କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି, କୋଭିଡ୍ ମହାମାରୀ ସମୟରେ ମୂର୍ତ୍ତି କାରିଗର, ଟେଣ୍ଟ ନିର୍ମାଣ ସହ ଲାଇଟ୍ ଲଗାଇବା କାର୍ଯ୍ୟରେ ନିୟୋଜିତ ଶ୍ରମିକ ବେରୋଜଗାର ହୋଇଛନ୍ତି। ଏହି ସମୟରେ ରାଜ୍ୟ ସରକାର ୪ଫୁଟର ମୂର୍ତ୍ତି ନିର୍ମାଣ ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ଫଳରେ ବିଭିନ୍ନ ପୂଜା କମିଟି ଫଟୋ ପୂଜା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରି ହେଲେ ଉପରୋକ୍ତ ଶ୍ରେଣୀର ଶ୍ରମିକ, କାରିଗରମାନେ ରୋଜଗାର ହରାଇବେ ବୋଲି ପିଟିଶନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦିଲୀପ କୁମାର ରାଯ୍ ମାମଲା ପରିଚାଳନା କରୁଛନ୍ତି।

# ‘ଉତ୍ତମ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନହୁଅନ୍ତୁ’

**ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ**
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ
- ଜିଲ୍ଲାର ସାଢ଼େ ୪ ଲକ୍ଷ ପରିବାର ପାଇବେ ସ୍ୱାସ୍ଥ୍ୟକାର୍ଡ
- ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୩୦ କୋଟିର ପ୍ରକଳ୍ପ ଉଦ୍‌ଘାଟିତ, ୬୦୦ କୋଟିର ଶିଳାନ୍ୟାସ
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ବିକାଶ ପାଇଁ ସହଯୋଗ ଯୋଗାଇ ଦିଆଯିବ

ବଲାଙ୍ଗୀର ଅଫିସ/ଟିଟିଲାଗଡ଼/ପାଟଣାଗଡ଼, ୨୨।୯(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବଲାଙ୍ଗୀର ଜିଲା ଗସ୍ତରେ ଆସି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଟିଟିଲାଗଡ, ପାଟଣାଗଡ ଓ ବଲାଙ୍ଗୀରଠାରେ ଆୟୋଜିତ ୩ଟି ସଭାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିବା ସହ ଜିଲାରେ କାର୍ଯ୍ୟକାରୀ ହୋଇଥିବା ୨୩୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ପ୍ରାୟ ୬୦୦ କୋଟି ଟଙ୍କା ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଟିଟିଲାଗଡ଼ ସଭାରେ ଜିଲାର ପ୍ରଥମ ହିତାଧିକାରୀ ଭାବେ ସରୋଜିନୀ ବହିଦାରଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି କାର୍ଡ ପାଖରେ ରଖିଲେ ଚିକିତ୍ସା ପାଇଁ ଆଉ କୌଣସି ଡକ୍ୟୁମେଣ୍ଟର ଆବଶ୍ୟକତା ପଡ଼ିବ ନାହିଁ। କେବଳ ଏହି କାର୍ଡ ଜରିଆରେ ହିତାଧିକାରୀମାନେ ଦେଶର ୨୦୦ଟି ବଡ଼ ହସ୍ପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ସୁବିଧା ପାଇପାରିବେ। ପରିବାର ପାଇଁ ବର୍ଷକୁ ୫ଲକ୍ଷ ଏବଂ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ ବୋଲି କହିଥିଲେ। ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ ଏହାହିଁ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ତୁଷରା ଉଡ଼ାଜାହାଜ ପଡ଼ିଆରୁ ହେଲିକପ୍ଟର ଯୋଗେ ପ୍ରଥମେ ଟିଟିଲାଗଡ଼ ସରକାରୀ ମହିଳା କଲେଜ ପଛପଟ ମିନି ଷ୍ଟାଡିୟମ ସଭାକୁ ଯାଇ ସ୍ମାର୍ଟକାର୍ଡ ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ସେଠାରେ ଅନେକ ନୂଆ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଟିଟିଲାଗଡ଼ଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମଞ୍ଚାସୀନ ଥିଲେ। ଏହାପରେ ପାଟଣାଗଡ଼ ରମାଇ ହାଇସ୍କୁଲ ପଡ଼ିଆରେ ପହଞ୍ଚି ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ସେଠାରେ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କର ପୀଠ ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସଭାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା ମଞ୍ଚାସୀନ ଥିଲେ। ପରେ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। ରାଜ୍ୟର ୯୬ ଲକ୍ଷ ପରିବାର ଏବଂ ଜିଲାର ସାଢ଼େ ୪ ଲକ୍ଷ ପରିବାର ସ୍ମାର୍ଟକାର୍ଡ ଜରିଆରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ ବୋଲି ଘୋଷଣା କରିଥିଲେ। ଏଠାରେ ଜିଲାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଠାରେ ମନ୍ତ୍ରୀ ସୁଶାନ୍ତ ସିଂ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ବକ୍ତବ୍ୟ ରଖିଥିଲେ। ଜିଲାର ୩ଟିଯାକ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଉପସ୍ଥିତ ଥିଲେ। ମନ୍ତ୍ରୀ ପଦ୍ମନାଭ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀ ଆତ୍ମହତ୍ୟା ଅଭିଯୋଗ

ଅତାବିରା/ସରଣ୍ଡା,୨୨।୯(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରା ଗ୍ରାମରେ ଚାଷୀ ଆତ୍ମହତ୍ୟା ଅଭିଯୋଗ ଆଲୋଡ଼ନ ସୃଷ୍ଟି କରିଛି। ଗତ ରବିବାରରୁ ଫସଲହାନି ଏବଂ ଋଣ ପରିଶୋଧ ଚିନ୍ତାରେ ଚାଷୀ ବୃନ୍ଦାବନ ଭୁଏ(୬୨) ମଙ୍ଗଳବାର ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚାରିବାରୁ ଜଣେ ଚାଷୀ ବିଷ ପିଇ ଦେଇଥିବା ନେଇ କେହି ଜଣେ ତାଙ୍କୁ ଫୋନ କରିଥିଲେ। କିନ୍ତୁ ସବିଶେଷ ତଥ୍ୟ ତାଙ୍କର ହସ୍ତଗତ ହୋଇ ନ ଥିବା ସେ କହିଛନ୍ତି।

ମୃତଚାଷୀ ବୃନ୍ଦାବନ ମଙ୍ଗଳବାର ରାତିରେ କୀଟନାଶକ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଗୋଡ଼ଭଗା ଏବଂ ପରେ ବୁର୍ଲା ଭିମ୍‌ସାର ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଚାଷୀଙ୍କ ପୁଅ ଗଣନାଥ ଅଭିଯୋଗ କରି କହିଛନ୍ତି, ଗତ ରବିବାରରୁ ତାଙ୍କ ବାପା ୧୦ଏକର ଜମିରେ ଧାନଚାଷ କରିଥିଲେ। ତେବେ ଟୋକନ ସମସ୍ୟା ଯୋଗୁ ୧୦୦ବସ୍ତା ଧାନ ସେ ବିକ୍ରି କରି ପାରି ନ ଥିଲେ। କୃଷି ସମବାୟ ସମିତି ସମେତ ବିଭିନ୍ନ ସ୍ଥାନରେ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କ ଟଙ୍କା ପରିଶୋଧ ପାଇଁ ବକେୟା ପଡ଼ିଥିବା ପରିବାର ଲୋକେ କହିଛନ୍ତି। ଏହି ଚିନ୍ତାରେ ବୃନ୍ଦାବନ ସବୁବେଳେ ରହୁଥିଲେ। ଶେଷରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ସେମାନେ କହିଛନ୍ତି। ବୁଧବାର ଅପରାହ୍ନରେ ବୁର୍ଲାରୁ ବ୍ୟବଚ୍ଛେଦ ହୋଇ ଆସିଲା ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଡାକ୍ତରଙ୍କ ଅନୁପସ୍ଥିତିରେ ରୋଗୀ ଦେଖିବେ ଫାର୍ମାସିଷ୍ଟ

**୧୨ ସାଧାରଣ ରୋଗକୁ ଅନୁମତି**

ଭୁବନେଶ୍ୱର, ୨୨।୯(ବ୍ୟୁରୋ): ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ଥିଲେ ଫାର୍ମାସିଷ୍ଟମାନେ ରୋଗୀ ଦେଖି ଔଷଧ ଦେଇପାରିବେ। କେବଳ ଜଣେ ଡାକ୍ତର ଥିବା ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଏପରି ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ତେବେ ଫାର୍ମାସିଷ୍ଟମାନେ କେଉଁ ରୋଗ ପାଇଁ କ'ଣ ଔଷଧ ପ୍ରେସ୍‌କ୍ରାଇବ୍ କରିପାରିବେ ସେନେଇ ବିଭାଗ ଏକ ତାଲିକା ପ୍ରସ୍ତୁତ କରିଛି। ମ୍ୟାଲେରିଆ, ଜ୍ୱର, ଝାଡ଼ାବାନ୍ତି, ଚର୍ମରୋଗ ଭଳି ମୋଟ ୧୨ ପ୍ରକାର ସାଧାରଣ ରୋଗ ପାଇଁ ଔଷଧ ଦେବାକୁ ଅନୁମତି ଦିଆଯାଇଛି। ଏନେଇ ବୁଧବାର ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟର ଡାକ୍ତର ଅଭାବ ଦେଖାଦେଇଛି। କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମାତ୍ର ଡାକ୍ତର କାର୍ଯ୍ୟ କରୁଛନ୍ତି। ଫଳରେ କୌଣସି କାରଣରୁ ସେ ଅନୁପସ୍ଥିତ ରହିଲେ ଫାର୍ମାସିଷ୍ଟମାନେ ରୋଗୀ ଦେଖୁଥିବା ନଜରକୁ ଆସୁଛି। ଅନେକ ସମୟରେ ମଧ୍ୟ ରୋଗୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଉଛି। ଏନେଇ ବାରମ୍ବାର ଅଭିଯୋଗ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। କୌଣସି ସରକାରୀ ନିର୍ଦ୍ଦେଶ ବିନା ରୋଗୀଙ୍କ ଚିକିତ୍ସା ପାଇଁ ଫାର୍ମାସିଷ୍ଟଙ୍କୁ ଦାୟିତ୍ୱ ଦେଇ ହସ୍ପିଟାଲକୁ ପରିଚାଳନା କରିବା କଷ୍ଟକର ବୋଲି ବିଭାଗ କହିଛି। ହେଲେ ଆବଶ୍ୟକ ଡାକ୍ତର ନ ଥିବାରୁ ଚିନ୍ତା ବଢ଼ିଛି। ଡାକ୍ତରଙ୍କ ଅନୁପସ୍ଥିତିରେ ଚିକିତ୍ସା ସେବାକୁ ସ୍ୱାଭାବିକ କରିବା ଲାଗି ଏପରି ବିକଳ୍ପ ପଦକ୍ଷେପ ଗ୍ରହଣ କରିଛି ବିଭାଗ।

ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
୦୧.୦୯.୨୦୨୧ରେ ପ୍ରକାଶିତ ଟେଣ୍ଡର ବିଜ୍ଞାପନର ଶେଷ ତାରିଖ ୭ ଅକ୍ଟୋବର, ୨୦୨୧ ପୁନଃ ଧାର୍ଯ୍ୟ ହୋଇଛି। www.odishasahityaakademi.orgରେ ବିସ୍ତୃତ ତଥ୍ୟ ଉପଲବ୍ଧ।
ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

# ରାମିଆଳରେ ଭାସିଗଲେ ୬ କି.ମି.

## ଜୀବିତ ଅବସ୍ଥାରେ ବୃଦ୍ଧା ଉଦ୍ଧାର

ଭୁବନ, ୨୨।୯(ଡି.ଏନ୍.ଏ)

‘ରଖେ ହରି ତ ମାରେ କିଏ’। ଓଡ଼ିଆ ପରିବାରର ଘରେ ଘରେ ପରିଚିତ ଏହି ଆପ୍ତ ବାକ୍ୟ ସତ୍ୟ ପ୍ରମାଣିତ ହୋଇଛି। ରାମିଆଳ ନଦୀରେ ୬ କି.ମି. ଭାସି ଯାଇଥିଲେ ମଧ୍ୟ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି ଜଣେ ବୃଦ୍ଧା। ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅରଖପାଳ ଗ୍ରାମରେ ବୁଧବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଅଗ୍ନିଶମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଅରଖପାଳ ଗ୍ରାମର ବାଲି ତରାଇ (୭୫) ଅପରାହ୍ନରେ ରାମିଆଳ ନଦୀଘାଟରେ ଗାଧୋଉଥିବାବେଳେ ସୁଅ ମୁହଁରେ ପଡ଼ିଯାଇଥିଲେ। ସେ ଭାସିଯାଇ ଘଟଣାସ୍ଥଳରୁ ୬ କିଲୋମିଟର ଦୂର ଯମୁନାକୋଟ ପଞ୍ଚାୟତର କୃଷ୍ଣପୁର ପମ୍ପହାଉସ ନିକଟରେ ଲାଗିଥିଲେ। ସେଠାରେ ଗୋରୁ ଚରାଉଥିବା ଜଣେ ବ୍ୟକ୍ତି ବୃଦ୍ଧାଙ୍କୁ ଦେଖି ସ୍ଥାନୀୟ ସରପଞ୍ଚ ଖୁଲଣା ରାଉତଙ୍କୁ ସୂଚନା ଦେଇଥିଲେ। ପରପଞ୍ଚ ସ୍ଥାନୀୟ ପୋଲିସ ସହିତ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ମାର୍ଥାପୁର ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ପରିବାର ଲୋକେ ତାଙ୍କୁ ସାଙ୍ଗରେ ନେଇଯାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।


ରାମିଆଳ ନଦୀରୁ ଉଦ୍ଧାର ବୃଦ୍ଧା ବାଲି ତରାଇ।

# ‘ଗୌର ଆଣ୍ଡ ପାର୍ବତୀ’ ଉନ୍ମୋଚିତ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ରର ଦୁଇ ସ୍ମରଣୀୟ ବ୍ୟକ୍ତିତ୍ୱ ଗୌର ଘୋଷ ଓ ପାର୍ବତୀ ଘୋଷ। ଅଭିନୟ, ପ୍ରଯୋଜନା ଏବଂ ନିର୍ଦ୍ଦେଶନା କ୍ଷେତ୍ରରେ ନୂଆ ଧାରା ଆଣିବା ସହ ଜାତୀୟସ୍ତରରେ ଏମାନଙ୍କ ଚଳଚ୍ଚିତ୍ରକୁ ସ୍ୱୀକୃତି ମିଳିଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏମାନଙ୍କ ଅବଦାନକୁ ନେଇ ଗୌରପାର୍ବତୀ ଘୋଷ ଏଣ୍ଟରପ୍ରାଇଜ୍ ପକ୍ଷରୁ ପ୍ରକାଶିତ ପୁସ୍ତକ ‘ଗୌର ଆଣ୍ଡ ପାର୍ବତୀ’ ଗତ ୧୯ତାରିଖରେ ଉନ୍ମୋଚିତ ହୋଇଯାଇଛି। ଗୌରପାର୍ବତୀଙ୍କ କନ୍ୟା ରାତ୍ରି ଘୋଷ ବର୍ମନ ଓ ତାଙ୍କ ସ୍ୱାମୀ ଶେଖର ବର୍ମନଙ୍କ ପ୍ରଚେଷ୍ଟାରେ ପ୍ରସ୍ତୁତ ଏହି ପୁସ୍ତକର ଉନ୍ମୋଚନ ‘ଆଶା ପ୍ରଦୀପ’ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଲୋକାର୍ପିତ ହୋଇଛି।



୧୯୫୩ରେ ପାର୍ବତୀଙ୍କ ଅଭିନୀତ ଆମରି ଗାଁ ଝିଅ ଚଳଚ୍ଚିତ୍ରର ପୋଷ୍ଟର।


ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଠଗୋଛି ଗାଁରେ ବୁଧବାର ଜଣେ ଲୋକଙ୍କ ଘର ଭାଙ୍ଗୁଥିବା ଝାଡ଼ଖଣ୍ଡୀ ଦନ୍ତା।

# ଓୟୁଏଟି ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୟୁଜି ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। କୃଷି, ଉଦ୍ୟାନ କୃଷି, ଭେଟେରିନାରି ସାଇନ୍ସ ଆଣ୍ଡ୍ ଆନିମଲ ହଜ୍‌ବ୍ୟାଣ୍ଡ୍ରି, ଏଗ୍ରିକଲଚରାଲ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ଫିସରୀ ସାଇନ୍ସ, କମ୍ୟୁନିଟି ସାଇନ୍ସ ଏବଂ ଫରେଷ୍ଟ୍ରିରେ ନାମଲେଖା ପାଇଁ ଯେଉଁ ଛାତ୍ରୀଛାତ୍ରମାନେ ଆବେଦନ କରିଛନ୍ତି, ସେମାନେ ଓୟୁଏଟିର ୱେବ୍‌ସାଇଟ୍ ouat.nic.inକୁ ଯାଇ ନିଜ ନିଜର ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ।

ଆସନ୍ତା ୨୭ରୁ ୩୦ ତାରିଖ ମଧ୍ୟରେ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପିଲାଙ୍କୁ ମକ୍ ଟେଷ୍ଟ ଦେବା ପାଇଁ ମଧ୍ୟ ଓୟୁଏଟି ଅନୁମତି ଦେଇଛି। ଛାତ୍ରୀଛାତ୍ରମାନେ ଓୟୁଏଟିର ୱେବ୍‌ସାଇଟକୁ ଲଗ୍‌ଇନ୍ କରି ଅନ୍‌ଲାଇନ୍‌ରେ ୩୦ମିନିଟ୍‌ର ମକ୍ ଟେଷ୍ଟ ଦେଇପାରିବେ। ତେବେ ପରୀକ୍ଷାକୁ ଯିବାବେଳେ ଛାତ୍ରୀଛାତ୍ରମାନେ ଆଡ୍‌ମିଟ୍ କାର୍ଡ ସହିତ ପରିଚୟ ପତ୍ର ଯଥା- ଆଧାର କାର୍ଡ, ପ୍ୟାନ୍ କାର୍ଡ, ଭୋଟର ପରିଚୟ ପତ୍ର, ପାର୍ସପୋର୍ଟ ଓ ଡ୍ରାଇଭିଂ ଲାଇସେନ୍ସରୁ ଯେକୌଣସି ଗୋଟିଏ ଆଣିବାକୁ କୁହାଯାଇଛି।

ପଞ୍ଜାବ ନେସନାଲ୍ ବ୍ୟାଙ୍କ୍ ...ବିଶ୍ୱାସ ର ପ୍ରତୀକ!
punjab national bank ...the name you can BANK upon!

ମୁଖ୍ୟ କାର୍ଯ୍ୟାଳୟ, ପ୍ଲଟ୍ ନଂ-4 ସେକ୍ଟର-10 ଦ୍ୱାରକା, ନୂଆଦିଲ୍ଲୀ-110075
(ଇମେଲ୍ : operations@pnb.co.in)
ଇ-ଓବିସି ଏବଂ ଇ-ୟୁଏନ୍‌ଆଇ ଗ୍ରାହକଙ୍କ ପାଇଁ ମହତ୍ୱପୂର୍ଣ୍ଣ ଘୋଷଣା

ପ୍ରିୟ ଗ୍ରାହକଗଣ, ଯେପରି କି ବିଭିନ୍ନ ପ୍ରକାର ସୁଯୋଗ ଗୁଡିକରେ ପ୍ରଥମରୁ ହିଁ ବିଭିନ୍ନ ପ୍ରକାର ଚ୍ୟାନେଲ୍ ଯେପରିକି ଏସ୍‌ଏମ୍‌ଏସ୍ ଆଲର୍ଟ କରିବା, କର୍ପୋରେଟ୍ ୱେବ୍‌ସାଇଟ୍, ସୋସିଆଲ୍ ମିଡିଆ, ପ୍ରିଣ୍ଟ ମିଡିଆ, ଏଟିଏମ୍ ଶାଖାଗୁଡିକ ମାଧ୍ୟମରେ ସୂଚୀତ କରାଯାଇଅଛି, ଏହା ପରେ ପୁଣି ଥରେ ସୂଚୀତ କରାଯାଉଅଛି ଯେ, ଇଓବିସି ଏବଂ ଇୟୁଏନ୍‌ଆଇ ର ପୁରୁଣା ଚେକ୍ ବୁକ୍ 01.10.2021 ରୁ ବନ୍ଦ ହେବାକୁ ଯାଉଛି। ଦୟାକରି ନିଜର ଇଓବିସି ଏବଂ ଇୟୁଏନ୍‌ଆଇ ର ପୁରୁଣା ଚେକ୍‌କୁ ବୁକ୍ ଅଧୁନାତନ ପିଏନ୍‌ବି ଆଇଏଫ୍‌ଏସ୍‌ସି (IFSC) ଏବଂ ଏମ୍‌ଆଇସିଆର୍ (MICR) ସହିତ ପିଏନ୍‌ବି ର ଚେକ୍ ବୁକ୍‌ରେ ପରିବର୍ତ୍ତନ କରନ୍ତୁ। ଆପଣ ନିଜ ଶାଖାରୁ ନିଜର ନୂଆ ଚେକ୍ ବୁକ୍ କିମ୍ବା ଏଟିମ / ଆଇବିଏସ୍ / ପିଏନ୍‌ବି ୱାନ୍ ମାଧ୍ୟମରେ ପାଇପାରିବେ।
ସମସ୍ତ ଗ୍ରାହକମାନଙ୍କୁ ଅନୁରୋଧ କି, କୌଣସି ପ୍ରକାର କାରବାର ଅସୁବିଧାରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନଠାରୁ କେବଳ ପିଏନ୍‌ବି ଆଇଏଫ୍‌ଏସ୍‌ସି (IFSC) ଏବଂ ଏମ୍‌ଆଇସିଆର୍ (MICR) ସହିତ ଅଧୁନାତନ ପିଏନ୍‌ବି ର ନୂଆ ଚେକ୍ ବୁକ୍‌ର ବ୍ୟବହାର କରନ୍ତୁ। କୌଣସି ପ୍ରକାର ସାହାଯ୍ୟ ଏବଂ ପ୍ରଶ୍ନ ପାଇଁ ଦୟାକରି ଆମର ଟୋଲ୍-ଫ୍ରି ନମ୍ବର 18001802222 ରେ ଯୋଗାଯୋଗ କରନ୍ତୁ।
ମୁଖ୍ୟ ଜେନେରାଲ୍ ମ୍ୟାନେଜର୍

ଫର୍ମ ଏ
ସର୍ବସାଧାରଣ ଘୋଷଣା
[ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁସନ୍ ପ୍ରୋସେସ୍ ଫର୍ କର୍ପୋରେଟ୍ ପର୍ସନ୍ସ) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୬ ଅଧୀନରେ]
ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର ଋଣଦାତାଙ୍କ ଧ୍ୟାନାକର୍ଷଣ ନିମନ୍ତେ
ସମ୍ପର୍କିତ ବିବରଣୀ

| | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ୨୦ ଫେବ୍ରୁୟାରୀ ୨୦୦୬ |
| ୩. | କର୍ପୋରେଟ୍ ଋଣୀ କେଉଁ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ, କଟକ, ଓଡ଼ିଶା |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ଏଲ୍୨୭୧୦୨ଓଆର୍୨୦୦୬ପିଏଲ୍‌ସି୦୦୮୫୯୪ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ ଏବଂ କାରଖାନା: ଗ୍ରାମ, ଲାମଲୋଇ, ଡାକ- ଗର୍ଭାନା, ରାଜଗାଙ୍ଗପୁର, ଓଡ଼ିଶା- ୭୭୦୦୧୭ **କାର୍ଯ୍ୟ କରୁଥିବା ସ୍ଥାନ-** ୧. ୧୨୦, ତଳ ମହଲା, ସାଉଥ୍ କୋର୍ଟ ମଲ୍, ଦିଲ୍ଲୀ-୧୧୦୦୧୭ ୨. ବେଗମପୁର ଖଟୋଲା, ଜିଲ୍ଲା- ଗୁରଗାଓଁ, ହରିୟାଣା ୩. ଏ-୨୮୫, ଚୋପାଙ୍କି ଇଣ୍ଡଷ୍ଟ୍ରିଆଲ ଏରିଅ, ଚୋପାଙ୍କି, ଭିୱାଡି, ଜିଲ୍ଲା- ଅଲୱାର, ରାଜସ୍ଥାନ- ୩୦୧୦୧୯ ୪. ପ୍ଲଟ୍ ନଂ.ଏସ୍‌ପି-୨୫୬, ଇଣ୍ଡଷ୍ଟ୍ରିଆଲ ଏରିଆ, କାହାରାନି, (ଭିୱାଡି ଏକ୍ସଟେନ୍ସନ୍), ରାଜସ୍ଥାନ - ୩୦୧୦୧୯ ୫. ଗ୍ରାମ ଗୋପାଳପୁର, ଡାକ- ବଡ଼ପୋଷୀ, ତହସିଲ ଓ ଥାନା- କେନ୍ଦୁଝର, ଓଡ଼ିଶା ୬. ଅର୍ଦ୍ଧଗ୍ରାମ କୋଲ୍ ମାଇନ୍ସ, ମୌଜା- ଗୋପାଳପୁର, ମେଜିଆ, ବାଙ୍କୁରା, ପଶ୍ଚିମବଙ୍ଗ-୭୨୨୧୪୨ |
| ୬. | କର୍ପୋରେଟ୍ ଋଣୀଙ୍କ ଇନ୍‌ସଲ୍‌ଭେନ୍ସି ଆରମ୍ଭ ତାରିଖ | ୨୦ ସେପ୍ଟେମ୍ବର, ୨୦୨୧ |
| ୭. | ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ସମାପ୍ତିର ଅଟକଳ ତାରିଖ | ୧୮ ମାର୍ଚ୍ଚ, ୨୦୨୨ |
| ୮. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀ ଭାବେ କାର୍ଯ୍ୟ କରୁଥିବା ମୀମାଂସା ବୃତ୍ତିଧାରୀଙ୍କ ନାମ ଓ ପଞ୍ଜୀକରଣ ସଂଖ୍ୟା | **ନାମ: ଶିବ ନନ୍ଦନ ଶର୍ମା** **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୮୪/୨୦୧୭-୨୦୧୮/୧୦୬୪୧ |
| ୯. | ବୋର୍ଡ ସହିତ ପଞ୍ଜୀକୃତ ହୋଇଥିବା ଅନୁଯାୟୀ, ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଠିକଣା ଓ ଇମେଲ୍ | **ଶିବ ନନ୍ଦନ ଶର୍ମା** ନବଜୀବନ ବିହାର, ତଳ ମହଲା, ନୂଆଦିଲ୍ଲୀ - ୧୧୦୦୧୭ ଇମେଲ୍: sharmasn@gmail.com |
| ୧୦. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ସହିତ ପତ୍ର ଯୋଗାଯୋଗ ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଓ ଇ-ମେଲ୍ | **ଶିବ ନନ୍ଦନ ଶର୍ମା** ଯୋଗାଯୋଗ ଠିକଣା: ଏଲ୍‌ଏସ୍‌ଆଇ ରେଜୋଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍, ୧୨୦୫, ୧୨ ମହଲା, ଚିରଞ୍ଜୀବ ଟାୱାର ୪୩, ନେହେରୁ ପ୍ଲେସ୍, ନୂଆଦିଲ୍ଲୀ-୧୧୦୦୧୯। ଇମେଲ୍: cirp.ocl@gmail.com |
| ୧୧. | ଦାବି ଦାଖଲର ଶେଷ ତାରିଖ | ୪ ଅକ୍ଟୋବର, ୨୦୨୧ |
| ୧୨. | ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ଅନୁଯାୟୀ, ଋଣଦାତାଙ୍କ ଶ୍ରେଣୀ, ଯଦି ଥାଏ, ଧାରା ୨୧ର ଉପ-ଧାରା (୬ଏ)ର ଦଫା (ବି) ଅଧୀନରେ | ନାହିଁ, ପ୍ରଯୁଜ୍ୟ ନୁହେଁ |
| ୧୩. | ଏକ ଶ୍ରେଣୀରେ ଋଣଦାତାମାନଙ୍କ ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ଚିହ୍ନଟ ହୋଇଥିବା ମୀମାଂସା ବୃତ୍ତିଧାରୀଙ୍କ ନାମ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନିଟି ନାମ) | ନାହିଁ, ପ୍ରଯୁଜ୍ୟ ନୁହେଁ |
| ୧୪. | (କ) ସମ୍ପର୍କିତ ଫର୍ମ ଏବଂ (ଖ) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଉପଲବ୍ଧ ହେବା ସ୍ଥାନ: | କ) ୱେବ୍ ଲିଙ୍କ୍: https://ibbi.gov.in/home/downloadsରୁ ଡାଉନଲୋଡ୍ କରନ୍ତୁ ଖ) ନାହିଁ, ପ୍ରଯୁଜ୍ୟ ନୁହେଁ |

ଏତଦ୍ୱାରା ନୋଟିସ ପ୍ରଦାନ କରାଯାଉଛି ଯେ, ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ **୨୦ ସେପ୍ଟେମ୍ବର, ୨୦୨୧** ଦିନ **ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର**ର କର୍ପୋରେଟ୍ ଇନ୍‌ସଲ୍‌ଭେନ୍ସି ମୀମାଂସା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆଦେଶ ଦେଇଛନ୍ତି।
**ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌ର** ଋଣଦାତାମାନଙ୍କୁ ଏତଦ୍ୱାରା **ଶନିବାର, ୪ ଅକ୍ଟୋବର, ୨୦୨୧** କିମ୍ବା ତାହା ପୂର୍ବ ସୁଦ୍ଧା ପ୍ରମାଣ ସହିତ ସେମାନଙ୍କର ଦାବିଗୁଡ଼ିକୁ ପ୍ରବେଶିକା ନଂ. ୧୦ରେ ଦର୍ଶିତ ଠିକଣାରେ ଅନ୍ତରୀଣ ମୀମାଂସା ବୃତ୍ତିଧାରୀଙ୍କ ନିକଟରେ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି।
ଆର୍ଥିକ ଋଣଦାତାମାନେ କେବଳ ବୈଦ୍ୟୁତିକ ମାଧ୍ୟମରେ ପ୍ରମାଣ ସହିତ ସେମାନଙ୍କ ଦାବି ଦାଖଲ କରିବେ। ଅନ୍ୟାନ୍ୟ ସମସ୍ତ ଋଣଦାତା ବ୍ୟକ୍ତିଗତ ଭାବେ, ଡାକ ଯୋଗେ କିମ୍ବା ବୈଦ୍ୟୁତିକ ମାଧ୍ୟମରେ ପ୍ରମାଣ ସହିତ ସେମାନଙ୍କର ଦାବି ଦାଖଲ କରିପାରିବେ।
ପ୍ରବେଶିକା ନଂ.୧୨ରେ ତାଲିକାଭୁକ୍ତ ହୋଇଥିବା ଅନୁଯାୟୀ, ଏକ ଶ୍ରେଣୀ ସହ ସମ୍ପର୍କ ରଖୁଥିବା ଜଣେ ଆର୍ଥିକ ଋଣଦାତା, ଫର୍ମ ସିଏରେ ଶ୍ରେଣୀର [ଏନ୍‌ଏ] ପ୍ରାଧିକୃତ ପ୍ରତିନିଧି ଭାବେ କାର୍ଯ୍ୟ କରିବା ପାଇଁ ପ୍ରବେଶିକା ନଂ.୧୩ରେ ତାଲିକାଭୁକ୍ତ ତିନିଜଣ ମୀମାଂସା ବୃତ୍ତିଧାରୀଙ୍କ ମଧ୍ୟରେ ନିଜ ପସନ୍ଦର ପ୍ରାଧିକୃତ ପ୍ରତିନିଧିଙ୍କୁ ସୂଚାଇବେ।
**ମିଥ୍ୟା କିମ୍ବା ଭ୍ରମାତ୍ମକ ଦାବିର ପ୍ରମାଣ ଜରିମାନା ଆକର୍ଷଣ କରିବ।**

ସ୍ୱା./-
**ଶିବ ନନ୍ଦନ ଶର୍ମା**
ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ପାଇଁ ଅନ୍ତରୀଣ ମୀମାଂସା ବୃତ୍ତିଧାରୀ
ଏଲ୍‌ଏସ୍‌ଆଇ ରେଜୋଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍
ତାରିଖ: ୨୩।୦୯।୨୦୨୧
ସ୍ଥାନ: ନୂଆଦିଲ୍ଲୀ
**ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି-୦୦୩୮୪/୨୦୧୭-୧୮/୧୦୬୪୧

# ଝାମ୍ପିନେଲେ ୨ ଲକ୍ଷ

ମାଧପୁର,୨୨।୯

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ତ୍ରିବେଣୀ ଛକ ଠାରେ ବୁଧବାର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ୨ ସଦସ୍ୟାଙ୍କ ଠାରୁ ଦୁଇଜଣ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ସୂଚନା ମୁତାବକ, ହଟୁଆପଡ଼ା ଗ୍ରାମର ମା’ ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ରେବତୀ ମହାଖୁଡ଼ ଓ ପୁଷ୍ପାଞ୍ଜଳୀ ସାହୁ ନିକଟସ୍ଥ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କିଆକଟା ଶାଖାରୁ ୨ ଲକ୍ଷ ଟଙ୍କା ଉଠାଣ କରି ଫେରୁଥିବା ବେଳେ ବାଇକ୍‌ରେ ଆସିଥିବା ୨ଜଣ ଦୁର୍ବୃତ୍ତ ତାଙ୍କଠାରୁ ବ୍ୟାଗ ଝାମ୍ପିନେଇ ମହାନଦୀ ବ୍ରିଜ୍ ଦେଇ ବୌଦ୍ଧ ପାର୍ଶ୍ୱକୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଖବରପାଇ କିଆକଟା ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କୁ ଧରିପାରି ନାହିଁ। ଖବର ଲେଖାହେବା ବେଳକୁ ଏ ନେଇ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ସେକେଣ୍ଡ ଅଫିସର ବିକ୍ରମ ଜୟପୁରିଆ କହିଛନ୍ତି।

# ଗ୍ରାମାଞ୍ଚଳରେ ଅଧିକ ଟିକାକରଣକୁ ଗୁରୁତ୍ୱ

- ୧୭୪ ଟିକାକେନ୍ଦ୍ର ବୃଦ୍ଧି, ଦୈନିକ ୪ଲକ୍ଷ ଟିକାକରଣ ଲକ୍ଷ୍ୟ
- ଆବଶ୍ୟକ ପଡ଼ିଲେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଟିକା କେନ୍ଦ୍ର
- ଦିନକରେ ଆଉ ୭୩୪ ଆକ୍ରାନ୍ତ ଚିହ୍ନଟ, ୪ ମୃତ



ଭୁବନେଶ୍ୱର, ୨୨।୯(ବ୍ୟୁରୋ)

କରୋନା ସହ ଲଢ଼ିବା ପାଇଁ ଟିକା ହିଁ ସବୁଠାରୁ ବଡ଼ ଅସ୍ତ୍ର। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ ଲୋକଙ୍କୁ ଟିକା ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ଇତିମଧ୍ୟରେ ଭାରତ ଟିକାକରଣରେ ରେକର୍ଡ ସୃଷ୍ଟି କରିଥିବାବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବା ପାଇଁ ଟିକାକେନ୍ଦ୍ର ସଂଖ୍ୟାକୁ ବଢ଼ାଇ ଦିଆଯାଇଛି। ଏବେ ରାଜ୍ୟରେ ଆଉ ୧୭୪ ନୂଆ ଟିକାକେନ୍ଦ୍ର ଖୋଲାଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ପୂର୍ବରୁ ୧୬ଶହ କେନ୍ଦ୍ରରେ ଟିକାକରଣ ଚାଲିଥିଲା। ଏବେ ଏହି ସଂଖ୍ୟା ବଢ଼ିବା ସହ ୧୭୭୪ ଟିକାକେନ୍ଦ୍ର ଚାଲିଛି। ଦୈନିକ ୪ଲକ୍ଷ ଟିକାକରଣ ଲକ୍ଷ୍ୟ ରଖାଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ର କରାଯିବ। ଏବେ ଗ୍ରାମାଞ୍ଚଳରେ ଅଧିକ ଟିକାକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ୬୦ ପ୍ରତିଶତରୁ ଅଧିକ ଟିକାକରଣ ହୋଇଥିବା ପାଣିଗ୍ରାହୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨,୮୩,୨୯,୩୭୬ ଡୋଜ୍ ଟିକାକରଣ ହୋଇଥିବାବେଳେ ୨,୦୭,୯୫,୫୧୪ ଜଣ ପ୍ରଥମ ଡୋଜ୍ ଏବଂ ୭୫,୩୩,୮୮୨ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିଭଳି ୧,୬୦,୭୭୫ ଗର୍ଭବତୀ ଟିକା ନେଇଛନ୍ତି। ଏବେ ୨୦,୫୧,୬୦୦ ଡୋଜ୍ ଟିକା ଗଚ୍ଛିତ ରହିଥିବାବେଳେ ୧୮,୬୭,୪୭୦ କୋଭିଶିଲ୍ଡ ଓ ୧,୮୪,୧୩୦ ଡୋଜ୍ କୋଭାକ୍ସିନ ଟିକା ରହିଛି।

ସେପଟେ ରାଜ୍ୟରେ ପୁଣି ପିଲାଙ୍କ ସଂକ୍ରମଣ ଶହେ ଉପରକୁ ଡେଇଁଛି। ଗତ କିଛିଦିନ ହେବ ଦୈନିକ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସର ଶିଶୁ ଓ କିଶୋରଙ୍କ ସଂଖ୍ୟା ଶହେ ତଳେ ରହୁଥିଲା। କିନ୍ତୁ ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୬୯,୩୨୬ ନମୁନା ପରୀକ୍ଷା କରାଯାଇଥିବାବେଳେ ୭୩୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧୦୧ଜଣ ପିଲା ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୩୫ଜଣ ଥିବାବେଳେ କଟକରୁ ୯୧ ଓ ବାକିସବୁ ଜିଲାରୁ ସଂକ୍ରମିତଙ୍କ ସଂଖ୍ୟା ୫୦ ତଳେ ରହିଛି। ଫଳରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦,୨୧,୯୫୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୪ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, କଟକ, ନୟାଗଡ଼ ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ୮,୧୫୦ରେ ପହଞ୍ଚିଛି। ବୁଧବାର ରାଜ୍ୟରୁ ଆଉ ୪୪୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟଙ୍କ ସଂଖ୍ୟା ୧୦,୦୮,୬୭୧କୁ ବୃଦ୍ଧି ପାଇଛି।

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା– ତା'ସମ୍ମୁଖରେ ହସିବା। ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଊର୍ଦ୍ଧ୍ୱରେ ଥିବ। –ଶ୍ରୀମା



# ଆଗାମୀ ପିଢ଼ିର କୃତ୍ରିମ ବୁଦ୍ଧିମତ୍ତା



ଜେଫ୍ ମୁଲଗନ୍

ପୃଥିବୀର ଏବକାର ସ୍ଥିତି ଯାହା ତାହାର ବହୁ ପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅଧିକ ସ୍ୱଷ୍ଟ ଥିଲା। କିନ୍ତୁ ଏହା ସମ୍ପର୍କରେ ଡାଟା ବା ତଥ୍ୟ ଥିଲା ସମ୍ପୂର୍ଣ୍ଣ ଅସ୍ୱଷ୍ଟ ଓ ଅପ୍ରକାଶ୍ୟ। ତଥ୍ୟ ସଂଗ୍ରହରେ ସମସ୍ୟା ମଧ୍ୟ ଥିଲା। ପରେ ବହୁ ଦଶନ୍ଧି ଧରି ପାଗର ଧାରା,ସମୁଦ୍ରର ତାପମାତ୍ରା ଉପରେ ତଥ୍ୟ ସଂଗ୍ରହ କରାଯିବା ସହ ଏହାର ଅନୁଧ୍ୟାନ ଓ ଆକଳନ କରାଗଲା। ଜଳବାୟୁ ଉପରେ ମାନବୀୟ କାର୍ଯ୍ୟକଳାପର ପ୍ରଭାବକୁ ବ୍ୟାଖ୍ୟା କରାଗଲା। ତେବେ ଆଗାମୀ କିଛି ଦଶନ୍ଧିରେ ଜଳବାୟୁ ସଙ୍କଟ ଦୂର କରିବା ଲାଗି ତଥ୍ୟ ପରିଚାଳନା ପଦ୍ଧତିକୁ କିପରି ଉପଯୋଗ କରାଯାଇପାରିବ ତାହା ହିଁ ଏକ ବଡ଼ ପ୍ରଶ୍ନ। ଏହା ଉତ୍ତର ଏବେ ଏକ ଭୟାନକ ସ୍ଥିତିକୁ ସୂଚାଉଛି। ଏ କ୍ଷେତ୍ରରେ ତଥ୍ୟ ସଂଗ୍ରହରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଭଳି ପ୍ରଯୁକ୍ତି ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଛି। କିନ୍ତୁ ତଥ୍ୟ ପରିଚାଳନାରେ ବଡ଼ ଧରଣର ପରିବର୍ତ୍ତନ କଲେ ହିଁ ଏହା ସମ୍ଭବ ହୋଇପାରିବ। ଏଥିପାଇଁ ବିଶ୍ୱର ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକରେ ପ୍ରଭାବ ବିସ୍ତାର କରିଥିବା ବ୍ୟବସାୟିକ ମାଲିକାନାରେ ଥିବା ମଡେଲଗୁଡ଼ିକଠାରୁ ଦୂରେଇଯିବାକୁ ପଡ଼ିବ। ଡିଜିଟାଲ ବିଶ୍ୱ ଜଳବାୟୁ ଅନୁକୂଳ ଭଳି ମନେହେଉଛି ସତ, ହେଲେ ମୋଟ ସବୁଜ ଗୃହ ବାଷ୍ପ (ଜିଏଚ୍‌ଜି) ନିର୍ଗମନରେ ଡିଜାଟାଲ ଓ ଇଣ୍ଟରନେଟ କାର୍ଯ୍ୟକଳାପର ଯୋଗଦାନ ୩.୭% ହୋଇଗଲାଣି। ବିମାନ ଚଳାଚଳରେ ନିର୍ଗତ ଜିଏଚ୍‌ଜି ସହ ଏହା ପ୍ରାୟ ସମାନ।

ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବ୍ୟବହାର ଯୋଗୁ ନିର୍ଗତ କାର୍ବନ ଡାଇଅକ୍ସାଇଡ ଅତ୍ୟନ୍ତ ଚିନ୍ତାଜନକ। ଏକ ଆକଳନ ଅନୁଯାୟୀ, ଏଆଇ ସିଷ୍ଟମ୍ ଯେଉଁ ପଦ୍ଧତିରେ କାର୍ଯ୍ୟ କରିବ ଓ ବାହ୍ୟ ପରିବେଶକୁ ଅନୁଧ୍ୟାନ କରି ତଥ୍ୟ ଯୋଗାଇବ, ସେ ସମ୍ପର୍କିତ ପ୍ରଶିକ୍ଷଣ ଦ୍ୱାରା ୬୨୬,୦୦୦ ପାଉଣ୍ଡ (୨୮୪,୦୦୦ କେ.ଜି) କାର୍ବନ ଡାଇଅକ୍ସାଇଡ ନିର୍ଗମନ ହୋଇଥାଏ, ଯାହା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ। ଏହା ଜୀବନକାଳରେ ଗୋଟିଏ କାର୍‌ରେ ବ୍ୟବହୃତ ଇନ୍ଧନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡର ୫ ଗୁଣ ଓ ଆଣ୍ଟଲାଣ୍ଟିକ ମହାସାଗର ଦେଇ ଯାଉଥିବା ସମସ୍ତ ବିମାନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍‌ର ୬୦ଗୁଣ। ଏଆଇର ଦ୍ରୁତ ବିକାଶ ଯୋଗୁ ଜିଏଚ୍‌ଜି ନିର୍ଗମନ ପରିମାଣ ଶୀଘ୍ର ବୃଦ୍ଧି ପାଇବା ଆଶଙ୍କା ରହିଛି। ବିଟ୍‌କଏନ୍ ସହ ଜଡ଼ିତ ପ୍ରଯୁକ୍ତି ବ୍ଲକ୍‌ଚେନ୍ ଅଧିକ ମାରାତ୍ମକ। ବିଟ୍‌କଏନ୍ ମାଇନିଂ ବା କାରବାର ଯାଞ୍ଚ କରିବା ପାଇଁ ବ୍ୟବହୃତ କମ୍ପ୍ୟୁଟିଂ ପଦ୍ଧତି ଅତ୍ୟଧିକ ସବୁଜ ଗୃହ ବାଷ୍ପ ନିର୍ଗମନ କରିଥାଏ। ଭାଗ୍ୟବଶତଃ, ଏଆଇ ବ୍ୟବହାର ଯୋଗୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ହ୍ରାସ କରିବା ପାଇଁ ଅନେକ ପଦ୍ଧତି ରହିଛି। ଏଣୁ ଏକ ପରିବେଶ ଅନୁକୂଳ ଏଆଇ ପଦ୍ଧତି ଆପଣାଇବାର ସମୟ ଉପନୀତ। ମୁଖ୍ୟତଃ ଗୃହନିର୍ମାଣ, ବିଦ୍ୟୁତ, ପରିବହନ ଏବଂ କୃଷି କ୍ଷେତ୍ରରେ ଏହି ପଦ୍ଧତି ଉପଯୋଗ କରିବାର ଯଥେଷ୍ଟ ସୁଯୋଗ ରହିଛି। ବିଦ୍ୟୁତ୍ କ୍ଷେତ୍ରରେ ମୋଟ ଜିଏଚ୍‌ଜି ନିର୍ଗମନର ପାଖାପାଖି ଏକ ତୃତୀୟାଂଶ ହେଉଛି ଓ ଏହା ବଢ଼ିବାରେ ଲାଗିଛି। ବିଶେଷକରି ବଡ଼ କମ୍ପାନୀଗୁଡ଼ିକର ଏକ ଗୋଷ୍ଠୀ ବିଦ୍ୟୁତ୍ କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିଛନ୍ତି। ସେମାନେ ସ୍ୱୀକାର କରନ୍ତି ଯେ, ଇଲେକ୍ଟ୍ରିସିଟି ଗ୍ରୀଡ୍ ପ୍ରଭାବୀ ଢଙ୍ଗରେ କାର୍ଯ୍ୟ କରିବା ସକାଶେ ଏଆଇ ହିଁ ଉପଯୋଗୀ। ସେହିଭଳି ଗୁଗଲ ଡିପ୍ ମାଇଣ୍ଡ୍‌ର ଏଆଇ ପ୍ରୋଜେକ୍ଟଗୁଡ଼ିକ ମଧ୍ୟ ପାୱାର ଗ୍ରୀଡ୍‌ରେ ବ୍ୟବହାର କରାଯାଏ। ଏଆଇ ମଧ୍ୟ ଯାନ ଯାତାୟାତ ଆକଳନ କରିବାରେ ସାହାଯ୍ୟ କରିପାରିବ । ଏହା ପାଗ ଓ କୀଟ ସଂକ୍ରମଣର ଆଗୁଆ ଆକଳନ କରି କୃଷି ସଞ୍ଚାଳନର ମାନ ବୃଦ୍ଧି କରିବା ସହ ଶୁଦ୍ଧତା ଆଣିପାରିବ। କିନ୍ତୁ ବିକଶିତ ବୃହତ୍ ପ୍ରଯୁକ୍ତିଭିତ୍ତିକ କମ୍ପାନୀଗୁଡ଼ିକ ଜଳବାୟୁ ସଙ୍କଟ ସହ ଜଡ଼ିତ ହେବାରେ ମାନ୍ଦା ପଡିଯାଇଛନ୍ତି। ଆପଲ ଏବେ ନୂଆ ପ୍ରକାର ଆଇ ଫୋନ୍ କିମ୍ବା ଆଇପଡ୍ ଯୋଗାଇ ଦେବା ଲାଗି ବ୍ୟସ୍ତ। ଏହା ସବୁବେଳେ ପରିବେଶଗତ ଘଟଣାଗୁଡ଼ିକରେ ତା'ର ଅନାଗ୍ରହ ଭାବ ଦେଖାଇ ଆସିଛି। ଏପରି କି ଏହା ଅନ୍ୟ ହାର୍ଡୱେର କମ୍ପାନୀଗୁଡ଼ିକ ଭଳି ଅଧିକ ଇ–ୱେଷ୍ଟ ସମସ୍ୟା ସୃଷ୍ଟି କରୁଛି। ଗତବର୍ଷ ଫେସ୍‌ବୁକ୍ ଏକ ଅନ୍‌ଲାଇନ କ୍ଲାଇମେଟ ସାଇନ୍ସ ଇନଫର୍ମେଶନ ସେଣ୍ଟର ପ୍ରତିଷ୍ଠା କରିବା ପୂର୍ବରୁ ଏହି ବିଷୟରେ ବହୁଦିନ ହେବ ନୀରବ ରହିଥିଲା। ଏମିତି କି ୨୦୨୦ରେ ୧୦ ବିଲିୟନ ଡଲାରର ବେଜୋସ ଆର୍ଥ ଫଣ୍ଡ୍ ଆରମ୍ଭ କରିବା ଯାଏ ଆମାଜନ ଏବଂ ଏହାର ମାଲିକ ଜଳବାୟୁ ସଙ୍କଟ ଉପରେ କୌଣସି ପଦକ୍ଷେପ ନେଇ ନ ଥିଲେ। ତେବେ ଫେସ୍‌ବୁକ ହେଉ କିମ୍ବା ଆମାଜନ, ଏମାନଙ୍କର ଏବକାର ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏମାନେ ପୂର୍ବରୁ ପଦକ୍ଷେପ ନେବା ପରିବର୍ତ୍ତେ ଏତେ ବିଳମ୍ବ କାହିଁକି କଲେ।

ବୃହତ୍ ପ୍ରଯୁକ୍ତିଭିତ୍ତିକ କମ୍ପାନୀଗୁଡ଼ିକ ବିଳମ୍ବରେ ପ୍ରକାଶ କରିଥିବା ପ୍ରତିକ୍ରିୟାରୁ ଜଣାପଡୁଛି ଯେ, ବିଶ୍ୱରେ ସବୁଜ ଗୃହ ବାଷ୍ପ ନିର୍ଗମନ ଶୂନସ୍ତରକୁ ଆଣିବାକୁ ଏଆଇ ବ୍ୟବହାରରେ ବଡ଼ ସମସ୍ୟା ରହିଛି । ଏଆଇ ସିଷ୍ଟମ ପ୍ରାୟତଃ କମ୍ପାନୀଗୁଡ଼ିକର ମାଲିକାନାରେ ରହିଛି ଓ ସେମାନେ ଏଗୁଡ଼ିର ରକ୍ଷକ। ଏଣୁ ଏହି ଗୁରୁତ୍ୱପୂର୍ଣ୍ଣ ସଂସାଧନର ଉତ୍ତମ ଉପଯୋଗ କରିବାକୁ ପଡ଼ିବ। ନୂଆ ପିଢିର ଏଆଇଗୁଡ଼ିକୁ ପ୍ରଶିକ୍ଷଣ ଦେବା ସହ ସଂଗୃହୀତ ତଥ୍ୟସମୂହକୁ ସାର୍ବଜନୀନ କରିବା ଦରକାର। ଏହାକୁ ମଧ୍ୟ ମାନକୀକୃତ ଓ ସହଭାଗୀ କରାଯିବାର ଆବଶ୍ୟକତା ରହିଛି। ଏବେ ଯାହାହେଉ ଏହା ଉପରେ କାର୍ଯ୍ୟ ଚାଲିଛି। 'ସି–୪୦ ନଲେଜ ହବ୍' ବୈଶ୍ୱିକ ନିର୍ଗମନ ଟ୍ରାକ୍ କରିବାକୁ ଏକ ଡାଟା ପରିଚଳନା ବ୍ୟବସ୍ଥା କରିଛି। 'କାର୍ବନ ଟ୍ରାକ୍‌ର' ଏନ୍‌ଜିଓ କୋଇଲାରୁ ଜିଏଚ୍‌ଜି ନିର୍ଗମନ ଜାଣିବା ଲାଗି ସାଟେଲାଇଟ ଡାଟା ବ୍ୟବହାର କରୁଛି। 'ଆଇସବ୍ରେକର ୱାନ୍ ପ୍ରେଜେକ୍ଟ' ବି କମ୍ପାନୀର ପରିବେଶ ଉପରେ କାର୍ବନ ପ୍ରଭାବକୁ ଟ୍ରାକ୍ କରିବା ପାଇଁ ନିବେଶକମାନଙ୍କୁ ସାହାଯ୍ୟ କରୁଛି। କିନ୍ତୁ ଏହି ପଦକ୍ଷେପଗୁଡ଼ିକ ଏବେ ପର୍ଯ୍ୟାପ୍ତ ହେଉନାହିଁ। ଏସବୁ ଅବ୍ୟବସ୍ଥିତ ରହିଛି ଓ ଉପଲବ୍ଧ ଡାଟା ସୀମିତ ରହିଛି। ଏହି ସୀମା ହଟାଇ ଅଧିକ ଡାଟା ସଂଗ୍ରହ କରିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି ଦରକାର। ଏହାହେଲେ ସ୍ଥାନୀୟ କିମ୍ବା ଆଞ୍ଚଳିକ ତଥ୍ୟ ସମୂହକୁ ନେଇ ସବୁ ଦେଶରେ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରିବାରେ ଏଆଇଗୁଡ଼ିକୁ ମାନ୍ୟତା ଦେଇ କାର୍ଯ୍ୟରେ ଲଗାଯାଇପାରିବ। ୨୦୧୯ରେ ୟୁନିଭର୍ସିଟି ଅଫ୍ ପେନ୍‌ସିଲ୍‌ଭାନିଆର ଗବେଷକ ଡାଭିଡ୍ ରୋଲନିକ୍ ଏବଂ ୨୧ ଜଣ ମେଶିନ ଅନୁଧ୍ୟାନକାରୀ ବିଶେଷଜ୍ଞଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ପ୍ରଯୁକ୍ତିକୁ କାର୍ଯ୍ୟକାରୀ କରାଯିବାରେ କୌଣସି ସିଦ୍ଧାନ୍ତର ଅଭାବ ନାହିଁ। କିନ୍ତୁ ଏହା ଆଉ ଏକ ବଡ଼ ଆହ୍ୱାନ ଆମ ସାମ୍ନାକୁ ଆଣୁଛି। କିଏ ଏହିସବୁ ତଥ୍ୟ ଏବଂ ପଦ୍ଧତିର ମାଲିକ ହେବ କିମ୍ବା କିଏ ଏହାକୁ ପରିଚାଳନା କରିବ? ଏବେସୁଦ୍ଧା ଏହାର ଉଚିତ ଉତ୍ତର କାହା ପାଖରେ ନାହିଁ। ଆଗାମୀ ଦଶନ୍ଧିରେ ଆମେ ବିଭିନ୍ନ ପ୍ରସଙ୍ଗରେ ଡାଟା ଚୟନ ଓ ସଂଗ୍ରହ କରି ଶେୟାର କରିବା ଲାଗି ନୂଆ ତଥା ଭରସାଯୋଗ୍ୟ ଏଆଇ ପରିଚାଳନା ବ୍ୟବସ୍ଥା ଆବିଷ୍କାର କରିବାକୁ ହେବ। ଘରୋଇ ଓ ସରକାରୀ ସହଭାଗିତାରେ ଚାଲୁଥିବା ପରିବହନ ଏବଂ ଶକ୍ତି ସେକ୍ଟରରେ ଗବେଷଣା କ୍ଷେତ୍ର ସରକାରୀ ସଂସ୍ଥା ଅଧୀନରେ ରହିବା ଉଚିତ୍। ଏଭଳି ସଂସ୍ଥାଗୁଡ଼ିକର ଅଭାବ ଯୋଗୁ ଅନେକ ସ୍ମାର୍ଟ ସିଟି ଯୋଜନା ବିଫଳ ହେଉଛି। ଏଥିପାଇଁ ଟରଣ୍ଟୋରେ ଗୁଗଲର ସାଇଡ୍‌ୱାକ୍ ଲାବ୍‌ଗୁଡ଼ିକ ହେଉ କିମ୍ବା ପୋର୍ଟଲାଣ୍ଡରେ ରିପ୍ଲିକା ହେଉ, ସେଗୁଡ଼ିକ ଭରସାଯୋଗ୍ୟ ବୋଲି ଲୋକମାନଙ୍କୁ ସେମାନେ ବୁଝାଇପାରୁନାହାନ୍ତି। ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇ କରିବାକୁ ହେଲେ ପ୍ରଯୁକ୍ତି କ୍ଷେତ୍ରକୁ ଠିକ୍ କରିବାକୁ ହେବ। କିଛି ଢାଞ୍ଚାଗତ ପରିବର୍ତ୍ତନ ଆଣିବାକୁ ପଡ଼ିବ ।

ଏଆଇ ଶକ୍ତିକୁ ଠିକ୍ ଭାବେ କାମରେ ଲଗାଇବାରେ ବିଫଳତା ଡାଟା ପ୍ରସ୍ତୁତ କରୁଥିବା ବିଜ୍‌ନେସ ମଡେଲଗୁଡ଼ିକର ପ୍ରଭାବକୁ ପ୍ରତିପାଦିତ କରୁଛି। ଏହା ମଧ୍ୟ ଆମ ସରକାରୀ ସଂସ୍ଥାଗତ ଢାଞ୍ଚାରେ ଗଭୀର ଅସନ୍ତୁଳନକୁ ପ୍ରକାଶ କରୁଛି। ୟୁରୋପିଆନ ୟୁନିୟନର ପ୍ରମୁଖ ଆର୍ଥିକ ସଂସ୍ଥା ୟୁରୋପିଆନ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍ ଭଳି ଅନେକ ଆର୍ଥିକ ସଂସ୍ଥା ରହିଥିଲେ ବି କେହି ଡାଟା ସଂଗ୍ରହ କରି ଯୋଗାଇବା କାର୍ଯ୍ୟ ପାଇଁ ଯୋଗ୍ୟ ନୁହନ୍ତି। ଆମ ପାଖରେ ଇଣ୍ଟର୍‌ନ୍ୟାଶନାଲ ମନିଟାରି ଫଣ୍ଡ୍ ଏବଂ ୱାର୍ଲ୍ଡ ବ୍ୟାଙ୍କ୍ ରହିଛି, କିନ୍ତୁ ସେଭଳି ୱାର୍ଲ୍ଡ ଡାଟା ଫଣ୍ଡ୍ ନାହିଁ। ଏହି ସମସ୍ୟାର ସମାଧାନ ଯେ ହୋଇପାରିବ ନାହିଁ ତାହା ନୁହେଁ। ଏହାକୁ ସ୍ୱୀକାର କରି ଗମ୍ଭୀରତାର ସହ ବିଚାରକୁ ନେବା ଆବଶ୍ୟକ। ଏହା ହେଲେ ଏଆଇ କ୍ଷେତ୍ରରେ ସବୁଜ ବା ପରିବେଶ ଅନୁକୂଳ ନିବେଶରେ ଅର୍ଥ ରାଶି ବଢ଼ିବ। ଏହାଦ୍ୱାରା ମୌଳିକ ଡାଟା ସଂଗ୍ରହ ଓ ଉପଯୋଗ ତଥା ବିତରଣ ପାଇଁ ପାଣ୍ଠି ବି ମିଳିବ, ଯାହା ଅତ୍ୟନ୍ତ ଜରୁରୀ ।

**ପ୍ରଫେସର କଲେକ୍ଟିଭ ଇଣ୍ଟେଲିଜେନ୍ସ, ପବ୍ଲିକ୍ ପଲିସି ଆଣ୍ଡ୍ ସୋସିଆଲ ଇନୋଭେସନ, ୟୁନିଭର୍ସିଟି କଲେଜ,ଲଣ୍ଡନ**

# ଶରୀରର ଆଧିଭୌତିକ ରହସ୍ୟ



ରିତେଶ କୁମାର ଶିଶୁ

ଆମେ ଜାଣୁ ଯେ, ଆମ ଶରୀର ରକ୍ତ ମାଂସରେ ଗଢ଼ା। କିନ୍ତୁ ବିଜ୍ଞାନ କହେ, ଏହି ଶରୀର କେତେକ ମୌଳିକ ପଦାର୍ଥକୁ ନେଇ ଏକ ରାସାୟନିକ ସରଞ୍ଜନା ମାତ୍ର, ଯେଉଁଥିରେ ଅହରହ ରାସାୟନିକ ପ୍ରକ୍ରିୟାମାନ ଚାଲୁ ରହିଛି। ଆମ ଶରୀରର କୋଷଗୁଡ଼ିକୁ ଭାଙ୍ଗି ଭାଙ୍ଗି ଗଲେ ଶେଷରେ କିଛି ମୌଳିକ ପଦାର୍ଥର ଅଣୁ ଓ ପରମାଣୁକୁ ପାଇବା ; ଯେପରି କି ଅଙ୍ଗାରକ, ଅମ୍ଳଯାନ, ଉଦ୍‌ଯାନ, ଲୌହ, କ୍ୟାଲ୍‌ସିୟମ, ଫସ୍‌ଫରସ୍, ସୋଡିୟମ୍, କ୍ଲୋରିନ୍, ପଟାସିୟମ, ମାଙ୍ଗାନିଜ୍ ଇତ୍ୟାଦି। ଏହି ମୌଳିକଗୁଡ଼ିକ ଆମ ଶରୀରରେ ନିର୍ଦ୍ଧାରିତ ମାତ୍ରାରେ ସନ୍ତୁଳିତ ହୋଇ ଥାଆନ୍ତି ଏବଂ ଆମ ଶରୀରରେ ବିଭିନ୍ନ ପ୍ରକାର ରାସାୟନିକ ପ୍ରକ୍ରିୟା କରନ୍ତି, ଯାହା ଆମ ଶରୀରରେ ବିକାଶ ଓ ବିନାଶର କାର୍ଯ୍ୟ ନିର୍ବାହ କରନ୍ତି। ଆମେ ଖାଉଥିବା ଖାଦ୍ୟ ମାଧ୍ୟମରେ ଏହି ମୌଳିକଗୁଡ଼ିକ ଆମ ଶରୀରକୁ ମିଳିଥାଆନ୍ତି। ବେଳେବେଳେ ଏହି ମୌଳିକ ଖାଦ୍ୟସାରଗୁଡ଼ିକର କମ୍ ବା ଅଧିକ ହୋଇ ଶରୀରରେ ଅସନ୍ତୁଳିତ ହୋଇଗଲେ ଆମ ଦେହ ଖରାପ ହୋଇଥାଏ।

ପଦାର୍ଥ ବିଜ୍ଞାନର ପରିଭାଷା ଅନୁଯାୟୀ ଆମ ଶରୀରର ଆକାର, ଆମେ ସାଧାରଣ ଭାବରେ ଦେଖୁଥିବା ଶରୀରର ଆକାରକୁ ଯଦି ତୁଳନା କରିବା, ଯାହା ନିଶ୍ଚୟ ଆପଣଙ୍କୁ ଚକିତ କରିଦେବ। ବିଜ୍ଞାନର ତଥ୍ୟ କହେ, ମୌଳିକ ପଦାର୍ଥଗୁଡ଼ିକ ମଧ୍ୟରେ ଥିବା ଅତି କ୍ଷୁଦ୍ର ପରମାଣୁଗୁଡ଼ିକର ଅଭ୍ୟନ୍ତରର ଅଧିକାଂଶ ଭାଗ ଫମ୍ପା ବା ଶୂନ୍ୟ ଥାଏ। ପରମାଣୁ ସରଞ୍ଜନା ଦୃଷ୍ଟିରୁ କେନ୍ଦ୍ରରେ ଏକ ନାଭି ଥାଏ, ଯାହା ଚାରିପଟେ ଇଲେକ୍ଟ୍ରନଗୁଡିକ ତରଙ୍ଗାୟିତ ଭାବରେ ଅତି କ୍ଷିପ୍ର ଗତିରେ ଘୂର୍ଣ୍ଣନ କରୁଥା'ନ୍ତି ଏବଂ ଏହାର ଅଭ୍ୟନ୍ତର ଅଞ୍ଚଳର ୯୯.୯୯% ଶୂନ୍ୟ ବା ଫମ୍ପା ଥାଏ। ଏହିପରି କେତେଗୁଡ଼ିଏ ପରମାଣୁକୁ ନେଇ ଏକ ମୌଳିକ ଉପାଦାନର ଅତି ସୂକ୍ଷ୍ମ ଅଣୁ ଗଠିତ ଏବଂ ଏହିପରି ସହସ୍ରାଧିକ ଅଣୁ ମିଶି ଏକ ମୌଳିକ ପଦାର୍ଥ ସୃଷ୍ଟି ହୁଏ, ଯାହା ଆମ ଶରୀର ଗଠନର ମୁଖ୍ୟ ଉପାଦାନ। ଏହି ତଥ୍ୟ ଅନୁଯାୟୀ ଆମ ଶରୀରର ୯୯.୯୯% ଶୂନ୍ୟ ବା ଫମ୍ପା। ଏହାକୁ ଆମେ ଖାଉଥିବା ସୁନପାମ୍ପୁଡ଼ି ସହିତ ତୁଳନା କରାଯାଇପାରେ, ଯେପରି ଏକ ବଡ଼ ଆକାରର ସୁନପାମ୍ପୁଡ଼ିକୁ ଚାପିଦେଲେ ଏହା ମଧ୍ୟରେ ଥିବା ଶୂନ୍ୟ ସ୍ଥାନ କମିଯାଇ ଏହା ଏକ ଛୋଟ ମଟର ଦାନା ପରି ହୋଇଯାଏ। ସେହିପରି ଆମ ଶରୀର ମଧ୍ୟରେ ଥିବା ଅନେକ ପ୍ରକାରର ମୌଳିକ ପଦାର୍ଥର ପ୍ରତ୍ୟେକ ପରମାଣୁଗୁଡ଼ିକ ମଧ୍ୟରେ ଥିବା ଏହି ଫମ୍ପା ବା ଶୂନ୍ୟ ଅଂଶକୁ ଯଦି କୌଣସି ଉପାୟରେ ଯଥାସମ୍ଭବ କମ୍ କରିଦିଆଯିବ, ତେବେ ଆମ ଏହି ପୃଥିବୀରେ ରହୁଥିବା ସମସ୍ତ ମଣିଷମାନଙ୍କ ଶରୀରର ସମ୍ପୂର୍ଣ୍ଣ ବସ୍ତୁତ୍ୱ ଏକ ଛୋଟ ସେଓ ଫଳ ଆକାରର ହୋଇଯିବ। ଏଥିରୁ ଅନୁମାନ କରନ୍ତୁ, ଆମେ କେଉଁ ପ୍ରକାରର ଏକ ବିଚିତ୍ର ମାୟାଜାଲପୂର୍ଣ୍ଣ ସଂସାରରେ ବାସ କରୁଛେ!

ଆମେ ସମସ୍ତେ ଜାଣୁ ପରମାଣୁ ବମ୍ ବିସ୍ଫୋରଣ ହେଲେ କିମ୍ବା ବିଦ୍ୟୁତ୍ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ପରମାଣୁ ରିଆକ୍ଟରରେ ତ୍ରୁଟି ଦେଖାଦେଲେ ମାରାତ୍ମକ ତେଜସ୍କ୍ରିୟ ବିକିରଣ ହୁଏ। କିନ୍ତୁ ଆମ ଶରୀର ମଧ୍ୟ ଏହି ତେଜସ୍କ୍ରିୟ ବିକିରଣର ଏକ ଗନ୍ତାଘର ବୋଲି ବହୁତ କମ୍ ଲୋକ ଜାଣିଥିବେ। ତେଜସ୍କ୍ରିୟ ବିକିରଣ ସାଧାରଣତଃ ତେଜସ୍କ୍ରିୟ ମୌଳିକ ପଦାର୍ଥ ଯଥା ରେଡିୟମ୍, ୟୁରାନିୟମ, ଥୋରିୟମ୍, ପଟାସିୟମ୍–୪୦ ଆଇସୋଟୋପ ଆଦିରୁ ହୋଇଥାଏ। ଆମ ଶରୀରରେ ମଧ୍ୟ ଏହିସବୁ ମୌଳିକ ପଦାର୍ଥ ଅଳ୍ପ ବହୁତେ ଅଛି। ସେଥିମଧ୍ୟରୁ ପଟାସିୟମ୍–୪୦ ଆଇସୋଟୋପ ଅଧିକ ମାତ୍ରାରେ ଅଛି, ଯାହା ଅତି ମାରାତ୍ମକ ଗାମା ରଶ୍ମି ବିକିରଣ କରିବାକୁ ସକ୍ଷମ। କିନ୍ତୁ ଏଥିରୁ ବାହାରୁଥିବା ବିକିରଣ ମାତ୍ରା ଆମ ଶରୀର ପାଇଁ କ୍ଷତିକାରକ ହୁଏ ନାହିଁ। ଗବେଷଣାରୁ ଜଣାପଡିଛି ଯେ, ଯେଉଁ ବ୍ୟକ୍ତି ଯେତେ ମୋଟା ସେ ସେତେ ଅଧିକ ତେଜସ୍କ୍ରିୟ ବିକିରଣ କରିଥାଆନ୍ତି। ଆକଳନ କରାଯାଇଛି କି, ଯଦି ୧,୦୦,୦୦,୦୦୦ ଲୋକଙ୍କୁ ଏକ ସ୍ଥାନରେ ୮ ଘଣ୍ଟା ପାଇଁ ଆବଦ୍ଧ କରି ରଖାଯାଏ, ତେବେ ସେମାନଙ୍କଠାରୁ ନିର୍ଗତ ତେଜସ୍କ୍ରିୟ ବିକିରଣ ଦ୍ୱାରା ପରସ୍ପର ୨୦ ଦିନ ମଧ୍ୟରେ ମୃତ୍ୟୁବରଣ କରିବେ।

ତେଣୁ ଆମ ଶରୀର ପଦାର୍ଥ ବିଜ୍ଞାନ ଓ ରାସାୟନିକ ବିଜ୍ଞାନର ଏକ ପ୍ରାକୃତିକ ପ୍ରୟୋଗଶାଳା, ଯାହା ପ୍ରକୃତିରେ ମିଳୁଥିବା ଏହି ମୌଳିକ ଉପାଦାନଗୁଡ଼ିକ ଉପରେ ସର୍ବଦା ନିର୍ଭରଶୀଳ। ଏହିଭଳି ଏକ ସମାନ ଉକ୍ତି ଶ୍ରୀମଦ୍ ଭଗବଦ୍ ଗୀତାରେ ମଧ୍ୟ ଉଲ୍ଲିଖିତ ଅଛି। ଯଥା– ପ୍ରକୃତେଃ କ୍ରିୟମାଣାନୀ ଗୁଣୈଃ କର୍ମଣୀ ସର୍ବଶଃ, ଅହଙ୍କାର ବମୂଢ଼ାତ୍ମା କର୍ତାହମତି ମନ୍ୟତେ। ଅର୍ଥାତ୍ ସଂସାରର ସବୁ କାର୍ଯ୍ୟ ପ୍ରକୃତିର ତାଡ଼ନାରେ ସଂଘଟିତ ହେଉଛି, କିନ୍ତୁ ଅହଂକାରବଶତଃ ଅଜ୍ଞ ମଣିଷ ମୁଁ ସବୁ କରୁଛି ବୋଲି ଭାବେ। ସତରେ କେତେ ବିଚିତ୍ର ଆମ ଜୀବନର ରହସ୍ୟ।

**ଦଧିବାବନପୁର, କଟକ**
**ମୋ:୮୦୧୮୮୩୪୭୩୪**

## ଏଇ ଭାରତରେ

ପ୍ରକୃତି ଓ ପରିବେଶକୁ ଭଲ ପାଇବା କେତେ ଗଭୀର ହୋଇପାରେ ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଜଣେ ଇଞ୍ଜିନିୟରଙ୍କ ଜୀବନରେ। କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟର ଆଭା ପାଣ୍ଡେ ରହୁଛନ୍ତି ଗୁରୁଗ୍ରାମରେ । ସେ ରହୁଥିବା ଘର ଅଗଣାରେ ପରିବା ଚାଷ, ଫୁଲ ଚାଷ କରୁଛନ୍ତି ଓ ୩୩ କିସମର ଫୁଲ ଫୁଟାଉଛନ୍ତି। ବର୍ଜ୍ୟ ଭାବେ ଲୋକମାନେ ଫିଙ୍ଗି ଦେଉଥିବା ବାଥ୍‌ଟବ, ଡବା, ବାଲ୍‌ଟି ଆଦିରେ ଗଛ ଲଗାଇଛନ୍ତି। ଘରମାଲିକ ମଧ୍ୟ ଏହି କାର୍ଯ୍ୟରେ ତାଙ୍କ ସହ ସାମିଲ ହୋଇଛନ୍ତି। କେବଳ ଏତିକି ନୁହେଁ ଆଭା ରହୁଥିବା ଘର ସାମ୍ନାରେ ଥିବା କମ୍ୟୁନିଟି ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି। ପାର୍କରେ ଲୋକମାନେ ପକାଉଥିବା ଅଳିଆ ସଫା କରି ପାର୍କର ଶୋଭା ବଢ଼ାଇଛନ୍ତି। ନଗର ନିଗମ କର୍ମଚାରୀଙ୍କୁ ମଧ୍ୟ ପାର୍କ ତଥା ସେ ରହୁଥିବା ଆଖପାଖ ଅଞ୍ଚଳକୁ କିଭଳି ସଫା ରଖାଯାଇପାରିବ ସେଥିପ୍ରତି ସଚେତନତା ସୃଷ୍ଟି କରୁଛନ୍ତି। ଲୋକମାନେ ଅଳିଆ ଫିଙ୍ଗୁଥିବା ସ୍ଥାନଗୁଡ଼ିକରେ ସେ ଗଛ ଲଗାଇ ତାହାକୁ ବନ୍ଦ କରୁଛନ୍ତି। ଆଭାଙ୍କ ଏଭଳି ଅଭିଯାନକୁ ଲକ୍ଷ୍ୟ କରି ସେଠାକାର ଲୋକମାନେ ତାଙ୍କ ସହ ସାମିଲ ହୋଇଛନ୍ତି। ସେମାନେ ପାର୍କରେ ଖାଲି ଜାଗା ଓ ଅନ୍ୟ ସ୍ଥାନଗୁଡ଼ିକରେ ଗଛ ଲଗାଇବା ଆରମ୍ଭ କରିଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ସେପ୍ଟେମ୍ବର ୧୯୯୬**

- ବାଂଲାଦେଶର ବହିଃଶୁଳ୍କ ଅଫିସରମାନେ ବିମାନବନ୍ଦରରୁ ୧.୮ ନିୟୁତ ଆମେରିକା ଡଲାର ମୂଲ୍ୟର ଚୋରା ସୁନା ଜବତ କରିଛନ୍ତି।
- କାବେରୀ ଜଳ ବଣ୍ଟନ ପାଇଁ କର୍ନାଟକ ଓ ତାମିଲନାଡୁ ଉଭୟ ରାଜ୍ୟ ସରକାର ଏକ ନୀତିଗତ ନିଷ୍ପତ୍ତିରେ ଉପନୀତ ହୋଇଛନ୍ତି।
- ମଧ୍ୟପ୍ରଦେଶର ରାୟପୁର ଜିଲ୍ଲାରେ ରାଜ୍ୟ ସରକାରଙ୍କର ଭୂତତ୍ତ୍ୱ ଓ ଖଣି ନିର୍ଦ୍ଦେଶାଳୟ ପକ୍ଷରୁ ଏକ ନୂଆ ସୁନାଖଣିର ସନ୍ଧାନ ମିଳିଛି।

## su|do|ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 4 | | 6 | | | | 7 | |
| | | 3 | | | | 9 | | 1 |
| | | | | | | | 8 | |
| | 2 | | | 7 | | 8 | | |
| | | | | | | 4 | 6 | 3 |
| | 8 | | | | 3 | | | |
| 8 | 1 | | | | | | 3 | 5 |
| 5 | | | | | 8 | | 4 | |
| 7 | | | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 6 | 9 | 2 | 4 | 7 | 3 | 1 |
| 1 | 3 | 7 | 6 | 5 | 8 | 9 | 2 | 4 |
| 9 | 4 | 2 | 1 | 7 | 3 | 8 | 6 | 5 |
| 2 | 1 | 8 | 3 | 6 | 5 | 4 | 7 | 9 |
| 4 | 7 | 9 | 2 | 8 | 1 | 3 | 5 | 6 |
| 6 | 5 | 3 | 7 | 4 | 9 | 2 | 1 | 8 |
| 7 | 9 | 5 | 4 | 3 | 6 | 1 | 8 | 2 |
| 3 | 6 | 1 | 8 | 9 | 2 | 5 | 4 | 7 |
| 8 | 2 | 4 | 5 | 1 | 7 | 6 | 9 | 3 |

ଗତକାଲିର ଉତ୍ତର

# ମହୋତ୍ସବର ଅମୃତ



ଉପେନ୍ଦ୍ର ବିଶ୍ୱାଳ

ଏଇମାତ୍ର ପୂରିଛି ୭୫ବର୍ଷ। ଆରମ୍ଭ ହୋଇଯାଇଛି ସ୍ୱାଧୀନତାର ଅମୃତ ମହୋତ୍ସବ। ଅର୍ଥାତ ବର୍ଷତମାମ ମହୋତ୍ସବ ମାଧ୍ୟମରେ ଅମୃତ ସନ୍ଧାନରେ ବ୍ରତୀ ରହିବ ଭାରତ। ସେଇ 'ଅମୃତ' ସମ୍ବନ୍ଧେ ଆଗକୁ ଆମର ଆଲୋଚନା। ତା'ପୂର୍ବରୁ ଟିକିଏ ମାତ୍ର ମନ୍ଥନ କରିବା ଏଇ ୭୫ବର୍ଷକୁ ନେଇ। କାଳର ଅନନ୍ତ ପ୍ରବାହରେ ୭୫ବର୍ଷ କିଛି ବି ନୁହଁ ସତ କିନ୍ତୁ ୭୫ ବର୍ଷର ଏହି ଦୀର୍ଘ ଅବଧି ଥିଲା ସ୍ୱାଧୀନୋତ୍ତର ଭାରତକୁ ଗଢ଼ିବାରେ, ଆଗକୁ ବଢ଼ିବାରେ ମାହେନ୍ଦ୍ର ମୁହୂର୍ତ୍ତ। ସମସାମୟିକ ସ୍ୱାଧୀନତା ପାଇଥିବା ବା ଆମ ପଛରେ ପରାଧୀନ ମୁକ୍ତ ହୋଇଥିବା ଜାପାନ, ଚାଇନା ଆଦି ଦେଶ ଆମଠାରୁ କାହିଁ କେତେ ଆଗରେ। ପୁନଶ୍ଚ ୧୯୪୭ ଅଗଷ୍ଟ ୧୫ରେ କ୍ଷମତା ହସ୍ତାନ୍ତର ସମୟରେ ଇଂଲଣ୍ଡର ତତ୍କାଳୀନ ଇମ୍ପେରିଆଲ ବ୍ୟାଙ୍କରେ ପ୍ରାୟ ୩୪୫୨ କୋଟି ଟଙ୍କା ଗଚ୍ଛିତ ଥିଲା ଆମର। ଅର୍ଥାତ ଅପର୍ଯ୍ୟାପ୍ତ ଅର୍ଥ ଇଂରେଜମାନେ ଲୁଟିନେଇ ଚାଲିଗଲା ପରେ ବି (କେବଳ ଇଂରେଜଙ୍କ ଦ୍ୱାରା ପ୍ରାୟ ୨୭୮ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ, ୨୦୧୨ ମସିହାର ମୂଲ୍ୟାୟନ। ପୁନଶ୍ଚ ଆଜି ଦିନରେ ବି ଆମ ସମୃଦ୍ଧ ଅତୀତର ସାକ୍ଷୀ ହେଉଛି ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ପୁରୀ ଏମାର ମଠରେ ପୋତା ସମ୍ପତ୍ତି, ଯେଉଁଠୁ ୨୦୧୦ରେ ଖନନ ସମୟରେ ବି ଉଦ୍ଧାର ହୋଇଥିଲା ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ରୁପା ଇଟା। ସୌଜନ୍ୟ – ସ୍ମୃତି ସୌରଭର ସ୍ୱପ୍ନ ସମୃଦ୍ଧିର) ଏକ ଅଭାବୀ ବା ନିଅଣ୍ଟିଆ ଦେଶ ନ ଥିଲା ବରଂ ଅନ୍ୟ ଦେଶ ତୁଳନାରେ ଥିଲା ଏକ ବଳକା ଦେଶ। କାହିଁକି କେଜାଣି ସ୍ୱାଧୀନତା ପରେ ରାଷ୍ଟ୍ର ଉତ୍ଥାନର ଉତ୍ସାହ, ଉଚ୍ଛ୍ୱାସ, ଉଦ୍ଦୀପନା ଊଣା ହୋଇ ଚାଲିଲା ଧୀରେ ଧୀରେ। ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତି ସ୍ୱାର୍ଥ ପ୍ରାଧାନ୍ୟ ପାଇଲା। ଦେଶ ପ୍ରଗତିର, ଜାତି ଜାଗରଣର ଜୋସ୍ ହ୍ରାସ ପାଇଲା। ସହସ୍ର ସହସ୍ର ଶହୀଦଙ୍କ ଶୋଣିତରେ ସିକ୍ତ ଯେଉଁ ମାଟି, ସେ ମାଟିରେ ସତେଯେମିତି ମଡ଼କ ପଡ଼ିଲା ଦେଶପ୍ରେମ। ଦୃଢ଼ମନା ହୋଇ ଦେଶକୁ ଗଢ଼ିବା ପରିବର୍ତ୍ତେ ଶୀର୍ଷ ନେତୃତ୍ୱ ସୁଖ–ସଉକର ଶେଠ ବନିଗଲେ। ଦେଶବାସୀଙ୍କ ଭିତରେ ବି ବଢ଼ି ବଢ଼ି ଚାଲିଲା ସ୍ୱାର୍ଥୀ ମନୋବୃତ୍ତି। ଜନ ମାନସିକତା ମଉଜ–ମଜ୍‌ଲିସ ମୁହାଁ ହେଇଗଲା। ଫଳତଃ ଦୁର୍ନୀତି ଏକ ମହାଦ୍ରୁମରେ ପରିଣତ ହେବାକୁ ଲାଗିଲା। ଅନ୍ୟାୟ, ଅନୀତି, ଅଧର୍ମ, ଅନାଚାର ଆଦି ସାରା ଦେଶକୁ ମାଡି ବସିଲା। ଫଳରେ ତ୍ୟାଗର ଭୂମିରେ ଆଜି ଭୋଗର ଭୋକ। ଦେଶରେ ଦେଶପ୍ରେମର ଏଭଳି ଦୁର୍ଭିକ୍ଷ ସମୟରେ ରାଷ୍ଟ୍ରଭକ୍ତିର ନିର୍ଝରିଣୀ ଆଗାମୀ ଭାରତ ପାଇଁ ଆଶ୍ୱାସନାର ଆଶା ସଞ୍ଚାର କରେ। ଆତ୍ମପ୍ରତ୍ୟୟ ଅଭାବରୁ ଜଡ଼ପ୍ରାୟ ଜାତିର ସୁପ୍ତ ପ୍ରାଣରେ ରାଷ୍ଟ୍ରପ୍ରେମ ଭରି ସେମାନଙ୍କୁ ଜାଗ୍ରତ କରିବାର ଅଭିନବ ଅଭିଯାନ ଅତ୍ୟନ୍ତ ଅଭିନନ୍ଦନୀୟ। ଜାତିପ୍ରୀତି ଜାଗରଣର ପ୍ରଥମ ପର୍ବରେ ଅନୁଷ୍ଠିତ ହେଉଛି ଦେଶପ୍ରେମର କବିତା ଆସର ତଥା ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି। ଏହାରି ମାଧ୍ୟମରେ କ୍ରାନ୍ତିକାରୀ, ବଳିଦାନୀମାନଙ୍କୁ ସ୍ମରଣପୂର୍ବକ ପ୍ରତିଟି ପ୍ରାଣରେ 'ରାଷ୍ଟ୍ରବୋଧ'ର ବାର୍ତ୍ତା ଭରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ। ପ୍ରେମ–ଫଗୁଣ–ପ୍ରଣୟକୁ ନେଇ ମାତିଥିବା କବିମାନଙ୍କୁ ଜୀବନରେ ଅନ୍ତତଃ ପ୍ରଥମ ଥର ପାଇଁ (ଯଦି) ହେଲେ ବି ମାତୃ ମନ୍ତ୍ରରେ ଦୀକ୍ଷିତ ହେବାର ସୁଯୋଗ ଦେଲା ଏହି ଅମୃତ ମହୋତ୍ସବ। ଅବଶ୍ୟ ପ୍ରହ୍ଲାଦଙ୍କ ମୁହଁରେ 'ହରିନାମ' ଅପେକ୍ଷା ହିରଣ୍ୟକଶିପୁଙ୍କ ମୁହଁରୁ ଉଚ୍ଚାରିତ 'ହରିନାମ' ଅଧିକ ଆନନ୍ଦଦାୟକ। ସାହିତ୍ୟ ଜଗତରେ ସମ୍ପ୍ରତି ଫାହିତ୍ୟର ପ୍ରାବଲ୍ୟ। ସାହିତ୍ୟ ଭୂମିରେ ଶସ୍ତା ପ୍ରେମ ଫସଲ। ଯେଉଁ ସାହିତ୍ୟ ଦିନେ କଙ୍କାଳ ଦେହରେ ପ୍ରାଣ ସଞ୍ଚାର କରିବାକୁ ପଣ କରିଥିଲା, ଜାତିକୁ ଜାଜ୍ୱଲ୍ୟମାନ କରିବାକୁ ବଜ୍ର ଆହ୍ୱାନ ଦେଉଥିଲା, ଅନ୍ୟାୟ ବିରୋଧରେ ଲଢ଼ିବାକୁ ବିହଙ୍ଗମାନଙ୍କ ଭିତରେ ବି ବିପ୍ଳବର ବୀଜ ବପନ କରୁଥିଲା ; ସେଇଠି ଆଜି ସମାଜ ଜୀବନର ଛବି, ରାଷ୍ଟ୍ରୀୟତାର ଛବି ସାହିତ୍ୟ ଆକାଶରୁ ଉଭାନ। ସାହିତ୍ୟର ଏତାଦୃଶ ଅବତରଣକୁ ନେଇ ବ୍ୟଥିତ କବି ପ୍ରାଣର ଆବେଦନ–

'ଚୋରା ଚଇତାଳି ରସିକ ବିଳାସେ
ଭାସିଲେ କି ହେବ ଭାଇ, ଭାରତ ମାତାର
ଚରଣରେ ଯଦି ଦେବାକୁ କିଛି ବି ନାହିଁ । ଲେଖାରେ
ତେବେ ଭରିଦେବା ଆସ ରାଷ୍ଟ୍ରପ୍ରେମର ଗୀତି, ତାହା
ହିଁ ହେବ ମାଆ ପ୍ରତି ଆମ ଶ୍ରେଷ୍ଠ ଭକ୍ତି ମୁକତି' ।।

ଅତଏବ, ଏହି 'ଅମୃତ ମହୋତ୍ସବ' ମାଧ୍ୟମରେ ରାଷ୍ଟ୍ରଭକ୍ତିର କବିତା ଆସର ଖୁବ୍ ପ୍ରଶଂସନୀୟ। ରାଷ୍ଟ୍ରବୋଧର ଅଭାବ ବା ଅବକ୍ଷୟ ତମଷାଚ୍ଛନ୍ନ କରିଦିଏ ରାଷ୍ଟ୍ରର ଭାଗ୍ୟାକାଶକୁ। ତନ୍ଦ୍ରାଚ୍ଛନ୍ନ କରିରଖେ ଜାତିକୁ। ଦେଶପ୍ରୀତିର ଅଭାବରେ ମାତୃଭୂମି ପ୍ରତି ମମତ୍ୱର ବି ଅଭାବ ହୁଏ। ମଉଳିଯାଏ ସମ୍ପର୍କର ମଧୁରତା। ସମନ୍ୱୟ ଓ ସମ୍ବେଦନଶୀଳତା ହ୍ରାସ ଘଟେ। ଫଳତଃ ଭ୍ରଷ୍ଟାଚାର ବ୍ୟାପିବା ସହିତ ସଂକୀର୍ଣ୍ଣ ସ୍ୱାର୍ଥୀ ହୋଇଉଠେ ମଣିଷ। ବ୍ୟକ୍ତିର ଦୃଷ୍ଟି ନିଜଠାରେ ନିବଦ୍ଧ ରୁହେ। ଜାତିର ଜୀବନନାଟିକା ସଦୃଶ ଜାତୀୟ ସଂହତି ବ୍ୟାହତ ହେବା ସହିତ ସଂସ୍କୃତିର ସଙ୍କରୀକରଣ ଦେଖାଦିଏ। ପରିଣତିରେ ଦେଶ ଦୁର୍ଦ୍ଦିନ ଆଡକୁ ଅଗ୍ରସର ହୁଏ ଧୀରେ ଧୀରେ। ରାଷ୍ଟ୍ରୀୟତାର ମଡ଼କ ହେଲେ ରାଷ୍ଟ୍ରର ଅସ୍ମିତା, ଅଖଣ୍ଡତା ପ୍ରତି ବିପଦ ଘନେଇ ଆସେ। ଅର୍ଥାତ ପତନମୁଖୀ ହୁଏ ରାଷ୍ଟ୍ର। ମୁଣ୍ଡ ବିହୀନ ଶରୀର ଯାହା, ରାଷ୍ଟ୍ରବୋଧର ଅଭାବ ହେଉଛି ତାହା। ରାଷ୍ଟ୍ରବୋଧର ଜାଗରଣ ହିଁ ରାଷ୍ଟ୍ରକୁ ବିବିଧ ସଙ୍କଟରୁ ରକ୍ଷା କରିଥାଏ। ଯେଉଁ ଜାତିର ରାଷ୍ଟ୍ରବୋଧ ଯେତେ ଅଧିକ, ସେ ଜାତି ସେତେ ସମୃଦ୍ଧ, ସମୁନ୍ନତ, ସେତିକି ଗୌରବାନ୍ୱିତ, ମହିମାମଣ୍ଡିତ। ରାଷ୍ଟ୍ରଭକ୍ତିର ଏପରି ଗୌରବ ଗାଥା କୁହେ ଦୁଇ ଦଶନ୍ଧିର ଭିଏତ୍‌ନାମ – ଆମେରିକା ଯୁଦ୍ଧ, ଏଗାର ବର୍ଷର ଭିଏତ୍‌ନାମ–ଚାଇନାର ସୀମା ଯୁଦ୍ଧ, ବର୍ଷଅଧିକ କାଳର ଜାପାନ–ସଂଯୁକ୍ତ ରୁଷ୍ ଯୁଦ୍ଧ ଆଦି। କ୍ଷୁଦ୍ର ଦେଶ ଭିଏତ୍‌ନାମ ଓ ଜାପାନର ଜୟଗୀତି ଲେଖିଛି, ଦେଶପ୍ରେମ ଦେଖିଛି ଏ ଯୁଦ୍ଧ। ରାଷ୍ଟ୍ରବୋଧର ଅଭାବ ହିଁ ଅସ୍ତଗାମୀ କରାଇଥାଏ ଭୂମିର ଭାଗ୍ୟକୁ, ଅତୀତ ଭାରତ ଭୋଗିଲାପରି। ନ ହେଲେ ହଜାର ହଜାର ମାଇଲ ଦୂରରୁ ଆସିଥିବା ହାତଗଣତି କେଇଟା ଆକ୍ରମଣକାରୀ କ'ଣ ବୃହତ୍ ସୁନାର ଏ ଭୂଖଣ୍ଡକୁ ଶହ ଶହ ବର୍ଷ ଧରି ଏମିତି ଶାସନ–ଶୋଷଣ କରି ଲହୁ–ଲୁହାଣ କରିଥାନ୍ତେ କି? ଦେଶପ୍ରେମ ଅଭାବରେ କେବଳ ବିପନ୍ନ ହୁଏନି ଭୂଖଣ୍ଡ ; ସାମୂହିକ, ସାମଗ୍ରିକ ଓ ଶାଶ୍ୱତ ବିକାଶ ବି ତା'ର ବାଧାପ୍ରାପ୍ତ ହୁଏ। ଜାତିର ଉତ୍ଥାନ ବା ରାଷ୍ଟ୍ରର ସମୃଦ୍ଧି ତ ସ୍ୱତଃ ପାତାଳରୁ ଫୁଟି ବାହାରି ନଥାଏ ବା ସ୍ୱର୍ଗରୁ ଛିଣ୍ଡି ନଥାଏ ! ମାଟିର ସନ୍ତାନମାନେ ହିଁ ଗଢ଼ିଥାନ୍ତି ମାଟିକୁ ମାଟିମନସ୍କପଣିଆ ଦ୍ୱାରା। ଏହି ମାଟିମନସ୍କ ଭାବ ହିଁ ବ୍ୟକ୍ତି ହୃଦୟରେ ମହତ ଭାବକୁ ଉଜାଗର କରାଇଥାଏ। ମଣିଷ ମହାନତା ମାର୍ଗରେ ଅନୁଧାବନ କରେ। ମାଟିର ମହତ ବୃଦ୍ଧି ପାଇଁ ସାଧନା କରେ, ଶ୍ରମ ସ୍ୱୀକାର କରେ। ଏଣୁ ପ୍ରତିଟି ଭୂଖଣ୍ଡର ଭବ୍ୟ ଭବିଷ୍ୟତ ପାଇଁ ରାଷ୍ଟ୍ରବୋଧ ଏକାନ୍ତ ଜରୁରୀ। ରାଷ୍ଟ୍ରବୋଧ ହେଉଛି ମାଆର ମଙ୍ଗଳାଚରଣ। ମର୍ଯ୍ୟାଦାର ମହକ। ସର୍ଜନାର ସୂତ୍ର। ସମ୍ଭାବନାର ସଂଘୋଷ। ଜାତିର ଜୟଗୀତି।

ରାଷ୍ଟ୍ରବୋଧ–ସଂସ୍କୃତିର ସୌରଭ। ରାଷ୍ଟ୍ରୀୟ ଚେତନାକୁ ବିକଶିତ କରାଏ ରାଷ୍ଟ୍ରବୋଧ। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ସମଷ୍ଟିର ସ୍ୱାର୍ଥ କଥା କୁହେ ରାଷ୍ଟ୍ରବୋଧ। ଦେଶପ୍ରେମ ରହିଲେ ମଣିଷ ଅଧିକ ସମ୍ବେଦନଶୀଳ ହୁଏ। ଦେଶର ସମ୍ପତ୍ତି, ସଂଶାଧନକୁ ନଷ୍ଟ କରିବାକୁ ଅପରାଧ ବୋଲି ବିବେଚନା କରେ। ଅତଏବ ହେ ରାଷ୍ଟ୍ର ମନ୍ଦିରର କୋଟି ପୂଜାରୀ ଦଳ, ଆସ ସେହି ଅମୃତ ସନ୍ଧାନରେ ବ୍ରତୀ ହେବା। ରାଷ୍ଟ୍ର ଜାଗରଣରେ ଭାଗୀଦାର ହେବା। ମନରେ ଦୃଢ଼ ସଂକଳ୍ପ ଭରିବା – 'ମରିବା ତ ମାଟି ପାଇଁ, ଜିଇବା ତ ଜାତି ପାଇଁ'। ଯେମିତି କି ସାରା ଦୁନିଆ ଆଗାମୀ ଦିନରେ ଭାରତକୁ ପୁଣି ଦେଖିବ ଜଗତଗୁରୁ ଭାବରେ। ଆମେ ରହୁ ବା ନ ରହୁ, ମାତୃଭୂମିର ଗୌରବ–ସୌରଭ ଅକ୍ଷୁଣ୍ଣ ରହୁ।

**ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର**
**ମୋ:୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ ହେଉ

ମହାଶୟ,

ସରକାରୀ ବିଦ୍ୟାଳୟଗୁଡ଼ିକ ଜନସାଧାରଣଙ୍କ ଅନୁଦାନ ଓ ଅବଦାନରେ ତଥା ଶିକ୍ଷକମାନଙ୍କ ଉଦ୍ୟମରେ ହିଁ ପ୍ରତିଷ୍ଠା ହୋଇଥିଲା। ତେଣୁ ପିଲାମାନେ ଶିକ୍ଷିତ ଓ ପ୍ରତିଷ୍ଠିତ ହୋଇପାରିଲେ। ପରେ ସରକାର ଏହାକୁ ହାତକୁ ନେଇ ନିର୍ଦ୍ଧାରିତ ଦରମା ଦେଲେ। ଏବେ ଏହି ସ୍କୁଲଗୁଡ଼ିକୁ ଆବଶ୍ୟକ ଶିକ୍ଷକ ଯୋଗାଇ ଦେଇ ପାରୁନାହାନ୍ତି କାହିଁକି? ଶିକ୍ଷକମାନଙ୍କୁ ଶୈକ୍ଷିକ ପରିବେଶରେ ନ ରଖି ରାଜନୈତିକ ସ୍ୱାର୍ଥ ହାସଲ କାର୍ଯ୍ୟରେ ନିଯୁକ୍ତ କରୁଛନ୍ତି । ଛତୁ ଫୁଟିଲା ପରି ବେସରକାରୀ ବିଦ୍ୟାଳୟ ଗଢ଼ି ଉଠୁଥିବାରୁ ସେମାନଙ୍କ ପ୍ରତି ଯଦି ଏତେ ଦରଦ, ତେବେ ସେମାନଙ୍କ ଅନୁସୃତ ପ୍ରଣାଳୀ ଓ ମାଧ୍ୟମକୁ ଗ୍ରହଣ କରିନାହାନ୍ତି କାହିଁକି? ଯଦି ଅଭିଭାବକମାନଙ୍କ ଅବସ୍ଥା ଅନୁଭବ କରୁଛନ୍ତି, ତେବେ ସୁନ୍ଦର କୋଠାବାଡ଼ି କରିଦେଲେ ପିଲା ଓ ଅଭିଭାବକ ଉପକୃତ ହୋଇଯିବେ ନା ସମୟ ଚାହୁଁଥିବା ଶିକ୍ଷା ପ୍ରଣାଳୀ ଅନୁସୃତ ହେଲେ ଉପକୃତ ହେବେ , ତାହା ବିଚାର କରିବା ଆବଶ୍ୟକ।

**–ବନମାଳୀ ବେହେରା, ସାକ୍ଷୀଗୋପାଳ**

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ! –(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪ ବର୍ଷ ଧରି ନାବାଳିକାଙ୍କୁ ବଳାତ୍କାର, ନିର୍ଯାତନା

**ନୟାଗଡ଼ ଅଫିସ,୨୨।୯**

- କଡ଼ା ସୁରକ୍ଷା ବଳୟରେ ଚାଲିଛି ଚିକିତ୍ସା
- ଟେର ପାଇଲାନି କ୍ରାଇମ୍‌ବ୍ରାଞ୍ଚ, ପୋଲିସ
- ଝିଅକୁ ଚେନ୍ନାଇରୁ ଉଦ୍ଧାର କଲେ ବାପା

ଗତ ୪ ବର୍ଷ ତଳେ ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳରୁ ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହେବା ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଭାର ଗ୍ରହଣ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ବି ସଫଳତା ପାଇ ନ ଥିଲା। ଶେଷରେ ନାବାଳିକାଙ୍କ ବାପା ନିଜ ଉଦ୍ୟମରେ ଝିଅକୁ ଚେନ୍ନାଇରୁ ଉଦ୍ଧାର କରିଛନ୍ତି। ୪ ବର୍ଷ ଧରି ତାଙ୍କୁ ବଳାତ୍କାର କରାଯାଇଥିଲା। ଏଥିରେ ପ୍ରତିବାଦ କଲେ ତାଙ୍କୁ ମାଡ଼ ଖାଇବାକୁ ପଡିଥିଲା। ନିର୍ଯାତନା ପରେ ତାଙ୍କୁ ଭୋକ ଉପାସରେ ରଖାଯାଉଥିଲା। ବାହାର ଦୁନିଆ ସହିତ ତାଙ୍କର କୌଣସି ସମ୍ପର୍କ ନ ଥିଲା। ଏପରି ସ୍ଥିତିରେ ନାବାଳିକା ଜଣକ ଗୁରୁତର ହୋଇପଡିଛନ୍ତି। ତାଙ୍କୁ ଏବେ କଡ଼ା ସୁରକ୍ଷା ମଧ୍ୟରେ ଚିକିତ୍ସା କରାଯାଉଛି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ସାଇକେଲରେ ଟିଉଶନ୍ ଯାଉଥିବା ବେଳେ ୨୦୧୭ ଜୁନ୍‌ରେ ନିଖୋଜ ହୋଇ ଯାଇଥିଲେ। କଲ୍ୟାଣପୁର ଗାଁର ପ୍ରତାପ ଜେନା ଜଣେ ସହଯୋଗୀଙ୍କ ସହାୟତାରେ ତାଙ୍କୁ ବାଇକ୍‌ରେ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ହେଲେ ନାବାଳିକାଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ପ୍ରତାପ ନାବାଳିକାଙ୍କୁ ନେଇ ଚେନ୍ନାଇରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ତେବେ ଅପହରଣରେ ବ୍ୟବହୃତ ବାଇକ୍‌କୁ ପୋଲିସ ଜବତ କରିଥିଲେ ମଧ ତଦନ୍ତ ଆଉ ଆଗକୁ ବଢ଼ି ପାରି ନ ଥିଲା। ଏନେଇ ଏସ୍‌ପି ଏବଂ ଡିଜିପିଙ୍କୁ ପରିବାର ଲୋକ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଶେଷରେ ପରିବାର ଲୋକେ ନିଜ ଝିଅକୁ ଉଦ୍ଧାର କରିବାକୁ ଅନୁରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୦ ଜାନୁୟାରୀରେ ହାଇକୋର୍ଟ ଘଟଣାର ତଦନ୍ତ କରିବାକୁ କ୍ରାଇମ୍‌ବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମ୍‌ବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲା। ଏହାପରେ ନାବାଳିକାଙ୍କ ବାପା ନିଜ କର୍ମକ୍ଷେତ୍ର ଚେନ୍ନାଇ ଚାଲି ଯାଇ ସେଠାରେ ଝିଅକୁ ଖୋଜିବାରେ ଲାଗି ପଡିଥିଲେ। ଏପଟେ ପୀଡ଼ିତାଙ୍କ ମା ଏବଂ ଭାଇ ଗାଁରେ ରହୁଥିଲେ। ବିଭିନ୍ନ ସମୟରେ ପ୍ରତାପଙ୍କ ପରିବାର ଲୋକ ପୀଡ଼ିତାଙ୍କ ମା'ଭାଇଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ଧମକ ଚମକ ଦେଉଥିଲେ। ଏପରି ସ୍ଥିତିରେ ପୀଡ଼ିତାଙ୍କ ମା' ଓ ଭାଇ ଗାଁ ଛାଡି ବ୍ରହ୍ମପୁର ଚାଲିଯାଇ ସେଠାରେ ରହିଥିଲେ। ଅନ୍ୟପକ୍ଷେ ନାବାଳିକାଙ୍କୁ ପ୍ରତାପ ଚେନ୍ନାଇରେ ରଖି ନିର୍ଯାତନା ଦେଇ ଚାଲିଥିଲେ। ଗତ ସପ୍ତାହରେ ନାବାଳିକା କୌଶଳକ୍ରମେ ପ୍ରତାପଙ୍କ କବଳରୁ ଖସି ଆସିଥିଲେ। ନୟାଗଡ଼ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଏଥିରେ ସହଯୋଗ କରି ପୀଡ଼ିତାଙ୍କ ବାପାଙ୍କୁ ଖବର ଦେଇଥିଲେ। ଝିଅକୁ ଗୁରୁତର ଅବସ୍ଥାରେ ପାଇବା ପରେ ପୀଡ଼ିତାଙ୍କ ପରିବାର ପକ୍ଷରୁ କ୍ରାଇମ୍‌ବ୍ରାଞ୍ଚକୁ ସୂଚନା ଦିଆଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କୁ ନିଜ ହେପାଜତକୁ ନେଇ କଡ଼ା ସୁରକ୍ଷା ବଳୟ ଭିତରେ ନୟାଗଡ଼ ଜିଲାର ଏକ ଡାକ୍ତରଖାନାରେ ଭର୍ତ୍ତି କରିଛି।

ଏନେଇ ପୀଡ଼ିତାଙ୍କ ମା'ବାପା ଓ ଅଜା କୁହନ୍ତି, ଝିଅ କିଛି କହି ପାରୁନାହିଁ। ତାର ପ୍ରବଳ ରକ୍ତସ୍ରାବ ହେଉଛି। ଗତ ୪ ବର୍ଷ ଧରି ତାକୁ ବଳାତ୍କାର କରାଯିବା ସହ ନିର୍ଯାତନା ଦିଆଯାଉଥିବା ସେ କହୁଛି। ଏଣୁ ବଳାତ୍କାରୀକୁ ଫାଶୀ ଦେଲେ ମଧ କମ୍ ଦଣ୍ଡ ହେବ। ଏହି ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

# ପାଣିଘେରରେ ବସ୍ତା ଥାନା, କୋର୍ଟ



ପାଣି ଘେରରେ ଥିବା ଏକ ଗାଁ।

**ରୂପ୍‌ସା/ବସ୍ତା,୨୨।୯(ଡି.ଏନ.ଏ.)**

- ଜଳକାରେ ବନ୍ୟା ସ୍ଥିତି ଗମ୍ଭୀର
- ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ, ଓଡ୍ରାଫ୍ ଟିମ୍

ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲା ଜଳକା ନଦୀରେ ବନ୍ୟା ସ୍ଥିତି ଗମ୍ଭୀର ହୋଇପଡ଼ିଛି। ବସ୍ତା ବ୍ଲକର ୧୩ ଓ ସଦର ବ୍ଲକର ୨ଟି ପଞ୍ଚାୟତରେ ପାଣି ପଶିଛି। ବିଭିନ୍ନ ସ୍ଥାନରେ ଗାଁ ଓ ମୁଖ୍ୟ ରାସ୍ତା ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗାନ୍ଧୀଛକ- ବାଲିଆପାଳ ରାସ୍ତାର କୁଡ଼ିଆ ଚଟାଣଠାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବସ୍ତା ଥାନା, ଏସ୍‌ଡିପିଓ କାର୍ଯ୍ୟାଳୟ, କୋର୍ଟ ପରିସରରେ ପାଣି ପଶିଯାଇଛି। ହଜାର ହଜାର ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଥିବାରୁ କ୍ଷତି ଆଶଙ୍କାରେ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଓଡ୍ରାଫ୍ ଟିମ୍ ସହ ଅଗ୍ନିଶମ ବିଭାଗ କର୍ମଚାରୀ ଜଳଘେରରେ ଥିବା ଲୋକ, ଗୃହପାଳିତ ପ୍ରାଣୀ, ଆସବାବପତ୍ର ଆଦିକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୮ଟି ପଞ୍ଚାୟତର ୨୪୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିବା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସୂଚନା ଦେଇଛି। ମଥାନୀଠାରେ ଜଳକା ନଦୀର ବିପଦ ସଂକେତ ୫.୫ ମିଟର ଥିବାବେଳେ ବୁଧବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ୭.୩୧ ମିଟରରେ ପ୍ରବାହିତ ହେଉଥିଲା। ରାତି ୯ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୬.୮୭ ମିଟରରେ ପ୍ରବାହିତ ହେଉଥିବା ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଦାସ କହିଛନ୍ତି। ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ଏକତାଳିଠାରେ ଜମ୍ବୀରା ନଦୀର ପ୍ରାୟ ଦୁଇଶହ ଫୁଟ୍ ବନ୍ଧ ଭାଙ୍ଗିଯିବା କାରଣରୁ ହଠାତ୍ ଜଳକାର ଜଳସ୍ତର ବୃଦ୍ଧି ପାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସ, ବିଡ଼ିଓ ଜ୍ଞାନରଞ୍ଜନ ସାହୁ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଦାସ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି।

# ୫ ଲକ୍ଷ ଟଙ୍କା ଫେରିପାଇବେ ଜମାକାରୀ

**ମୁମ୍ବାଇ,୨୨।୯**

**ପିଏମ୍‌ସି ସହ ୨୦ ବିଫଳ ବ୍ୟାଙ୍କ ସାମିଲ**

ବିଫଳ ହୋଇଥିବା ୨୧ ସମବାୟ ବ୍ୟାଙ୍କର ଜମାକାରୀ ୫ ଲକ୍ଷ ଟଙ୍କା ଯାଏ ଫେରିପାରିବେ। ଏହା ମଧ୍ୟରେ ପଞ୍ଜାବ ଏବଂ ମହାରାଷ୍ଟ୍ର ସମବାୟ (ପିଏମ୍‌ସି) ବ୍ୟାଙ୍କ ସହ ଅନ୍ୟ ୨୦ ବ୍ୟାଙ୍କ ରହିଥିବା ଜଣାପଡ଼ିଛି। ଡିପୋଜିଟ ଇନ୍‌ସ୍ୟୁରାନ୍ସ ଆଣ୍ଡ କ୍ରେଡିଟ ଗ୍ୟାରେଣ୍ଟି କର୍ପୋରେଶନ ଅଫ୍ ଇଣ୍ଡିଆ(ଡିଆଇସିଜିସି) କହିଛି, ନିୟମରେ ସଂଶୋଧନ କରାଯିବା ସହ ୯୦ଦିନ ମଧ୍ୟରେ ଜମାକାରୀଙ୍କ ଆକାଉଣ୍ଟରେ ନିର୍ଦ୍ଧାରିତ ଅର୍ଥ ଜମା କରିଦିଆଯିବ। ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟରେ ରୁପି କୋଅପରେଟିଭ ବ୍ୟାଙ୍କ, କପୋଲ କୋଅପରେଟିଭ ବ୍ୟାଙ୍କ, ମରାଠା କୋଅପରେଟିଭ ବ୍ୟାଙ୍କ, ସିଟି କୋ. ବ୍ୟାଙ୍କ ରହିଛନ୍ତି। ଏହି ବ୍ୟାଙ୍କଗୁଡିକର ଜମାକାରୀ ସେମାନଙ୍କ ଜମା ଅର୍ଥ ଫେରିପାଇବା ଲାଗି ଅନେକ ଦିନ ହେବ ଅପେକ୍ଷା କରି ରହିଛନ୍ତି। କୌଣସି ବ୍ୟାଙ୍କ ବିଫଳ ହେଲେ ରିଜର୍ଭ ବ୍ୟାଙ୍କ ଏହାକୁ ମୋରାଟୋରିୟମ ପରିସରଭୁକ୍ତ କରାଇଥାଏ। ଆର୍‌ବିଆଇ ବିନା ଅନୁମତିରେ ଏହି ବ୍ୟାଙ୍କଗୁଡିକ ସେମାନଙ୍କ ଆସେଟ ଏବଂ ଲାଏବିଲିଟିକୁ ନେଇ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିପାରିବେ ନାହିଁ। ବ୍ୟାଙ୍କର ସ୍ଥିତି ସଙ୍କଟକୁ ଚାଲିଯିବାରୁ ଜମାକାରୀ ସେମାନଙ୍କ ଅର୍ଥ ଫେରିପାଇବାରେ ସମସ୍ୟା ଉପୁଜିଥାଏ। ପିଏମ୍‌ସି ବ୍ୟାଙ୍କର ରିଜୋଲ୍ୟୁଶନ ଲାଗି ସେଣ୍ଟ୍ରମ ଏବଂ ଭାରତ ପେ ଆଗ୍ରହ ଦେଖାଇଛନ୍ତି। ଜମାକାରୀଙ୍କୁ ଜମା ଫେରାଇବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଅଗଷ୍ଟ ୨୭ରେ ଡିଆଇସିଜିସି ସଂଶୋଧନ ଆଇନ ସମ୍ପର୍କରେ ସରକାର ବିଜ୍ଞପ୍ତି ଜାରି କରିଥିଲେ। ସେପ୍ଟେମ୍ବର ପହିଲାରୁ ଏହାକୁ ଲାଗୁ କରିବାର ନିୟମ ରହିଥିଲା। ଜମାକାରୀ ସେମାନଙ୍କ ବୀମା ଅର୍ଥ ଫେରିପାଇବା ଲାଗି ଆଗ୍ରହପତ୍ର ପ୍ରଦାନ କରିବେ। ଅକ୍ଟୋବର ୧୫ ସୁଦ୍ଧା ବୀମା ଦାବି ସଂକ୍ରାନ୍ତ ତାଲିକା ବ୍ୟାଙ୍କ ପ୍ରଦାନ କରିବ। ଚୂଡ଼ାନ୍ତ ତାଲିକା ନଭେମ୍ବର ୨୯ ସୁଦ୍ଧା ଦେବାକୁ କୁହାଯାଇଛି। ବୀମା କ୍ଲେମ୍ କରିବା ଲାଗି ଯେଉଁ ଜମାକାରୀ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। ଏଭଳି ପଦକ୍ଷେପ ଦ୍ୱାରା ମହାରାଷ୍ଟ୍ରର ଜମାକାରୀ ବିଶେଷ ଭାବେ ଲାଭବାନ୍ ହୋଇପାରିବେ। ସେଠାରେ ୧୧ ସମବାୟ ବ୍ୟାଙ୍କ ବିଫଳ ହୋଇଥିବାରୁ ଅନେକ ଲୋକଙ୍କ ଅର୍ଥ ଫସି ରହିଛି। ସେହିଭଳି କର୍ଣ୍ଣାଟକର ୫, ଅନ୍ୟ ୫ ସମବାୟ ବ୍ୟାଙ୍କ କେରଳ, ପଞ୍ଜାବ, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରୁ ବୋଲି ଜଣାପଡ଼ିଛି।

# ବେକରେ ଚୁନିର ଗୁଡ଼ାଇହୋଇ ଶିଶୁକନ୍ୟାର ମୃତ୍ୟୁ

**ଛାତରେ ଖେଳୁଥିବା ବେଳେ ଅଘଟଣ**

**ବ୍ରହ୍ମପୁର ଅଫିସ,୨୨।୯:** ଛାତରେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଜଣେ ୯ ବର୍ଷ ଶିଶୁକନ୍ୟାର ବେକରେ ଚୁନିର ଗୁଡ଼ାଇ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଶିଶୁ ଜଣକ ପୋଲସରା ଥାନା ଅନ୍ତର୍ଗତ ହୀରାପଲ୍ଲୀ ଗ୍ରାମର ଯୁଧିଷ୍ଠିର ଡାକୁଆଙ୍କ ଝିଅ ଯମୁନା। ମେଡିକାଲ ଫାଣ୍ଡି ପୋଲିସ ବୁଧବାର ମୃତଦେହ ଜବତ କରିବା ସହ ୪୭୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାରୁ ପ୍ରକାଶ, ମଙ୍ଗଳବାର ଯମୁନା ତା'ର କେତେଜଣ ସାଙ୍ଗଙ୍କ ସହ ଘର ଛାତରେ ଏକ ଚୁନିରରେ ସ୍କିପିଂ କରୁଥିଲା। ଅସାବଧାନତାରୁ ଚୁନିରଟି ତା' ଗୋଡ଼ରେ ଗୁଡ଼ାଇ ହୋଇଯିବାରୁ ଏହି ଅଘଟଣ ଘଟିଥିଲା। ଉକ୍ତ ମୁକୁଳା ଛାତରୁ ବାହାରି ଥିବା ଲୁହାଛଡ଼ରେ ଚୁନିର ଗୋଟିଏ ପଟ ଗୁଡେଇ ହୋଇଯାଇଥିଲା। ଫଳରେ ସେ ଛିଟିକି ଯାଇ ଛାତ ତଳକୁ ଖସି ପଡିଥିଲା। ଶିଶୁଟି ଛାତରୁ ତଳକୁ ଖସି ପଡ଼ିବା ବେଳେ ଚୁନିର ଗୋଟିଏ ପଟ ତା' ବେକରେ ଗୁଡ଼ାଇ ହୋଇଯାଇଥିଲା। ଛାତରେ ଖେଳୁଥିବା ପିଲାମାନଙ୍କ ଚିତ୍କାର ଶୁଣି ଘର ଲୋକ ସେଠାକୁ ଦୌଡ଼ିଥିଲେ। ଯମୁନା ଛାତ ଲୁହାଛଡ଼ରେ ଝୁଲୁଥିବା ଦେଖି ତାକୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତା'ର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ନେଇ ଘୋଷଣା କରିଥିଲେ।

# ଓଏଏସ୍ ଅଫିସରସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ଓଏଏସ୍ ଅଫିସରସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ସମ୍ବଲପୁର ମ୍ୟୁନିସପାଲିଟି କର୍ପୋରେଶନର ପୂର୍ବତନ କମିଶନର ଅନିରୁଦ୍ଧ ପ୍ରଧାନ ସମ୍ବଲପୁର ଆର୍‌ଡିସିଙ୍କ କାର୍ଯ୍ୟାଳୟର ରେଜିଷ୍ଟ୍ରାର ଭାବେ ବଦଳି ହୋଇଛନ୍ତି। ସେ ମଧ ସମଲେଇ ବିକାଶ ପ୍ରକଳ୍ପରେ ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସମ୍ବଲପୁର ବିଶ୍ୱବଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ସୀତାରାମ ପଟେଲ ଅତିରିକ୍ତ ଆଇଜି ଭାବେ ଭୁବନେଶ୍ୱରସ୍ଥିତ ଜେଲ ନିର୍ଦ୍ଦେଶାଳୟକୁ ବଦଳି ହୋଇଛନ୍ତି। ସେହିପରି ଓଏଏସ ଅଧିକାରୀ ତଥା ଗଞ୍ଜାମ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ ପାଟଣାଗଡ଼ ଉପଜିଲାପାଳ ଭାବେ ବଦଳି ହୋଇଛନ୍ତି। ଦଶପଲ୍ଲା ତହସିଲଦାର ଅକ୍ଷୟ କୁମାର ଖେମୁଣ୍ଡୁ ମାଲକାନାଗିରିର ଉପଜିଲାପାଳ ଭାବେ ବଦଳି ହୋଇଛନ୍ତି।

**EXTENTION OF TIMELINE OF EOI**

No. PP-35

Expression of Interest No. 1857 dated 31.08.2021 published in "The Sambad", The Pragativadi" & "The Times of India" on 01.09.2021 inviting bids for selection of Architect for 16th Toshali National Crafts Mela to be organised from 15th to 27th December 2021 is hereby extended up to **30.09.2021 (2.00 PM)**. Interested bidders may download the EOI documents available in the website www.sidacodisha.org.in, www.crafts.odisha.gov.in, www.odisha.gov.in/textiles and apply within the above stipulated time. The bidders applied earlier for the same need not apply further.

Authority reserves the right to reject any or all bids without assigning any reason thereof.

OIPR-03017/11/0002/2122 Member Secretary

State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O- Khandagiri, Bhubaneswar - 751030
Tel/Fax No.+91 (0) 674 2351389, 2350310, E-mail: sidacorissa@gmail.com, Web site: www.sidacodisha.org.in
SIDAC

# ଅଧରାତିରେ ଜଙ୍ଗଲରେ ଲୁଚିଲେ ଶ୍ରମିକ



ଶ୍ରମିକମାନେ କାମ କରୁଥିବା ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟ୍।

**ଗୁଣପୁର,୨୨।୯(ଡି.ଏନ୍.ଏ.)**

- ଆନ୍ଧ୍ରରେ ଓଡ଼ିଆ ଦାଦନ ଶ୍ରମିକଙ୍କୁ ଜାଳିଦେବାକୁ ଧମକ
- ଫେରାଇନେବାକୁ ଭିଡିଓ ମାଧ୍ୟମରେ ନିବେଦନ

ପୁଣି ସାମ୍ନାକୁ ଆସିଛି ଦାଦନ ଦୁଃଖ। ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ନ ପାଇ ଗୁଣପୁର ଉପଖଣ୍ଡ ଅଧୀନ ଦୁର୍ଗମ ପୁଟାସିଂ, ପିଣ୍ଡାଗୁଡ଼ି, ପଦ୍ମପୁର ଏବଂ ମୁନିଗୁଡ଼ା ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶ ୱେଷ୍ଟ ଗୋଦାବରୀ ଜିଲା ଭୀମବାରମ୍ ଅଞ୍ଚଳର ଜାଙ୍କାରାମସ୍ଥିତ ଏକ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟକୁ ଯାଇଥିଲେ। ସେଠାରେ ସେମାନଙ୍କୁ କାମ କରାଇ ଟଙ୍କା ନ ଦେଇ ଅକଥନୀୟ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଟଙ୍କା ମାଗିବା ଓ ନିର୍ଯାତନା ଦେବା ସମୟର ଭିଡିଓ କେତେଜଣ ଶ୍ରମିକ ଉଠାଉଥିବା ବେଳେ ସେମାନଙ୍କୁ ଏକ କୋଠରିରେ ରଖି ମାଡ଼ ମରାଯାଇଥିବା ଶ୍ରମିକମାନେ କହିଛନ୍ତି। ଫସି ରହିଥିବା ଶ୍ରମିକମାନେ ଭିଡିଓ ମାଧ୍ୟମରେ ଉଦ୍ଧାର ପାଇଁ ନିବେଦନ କରିଛନ୍ତି। ଏହି ଶ୍ରମିକମାନଙ୍କ ମଧ୍ୟରେ ୪ ମହିଳା ମଧ ରହିଥିବା ଜଣାପଡ଼ିଛି।

ଶ୍ରମିକମାନେ ୩ମାସ ତଳେ କାମ ପାଇଁ ଆନ୍ଧ୍ରକୁ ଯାଇଥିଲେ। ସେଠାରେ ନିର୍ଯାତନାର ଶିକାର ହେବାପରେ ପୁଟାସିଂ ଅଞ୍ଚଳର ଜଣେ ବିବାହିତା ମହିଳା ତାଙ୍କ ସ୍ୱାମୀଙ୍କୁ ଘଟଣା ବିଷୟରେ ଫୋନ୍‌ରେ ଜଣାଇଥିଲେ। ଏହାପରେ ସ୍ୱାମୀ ତ୍ରିନାଥ ଦଳେଇ ପୁଟାସିଂରୁ ଆନ୍ଧ୍ର ଯାଇଥିଲେ। ସେଠାରେ ବାହାର ଲୋକଙ୍କୁ ପ୍ରବେଶ ନ ଥିବାରୁ ତ୍ରିନାଥ ସେଠାରେ କାମ କରିବା ବାହାନାରେ ସେପ୍ଟେମ୍ବର ୯ରେ ଚିଙ୍ଗୁଡ଼ି ଉତ୍ପାଦନ ୟୁନିଟରେ ପ୍ରବେଶ କରିଥିଲେ। ତ୍ରିନାଥ ଦାଦନ ଖଟିବାକୁ ଯାଇଥିବା ଶ୍ରମିକମାନଙ୍କୁ ନିର୍ଯାତନା ଦିଆଯାଉଥିବା ସମୟର ଭିଡିଓ ଉତ୍ତୋଳନ କରିଥିଲେ। ଏହା ଜାଣିବା ପରେ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରି ମାଲିକ ଓ ସୁପରଭାଇଜର ତ୍ରିନାଥ ଓ ଅନ୍ୟ ଜଣେ ଶ୍ରମିକଙ୍କୁ ଏକ କୋଠରି ମଧ୍ୟରେ ରଖି ଦୁଇଘଣ୍ଟା ପର୍ଯ୍ୟନ୍ତ ମାଡ଼ ମାରିବା ସହ ବାହାରୁ କବାଟ ବନ୍ଦ କରି ଚାଲିଯାଇଥିଲେ। ତ୍ରିନାଥଙ୍କ ସ୍ତ୍ରୀ ସେମାନଙ୍କୁ କୌଣସି ପ୍ରକାରେ ମୁକୁଳାଇଥିଲେ। ଏମିତିକି ପୋଡ଼ି ମାରିଦେବାକୁ ଧମକ ଦେବାରୁ ପ୍ରାଣଭୟରେ ଶ୍ରମିକମାନେ ମଙ୍ଗଳବାର ରାତିଅଧରେ ଲୁଚି ପାଖ ଜଙ୍ଗଲକୁ ପଳାଇଥିବା ଅଭିଯୋଗ ହୋଇଛି। ବୁଧବାର ସକାଳେ ଶ୍ରମିକମାନେ ଆନ୍ଧ୍ରର ୧୦୦ ନଂ. କୁ ଯୋଗାଯୋଗ କରି ସମସ୍ତ ବିଷୟ ପୋଲିସକୁ ଜଣାଇଥିଲେ। ବିଳମ୍ବରେ ହେଲେ ମଧ ସେଠାକାର ପୋଲିସ ସମସ୍ତ ଶ୍ରମିକଙ୍କୁ ଉଦ୍ଧାରକରି ତଦନ୍ତ କରିଥିଲେ। ଶ୍ରମିକମାନଙ୍କ ସମସ୍ତ ପାରିଶ୍ରମିକ ଦେବାକୁ ପୋଲିସ ପରେ ଫ୍ୟାକ୍ଟ୍ରି ମାଲିକଙ୍କୁ କହିଥିଲେ। ଏମିତିକି ଆନ୍ଧ୍ରର ସ୍ଥାନୀୟ ଅଞ୍ଚଳର କେତେଜଣ ନେତା ମଧ ଓଡ଼ିଆ ଶ୍ରମିକମାନଙ୍କୁ ସହଯୋଗ କରିଥିବା ତ୍ରିନାଥ କହିଛନ୍ତି। ତେବେ ପୋଲିସର ତାଗିଦ ସତ୍ତ୍ୱେ ଫ୍ୟାକ୍ଟ୍ରି ମାଲିକ ସମସ୍ତ ପ୍ରାପ୍ୟ ନ ଦେଇ କମ୍ ଟଙ୍କା ଦେଇଥିବା ସେମାନେ କହିଛନ୍ତି।

ଉଲ୍ଲେଖଥାଉ କି, ଜୁଲାଇ ୨୯ ରାତିରେ ରାୟଗଡ଼ା ଜିଲାର ଗୁଣପୁର ଅଞ୍ଚଳର ୫ ଏବଂ ଗଜପତି ଜିଲାର ଜଣେ ଶ୍ରମିକ ଦାଦନ ଖଟିବାକୁ ଯାଇ ଆନ୍ଧ୍ରର ଲାଙ୍କାଭାନିଦିବା ଗ୍ରାମର ଚିଙ୍ଗୁଡ଼ି ପ୍ରୋସେସିଂ ସେଣ୍ଟରର ଅସ୍ଥାୟୀ କୋଠରିରେ ଜୀବନ୍ତ ଦଗ୍ଧ ହୋଇଥିଲେ। ସେ ସମୟରେ ମଧ ଶ୍ରମିକଙ୍କ ପରିବାର ଲୋକେ କମ୍ପାନୀ ମାଲିକଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 14202/IND-II-PH-915 ତାରିଖ 18.09.2021

No. CAD-1255

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ଶୋଭନ କୁମାର ମହାପାତ୍ର ଓଡ଼ିଶାର ଗଞ୍ଜାମ ଜିଲ୍ଲା, କୁକୁଡ଼ାଖଣ୍ଡି ତହସିଲ ଅନ୍ତର୍ଗତ ଭଗବାନପୁର ଗ୍ରାମରେ ୧୭.୫୪୭ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ଭଗବାନପୁର ଡେକୋରେଟିଭ୍ ପଥର ଖଣିରୁ ବାର୍ଷିକ ୬୦୦୦ ଘନ ମିଟର ପଥର ଉତ୍ତୋଳନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୭।୧୦।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଗଞ୍ଜାମ ଜିଲ୍ଲା, ଭଗବାନପୁର ମୌଜା, ଲାଂଜିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ଲଟ୍ ନଂ. ୫୦୭ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ବିଲ୍‌ଡିଂଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଞ୍ଜାମ, ଛତ୍ରପୁର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଞ୍ଜାମ, ଛତ୍ରପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଞ୍ଜାମ, ଛତ୍ରପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର** ।
୬. ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ

OIPR-08012/11/0098/2122

**The Odisha Small Industries Corporation Ltd.**
(A Government of Odisha Undertaking)
(*An ISO:9001:2008 certified Govt. Company*)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1260 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4108 Dt.22.09.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of different electrification work like installation of all in one solar lights, High Mast solar light, Soar street light, solar dual pump water supply system etc under Special Central Assistant (SCA) for LWE affected District for the year 2020-21.

Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

OIPR-14073/11/0042/2122 Sd/-MANAGING DIRECTOR

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JAJPUR**
jajpurrwd@yahoo.com
Letter. No. 4308 / Date 17.09.2021
'E' PROCUREMENT NOTICE NO. Tender Online
No.O-734:- 03 JJPT of 2021-22

| | | | |
|---|---|---|---|
| 1 | Name of work | : | Fixation of Signboards and Road Furniture. |
| 2 | Total No. of work | : | 16 Nos. road work. |
| 3 | Estimated cost (Approx.) | : | 1.33 Lakhs to 15.50 Lakhs |
| 4 | Period of completion | : | 1 Month |
| 5 | Class of contractors | : | C & D |

Other details as follows:

| | | | |
|---|---|---|---|
| a) | Procurement officer | : | Executive Engineer, Rural Works Division, Jajpur |
| b) | Availability of tender online & submission of bid | : | 24.09.2021 at 11.00 A.M. to 04.10.2021 upto 5.00 P.M. |
| c) | Last date & time of seeking of tender clarification | : | 04.10.2021 up to 1:00 P.M. |
| d) | Opening of tender | : | 05.10.2021 at 11.30 A.M. |

Further details can be seen from the Govt. website www.tendersodisha.gov.in

Sd./- 17.09.2021
Executive Engineer, Rural Works Division, Jajpur
OIPR-25047/11/0003/2122




୨୨।୦୯।୨୦୨୧

| ୩,୧୬,୦୨୧ଟଙ୍କା | |
|---|---|
| ସୁନା | ୧୪.୪୦୦ଗ୍ରାମ |
| ରୁପା | ୬.୭୦୦ ଗ୍ରାମ |

## ସଂକ୍ଷେପରେ

### ପୋଲିଂ, କାଉଣ୍ଟିଂ ଏଜେଣ୍ଟଙ୍କୁ ଦିଆଯିବ ଟିକା

**ପୁରୀ ଅଫିସ,୨୨।୯:** ପିପିଲି ଉପନିର୍ବାଚନ ପ୍ରଚାର ଓ ଭୋଟିଂରେ କୋଭିଡ୍ କଟକଣା ମାନିବା ପାଇଁ ରିଟର୍ନିଂ ଅଫିସର ପ୍ରଦୀପ କୁମାର ସାହୁ ସମସ୍ତ ରାଜନୈତିକ ଦଳକୁ ଅପିଲ୍ କରିଛନ୍ତି। ସେହିପରି ଆସନ୍ତା ୨୫ ଓ ୨୬ ତାରିଖରେ ପିପିଲି ନିର୍ବାଚନମଣ୍ଡଳୀର ଉଭୟ ବ୍ଲକ୍‌ରେ ସ୍ୱତନ୍ତ୍ର ଟିକାକରଣ ଶିବିର ହେବ। ମତଦାନ କେନ୍ଦ୍ରରେ ଯୋଗଦେବାକୁ ଥିବା ରାଜନୈତିକ ଦଳର ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଓ ଡ୍ରାଇଭରମାନଙ୍କୁ ଟିକା ଦିଆଯିବ। ରାଜନୈତିକ ଦଳର ପ୍ରତିନିଧିମାନେ ଏନେଇ ତାଲିକା ପ୍ରସ୍ତୁତ କରି ସଂପୃକ୍ତ ବ୍ୟକ୍ତିମାନଙ୍କୁ ଟିକାକରଣ କେନ୍ଦ୍ରକୁ ପଠାଇବେ। ଫଳରେ ମତଦାନ ଦିନ କେବଳ ଡବଲ୍ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ହିଁ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରାଯିବ। ସେହିଭଳି ମତଦାନ ଦିନ ସକାଳ ୭ଟାରେ ଭୋଟ ଗ୍ରହଣ ଆରମ୍ଭ ହେବାକୁ ଥିବାବେଳେ ୫ଟା ୩୦ରୁ ପୋଲିଂ, କାଉଣ୍ଟିଂ ଏଜେଣ୍ଟମାନେ ନିଜର ଡବଲ୍ ଡୋଜ୍ ଭ୍ୟାକ୍ସିନେଶନ୍ ପ୍ରମାଣପତ୍ର ପ୍ରିଡାଇଡିଂ ଅଫିସରଙ୍କୁ ଦେଖାଇ ଭୋଟ କେନ୍ଦ୍ରକୁ ପ୍ରବେଶ କରିବେ। ସମସ୍ତ ରାଜନୈତିକ ଦଳ ନିର୍ବାଚନ ପ୍ରଚାର ଶେଷ ନ ହେବା ପର୍ଯ୍ୟନ୍ତ କୋଭିଡ୍ କଟକଣାକୁ ମାନି ପ୍ରଚାର ଓ ରାଜନୈତିକ ସଭା ସମିତି କରିବେ। ଜାତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ କୋଭିଡ୍ ଗାଇଡଲାଇନ୍ ଉଲ୍ଲଂଘନ ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାହୁ କହିଛନ୍ତି।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୨୨।୯(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନ ରାଉଳପାଟଣା ଗ୍ରାମର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରୁ କୋଣାର୍କ ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଯୋଗେନ୍ଦ୍ର ମହାରଣା (୭୩)। ଏ ନେଇ ପୋଲିସ ଏକ ମାମଲା(ନଂ.୨୦/୨୧) ରୁଜୁ କରି ତଦନ୍ତ ଚଳାଇଥିବା କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ଖବର ଅନୁଯାୟୀ, ଯୋଗେନ୍ଦ୍ର ଦୀର୍ଘଦିନ ଧରି କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଘରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଘରୁ ପଳାଇ ଆସିଥିଲେ। ସକାଳୁ ପରିବାର ଲୋକ ଖୋଜାଖୋଜି କରିପାଇ ନ ଥିଲେ। ଅନ୍ୟପଟେ ଗ୍ରାମ ନିକଟସ୍ଥ ହାଇସ୍କୁଲ ପରିସରରେ ଥିବା ଏକ ବରଗଛ ଡାଳରେ ରଶି ସାହାଯ୍ୟରେ ଯୋଗେନ୍ଦ୍ରଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ତାଙ୍କ ପରିବାର ଲୋକ ଓ ପୋଲିସକୁ ଜଣାଇଥିଲେ। ପରିବାର ଲୋକେ ଓ କୋଣାର୍କ ଥାନା ଏଏସ୍ଆଇ ସୁବ୍ରତ ଦାଶ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗଛରୁ ଯୋଗେନ୍ଦ୍ରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

### ଯୁବକଙ୍କ ମୃତଦେହ ଜବତ

**ବ୍ରହ୍ମଗିରି,୨୨।୯(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ସାତପଡ଼ା ଫାଣ୍ଡି ଅଞ୍ଚଳରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବାଲୁଗାଁ ଥାନା ଅଞ୍ଚଳର ରତ୍ନାକର ସ୍ୱାଇଁ। ସେ ସାତପଡ଼ା ଅଞ୍ଚଳରେ ରହି ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସାତପଡ଼ା ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପଡିଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ପାଖରେ ରକ୍ତଛିଟାକୁ ନେଇ ହତ୍ୟା ହୋଇଥିବା ପୋଲିସ ସନ୍ଦେହ କରୁଛି।

# ବନ୍ଧୁତା କରି ଲୁଟୁଥିଲେ ବଙ୍ଗୀୟ ମହିଳା

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ସୋସିଆଲ ମିଡିଆରେ ସମ୍ପର୍କ ଯୋଡୁଥିଲେ। ସମ୍ଭ୍ରାନ୍ତ ଘରର ଯୁବକଙ୍କୁ ଟାର୍ଗେଟ କରୁଥିଲେ। ସମ୍ପର୍କ ବଢ଼ାଇବା ପରେ ଏକୁଟିଆ ଦେଖି ଘରକୁ ଯାଉଥିଲେ। ବନ୍ଧୁତା ବାହାନାରେ ସାଙ୍ଗରେ ନେଇଥିବା ନିଶାମିଶା ଠାକୁର ପ୍ରସାଦ ଖୁଆଇ ସର୍ବସ୍ୱ ଲୁଟୁଥିଲେ। ଏମିତି ବହୁ ଲକ୍ଷ ଟଙ୍କା ଓ ସୁନାଗହଣା ଲୁଟିଥିବା ଜଣେ ବଙ୍ଗୀୟ ମହିଳାଙ୍କୁ ଶେଷରେ କମିଶନରେଟ ପୋଲିସ ପୁରୀରୁ ଗିରଫ କରିଛି। ସେ ହେଲେ ପୁରୀ ବଳିଆପଣ୍ଡା ଥାନା ଧୋବାଖାଲ ସାହିରେ ରହୁଥିବା କୋଲକାତାର ପିହୁ ବିଶ୍ୱାସ (୩୯)। ତାଙ୍କଠାରୁ ପୋଲିସ ନଗଦ ୨୦ ହଜାର ଟଙ୍କା ଓ ୫ ଲକ୍ଷ ଟଙ୍କାର ସୁନାଗହଣା ଜବତ କରିଛି। ଶହୀଦନଗର ଥାନାରେ ହୋଇଥିବା ଏକ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ତେବେ ପୂର୍ବରୁ ପିହୁ କୋଲକାତାରେ ଏଭଳି ସମାନ ଘଟଣା ଘଟାଇ ସେଠାକାର ପୋଲିସ ଦ୍ୱାରା ଗିରଫ ହୋଇଥିଲେ ବୋଲି ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ ସୂଚନା ଦେଇଛନ୍ତି। ସେ ଏଭଳି ଆଉ କେତେଜଣଙ୍କୁ ମିଛ ଜାଲରେ ଫସାଇ ଲୁଟ୍‌ପାଟ୍ କରିଛନ୍ତି ସେନେଇ ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି। ସେ ଫେସବୁକ୍ ପେଜ୍ ଓ ହ୍ୱାଟ୍ସଆପ୍‌ରେ ନିଜ ଫଟୋ ଲଗାଇଥିବାବେଳେ ଭିନ୍ନ ଭିନ୍ନ ପରିଚୟ ଦେଇ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରନ୍ତି। ଏପରିକି ସେ ଟାର୍ଗେଟ କରୁଥିବା କେତେଜଣ ଲୋକଙ୍କ ସହ ରାତ୍ରି ଯାପନ କରି ଲୁଟ୍ କରିଥିବା ମଧ୍ୟ ପୋଲିସ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, ଶହୀଦନଗର ଥାନା ଅନ୍ତର୍ଗତ ବାଙ୍କୁଆଳରେ ରହୁଥିବା ପୁରୀ ଶ୍ରୀମନ୍ଦିରର ସେବାୟତ ଜୟକୃଷ୍ଣ ମହାପାତ୍ରଙ୍କ ସହ ପିହୁଙ୍କର ହ୍ୱାଟ୍ସଆପ୍‌ରେ ପରିଚୟ ହୋଇଥିଲା। ପିହୁ ନିଜକୁ ଏକ ପ୍ରତିଷ୍ଠିତ କଲେଜର କର୍ମଚାରୀ ବୋଲି କହିବା ସହ ଇନ୍ସ୍ୟୁରାନ୍ସ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଜଣାଇଥିଲେ। ତେବେ ଇନ୍ସ୍ୟୁରାନ୍ସର ବିଭିନ୍ନ ସ୍କିମ୍ ବାବଦରେ ବୁଝାଇବା ପାଇଁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଆସିବାକୁ ଜୟକୃଷ୍ଣଙ୍କୁ କହିଥିଲେ। ଜୟକୃଷ୍ଣ ଏକୁଟିଆ ଥିବାବେଳେ ଅଗଷ୍ଟ ୯ ରାତିରେ ସେ ତାଙ୍କ ଘରକୁ ଆସିଥିଲେ। ପୁରୀରେ ରହୁଥିବାରୁ ସାଙ୍ଗରେ ଆଣିଥିବା ପ୍ରସାଦକୁ ଜୟକୃଷ୍ଣଙ୍କୁ ଖାଇବାକୁ ଦେଇଥିଲେ। ତାହାକୁ ଖାଇବା ପରେ ଜୟକୃଷ୍ଣ ଚେତାଶୂନ୍ୟ ହୋଇଯାଇଥିଲେ। ଏହି ସୁଯୋଗରେ ସେହି ରାତିରେ ପିହୁ ତାଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନାଗହଣା, ଏଟିଏମ୍ କାର୍ଡ, ମୋବାଇଲ ଫୋନ୍ ଆଦି ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୭୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ଗିରଫ ପିହୁ ବିଶ୍ୱାସ।


ଜବତ ଟଙ୍କା ଓ ସୁନା ଅଳଙ୍କାର।

**ପୁରୀରୁ ଗିରଫ କଲା ପୋଲିସ**
- ନଗଦ ଟଙ୍କା ଓ ୫ଲକ୍ଷର ଗହଣା ଜବତ
- ଠାକୁର ପ୍ରସାଦରେ ନିଶା ମିଶାଇ ଖୁଆଉଥିଲେ
- ରାତ୍ରିଯାପନ କରି କଳାକନା ବୁଲାଉଥିଲେ


ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ପୁରୀ ଶାରଦା ଦେବୀ ରୋଡ୍‌ସ୍ଥିତ ଶାରଦା ଗାର୍ଡେନଠାରେ ଶ୍ରୀମଦ୍ ଭାଗବତ କଥା କାର୍ଯ୍ୟକ୍ରମ।

## ଅବସରପ୍ରାପ୍ତ ସିଆଇସିଏଫ୍ ଡିଜି ବାଉରିବନ୍ଧୁ ନନ୍ଦଙ୍କ ପରଲୋକ

**ବାଙ୍କୀ,୨୨।୯(ସ୍ୱ.ପ୍ର.)**

ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ପୂର୍ବତନ ସିଆଇସିଏଫ୍ ଡିଜି ବାଉରିବନ୍ଧୁ ନନ୍ଦଙ୍କ ବୁଧବାର ୮୦ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ବାଙ୍କୀ ଡମପଡ଼ା ଗାଁରେ ଜନ୍ମିତ ସ୍ୱର୍ଗତ ନନ୍ଦ ବହୁ ପୁରାତନ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଜଣେ ମେଧାବୀ ଛାତ୍ର ଥିଲେ। ଆଇପିଏସ୍ ପାଇ ରାଜ୍ୟର ବିଭିନ୍ନ ଜିଲାରେ ଏସ୍‌ପି ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ସିଆଇସିଏଫ୍ ଡିଜି ଥିବାବେଳେ ଉଦ୍ୟମରେ ବାଙ୍କୀ ଗୋବିନ୍ଦପୁରଠାରେ ଭାରତ ସରକାରଙ୍କ ଦ୍ୱାରା ସିଆଇସିଏଫ୍ ଓ ଏନ୍‌ଡିଆରଏଫ୍ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହାସହିତ ସେ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ଚର୍ଚ୍ଚିକା ସମ୍ମାନ ସମେତ ବିଭିନ୍ନ ସମ୍ମାନ ପାଇଥିଲେ। ତାଙ୍କ ପରଲୋକରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ, ବାଙ୍କୀ ଓକିଲ ସଂଘର ସଭାପତି ଗୌରୀଶଙ୍କର ନନ୍ଦ, ଉପସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା, ବାଙ୍କୀ କଲେଜର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ର, ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜଗଦିଶ ପଣ୍ଡା, ବି.କେ.ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦେବାଶିଷ ହାଜରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶନିବାର ତାଙ୍କର ଶେଷକୃତ୍ୟ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ।



# ପୁରୀ ସାହିଯାତ୍ରା ପୁସ୍ତକର ବଙ୍ଗଳା ଭାଷାନ୍ତର ପ୍ରକାଶିତ

**ପୁରୀ ଅଫିସ, ୨୨।୯**

ସୁପରିଚିତ ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ଲିଖିତ 'ପୁରୀର ସାହିଯାତ୍ରା' ପୁସ୍ତକ ୨୦୦୭ ମସିହାରେ କଟକସ୍ଥିତ ଏସ୍.ବି. ପବ୍ଲିକେଶନ୍ ପ୍ରକାଶ କରିଥିଲେ। ୧୪ବର୍ଷ ପରେ ଓଡ଼ିଶାର ଗୌରବମୟ ଐତିହ୍ୟର ଏହି ପୁସ୍ତକ ବଙ୍ଗଳା ଭାଷାନ୍ତର ହୋଇ ପ୍ରକାଶିତ ହୋଇଛି। ଶ୍ରେୟା ହାଲଦାର ବଙ୍ଗଳା ଭାଷାନ୍ତର କରିଥିବାବେଳେ ପ୍ରଭା ପ୍ରକାଶନୀ କୋଲକାତା ଏହାକୁ ପ୍ରକାଶ କରିଛନ୍ତି। ପୁରୀର ସାହିଯାତ୍ରା ଲୋକ ସଂସ୍କୃତିରୁ ଉତ୍ସବରେ ପରିଣତ ହୋଇଛି। ଦୁଃଖରୁ ମୁକ୍ତି ଦେଇଥାଏ ଉତ୍ସବ। ଶାସ୍ତ୍ର ସହିତ ପରମ୍ପରା ମିଶ୍ରଣ ହୋଇଛି। ମହାପ୍ରଭୁଙ୍କ ଉପାସନାର ଅନ୍ୟତମ ବିଭବ ହେଉଛି ସାହିଯାତ୍ରା। ଓଡ୍ର ସମରକଳା ଏଥିରେ ମିଶିଛି। ସେଥିପାଇଁ ପୁରୀର ଯାଗା, ଆଖଡ଼ା, ଗଡ଼, କୋଟ ଓ ଗୁରୁଜ ଏହା ସହ ଜଡ଼ିତ। ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ସୁରକ୍ଷା ପାଇଁ ସାତସାହି ଆଖଡ଼ାର ଯେଉଁ ଅବଦାନ ଥିଲା ତା'ର ଝଲକ ସାହିଯାତ୍ରାରେ ଦେଖିବାକୁ ମିଳେ। ମହାପ୍ରଭୁଙ୍କ ଦରବାରରେ ଶ୍ରୀରାମ ଓ ପରମଭକ୍ତ ରାବଣଙ୍କୁ ମର୍ଯ୍ୟାଦା ଦେବାରେ ପାତର ଅନ୍ତର ନାହିଁ । ଭାରତରେ ଏହା ବିରଳ। ସେଥିପାଇଁ ପୁରୀରେ ରାବଣ ପୋଡ଼ି ପରମ୍ପରା ନାହିଁ। ଆମର ବାଦ୍ୟ ପରମ୍ପରା ଭାରତରେ ଅନନ୍ୟ। ରାବଣ ଓ ନାଗା ବାହାରିବାର ବାଦ୍ୟ ଆଜି ବି ଚମକ ସୃଷ୍ଟି କରିଥାଏ। ଐତିହ୍ୟପୂର୍ଣ୍ଣ ପୁସ୍ତକଟି ବଙ୍ଗଳାଭାଷୀ ଲୋକେ ପଢି ଆମର ଗୌରବପୂର୍ଣ୍ଣ ପରମ୍ପରା ଜାଣିବାର ସୁଯୋଗ ପାଇପାରିବେ ବୋଲି ଡ. ମିଶ୍ର କହିଛନ୍ତି।

## କାର୍ ଓଲଟି ୫ ପର୍ଯ୍ୟଟକ ଆହତ

**ପୁରୀ ଅଫିସ, ୨୨।୯**

ପୁରୀ ବାଲିଗୁଆଳି ଛକରେ ବୁଧବାର ଏକ କାର୍ ଓଲଟି ପଡ଼ିବାରୁ ୫ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ଏମାନେ ସମସ୍ତେ ଝାଡ଼ଖଣ୍ଡର ବାସିନ୍ଦା ବୋଲି ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ୨ଜଣ ଛୋଟ ପିଲା ରହିଛନ୍ତି। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପର୍ଯ୍ୟଟକମାନେ କୋଣାର୍କରେ ବୁଲିସାରି ପୁରୀ ଫେରୁଥିବା ସମୟରେ ବାଲିଗୁଆଳି ଛକ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ଗାଡ଼ିଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗାଡ଼ି ଜବତ କରିଛି। ଦୁର୍ଘଟଣାଗ୍ରସ୍ତ ଗାଡଟି ପୁରୀର ବୋଲି ଜଣାପଡ଼ିଛି।

# ଓଡ଼ିଶାକୁ ଆସିଲା ଦୁଇ ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)**

ଓଡ଼ିଶା-ମୋ ପରିବାରର ସହାୟତାରେ ଦୁଇଜଣ ଓଡ଼ିଆ ଶ୍ରମିକ ପ୍ରଦୀପ ପାହନ ଓ ବିଚିତ୍ରାନନ୍ଦ ପାତ୍ରଙ୍କ ମୃତଦେହ ଓଡ଼ିଶାକୁ ଅଣାଯାଇପାରିଛି। ଓମାନରୁ ପ୍ରଦୀପ ଓ ନୂଆଦିଲ୍ଲୀରୁ ବିଚିତ୍ରାନନ୍ଦଙ୍କ ମୃତଦେହ ବୁଧବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଦୀପଙ୍କ ଘର ଗଞ୍ଜାମ ଜିଲା ଖଲ୍ଲିକୋଟ ଅନ୍ତର୍ଗତ କମଳାପଦର ଗ୍ରାମରେ। ସେ ଓମାନ୍‌ର ରାଜଧାନୀ ମସ୍କାଟରେ ରହି ଡଲଫିନ୍ ଟ୍ରେଡିଂ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ (ଏଲ୍‌ଏଲ୍‌ସି) କମ୍ପାନୀରେ କାମ କରୁଥିଲେ। ଗତ ୧୪ ତାରିଖରେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାହାରିନ୍ ଓଡ଼ିଶା-ମୋ ପରିବାର ସ୍ୱକ୍ ସଦସ୍ୟ ଅରୁଣ ପ୍ରହରାଜ ଜାଣିବା ପରେ ତାଙ୍କ ମୃତଦେହକୁ ଓଡ଼ିଶା ଫେରାଇବାକୁ ଚେଷ୍ଟା କରିଥିଲେ। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ରାଜ୍ୟସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ସହାୟତାରେ ମୃତଦେହ ଓମାନ୍‌ରୁ ଭାୟା ବମ୍ବେ ହୋଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା-ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟ, ସ୍ୱାସ୍ଥ୍ୟ ଉପଦେଷ୍ଟା ସତ୍ୟଜିତ ଦାଶ ପ୍ରମୁଖ ମୃତଦେହକୁ ଗ୍ରହଣ କରି ପରିବାରକୁ ହସ୍ତାନ୍ତର କରିବା ପରେ ଏକ ଆମ୍ବୁଲାନ୍ସରେ ଜନ୍ମମାଟି କମଳାପଦରକୁ ପଠାଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତନୁପୁରର ୫୮ ବର୍ଷୀୟ ବିଚିତ୍ରାନନ୍ଦ ନୂଆଦିଲ୍ଲୀରେ ପ୍ଲମ୍ବର କାମ କରୁଥିଲେ। ଗତ ୨୦ ତାରିଖ ସକାଳେ ଠାକୁର ପୂଜା ସମୟରେ ସେ ତଳେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚର ନିର୍ଦ୍ଦେଶକ ଗୋବର୍ଦ୍ଧନ ଧଳ ଏହା ଜାଣିବା ପରେ ସେଠାକାର ଓଡ଼ିଶା-ମୋ ପରିବାରର ସ୍ୱକ୍ ସଦସ୍ୟ ଅକ୍ଷୟ ସାମଲଙ୍କ ସହିତ ଯୋଗାଯୋଗ କରି ମୃତଦେହକୁ ଏମ୍ସ ନୂଆଦିଲ୍ଲୀରେ ବ୍ୟବଚ୍ଛେଦ କରିଥିଲେ। ତେବେ ମୃତଦେହ ଓଡ଼ିଶା ଫେରାଇ ଆଣିବାକୁ ପରିବାର ଲୋକଙ୍କ ପାଖରେ ସମ୍ବଳ ନ ଥିଲା। ଏହି ଖବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟକୁ ଆସିବା ପରେ ଓଡ଼ିଶା-ମୋ ପରିବାର ଆର୍ଥିକ ସହାୟତାରେ ନୂଆଦିଲ୍ଲୀରୁ ଭୁବନେଶ୍ୱର ଅଣାଯାଇଥିଲା। ଶେଷକୃତ୍ୟ ପାଇଁ ଆମ୍ବୁଲାନ୍ସରେ ପୁରୀ ସ୍ୱର୍ଗଦ୍ୱାରକୁ ପଠାଇଦିଆଯାଇଛି।



ମୃତଦେହ ଗ୍ରହଣ ଅବସରରେ ଓଡ଼ିଶା-ମୋ ପରିବାରର କର୍ମକର୍ତ୍ତା।

**ଓଡ଼ିଶା-ମୋ ପରିବାରର ସହାୟତା**

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆରାଧା


@ ମାମାଲି


@ ଜୁଲୁ


@ ସୁଶାନ୍ତ


@ ହିମାଂଶୁ


@ କୁନା


@ ଶିବ


@ ଉଜାଗର

# କାର୍ଯ୍ୟାଳୟକୁ ଆସୁନାହାନ୍ତି ଅଧିକାରୀ: କଂଗ୍ରେସ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

ସାଧାରଣ ପ୍ରଶାସନର ଉଦ୍ୟୋଗ ବିଭାଗ ଦୁର୍ନୀତି ଓ ଅନିୟମିତତାରେ ବୁଡ଼ି ରହିଛି। ଗତ ମୌସୁମୀ ଅଧିବେଶନରେ ମୁଖ୍ୟ ଶାସନ ସଚିବ କୌଣସି ସଚିବ ବା ବିଭାଗୀୟ ଅଧିକାରୀ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ ବୋଲି ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ସାଧାରଣ ଉଦ୍ୟୋଗ ବିଭାଗର ଏକାଧିକ ବିଭାଗୀୟ ଅଧିକାରୀ ନିୟମିତ କାର୍ଯ୍ୟାଳୟ ଆସୁ ନାହାନ୍ତି। ସେହିପରି ୨୦୧୮ ମାର୍ଚ୍ଚରେ ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁସାରେ ଯଦି କୌଣସି ବିଭାଗ ସ୍ୱତନ୍ତ୍ର ପରାମର୍ଶଦାତା ନିଯୁକ୍ତ କରେ, ତେବେ ଅତିବେଶିରେ ସେମାନଙ୍କୁ ମାସିକ ୪୨ ହଜାର ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯିବାର ନିୟମ ରହିଛି। କିନ୍ତୁ ଏଠାରେ ନିଯୁକ୍ତ ପରାମର୍ଶଦାତାମାନେ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଦରମା କିପରି ନେଉଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଏ ସମ୍ପର୍କରେ ଅଭିଯୋଗ କରି କହିଛନ୍ତି, ଗତ ୭ ବର୍ଷ ହେଲା ବିଭାଗର ପ୍ରମୁଖ ଶାସନ ସଚିବ କୌଣସି କାମ ନ କରି ଦରମା ନେଉଛନ୍ତି। ନିଜ ଇଚ୍ଛାରେ ଅଫିସ ଆସୁଛନ୍ତି। ଆଉ ଜଣେ ଅତିରିକ୍ତ ଶାସନ ସଚିବ ସପ୍ତାହରେ ମାତ୍ର ଦିନଟିଏ କେବଳ ଚେକ୍‌ରେ ଦସ୍ତଖତ କରିବାକୁ ଆସନ୍ତି। ସେମାନଙ୍କ ପାଇଁ ଅଧିକ ୪-୫ ଜଣ ପରାମର୍ଶଦାତାଙ୍କୁ ନିଯୁକ୍ତି ଦିଆଯାଇଛି, ଅଥଚ କେହି କିଛି କାମ କରୁ ନାହାନ୍ତି। ବିଭାଗର ସହାୟତା ପାଇଁ ଗଠିତ ଓଏସ୍ଆର୍ଏଫ୍ ସୋସାଇଟି ନିମନ୍ତେ ସରକାର ଦେଇଥିବା ୫୦କୋଟି ଟଙ୍କାର କର୍ପସ ପାଣ୍ଠି ବେଆଇନ ଭାବେ ଖର୍ଚ୍ଚ ହୋଇଛି। ପ୍ରମୁଖ ଶାସନ ସଚିବ ଅଫିସକୁ ଆସୁ ନ ଥିଲେ ମଧ୍ୟ ମାସକୁ ୩୦ ହଜାର ଟଙ୍କାରେ ଜଣେ ଡ୍ରାଇଭର ତାଙ୍କ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଛି ଏବଂ ଦିନକୁ ୮୦ କିଲୋମିଟର ଯାତ୍ରା କରୁଥିବା ଦର୍ଶାଇ ସେ ଇନ୍ଧନ ବାବଦ ଅର୍ଥ ବିଲ୍ କରୁଛନ୍ତି। ୨୦୧୯-୨୦ବର୍ଷରେ ଏହି ବିଭାଗ ଅଧୀନ ୯ଟି ନିଗମରେ ୧୭୩୩ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ଅଧିକାରୀମାନେ ସେଠି କରୁଛନ୍ତି କ'ଣ ବୋଲି ପାଣ୍ଡବ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ଅଚିହ୍ନା ମୃତଦେହ ଜବତ ଘଟଣା
## ତରବରିଆ ଭାବେ ପୋଡ଼ିଦେଲା ପୋଲିସ

ଟାଙ୍ଗୀ(କଟକ), ୨୨।୯(ଡି.ଏନ୍.ଏ.)- ଟାଙ୍ଗୀ ଥାନା ଅନ୍ତର୍ଗତ ବିଲତେରୁଆଁ ଗ୍ରାମସ୍ଥ ମାଧିଆଖାଲ ନାଳରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଥିଲା। ପରେ ଏହାକୁ ବ୍ୟବଚ୍ଛେଦ କରାଇ ଉକ୍ତ ଦିନ ତରବରିଆ ଭାବେ ଟାଙ୍ଗୀ ରାମଗଡ଼ସ୍ଥିତ ଶ୍ମଶାନରେ ସତ୍କାର କରିଦେଇଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣେ ଅପରିଚିତ ବ୍ୟକ୍ତିଙ୍କ ମୃତଦେହ ଚିହ୍ନଟ ପାଇଁ ଶବ ସଂରକ୍ଷିତ ଗୃହ(ମର୍ଗ)ରେ ୯୬ ଘଣ୍ଟା ରଖାଯିବାର ନିୟମ ରହିଛି। ହେଲେ ଏଠାରେ ଏହି ନିୟମ ପାଳନ କରାଯାଇନାହିଁ। ଏ ସମ୍ପର୍କରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ମୃତଦେହ ଶବ ସଂରକ୍ଷିତ ଗୃହରେ ରଖିବାକୁ ପୋଲିସ ପକ୍ଷରୁ ଲିଖିତ ଭାବେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ବ୍ୟବଚ୍ଛେଦ କରିଥିବା ଡାକ୍ତର ମୃତଦେହକୁ ଆଉ ରଖିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ। ସେଥିପାଇଁ ପୋଲିସ ବାଧ ହୋଇ ମୃତଦେହ ସତ୍କାର କରିଥିଲା। ସୂଚନାଯୋଗ୍ୟ, ୭ ଦିନ ତଳେ ଉକ୍ତ ନାଳରୁ ଦଳ ସଫା କରିବା ପାଇଁ ୫ ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରୁ ୪ ଜଣ ବାହାରକୁ ବାହାରିଥିଲେ ମଧ୍ୟ ଆଉ ଜଣେ ଆସି ନ ଥିଲେ। ମଙ୍ଗଳବାର ଉକ୍ତ ନାଳରେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଭାସୁଥିବା ଖବର ପାଇବା ପରେ ପୋଲିସ ଜବତ କରିଥିଲା। ପରେ ତାହାକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।

### ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କଟକ ଗସ୍ତ
## ଡିସେମ୍ବର ସୁଦ୍ଧା ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କର

କଟକ ଅଫିସ, ୨୨।୯- ରାଜ୍ୟ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ(ରାସ୍ତା) ତାରା ପ୍ରସାଦ ମିଶ୍ର ବୁଧବାର କଟକ ସହରରେ ନିର୍ମାଣାଧୀନ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିଥିଲେ। କଟକ ଶିଶୁଭବନର ଉନ୍ନତୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧୬ କୋଟି ଟଙ୍କା ଅନୁଦାନରେ ୬ ମହଲା ବିଶିଷ୍ଟ କୋଠାର ନିର୍ମାଣ କାର୍ଯ୍ୟ, ୧୩ କୋଟି ଟଙ୍କା ବ୍ୟୟରେ ୫ ମହଲା ବିଶିଷ୍ଟ ଓଡ଼ିଶା ଷ୍ଟେଟ୍ ଲିଗାଲ ସର୍ଭିସେସ ଅଥୋରିଟି(ଓଏସ୍ଏଲ୍ଏସ୍ଏ) ବିଲ୍ଡିଂ ନିର୍ମାଣ ସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନରେ ୨୬ କୋଟି ଟଙ୍କା ବ୍ୟୟରେ ୭ ମହଲା ବିଶିଷ୍ଟ ଲିନାକ୍ କୋଠାର କାର୍ଯ୍ୟକୁ ବୁଲି ଦେଖିଥିଲେ। ତେବେ ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହି ପ୍ରକଳ୍ପଗୁଡିକର କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ଓଏସ୍ଏଲ୍ଏସ୍ଏ ବିଲ୍ଡିଂ ଉଦ୍‌ଘାଟନ ହେବ ବୋଲି ଜଣାପଡିଛି। ଏହି ଗସ୍ତ ସମୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ ଧୀରେନ୍ଦ୍ର ନାଥ ଖୁଣ୍ଟିଆ, ସନ୍ତୋଷ ରଥ, ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ନିର୍ମାଣାଧୀନ କାର୍ଯ୍ୟ ସମ୍ପର୍କରେ ମୁଖ୍ୟ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

# ୭୫ ସ୍ଥାନରେ ଜଳବନ୍ଦୀ ସ୍ଥିତି

ଭୁବନେଶ୍ୱର , ୨୨।୯(ବ୍ୟୁରୋ)

**ବିଏମ୍‌ସିର ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା**
- ତୁରନ୍ତ ସମାଧାନ ପାଇଁ ବିଏମ୍‌ସିର ପ୍ରତିଶ୍ରୁତି
- ଛାତ୍ର ଭାସିଯିବାର ୩ ଦିନ ପରେ ମୁହଁ ଖୋଲିଲେ କମିଶନର
- ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ



ସ୍ମାର୍ଟ ସିଟି ଭୁବନେଶ୍ୱରରେ ଦୁର୍ବଳ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ବର୍ଷା ହେବା ମାତ୍ରେ ବିଭିନ୍ନ ସ୍ଥାନରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଛି। ଏପରି କି ଏଥିଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଏବଂ ଜୀବନ ମଧ୍ୟ ଯାଉଛି। ଗତ ରବିବାର ଜଣେ ଦଶମ ଶ୍ରେଣୀ ଛାତ୍ର ଟ୍ୟୁଶନ ଯିବା ସମୟରେ ନାଳରେ ଭାସିଯାଇଥିଲେ। ବହୁ ଖୋଜାଖୋଜି ପରେ ୨୦ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଅଘଟଣ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)କୁ ସବୁଆଡୁ ସମାଲୋଚିତ ହେବାକୁ ପଡ଼ିଛି। ରାଜଧାନୀର ବିଭିନ୍ନ ସ୍ଥାନରେ ମୁକୁଳା ଡ୍ରେନ୍ ବିପଜ୍ଜନକ ଅବସ୍ଥାରେ ରହିଥିବାରୁ ବର୍ଷା ହେବାମାତ୍ରେ ଭୁବନେଶ୍ୱରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ନାଳରେ ଭାସିଯାଇ ଜଣେ ଛାତ୍ର ମୃତ୍ୟୁ ଘଟିବା ଭଳି ଏକ ସମ୍ବେଦନଶୀଳ ଘଟଣାରେ ୩ଦିନ ଧରି ନୀରବତା ଅବଲମ୍ବନ କରିବା ପରେ ବିଏମ୍‌ସି କମିଶନର ବୁଧବାର ମୁହଁ ଖୋଲିଛନ୍ତି। ପୂର୍ବରୁ ସହରରେ ୨୭ଟି ଜଳବନ୍ଦୀ ସ୍ଥାନ ଚିହ୍ନଟ କରାଯାଇଥିଲା। ଏବର୍ଷ ରେକର୍ଡ ପରିମାଣର ବର୍ଷା ହୋଇଥିବାରୁ ଏହି ସଂଖ୍ୟା ୭୫କୁ ବୃଦ୍ଧି ପାଇଛି। ଜବଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ପ୍ରତିଶ୍ରୁତିବଦ୍ଧ। ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ଏନେଇ ଆଲୋଚନା ହୋଇଛି। ଏଥିପାଇଁ ଏକ ଦୀର୍ଘସ୍ଥାୟୀ କାର୍ଯ୍ୟ ଖସଡ଼ା ଖୁବ୍‌ଶୀଘ୍ର ପ୍ରସ୍ତୁତ କରାଯିବ। ମନ୍ଦିରମାଳିନୀ ଭୁବନେଶ୍ୱର ସହରକୁ ଜଳବନ୍ଦୀ ମୁକ୍ତ କରାଯିବା ସହ ଦୁର୍ଘଟଣାକୁ ଏଡ଼ାଇବାକୁ ଚେଷ୍ଟା କରାଯିବ ବୋଲି ବିଏମ୍‌ସି କମିଶନର ସଞ୍ଜୟ ସିଂ ବୁଧବାର କହିଛନ୍ତି। ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଏମ୍‌ସି ପକ୍ଷରୁ କୌଣସି ପ୍ରାଥମିକ ପଦକ୍ଷେପ ନିଆଯାଉ ନ ଥିବାରୁ ସହରରେ ବର୍ଷାଦିନେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗକୁ କମିଶନର ଖଣ୍ଡନ କରିଛନ୍ତି।

ସିଂ କହିଛନ୍ତି ଡ୍ରେନ୍ ନିର୍ମାଣ ନିର୍ଦ୍ଦେଶାବଳୀର ଉଲ୍ଲଂଘନ, ଡ୍ରେନ୍ ଉପରେ ଜବରଦଖଲ ଏବଂ ନାଳ ମୁହଁ ବିଭିନ୍ନ କାରଣରୁ ବନ୍ଦ ହୋଇଯିବାରୁ ବର୍ଷା ସମୟରେ ସହର ମଧ୍ୟରୁ ଜଳ ନିଷ୍କାସନ ଠିକ୍‌ଭାବେ ହୋଇପାରୁ ନାହିଁ। ତେଣୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟାର ମୁକାବିଲା ପାଇଁ ବିଏମ୍‌ସି ୱାଟର ପମ୍ପ ଲଗାଇ ପାଣି ନିଷ୍କାସନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ୨୦୨୦ରେ ଜଳ ନିଷ୍କାସନ ପାଇଁ ସହରର ଜଳବନ୍ଦୀ ହେଉଥିବା ସ୍ଥାନରେ ୨୦ଟି ପମ୍ପ ସ୍ଥାପନ କରାଯାଇଥିଲା, ଏବର୍ଷ ମଧ୍ୟ ୩୫ରୁ ଅଧିକ ପମ୍ପ ଲଗାଯାଇଛି।

ସୁପ୍ରିମକୋର୍ଟ ଏବଂ ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ ନିରାପତ୍ତା ନିମନ୍ତେ ପ୍ରାକୃତିକ ଡ୍ରେନ ଚ୍ୟାନେଲ୍‌ଗୁଡ଼ିକୁ ସ୍ଲାବରେ ଆବଦ୍ଧ କରାଯାଇପାରିବ ନାହିଁ। କିନ୍ତୁ କିଛି କିଛି ସ୍ଥାନରେ ବର୍ଷା ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟିବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସିଂ କହିଛନ୍ତି। ରବିବାର ଶିରିପୁର ନିକଟସ୍ଥ ଶତାବ୍ଦୀ ବ୍ୟାଙ୍କ କଲୋନୀ ରାସ୍ତାରେ ବର୍ଷା ପାଣିରେ ନାଳରେ ଭାସି ଯାଇ ମୃତ୍ୟୁବରଣ କରିଥିବା ଦଶମ ଶ୍ରେଣୀ ଛାତ୍ର ଜ୍ୟୋତି ପ୍ରକାଶ ବେହେରାଙ୍କ ମୃତ୍ୟୁରେ କମିଶନର ସିଂ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଆସନ୍ତା ମୌସୁମୀ ମଧ୍ୟରେ ନୂତନ ଡ୍ରେନ୍ ନିର୍ମାଣ ସମ୍ଭବ ନ ଥିବାରୁ ବର୍ଷାଜଳ ନିଷ୍କାସନ ପାଇଁ ଅଧିକ ପମ୍ପ ଲଗାଯିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଦୁର୍ଘଟଣାକୁ ରୋକିବା ପାଇଁ ପ୍ରୟାସ କରାଯିବ ବୋଲି ବିଏମ୍‌ସି କମିଶନର କହିଛନ୍ତି।

## ସମବାୟ ମିନିବ୍ୟାଙ୍କ କ୍ୟାଶିୟର ନିଲମ୍ବିତ

କଟକ ସଦର, ୨୨।୯(ଡି.ଏନ୍.ଏ.)

**ଅର୍ଥ ତୋସରପାତ ମାମଲା**
- ଥାନାରେ ଏତଲା
- ଭିଜିଲାନ୍ସ ତଦନ୍ତ ଦାବି କଲା ବିଜେଡି
- ଜମା ଅର୍ଥ ଫେରି ପାଇବାକୁ ନେଇ ଚିନ୍ତାରେ ଜମାକାରୀ

କଟକ ସଦର ବ୍ଲକ ଅଧୀନ କନ୍ଦରପୁର ସମବାୟ ମିନିବ୍ୟାଙ୍କର ଜମା ଅର୍ଥ ତୋସରପାତ ମାମଲାରେ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଗତ ୧୮ ତାରିଖରେ ଏହି ଘଟଣା ସମ୍ପର୍କରେ ଜଣାପଡିଥିଲା। ପରେ ଜମାକାରୀଙ୍କ ଅଭିଯୋଗକ୍ରମେ କଟକ ସର୍କଲ ସହକାରୀ ସମବାୟ ନିବନ୍ଧକ ଚିତ୍ତରଞ୍ଜନ ମହାପାତ୍ର ସମ୍ପୃକ୍ତ କ୍ୟାଶିୟରଙ୍କୁ ନିଲମ୍ବନ କରିଛନ୍ତି। ଏହାଛଡା ଅର୍ଥ ତୋସରପାତକୁ ନେଇ କନ୍ଦରପୁର କୃଷକ ସମବାୟ ସମିତି ସମ୍ପାଦକ ଧୀରେନ ଦାଶ ସମ୍ପୃକ୍ତ କ୍ୟାଶିୟରଙ୍କ ନାଁରେ କନ୍ଦରପୁର ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣା ଜଣାପଡିବା ପରେ ୫ ହଜାର ଜମାକାରୀ ସେମାନଙ୍କ ଅର୍ଥ ଫେରିପାଇବେ ନା ନାହିଁ ତାହାକୁ ନେଇ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। କାରଣ ଏହି ଜମା ଅର୍ଥର ନିୟନ୍ତ୍ରଣ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନାହିଁ ବୋଲି କଟକ ସଦର ଶାଖାର ପରିଚାଳକ ଶକୁନ୍ତଳା ମହାନ୍ତି ସୂଚନା ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ଜମାକାରୀମାନେ ନିଜର ଜମା ଅର୍ଥ ସମ୍ପର୍କରେ ଜାଣିବା ପାଇଁ ମିନିବ୍ୟାଙ୍କରେ ଭିଡ ଜମାଉଥିବା ଲକ୍ଷ୍ୟ କରାଯାଉଛି। ଏପର୍ଯ୍ୟନ୍ତ ୨୫ ଲକ୍ଷ ଟଙ୍କା ତୋସରପାତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷରେ ଘଟଣାକୁ ଚପାଇ ଦିଆ ନ ଯାଇ ଭିଜିଲାନ୍ସ ତଦନ୍ତ କରାଯିବାକୁ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସମର ବେହେରା ଦାବି କରିଛନ୍ତି। ଏ ନେଇ ଏକ ଦାବିପତ୍ର ବୁଧବାର କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କୁ ଦଳ ପକ୍ଷରୁ ଦିଆଯାଇଛି। କ୍ୟାଶିୟରଙ୍କ ନାଁରେ ଏତଲା ଦିଆଯାଇଥିଲେ ମଧ୍ୟ ମୋଟ୍ ଅର୍ଥ ତୋସରପାତର ପରିମାଣ ଜଣାପଡିବା ପରେ ମାମଲା ରୁଜୁ ହେବ ବୋଲି କନ୍ଦରପୁର ଥାନାଧିକାରୀ ବିପିନ ବିହାରୀ ହୋତା କହିଛନ୍ତି।

# ଅନ୍ତର୍ଜାତୀୟ ଇ-ପାଠଚକ୍ର

କଟକ ଅଫିସ, ୨୨।୯




ୟୁରୋସିଆନ ଫାଉଣ୍ଡେସନ, ସେଣ୍ଟର ଫର୍ ଥାର୍ଡ ଭଏସ ଷ୍ଟଡ଼ିଜ୍ ମିଳିତ ଆନୁକୂଲ୍ୟରେ ଭାରତ ଓ ରୁଷିଆ ମିଳିତ ଯୁବ ଗବେଷକ ସମ୍ମିଳନୀର ଅନ୍ତର୍ଜାତୀୟ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତ ଓ ରୁଷିଆ ମଧ୍ୟରେ ଶାନ୍ତି, ବନ୍ଧୁତା ଓ ସହଯୋଗ ଚୁକ୍ତିର ୫୦ ବର୍ଷ ପାଳନ ଉପଲକ୍ଷେ ଏହି ପାଠଚକ୍ର ଆୟୋଜନ କରାଯାଇଥିଲା। ଭର୍ଚୁଆଲରେ ଅନୁଷ୍ଠିତ ଏହି ପାଠଚକ୍ରରେ ବିଭିନ୍ନ ରାଷ୍ଟ୍ରରୁ ୨୫୦ରୁ ଊର୍ଦ୍ଧ୍ୱ କୂଟନୀତିଜ୍ଞ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ଗବେଷକମାନେ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ। ଏହି ପାଠଚକ୍ରରେ ରୁଷିଆରେ ଭାରତର ରାଷ୍ଟ୍ରଦୂତ ଡି.ବି. ଭେଙ୍କଟେଶ ବର୍ମା, ଅଶୋକ ମୁଖାର୍ଜୀ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅର୍ଚ୍ଚନା ଉପାଧ୍ୟାୟ, ପ୍ରଫେସର ସଞ୍ଜୟ ପାଣ୍ଡେ, ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜୟ ଦେଶପାଣ୍ଡେ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପାଠଚକ୍ରରେ ଡ. ସୁମନ୍ତ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ୟୁରୋସିଆନ୍ ଫାଉଣ୍ଡେସନର ସମ୍ପାଦିକା ନମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରାସ୍ତା ମରାମତି, ଡ୍ରେନ୍ ସଫା ପାଇଁ ଦାବିପତ୍ର

କଟକ ଅଫିସ,୨୨।୯

କଟକ ସହରର ବିଭିନ୍ନ ସ୍ଥାନରେ ଜାଇକା ପକ୍ଷରୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ କରାଯାଉଥିବା ଅଭିଯୋଗ ହୋଇଛି। ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ବଡ ନାଳ ସମେତ ସାହିବସ୍ତିର ଡ୍ରେନରେ ପଙ୍କ, ଆବର୍ଜନା ଜମି ରହିଛି। ବର୍ଷା ହେଲେ ପାଣି ନିଷ୍କାସନରେ ସମସ୍ୟା ହେଉଛି। ଏପରି କି ବିଭିନ୍ନ ସ୍ଥାନ ସଫେଇ କରାଯାଉନାହିଁ। ଏନେଇ କଂଗ୍ରେସ ପକ୍ଷରୁ ଜାଇକା ପ୍ରକଳ୍ପ ଅଧିକାରୀ ବି.କେ. ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାନଦୀ ବିହାରରୁ କୈବଲ୍ୟ ବିହାରରେ ମିଶିଥିବା ମୁଖ୍ୟ ଡ୍ରେନ୍, ଗଣ୍ଡରପୁର ଡିଏଭି ସ୍କୁଲରୁ ଅପର୍ଣ୍ଣା ନଗର ଓ ମାତୃଭବନ ସ୍କୁଲ ନିକଟରେ ଥିବା ମୁଖ୍ୟ ଡ୍ରେନରେ ଯଥାଶୀଘ୍ର ଜାଲି ଲଗାଇବା କାର୍ଯ୍ୟ ଶେଷ କରିବା ପାଇଁ ଜାଇକା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କଟକ ନଗର ୭ନଂ. ବ୍ଲକ କଂଗ୍ରେସ ସଭାପତି ସୁରଜିତ ସାହୁଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ତୃପ୍ତି ଦାସ, ରଶ୍ମିରଞ୍ଜନ ମିଶ୍ର, ଦୀପକ ସାହୁ, ମାନସ ପରିଡା, ଗୋକୁଳ ସିହ୍ନା, ଲଳିତା ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ୧୨ କୁକୁରଙ୍କୁ ହତ୍ୟା ଅଭିଯୋଗ



ଟାଙ୍ଗୀ(କଟକ), ୨୨।୯(ଡି.ଏନ୍.ଏ.)

**ଦୋକାନୀ ଅଟକ**

ଚୌଦ୍ୱାର ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ଗତ ୩ଦିନ ମଧ୍ୟରେ ୧୨ଟି କୁକୁରଙ୍କ ମୃତ୍ୟୁ ଘଟିଛି। ସେଥି ମଧ୍ୟରୁ ବୁଧବାର ୪ କୁକୁର ମରି ପଡ଼ିଥିବା ଦେଖିବାକୁ ମିଳିଛି। ଶଙ୍କରପୁର ବଜାରରେ ଜଳଖିଆ ଦୋକାନ କରିଥିବା ଜଣେ ଦୋକାନୀ ଖାଦ୍ୟରେ ବିଷ ଦେଇ କୁକୁରମାନଙ୍କୁ ମାରି ଦେଇଥିବା ସନ୍ଦେହ କରି ବୁଧବାର ଚୌଦ୍ୱାର ଥାନାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ସମ୍ପୃକ୍ତ ଦୋକାନୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ବୁଲା କୁକୁରମାନେ ହଇରାଣ କରୁଥିବା ଜଣାପଡିଛି। ତେଣୁ ଦୋକାନୀ ଜଣକ ଖାଦ୍ୟରେ ବିଷ ଦେଇ କୁକୁରମାନଙ୍କୁ ମାରି ଦେଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ସମ୍ପୃକ୍ତ ଦୋକାନୀଙ୍କୁ ଅଟକ ରଖାଯାଇଛି।

# ୨ ନିଖୋଜ ନାବାଳିକା ଉଦ୍ଧାର

କଟକ ଅଫିସ,୨୨।୯

ମଧୁପାଟଣା ଥାନା ଅଞ୍ଚଳରୁ ଗତ ୫ ଦିନ ମଧ୍ୟରେ ନିଖୋଜ ହୋଇଯାଇଥିବା ୨ ନାବାଳିକାଙ୍କୁ ବୁଧବାର ପୋଲିସ ଉଦ୍ଧାର କରିଛି। ପରେ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି। ୫ଦିନ ତଳେ କାଜିଡିହା ଅଞ୍ଚଳର ୧୨ ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଜଣେ ପୁଅକୁ ସନ୍ଦେହ କରି ତାଙ୍କର ମୋବାଇଲ ଫୋନ ଟ୍ରାକିଂ କରିଥିଲା। ପରେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଥିଲା। ସେହିପରି ମଙ୍ଗଳବାର ନୂଆପଡା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକା ଘରୁ କେଉଁଆଡେ ପଳାଇ ଯାଇଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ସମ୍ପୃକ୍ତ ନାବାଳିକାଙ୍କୁ ଜଗତ୍‌ପୁର ଅଞ୍ଚଳରୁ ଉଦ୍ଧାର କରିଥିଲା।

## ବେଆଇନ ପାର୍କିଂ ଉଚ୍ଛେଦ କରାଯାଉ

କଟକ ଅଫିସ, ୨୨।୯

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ବିଭିନ୍ନ ସାହି ରାସ୍ତାରେ ବେଆଇନ ଭାବେ ଗାଡି ପାର୍କିଂ କରାଯାଉଛି। ଏହାଦ୍ୱାରା ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏପରି କି ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଯାତାୟାତରେ ସମସ୍ୟା ହେଉଛି। ଏ ସମ୍ପର୍କରେ ସିଏମ୍‌ସି ଅନ୍ତର୍ଗତ ୫୮ ନଂ. ୱାର୍ଡର ସାମାଜିକ କର୍ମୀ ସୁଧାକର ଦାସ ବୁଧବାର କଟକ ଡିସିପି ପ୍ରତୀକ୍ ସିଂଙ୍କୁ ଅବଗତ କରାଇବା ସହ ଏହାର ପ୍ରତିକାର ବ୍ୟବସ୍ଥା କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଶାଗୁଆନ କାଠ ଗାଡ଼ି ଜବତ ବେଳେ ବନପାଳଙ୍କୁ ଆକ୍ରମଣ

ଟାଙ୍ଗୀ(କଟକ), ୨୨।୯(ଡି.ଏନ୍.ଏ.)

**ବାଇକ, ମୋବାଇଲ ଫୋନ ଛଡ଼ାଇନେଲେ**

ଶାଗୁଆନ୍ କାଠ ବୋଝେଇ ଗାଡି ଜବତବେଳେ କଟକ ବନଖଣ୍ଡ ବଇରୀ ରେଞ୍ଜର କୁସୁନୁପୁର ବିଟ୍ ବନପାଳ କୈଳାସ ବେହେରାଙ୍କୁ ଆକ୍ରମଣ କରାଯାଇଛି। ଏଥିସହ ତାଙ୍କ ବାଇକ୍, ମୋବାଇଲ ଓ ଜବତ କରାଯାଇଥିବା ଶାଗୁଆନ କାଠ ଗାଡ଼ିକୁ ଛଡାଇ ନିଆଯାଇଛି। ଏ ସମ୍ପର୍କରେ ବନପାଳ ବେହେରା ବୁଧବାର ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୭୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଟାଙ୍ଗୀ ଥାନା ଅଧୀନ ଜାମଣା ଗ୍ରାମରେ ହାତୀପଲ ପଶି ଧାନ ଫସଲ ନଷ୍ଟ କରିଛନ୍ତି। ଏହାର ତଦନ୍ତ କରିବା ପାଇଁ ବୁଧବାର ସକାଳେ ବନପାଳ ଦୁଇ ସ୍କ୍ୱାଡ ସହିତ ବାହାରିଥିଲେ। ବାଟରେ କରଞ୍ଜି ଗ୍ରାମ ଶିବମନ୍ଦିର ନିକଟରେ ଏକ ଟାଟା ଏସିଇ ଗାଡିରେ ଶାଗୁଆନ କାଠ ବୋଝେଇ ହୋଇ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ଉକ୍ତ ଗାଡିକୁ ଅଟକାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ଡ୍ରାଇଭର ଧକ୍କା କରିବା ପରିସ୍ଥିତି ସୃଷ୍ଟି କରି ସେଠାରୁ ଚାଲିଯାଇଥିଲେ। ପରେ ବନପାଳ ପିଛା କରି ସଫା ଗ୍ରାମରେ ଉକ୍ତ ଗାଡିକୁ ଅଟକାଇବା ସହ ଡ୍ରାଇଭରଙ୍କୁ ଗାଡି ଚାବି ମାଗିଥିଲେ। ହେଲେ ଡ୍ରାଇଭର ଦୌଡିଯାଇ ଗ୍ରାମର କେତେଜଣ ଲୋକଙ୍କୁ ଡାକି ଆଣିଥିଲେ। ଏହାକୁ ନେଇ ସେଠାରେ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗାଡିରେ ଥିବା ଜଗରଓ୍ୱରେ ଡ୍ରାଇଭର ଅଭିରାମ ସାହୁ, ଜଗବନ୍ଧୁ ମହାରଣାଙ୍କ ସହ ଅନ୍ୟମାନେ ବନପାଳଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। କୌଣସି ପ୍ରକାରେ ଭଗତପୁର ବିଟ୍‌କୁ ବନପାଳ ଆସି ଅନ୍ୟ ଫୋନ ମାଧ୍ୟମରେ ବଇରୀ ରେଞ୍ଜ ଅଧିକାରୀ ଅଭିରାମ ଜେନାଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ୩ ପଞ୍ଚାୟତର ଦୁଃଖ ରାଜୁଆ ନଦୀ

ଖୋର୍ଦ୍ଧା ଅଫିସ,୨୨।୯





ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତ ଓବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ପଞ୍ଚାୟତ ପାଇଁ ରାଜୁଆ ନଦୀ ଦୁଃଖ ପାଲଟିଛି। ପ୍ରତିବର୍ଷ ବର୍ଷାଋତୁରେ ରାଜୁଆ ନଦୀରେ ବନ୍ୟା ଆସିଲେ ଏହି ୩ ପଞ୍ଚାୟତରେ ପଶିଥାଏ। ଫଳରେ ୧୦ ଗ୍ରାମ ପ୍ରଭାବିତ ହୋଇଥାଏ। ଗ୍ରାମବାସୀ ଜଳବନ୍ଦୀ ହୋଇ ରହିବା ସହ ଏକର ଏକର ଚାଷଜମି ପାଣିରେ ବୁଡ଼ିଯାଏ। ନିଅଣ୍ଟିଆ ଓ ପ୍ରବଳ ଲଗାଣ ବର୍ଷାରେ ଫସଲ ନଷ୍ଟ ଯୋଗୁ ଚାଷୀକୁଳ କ୍ଷତି ସହୁଥିବା ବେଳେ ରାଜୁଆ ନଦୀର ବନ୍ୟାଜଳ ଉକ୍ତ ୩ ପଞ୍ଚାୟତବାସୀଙ୍କ ପାଇଁ ଏକପ୍ରକାର ଅଭିଶାପ ପାଲଟୁଛି।

ସୂଚନା ଅନୁଯାୟୀ, କିଛିଦିନ ତଳେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଓବରସିଂ, ନରଣଗଡ଼ ଓ ବ୍ରଜମୋହନପୁର ପଞ୍ଚାୟତ ଅଧୀନ ହିରିମୂଳ, ଡିହଖଳା, ଦୁର୍ଗାପୁର, ରାୟପୁର, କୃଷ୍ଣପୁର, ଲେଖନପୁର, ତେନ୍ତୁଳମୁହଁ, ମଣାଣିଆ, ଧବଳପୁର, ବଳପୁର ଓରମୀ, ହାଡ଼ପଦା, ଶରଧାପୁର ପ୍ରଭୃତି ଗ୍ରାମ ପାଣିଘେରରେ ରହିଛି। ଗାଁ ପ୍ରବେଶ ପଥଠୁ ଆରମ୍ଭ କରି ଘର, ବିଦ୍ୟାଳୟ, ମନ୍ଦିର ସବୁଠି ପାଣି ପଶିଛି। ଏଥିସହିତ ଚାଷଜମି ପାଣିରେ ବୁଡ଼ିଛି। ଫଳରେ ଧାନଗଛ ପଚି ଯାଇଛି। ହିରିମୂଳ ଗ୍ରାମର ଚାଷୀ ସୁଦର୍ଶନ ପାଇକରାୟ, ବଲ୍ଲଭ ବଳିଆରସିଂ ଏବଂ ଅମୂଲ୍ୟ ମଙ୍ଗରାଜ କହିଛନ୍ତି, ଧାରକରଜ କରି ବହୁ କଷ୍ଟରେ ଧାନ ଓ ପରିବା ଚାଷ କରିଥିଲୁ। ପ୍ରଥମେ ନିଅଣ୍ଟିଆ ବର୍ଷା ତଥା ଜଳାଭାବ ଯୋଗୁ ଜମି ଫାଟିଥିଲା। ପରେ ଲଘୁଚାପ ବର୍ଷାରେ ଟିକେ ଆଶ୍ୱସ୍ତି ମିଳିଥିଲା। ମାତ୍ର ଏବେ ବନ୍ୟାଜଳ ସବୁ ଉଜାଡ଼ି ଦେଲା। ଧବଳପୁର ଗ୍ରାମର ଚାଷୀ ପ୍ରମୋଦ ମହାନ୍ତି କହିଛନ୍ତି, ହୀରାକୁଦ ଗେଟ୍ ଖୋଲାଗଲେ ରାଜୁଆ ନଦୀର ପଛୁଆ ପାଣି ଏହି ଗ୍ରାମରେ ପଶିଥାଏ। ଗତ ବର୍ଷ ପ୍ରାୟ ଦୁଇ ସପ୍ତାହ ଧରି ୧୦ଟି ଗ୍ରାମ ପାଣି ଘେରରେ ରହିବା ସହ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ପ୍ରଶାସନ ପକ୍ଷରୁ

- ନିର୍ମାଣ ହେଉନି ବନ୍ଧ, ବ୍ୟାରେଜ କାମ ଅଧାପନ୍ତରିଆ
- ଗାଁରୁ ଖସୁଛି ବନ୍ୟାଜଳ, ଚାଷଜମିରେ ଜମିଛି
- ଶତାଧିକ ଏକର ଧାନ ଓ ପରିବା ଫସଲ ନଷ୍ଟ

ମିଳୁଥିବା କ୍ଷତିପୂରଣ ସମୁଦ୍ରକୁ ଶଙ୍ଖେ ସଦୃଶ। ସେହିପରି ଅନେକ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିବ କି ନାହିଁ ତାହା ଠିକ୍ ନାହିଁ।

ସୁବାସ ସିଂ ଓ କସ୍ତୁରୀ ବେହେରା ପ୍ରମୁଖ ଚାଷୀ କହିଛନ୍ତି, ୨୨ବର୍ଷ ତଳେ କେତେଜଣଙ୍କୁ ଇନ୍ଦିରା ଆବାସ ମିଳିଥିଲା। ଏହାପରଠାରୁ ଆଉ ଆବାସ ଯୋଜନାରେ କାହାକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେହିପରି ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ନିର୍ମାଣ କରାଯାଉନାହିଁ। ରାଜୁଆ ନଦୀର ପଛୁଆ ପାଣି ଆସି ପ୍ରବେଶ କଲେ ଗାଁ ଓ ଚାଷଜମି ଜଳମଗ୍ନ ହେଉଛି। ଶରଧାପୁରଠାରୁ ଲେଖନପୁର ୨କିମି ପର୍ଯ୍ୟନ୍ତ ରାଜୁଆ ନଦୀ ପଶ୍ଚିମ ପାଖରେ ବନ୍ଧ ନାହିଁ। ଏହି ବନ୍ଧ ନିର୍ମାଣ ହେଲେ ଉକ୍ତ ୩ ପଞ୍ଚାୟତର ବନ୍ୟା ସମସ୍ୟା ଦୂର ହୋଇପାରିବ। ଏଠାରେ ବନ୍ଧ କିମ୍ବା ଲେଖନପୁରଠାରେ ଆଡ଼ିବନ୍ଧ ନିର୍ମାଣ ଲାଗି ଚାଷୀମାନେ ଦାବି କରିଛନ୍ତି। ଏକ ବ୍ୟାରେଜ ନିର୍ମାଣ କାମ ଆରମ୍ଭ ହୋଇ ଅଧାରେ ଅଟକିଛି। ଉକ୍ତ ବ୍ୟାରେଜ ନିର୍ମାଣ ସରିଲେ ଖୋର୍ଦ୍ଧା ବ୍ଲକର ଅନେକ ଗ୍ରାମ ବନ୍ୟା ଦାଉରୁ ରକ୍ଷା ପାଇପାରିବ। ହିରିମୂଳ, ଡିହଖଳା, ଦୁର୍ଗାପୁର, ମାନପୁର, ଧବଳପୁର ପ୍ରଭୃତି ଗ୍ରାମ ବନ୍ୟା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହେଉଛି। ତେଣୁ ବନ୍ୟାଜଳ ପ୍ରତିହିତ ପାଇଁ ବନ୍ଧ ନିର୍ମାଣ ଜରୁରୀ ହୋଇପଡ଼ିଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ।

## ସଂକ୍ଷେପରେ

### କୋଟିପତି ଏସ୍‌ଡିଓ ଗିରଫ

କେନ୍ଦୁଝର, ୨୨।୯(ଡି.ଏନ.ଏ./ସ୍ୱ.ପ୍ର.): ଶେଷରେ ଭିଜିଲାନ୍ସ ହାତରେ ବନ୍ଧା ହୋଇଛନ୍ତି ବିଦ୍ୟୁତ୍ ବିଭାଗର କୋଟିପତି ଏସ୍‌ଡିଓ ମହେଶ୍ୱର ସେଠୀ। ମଙ୍ଗଳବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ତାଙ୍କ କେନ୍ଦୁଝର ସ୍ୱଞ୍ଜ କଲୋନୀ ଘର ସମେତ ୫ଟି ସ୍ଥାନରେ ଚଢ଼ାଉ କରି ୨.୫୭ କୋଟି ଟଙ୍କାର ସମ୍ପତ୍ତି ଠାବ କରିଥିଲା। ତାଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିଲା। ତାଙ୍କ ବିରୋଧରେ ପ୍ରମାଣ ମିଳିବା ପରେ ବୁଧବାର କେଶ (ନଂ.୧୭/୨୦୨୧) ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

### ଦମ୍ପତିଙ୍କଠାରୁ ଝାମ୍ପିନେଲେ ୩.୫ ଲକ୍ଷ

ବାରିପଦା ଅଫିସ/ଉଦଳା, ୨୨।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବିସିପୁର-ଧାନଘେରା ରାସ୍ତାରେ ବୁଧବାର ଏକ ଦମ୍ପତିଙ୍କଠାରୁ ୩ ଲକ୍ଷ ୫୦ହଜାର ଟଙ୍କା ଭର୍ତ୍ତି ବ୍ୟାଗ୍ ଦୁର୍ବୃତ୍ତମାନେ ଝାମ୍ପି ନେଇଛନ୍ତି। ପ୍ରକାଶ ଯେ, ଧାନଘେରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରତିକାନ୍ତ ବେହେରା ସ୍ତ୍ରୀଙ୍କ ସହ ଉଦଳା ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଦୁର୍ବୃତ୍ତମାନେ ଏକ ବାଇକ୍‌ରେ ଆସି ସେମାନଙ୍କୁ ବିସିପୁର-ଧାନଘେରା ରାସ୍ତାରେ ଅଟକାଇ କଥା ହେବା ବାହାନାରେ ଟଙ୍କା ବ୍ୟାଗ୍ ଝାମ୍ପିନେଇ ପଳାଇ ଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

### ହାଇୱା ଧକ୍କାରେ ୬୦ ଛେଳି ମୃତ

ଓଡ଼ଗାଁ/ନୟାଗଡ଼ ଅଫିସ,(ସ୍ୱ.ପ୍ର.)୨୨।୯: ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ବାହାଡ଼ାପିଠା ଲେଦ୍ ପାଖରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଏକ ବାଲିବୋଝେଇ ହାଇୱା ଭାରସାମ୍ୟ ହରାଇ ଛେଳିଗୋଠକୁ ମାଡ଼ି ଯିବାରୁ ୬୦ ଛେଳିଙ୍କ ମୃତ୍ୟୁ ଘଟିଛି। ୩୦ ଛେଳି ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦୁତିକେଶ୍ୱର ମନ୍ଦିର ନିକଟସ୍ଥ ଶୁଳିଆ ଜଙ୍ଗଲରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛେଳି ଧରି ଗୌଡପୁଟ ଗୋଲାସାହିର ରାଜେଶ ପାତ୍ର ରାସ୍ତା ପାର ହୋଇଥିଲେ। ଏହି ସମୟରେ ବାହାଡାପିଠା ଲେଦ୍ ପାଖରେ ଦ୍ରୁତଗତିରେ ଆସୁଥିବା ଏକ ହାଇୱା(ନଂ.ଓଡି୨୫ଜି ୭୨୯୨) ଛେଳିଗୋଠ ଉପରେ ଚଢ଼ି ଯାଇଥିଲା। ଫଳରେ ଛେଳିଗୁଡ଼ିକ ରାସ୍ତା ଉପରେ ମରି ପଡ଼ିଥିଲେ। ଆହତ ଛେଳିଙ୍କ ଚିତ୍କାରରେ ସେହି ଅଞ୍ଚଳ କମ୍ପି ଉଠିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ହେଲେ ଘଟଣାସ୍ଥଳକୁ ପୋଲିସ ଆସି ନ ଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ସୁଯୋଗରେ ଚାଳକ ବାଲି ଅନ୍‌ଲୋଡ୍ କରିବା ପରେ ହାଇୱାକୁ ରଖି ଫେରାର ହୋଇଯାଇଥିଲେ। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣାର ୫ ଘଣ୍ଟା ପରେ ଅର୍ଥାତ୍ ବୁଧବାର ପୂର୍ବାହ୍ନରେ ଓଡ଼ଗାଁ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ହାଇୱାକୁ ଜବତ କରିଛି।

# ଜନଶୁଣାଣି ପାଲଟିଲା ରଣକ୍ଷେତ୍ର



ଜନଶୁଣାଣିକୁ ଲୋକେ ବିରୋଧ କରୁଛନ୍ତି।

ସେମିଳିଗୁଡ଼ା/ସୁନାବେଡ଼ା, ୨୨।୯(ସ୍ୱ.ପ୍ର.)

- ଧସେଇ ପଶିଲେ ମାଳି ପର୍ବତ ସୁରକ୍ଷା କମିଟି ସଦସ୍ୟ
- ହିଣ୍ଡାଲ୍‌କୋ କମ୍ପାନୀକୁ କଲେ ତୀବ୍ର ବିରୋଧ
- ପୋଲିସ, ପ୍ରଶାସନିକ ଅଧିକାରୀ ଅସହାୟ

ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ମାଳିପର୍ବତ ଖଣି ଖନନ କାର୍ଯ୍ୟ ନେଇ ବୁଧବାର ଅନୁଷ୍ଠିତ ପରିବେଶ ଜନଶୁଣାଣିକୁ ସ୍ଥାନୀୟ ଲୋକେ କଡ଼ା ବିରୋଧ କରିଛନ୍ତି। ଏହି ଦାୟିତ୍ୱ ନେଇଥିବା ହିଣ୍ଡାଲ୍‌କୋ କମ୍ପାନୀକୁ ମଧ୍ୟ ବିରୋଧ କରାଯାଇଛି। ପରିସ୍ଥିତି ଏପରି ହୋଇଥିଲା ଜନଶୁଣାଣି କ୍ଷେତ୍ର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଲୋକଙ୍କୁ ଅଟକାଇବା ଲାଗି ଉପସ୍ଥିତ ପୋଲିସ ପକ୍ଷରେ ସମ୍ଭବ ହୋଇ ନ ଥିଲା।

ଖବରରୁ ଜଣାପଡ଼ିଛି ମାଳିପର୍ବତ ଖଣି ଖନନ ନେଇ ମାଳିପର୍ବତ ଅଞ୍ଚଳର ପ୍ରଭାବିତ ୪ ପଞ୍ଚାୟତ ଯଥା ସୋରିଷପଦର, ଦଳେଇଗୁଡ଼ା, ଖୁଡ଼ି ଓ ପାକଝୋଲାର ୧୮ ଖଣ୍ଡ ଗ୍ରାମର ବାସିନ୍ଦାଙ୍କୁ ନେଇ ବୁଧବାର ଜନଶୁଣାଣି ପାଇଁ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଦଳେଇଗୁଡ଼ା ପଞ୍ଚାୟତର କଙ୍କଡ଼ାଆମ୍ବ ଚର୍ଚ୍ଚ ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାଳିପର୍ବତରୁ ଖଣି ଖନନ କୌଣସି ପରିସ୍ଥିତିରେ କରାଇ ଦେବୁନାହିଁ ବୋଲି ପ୍ରକାଶ କରି ମାଳି ସୁରକ୍ଷା କମିଟିର ସଦସ୍ୟମାନେ ଏହାକୁ କଡ଼ା ବିରୋଧ କରିଥିଲେ। ପ୍ରାୟ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ମଧ୍ୟ ସେମାନଙ୍କୁ ଖାତିର ନ କରି ପ୍ରଭାବିତ ଅଞ୍ଚଳର ବହୁସଂଖ୍ୟକ ଗ୍ରାମବାସୀ ଜନଶୁଣାଣି କରାଇ ଦେଇ ନ ଥିଲେ। ସେମାନେ ଖଣି ଖନନ ଦାୟିତ୍ୱ ନେଇଥିବା ହିଣ୍ଡାଲ୍‌କୋ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କିଛି ସମୟ ମଧ୍ୟରେ ଏହି ସ୍ଥାନ ରଣକ୍ଷେତ୍ର ପାଲଟିଯାଇଥିଲା। ହଜାର ହଜାର ଗ୍ରାମବାସୀ ଶିବିରସ୍ଥଳରେ ପକାଯାଇଥିବା ମଞ୍ଚଠାରୁ ଆରମ୍ଭକରି ଚେୟାର, ତମ୍ବୁ ଏବଂ ମାଇକ ସେଟ୍ ଭଙ୍ଗାରୁଜା କରିଥିଲେ। ଫଳରେ ମଞ୍ଚରେ ଉପସ୍ଥିତ ସମସ୍ତ ପ୍ରଶାସନିକ ଅଧିକାରୀ ମଞ୍ଚ ଛାଡ଼ି ପଳାଇଥିଲେ। ଘଟଣାସ୍ଥଳରେ ବହୁ ସମୟ ଧରି ଚାପା ଉତ୍ତେଜନା ଲାଗି ରହିଥିଲା। ଜଙ୍ଗଲ,ଜମି ଓ ଜଳ ଆମର। ଏହାକୁ କୌଣସି ମତେ କମ୍ପାନୀକୁ ଟେକିଦେବୁ ନାହିଁ ବୋଲି ଗ୍ରାମବାସୀ କମ୍ପାନୀ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ତେବେ ମାଳିପର୍ବତ ସୁରକ୍ଷା କମିଟି ସଭାପତି ବିଜୟ ଖୁଲ କହନ୍ତି, ମାଳିପର୍ବତକୁ କୌଣସି ପରିସ୍ଥିତିରେ କୌଣସି କମ୍ପାନୀକୁ ହସ୍ତାନ୍ତର କରାଇ ଦେବୁ ନାହିଁ। ଜନଶୁଣାଣି ସମୟରେ କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,ସୁନାବେଡ଼ା ଏସ୍‌ଡିପିଓ ମନୋଜ ବେହେରା, ସେମିଳିଗୁଡ଼ା ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ସୁନାବେଡ଼ା, ଦାମନଯୋଡ଼ି,ପଟ୍ଟାଙ୍ଗୀ ଥାନା ଅଧିକାରୀଙ୍କ ସମେତ ବ୍ୟାପକ ପୋଲିସ ଏବଂ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ, ସେମିଳିଗୁଡ଼ା ତହସିଲଦାର ରଞ୍ଜିତା ମେରି, ବିଡିଓ ସବ୍ୟସାଚୀ ବେହେରା ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ସୁଦ୍ଧା ଏପରି ପରିସ୍ଥିତି ସୃଷ୍ଟି ହେବା ପ୍ରଶାସନ ଓ ପୋଲିସର ଅପାରଗତାକୁ ପଦାରେ ପକାଇଛି ବୋଲି ଚର୍ଚ୍ଚା ହେଉଛି।

# ଭିଜିଲାନ୍ସ ଜାଲରେ ମୋଟୁ ଥାନା ଆଇଆଇସି

ଖୋର୍ଦ୍ଧା ଅଫିସ/କାଳିମେଳା/ଏମ୍‌ଭି ୭୯,୨୨।୯(ଡି.ଏନ୍.ଏ.)

- ୨.୮୦ ଲକ୍ଷ ଟଙ୍କା, କାର୍, କାଗଜପତ୍ର ଜବତ
- ପୈତୃକ ବାସଭବନ ସମେତ ୪ ସ୍ଥାନରେ ଚଢ଼ାଉ



ସୁଶାନ୍ତ କୁମାର ସାହୁ

ମାଲକାନଗିରି ଜିଲା ମୋଟୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ବୁଧବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ମୋଟୁରୁ ନିଜ ଘର କଟକ ଜିଲାର ଫୁଲନଖରାକୁ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଖୋର୍ଦ୍ଧା ଏସ୍‌ପି ଅଫିସ୍ ନିକଟରୁ ଗିରଫ କରିଛନ୍ତି। ଏଥିସହ ତାଙ୍କଠାରୁ ନଗଦ ୨ଲକ୍ଷ ୮୦ ହଜାର ଟଙ୍କା ସମେତ ଏକ କାର୍ (ନଂ. ଓଡି ୦୫ ଏକ୍ସ୫୬୨୯) ଏବଂ କେତେକ ଡକ୍ୟୁମେଣ୍ଟ ଜବତ କରାଯାଇଛି। ଏ ନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ସାହୁଙ୍କ ଫୁଲନଖରାସ୍ଥିତ ପୈତୃକ ଗୃହ ଓ ରାଣୀହାଟସ୍ଥିତ ସମ୍ପର୍କୀୟଙ୍କ ଘର ସମେତ ମୋଟୁ ଥାନା ଓ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ ଜାରି ରହିଛି।

ଭୁବନେଶ୍ୱର ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅକ୍ଷୟ କୁମାର ମିଶ୍ର କହିଛନ୍ତି, ମୋଟୁ ଥାନା ଅଧିକାରୀ ସାହୁ ପରିବାର ସହ ପ୍ରାୟ ୩ ଲକ୍ଷ ଟଙ୍କା ଧରି ଏକ କାର୍ ଯୋଗେ ଫୁଲନଖରାସ୍ଥିତ ନିଜ ଘରକୁ ଯାଉଥିବା ଭିଜିଲାନ୍ସ ନିକଟରେ ଖବର ପହଞ୍ଚିଥିଲା। ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ମିଶ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଭିଜିଲାନ୍ସ ବିଭାଗର ଏକ ଟିମ୍ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ଛକି ରହିଥିଲେ। ଅପରାହ୍ନ ପ୍ରାୟ ୧ଟା ୩୦ରେ ସେ ଏହି ରାସ୍ତା ଦେଇ ଯିବାବେଳେ ଭିଜିଲାନ୍ସ ଟିମ ତାଙ୍କୁ ଅଟକାଇଥିଲେ। କାରରେ ସାହୁ, ତାଙ୍କ ସ୍ତ୍ରୀ ଏବଂ ୨ ଝିଅ ପୁଅ ଥିଲେ। ତାଙ୍କ କାର୍ ଯାଞ୍ଚ କରାଯିବାରୁ ୫ଶହ ଟଙ୍କିଆ ଥିବା ପ୍ରାୟ ୨ଲକ୍ଷ ୮୦ ହଜାର ଟଙ୍କା ମିଳିଥିଲା। ଏତେ ଟଙ୍କା କେଉଁଠୁ ଆଣିଲେ ଓ କୁଆଡ଼େ ଯାଉଛନ୍ତି ବୋଲି ସାହୁଙ୍କୁ ପଚରାଯାଇଲେ ମଧ୍ୟ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ତାଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ଭିଜିଲାନ୍ସ ଥାନାକୁ ନିଆଯାଇଛି ବୋଲି ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସାହୁ କହିଛନ୍ତି, ତାଙ୍କ ବାପା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବାପାଙ୍କ ଚିକିତ୍ସା ଲାଗି ଏହି ଟଙ୍କା ସେ ଜଣେ ସମ୍ପର୍କୀୟଙ୍କଠାରୁ ଧାର ସୂତ୍ରରେ ଆଣିଥିଲେ।

# କାର୍ ଡିକିରୁ ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଜାତୀୟ ରାଜପଥରେ ଗଞ୍ଜେଇ ଚାଲାଣବେଳେ କମିଶନରେଟ ପୋଲିସ ଧରିଛି। ବୁଧବାର ପୂର୍ବାହ୍ନ ୧୦ଟାରେ ମଞ୍ଚେଶ୍ୱର ଥାନା ପଳାଶୁଣୀ ନିକଟରେ ଯାଞ୍ଚବେଳେ ଏକ କାର୍ ଡିକିରୁ ୪୫ କେଜି ଗଞ୍ଜେଇ ମିଳିଛି। ଉକ୍ତ କାର୍ ଓ ଗଞ୍ଜେଇକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କନ୍ଧମାଳ ଜିଲାର ସୁଶାନ୍ତ ଦିଗଲ। ଜବତ ଗଞ୍ଜେଇର ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। ଏହାକୁ କନ୍ଧମାଳରୁ ଭଦ୍ରକ ନେଉଥିବା ଅଭିଯୁକ୍ତ ଡ୍ରାଇଭର କହିଛନ୍ତି। ତାଙ୍କ ବୟାନ ଆଧାରରେ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ସୀମା ବିବାଦ: ସମାଧାନ ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର,୨୨।୯(ବ୍ୟୁରୋ)

**ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଆପୋସ ସମାଧାନ ପ୍ରସ୍ତାବ**

ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ସୀମାବର୍ତ୍ତୀ ଜିଲା କୋରାପୁଟ ଏବଂ ଗଜପତିର ବିଭିନ୍ନ ଗାଁକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଆପୋସ ସମାଧାନ ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କୁ ଚିଠି ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ଧ୍ର ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା, ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରିବା ସହ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ୪ଟି ପ୍ରସ୍ତାବ ଦେଇଛନ୍ତି।

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି, କୋରାପୁଟ ପଟାଙ୍ଗୀ ବ୍ଲକ କୋଟିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୦ଟି ଗାଁରୁ ଆରମ୍ଭ ହୋଇଥିବା ବିବାଦ ଏବେ ସୀମାବର୍ତ୍ତୀ ଅଞ୍ଚଳ ଗଜପତି ଜିଲାକୁ ମଧ୍ୟ ବ୍ୟାପିଛି। ଏହା ଦ୍ୱାରା ଆନ୍ତଃରାଜ୍ୟ ସୀମା ବିବାଦ ସୃଷ୍ଟି ହେଉଛି, ଯାହା ଚିନ୍ତାଜନକ। ଏହି ସୀମା ବିବାଦର ସମାଧାନ କରିବା ସମୟ ସାପେକ୍ଷ ଏବଂ ଏହାକୁ ସମାଧାନ କରିବା ପାଇଁ ଉଚ୍ଚ ସ୍ତରରେ ପରିପକ୍ୱ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ, ବୁଝାମଣା ତଥା ସହଯୋଗର ଆବଶ୍ୟକତା ରହିଛି। ତୃଣମୂଳ ସ୍ତରରେ ସୃଷ୍ଟି ହୋଇଥିବା ବିବାଦୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି କଥାବାର୍ତ୍ତା ମାଧ୍ୟମରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହି ପୃଷ୍ଠଭୂମିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓଡ଼ିଶାର ସ୍ୱାର୍ଥ ନିମନ୍ତେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଏହି ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ୪ଟି ପ୍ରସ୍ତାବ ଦେଇଛନ୍ତି। ପ୍ରଥମତଃ ବିବାଦୀୟ ଗ୍ରାମଗୁଡ଼ିକରୁ ସଶସ୍ତ୍ର ସୁରକ୍ଷା ବଳକୁ ଅପସାରଣ କରାଯାଉ। ସ୍ଥାନୀୟ ଜନପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର, ଦ୍ୱିତୀୟତଃ ଗ୍ରାମାଞ୍ଚଳର ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମୌଳିକ ସୁବିଧାକୁ ବାଦ୍ ଦେଇ ନୂତନ ଢାଞ୍ଚାଗତ ନିର୍ମାଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଉ। ତୃତୀୟତଃ ଏହି ବିବାଦରେ ଆଗାମୀ ଦିନର ରୋଡ୍‌ମ୍ୟାପ ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା କରାଯାଉ। ଚତୁର୍ଥତଃ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ କିମ୍ବା ଉନ୍ନୟନ କମିଶନରଙ୍କ ସ୍ତରରେ ଜଏଣ୍ଟ ଓର୍କିଂ କମିଟି ବା ଯୁଗ୍ମ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ବୋଲି ଧର୍ମେନ୍ଦ୍ର ପ୍ରସ୍ତାବ ଦେଇଛନ୍ତି।

# ଓଡ଼ିଶାକୁ ଷ୍ଟାଟସ୍ ରିପୋର୍ଟ ମାଗିଲେ ଏନ୍‌ଜିଟି

ନୂଆଦିଲ୍ଲୀ,୨୨।୯



**ବେଆଇନ ଖଣି ଖନନ ଅଞ୍ଚଳ ପାଇଁ କ୍ଷତିପୂରଣ**

କେଉଁଝର ଜିଲାର ଖଣି ଖାଦାନ ଅଞ୍ଚଳରେ ବେଆଇନ ଭାବେ ଖନନ ଚାଲିଥିବା ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିକଟରେ ପିଟିଶନ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ଥଇଥାନ ଓ କ୍ଷତିପୂରଣ କାର୍ଯ୍ୟକୁ ନେଇ କେନ୍ଦୁଝର ଜିଲାପାଳଙ୍କୁ ବୁଧବାର ଏନ୍‌ଜିଟି ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଜୁଡିସିଆଲ ମେମ୍ବର ବି. ଅମିତ, ଏସ୍. ଥାଲେକର ଏବଂ ଏକ୍ସପର୍ଟ ମେମ୍ବର ସାଇବଲ ଦାସଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନେଇ ରାଜ୍ୟ ସରକାରଙ୍କୁ ୩ ସପ୍ତାହ ସମୟ ଦେଇଛନ୍ତି। ଘସିପୁରା ତହସିଲର ଖଣି ଅଞ୍ଚଳର ବର୍ତ୍ତମାନ ସ୍ଥିତି ଓ ସେଠାରେ କେତେଜଣଙ୍କୁ କ୍ଷତିପୂରଣ ଦିଆଯାଇଛି ସେନେଇ ରାଜ୍ୟ ସରକାର ଏନ୍‌ଜିଟିରେ ସତ୍ୟପାଠ ଦାଖଲ କରିବେ।

ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ କହିଥିଲେ, ସମ୍ପୃକ୍ତ ଅଞ୍ଚଳରେ ପ୍ରାୟ ୨୦ ବର୍ଷ ହେଲା ଖନନ କାର୍ଯ୍ୟ ଚାଲିଛି। ଏଥିପାଇଁ ବେଆଇନ ଖନନକାରୀଙ୍କୁ ଚିହ୍ନଟ କରାଯାଇଥାଏ। ପ୍ରକାଶ ଯେ, ଖିଲାପକାରୀମାନଙ୍କଠାରୁ ୨୦୧୯ ଡିସେମ୍ବରରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୋଲକାତା, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ଖନନ ଅଧିକାରୀ ଏବଂ କେଉଁଝର ଡିଭିଜନାଲ କମିଶନର ବେଆଇନ ଖଣି ଖନନ ଯୋଗୁ ୭.୩ କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରିଥିଲେ। ଏହାସହ ଉକ୍ତ ଅର୍ଥକୁ ଖିଲାପକାରୀଙ୍କଠାରୁ ଅସୁଲ କରାଯିବ ବୋଲି କହିଥିଲେ। ଏହାର ୨ ବର୍ଷ ପରେ ବି କିଛି ହୋଇନାହିଁ। ଖିଲାପକାରୀଙ୍କଠାରୁ ଅର୍ଥ ଆଦାୟ ହୋଇନାହିଁ ବୋଲି ଏନ୍‌ଜିଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ କେଉଁଝର ଜିଲା ସହକାରୀ ବନ ସଂରକ୍ଷକଙ୍କ ପକ୍ଷରୁ ଦାଖଲ ଏକ ସତ୍ୟପାଠରୁ ଜଣାପଡ଼ିଛି ଯେ, ଘସିପୁରା ତହସିଲ ଅଧୀନ ମଦନପୁର ମୌଜାରେ ଜଙ୍ଗଲ ସଂରକ୍ଷଣ ଚାଲିଛି।

# ଅସ୍ତିତ୍ୱ ହରାଇବାକୁ ବସିଛି ଏକାଧିକ ଜଳାଶୟ

ଖଣ୍ଡପଡ଼ା,୨୨।୯ (ସ୍ୱ.ପ୍ର.)

ଖଣ୍ଡପଡ଼ା ତହସିଲ ଅଧୀନ କଣ୍ଟିଲୋ ରାଜସ୍ୱ ଗ୍ରାମରେ ରହିଛି ପ୍ରାୟ ୨୩.୯୦ଏକର ପରିମିତ ବିଭିନ୍ନ ପୋଖରୀ, ଜଳାଶୟ, ଖାଡିଆ ଓ ପତିତ କିସମର ଜମି। ବନ୍ଦୋବସ୍ତ ମୁତାବକ ପ୍ଲଟ ନମ୍ବର ୨୦୮୧ରେ ୨.୮୬ ଏକରର ନଡିଆ ପୋଖରୀ, ୯୨୮ ଓ ୯୫୮ ପ୍ଲଟରେ ୫.୪୫ ଏକରର ନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀ, ୧୯୦୮, ୧୯୦୯ ଓ ୧୯୧୦ ପ୍ଲଟରେ ୨.୬୯ ଏକରର ଭରତ ସାମନ୍ତରାୟ ପୋଖରୀ,୨୦୩୨ ପ୍ଲଟରେ ୧.୩୯ ଏକର ପରିମିତ ଖଣ୍ଡିଆ ପୋଖରୀ, ୨୯୭୦, ୨୯୭୧ ପ୍ଲଟରେ ୫.୮୭ ଏକର ପରିମିତ ପାଣ୍ଡୁସାହୁ ପାଟଣା ବଡ ପୋଖରୀ ଏବଂ ୨୨୦୭ ଓ ୨୨୦୮ ପ୍ଲଟରେ ୪.୧୯ ଏକର ପରିମିତ ଚଣ୍ଡୀ ପୋଖରୀ ରହିଛି। ଉପରୋକ୍ତ ଜଳାଶୟ ଗୁଡିକ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ କାଳକ୍ରମେ ପୋତି ହୋଇପଡ଼ିଛି।



କଣ୍ଟିଲୋ ବଜାର ନିକଟରେ ଥିବା ଜଳାଶୟକୁ ଜବରଦଖଲ କରି ଘର ନିର୍ମାଣ କରାଯାଇଛି।

କଣ୍ଟିଲୋ ଯାତ୍ରାପଦା ବଜାର ନିକଟରେ ଥିବା ୧୮୬୭ ପ୍ଲଟରେ ୪୯ଡେସିମିଲ ଜଳାଶୟ କିସମ ଧୋବା ଖାଡିଆ ଏବଂ ୧୮୬୯,୧୮୭୦ ପ୍ଲଟରେ ଥିବା ଜଳାଶୟ ଯାହାକି କଣ୍ଟିଲୋ ପଞ୍ଚାୟତ ଅଧୀନରେ ଥିବାରୁ ପ୍ରତିବର୍ଷ ମାଛ ଚାଷ ପାଇଁ ପଞ୍ଚାୟତ ପକ୍ଷରୁ ନିଲାମ ଦିଆଯାଇଥାଏ। ଏହାବାଦ୍ ୯୭୬ ପ୍ଲଟରେ ୫୦ଡେସିମିଲ ଜଳାଶୟ କିସମ ଓ ୯୭୭ ଏବଂ ୯୭୮ ପ୍ଲଟରେ ଥିବା ୪୬ ଡେସିମିଲ ପତିତ କିସମର ଜାଗା ରହିଛି। ଏହି ଜଳାଶୟ ଗୁଡିକ ନିକଟ ଗ୍ରାମ ଓ ସାହିବସ୍ତିଠାରୁ ନିମ୍ନ ପତନରେ ଥିବାରୁ ସାହି ବସ୍ତିରୁ ଆସୁଥିବା ନର୍ଦ୍ଦମା ପାଣି ଓ ବର୍ଷା ଜଳ ସେହି ଜଳାଶୟରେ ପଡିଥାଏ। ଏବେ ସେହି ଜଳାଶୟ ବହୁ ଲୋକଙ୍କ ଜବରଦଖଲରେ ରହିଛି। ଧୀରେ ଧୀରେ ସେହି ଜଳାଶୟ ସଙ୍କୁଚିତ ହେବାରେ ଲାଗିଛି। ୧୮୬୭ ପ୍ଲଟରେ ଥିବା ଜମିରେ ମାର୍କେଟ କମ୍ପ୍ଲେକ୍ସକୁ ଯୋଜନା ପ୍ରସ୍ତୁତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ଯୋଜନା ଅଧୁରା ରହିଛି। ଏହି ଜଳାଶୟଟି କଣ୍ଟିଲୋ ପଞ୍ଚାୟତ ତତ୍ତ୍ୱାବଧାନରେ ରହିଥିଲେ ମଧ୍ୟ ଜବରଦଖଲକାରୀମାନେ ସେଠାରେ ସ୍ଥାୟୀ ଗୃହ ଓ ଦୋକାନ ଘର ନିର୍ମାଣ କରି ଚାଲିଛନ୍ତି। କଣ୍ଟିଲୋ ମୌଜାରେ ଥିବା ପ୍ରାୟ ୨୪ ଏକର ପୋଖରୀ, ଜଳାଶୟ ଓ ପତିତ ଜମିରେ କେତେ ଜଳାଶୟ ଓ ପୋଖରୀ ରହିଛି ତାର ଠିକ ହିସାବ ଖଣ୍ଡପଡା ତହସିଲରେ ନାହିଁ। କେବଳ ରେକର୍ଡ ପତ୍ରରେ ଜଳାଶୟ ରହିଥିବା ବେଳେ ବାସ୍ତବରେ ଜଳାଶୟ ଗୁଡିକ କୋଠାବାଡି ଓ ବ୍ୟବସାୟ ପ୍ରତିଷ୍ଠାନରେ ଭର୍ତ୍ତି ହୋଇଛି। ପ୍ରଶାସନିକ ଅଧିକାରୀମାନେ ଏହି ବେଆଇନ କାର୍ଯ୍ୟ ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ କଣ୍ଟିଲୋ ନୀଳମାଧବ ଜୀଉ ଦେବୋତ୍ତର ମ୍ୟାନେଜର ହରିହର ଦାଶ କହିଛନ୍ତି, କଣ୍ଟିଲୋର କେତେଜଣ ଲୋକଙ୍କ ଯୋଗୁ ଜବରଦଖଲ ବୃଦ୍ଧି ପାଉଛି। ଏହାର ପ୍ରତିକାର ପାଇଁ ପ୍ରଶାସନ ଆଇନଗତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।



ବୁଧବାର ଗାଁକୁ ଚାଲ ଅଭିଯାନରେ ବାହାରିଥିବା ସମ୍ବଲପୁର ଜିଲା କୃଷକ ସଙ୍ଗଠନର କର୍ମକର୍ତ୍ତା ଓ ଚାଷୀମାନେ।

# କୃଷକ ସଙ୍ଗଠନର ଗାଁକୁ ଚାଲ ଅଭିଯାନ

ସମ୍ବଲପୁର,୨୨।୯(ବ୍ୟୁରୋ)

**ଚାଷୀ, ଖାଉଟି ନୀତିକୁ ବିରୋଧ**

ସମ୍ବଲପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଜେଲ ଛକସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶତାଧିକ ଚାଷୀ ବାଇକ୍ ରାଲିରେ ବାହାରିଥିଲେ। ପୂର୍ବରୁ ଧନକଉଡା ବ୍ଲକ ଚାରପାଲି ମାର୍କେଟ ୟାର୍ଡରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କୃଷକ ସଙ୍ଗଠନ ସଭାପତି ମୁରାରୀ ପୁରୋହିତ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଆଶୋକ ପ୍ରଧାନ, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। ଅଞ୍ଚଳର ଚାଷୀମାନେ ଏକାଠି ହୋଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେମାନେ ଅଭିଯୋଗ କରିଥିଲେ, ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ କିଣା ନୀତି, ଫସଲ ବୀମା, ସବ୍‌ସିଡି ପ୍ରଦାନ ଚାଷୀଙ୍କୁ ତଳିତଳାନ୍ତ କରିଦେଇଛି। ୨୦ ବର୍ଷ ଶାସନ କାଳରେ ଟଙ୍କାଟିଏ ମଧ୍ୟ ବୋନସ ଦିଆଯାଇ ନାହିଁ। ଚାଷୀ ଅନ୍ନଦାତା ଓ ସଚେତନ ନାଗରିକ। ତିନି କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଧାନ ସମେତ ସମସ୍ତ ଉତ୍ପାଦିତ ଫସଲ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା, ସ୍ୱାମୀନାଥନ କମିଶନଙ୍କ ସୁପାରିଶ କାର୍ଯ୍ୟକାରୀ କରି ଏମ୍‌ଏସ୍‌ପି ଲାଗୁ, କୃଷି ବୀମାରେ ଘରୋଇ କମ୍ପାନୀକୁ ବାଦ୍, କ୍ଷତିପୂରଣ ରାଶି ହେକ୍ଟର ପିଛା ୨୦ ହଜାରକୁ ବୃଦ୍ଧି, ରାଜ୍ୟ ସରକାର ଆଣିଥିବା ଅଧ୍ୟାଦେଶକୁ ପ୍ରତ୍ୟାହାର, ଟୋକନ ଅବଧି ଏକ ମାସ ପର୍ଯ୍ୟନ୍ତ କରିବା, ମରୁଡି ଘୋଷଣା କରି କ୍ଷତିପୂରଣ ପ୍ରଦାନ ଆଦି ଦାବି ଉପସ୍ଥାପନ କରିଥିଲେ। ପ୍ରତିଦିନ ବିଭିନ୍ନ ସ୍ଥାନରେ ସଭା ସମିତି କରାଯିବ। ଜିଲାବ୍ୟାପୀ ଏହି ଆନ୍ଦୋଳନ ଜାରି ରହିବ ବୋଲି ଆବାହକ ଆଶୋକ ପ୍ରଧାନ କହିଛନ୍ତି।

# ଟିକା ସାର୍ଟିଫିକେଟକୁ ସ୍ୱୀକୃତି ଦେବାକୁ ଆହ୍ୱାନ

## ବିଶ୍ୱ କୋଭିଡ୍ ସମିଟ୍‌ରେ ମୋଦିଙ୍କ ଉଦ୍‌ବୋଧନ

ୱାଶିଂଟନ, ୨୨।୯

ଅନ୍ତର୍ଜାତୀୟ ଗମନାଗମନକୁ ସୁଗମ କରିବା ଲାଗି ଟିକା ପ୍ରମାଣପତ୍ରକୁ ଆପୋଷ ସ୍ୱୀକୃତି ମିଳିବା ଆବଶ୍ୟକ ବୋଲି ୫ ଦିନିଆ ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପକ୍ଷରୁ ଆୟୋଜିତ ବିଶ୍ୱ କୋଭିଡ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ମହାମାରୀ ଯୋଗୁ ଅନେକ ରାଷ୍ଟ୍ର ବିଦେଶୀମାନଙ୍କ ପ୍ରବେଶକୁ ନେଇ ବିଭିନ୍ନ ନିୟମାବଳୀ ଆପଣାଇଥିବାରୁ ଯାତାୟାତରେ ସମସ୍ୟା ଉପୁଜିଛି। ଅର୍ଥନୀତି ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଏଥିରେ ସୁଧାର ଆଣିବା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏଥିପାଇଁ କୋଭିଡ୍ ଟିକା ସାର୍ଟିଫିକେଟକୁ ଆପୋଷ ସ୍ୱୀକୃତି ଦେଇ ଅନ୍ତର୍ଜାତୀୟ ଗମନାଗମନ ସୁଗମ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ଭାରତ ତା'ର ଟିକା ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି କରିଛି। ଏଥିପାଇଁ ଆବଶ୍ୟକ କଞ୍ଚାମାଲ୍ ଯୋଗାଣ ଶୃଙ୍ଖଳ ଉନ୍ମୁକ୍ତ ରହିଲେ ଅନ୍ୟ ଦେଶଗୁଡ଼ିକୁ ଟିକା ଯୋଗାଣ ପୁଣିଥରେ ଆରମ୍ଭ ହୋଇପାରିବ ବୋଲି ମୋଦି କହିଥିଲେ। ଭାରତର ଟିକା ଉତ୍ପାଦନ ସାମର୍ଥ୍ୟ ବୃଦ୍ଧିରୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଲାଭ ଉଠାଇବା ଆବଶ୍ୟକ। କୋଭିଡ୍ ଟିକା, ରୋଗ ଚିହ୍ନଟ ଉପକରଣ ଏବଂ ଔଷଧ ପାଇଁ ଟିଆର୍‌ଆଇପିଏସ୍ ଛାଡ଼ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲୁଏଚ୍‌ଓ)ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ପ୍ରସ୍ତାବ ରଖିଥିଲେ। ମହାମାରୀ ବିରୋଧୀ ଲଢ଼େଇକୁ ଜୋର୍‌ଦାର କରିବାରେ ଏହା ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦ୍ୱିତୀୟ ଲହରରେ ସଂକ୍ରମଣ ବଢ଼ିବାରୁ ଗତ ଏପ୍ରିଲରୁ ଭାରତ ଟିକା ରପ୍ତାନି ବନ୍ଦ କରିଦେଇଥିଲା। ଟିକା ମୈତ୍ରୀ କାର୍ଯ୍ୟକ୍ରମ ତଥା କୋଭାକ୍ସ ପ୍ରତିଶ୍ରୁତି ପୂରଣ ପାଇଁ ଚତୁର୍ଥ ତ୍ରୟମାସିକରୁ ପୁଣି ଥରେ



ଆମେରିକା ଗସ୍ତବେଳେ ବିମାନରେ ନରେନ୍ଦ୍ର ମୋଦି

କୋଭିଡ୍ ଟିକା ରପ୍ତାନି ଆରମ୍ଭ କରିବାକୁ ଭାରତ ସୋମବାର ଘୋଷଣା କରିଛି।

ସୂଚନାଯୋଗ୍ୟ ବୁଧବାର ବ୍ରିଟେନ୍ ସରକାର କୋଭିଶିଲ୍ଡ ଟିକାକୁ ମଞ୍ଜୁରୀ ପ୍ରଦାନ କରିଥିଲେ ମଧ୍ୟ ବିବାଦୀୟ ଅନ୍ତର୍ଜାତୀୟ ଟ୍ରାଭେଲ୍ ଗାଇଡଲାଇନ୍‌କୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ନୂଆ ଗାଇଡ୍‌ଲାଇନ ଅନୁଯାୟୀ କୋଭିଶିଲ୍ଡ ଟିକା ନେଇଥିବା ଭାରତୀୟମାନେ ଅକ୍ଟୋବର ୪ରୁ ବ୍ରିଟେନ ଯାଇପାରିବେ କିନ୍ତୁ ସେମାନଙ୍କୁ କ୍ୱାରାଣ୍ଟାଇନ ନିୟମରୁ ବାଦ୍ ଦିଆଯାଇନାହିଁ। ସୋମବାର ଆମେରିକା ଭାରତୀୟଙ୍କ ବିମାନ ଯାତ୍ରା ପାଇଁ କୋଭିଶିଲ୍ଡ ଟିକାକୁ ମଞ୍ଜୁରୀ ଦେଇଥିଲା।

ମୋଦି ତାଙ୍କ ୫ ଦିନିଆ ଗସ୍ତର ଶେଷ ପର୍ଯ୍ୟାୟରେ ଜାତିସଂଘ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରଧାନମନ୍ତ୍ରୀ କୋଭିଡ୍-୧୯ ମହାମାରୀ, ଆତଙ୍କବାଦ ମୁକାବିଲା, ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆମେରିକା ଗସ୍ତରେ ଯିବା ପୂର୍ବରୁ ବୁଧବାର ଦିଲ୍ଲୀ ବିମାନବନ୍ଦରଠାରେ ଗଣମାଧ୍ୟମକୁ କହିଥିଲେ। ତାଙ୍କ ଗସ୍ତ ଭାରତ-ଆମେରିକା ସମ୍ପର୍କକୁ ମଜଭୁତ କରିବା ସହ ଜାପାନ ଓ ଅଷ୍ଟ୍ରେଲିଆ ସହ ସମ୍ପର୍କ ବଢ଼ାଇବ। ଗସ୍ତ ଅବସରରେ ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଉପରାଷ୍ଟ୍ରପତି କମଲା ହାରିସ୍ ଓ ଅନ୍ୟ ନେତୃବୃନ୍ଦଙ୍କୁ ଭେଟି ଆଲୋଚନା କରିବେ। କ୍ୱାଡ୍ ନେତାମାନଙ୍କ ସମ୍ମିଳନୀରେ ମୋଦି ରାଷ୍ଟ୍ରପତି ବାଇଡେନ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗାଙ୍କୁ ଭେଟିବେ। ଏହା ବ୍ୟତୀତ ଆମେରିକା ଉଦ୍ୟୋଗ ଜଗତର ଶୀର୍ଷ କାର୍ଯ୍ୟନିର୍ବାହୀମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

# ମଣିଷଖିଆ ବାଘର ପତ୍ତା ମିଳୁନି

ମୁମ୍ବାଇ, ୨୨।୯

ମହାରାଷ୍ଟ୍ରର ଗଡଚିରୌଲି ଜିଲାରେ ମଣିଷ ଖିଆ ବାଘ ଆତଙ୍କ ଜାରି ରହିଛି। ଏ ପର୍ଯ୍ୟନ୍ତ ୧୫ ଲୋକଙ୍କ ଜୀବନ ନେଇ ସାରିଥିବା ବାଘକୁ ଖୋଜିବା ପାଇଁ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ ଜଙ୍ଗଲ ମଧ୍ୟରେ ଖୋଜାଖୋଜି ଚଳାଇଛନ୍ତି। ଫୋର୍ସର ମୁଖ୍ୟ ଦିଲୀପ କହିଛନ୍ତି, କ୍ୟାମେରା ଟ୍ରାପ୍, ସ୍ଥାନୀୟ ଲୋକଙ୍କ ସହଯୋଗରେ ବାଘ ସନ୍ଧାନ ଚାଲିଛି। ଏଥିପାଇଁ ପ୍ରାୟ ୧୫୦ କ୍ୟାମେରା ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଛି। ବର୍ଷା ଯୋଗୁ ଏହି କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଦିନକୁ ଜଙ୍ଗଲ ଭିତରେ ପ୍ରାୟ ୪୦ କିମି ପର୍ଯ୍ୟନ୍ତ ଖୋଜାଖୋଜି ଚାଲିଥିବା ସେ କହିଛନ୍ତି। ସେପଟେ ବାଘର ପତ୍ତା ମିଳିପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଛି।

# ଏଲ୍‌ଆଇସିରେ ନିବେଶ ସୁଯୋଗ ପାଇ ନ ପାରେ ଚାଇନା

**ନୂଆଦିଲ୍ଲୀ,୨୨।୯:** ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଶୀଘ୍ର ଇନିସିଆଲ ପବ୍ଲିକ ଅଫରିଂ ଜାରି କରିବାକୁ ଯାଉଛି। ଏଥିରେ ଚାଇନା ନିବେଶକଙ୍କୁ ଶେୟାର କ୍ରୟ ସୁଯୋଗ ମିଳି ନ ପାରେ। ଏହି ପ୍ରକ୍ରିୟା ଲାଗି ନୂଆଦିଲ୍ଲୀ ଚାଇନା ନିବେଶକଙ୍କୁ ବ୍ଲକ କରିବାକୁ ଯୋଜନା କରୁଥିବା ୪ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ବୁଧବାର ସୂଚନା ଦେଇଛନ୍ତି। ୨ ଦେଶର ସୀମା ବିବାଦ ପରେ ଭାରତରେ ଚାଇନା ବିରୋଧୀ ସ୍ୱର ଜୋରଦାର ହୋଇଛି। ଚାଇନା କମ୍ପାନୀଗୁଡ଼ିକ ବିରୋଧରେ ମଧ୍ୟ ଭାରତ କଠୋର ପଦକ୍ଷେପ ଗ୍ରହଣ କରୁଛି। ଏଲ୍‌ଆଇସି ଆଇପିଓରେ ବିଦେଶୀ ନିବେଶକଙ୍କୁ ପ୍ରାୟ ୨୦% ଶେୟାର କ୍ରୟ ଅନୁମତି ମିଳିପାରେ ବିଦେଶର ପେନଶନ ପାଣ୍ଠି, ବୀମା କମ୍ପାନୀ ଏବଂ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ଲାଗି ଏଥିରେ ସୁଯୋଗ ରହିଛି। ମାତ୍ର ବିଦେଶୀ ନିବେଶକଙ୍କ ମଧ୍ୟରୁ ଚାଇନା ସଂସ୍ଥାଗୁଡିକୁ ବାଦ ଦିଆଯିବ ବୋଲି ଅଧିକାରୀ କହିଛନ୍ତି। ଏଲ୍‌ଆଇସିରେ ଅଂଶଧନ ବିକ୍ରି ଦ୍ୱାରା ସରକାର ପ୍ରାୟ ୯୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା ରଖିଛନ୍ତି।

# 'ଭାରତକୁ ତାଲିବାନ୍ ହେବାକୁ ଦିଆଯିବନି'

ନୂଆଦିଲ୍ଲୀ, ୨୨।୯

ଭାଜପା ଏକ ଜୁମ୍‌ଲା ପାର୍ଟି। କେନ୍ଦ୍ର ସରକାର ଭାରତକୁ ତାଲିବାନ୍‌ରେ ପରିଣତ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହାକୁ ସଫଳ ହେବାକୁ ଦିଆଯିବନାହିଁ ବୋଲି ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଭବାନୀପୁର ନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ଭାଜପା ପଶ୍ଚିମବଙ୍ଗବାସୀଙ୍କୁ ମିଛ କହୁଛନ୍ତି। ରାଜ୍ୟରେ ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା କରାଇ ନ ଦେବାକୁ ଟିଏମ୍‌ସି ଚାହୁଁଥିବା ଭାଜପା ଅପପ୍ରଚାର ଚଳାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମନେ ରଖିବା ଉଚିତ ଯେ, ଆମେ ସେମାନଙ୍କୁ ଦେଶକୁ ବିଭାଜିତ କରାଇଦେବୁ ନାହିଁ। ଗାନ୍ଧିଜୀ, ନେତାଜୀ, ସ୍ୱାମୀ ବିବେକାନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଗୁରୁ ନାନକ, ଗୌତମ ବୁଦ୍ଧ ଓ ଜୈନ ଅନୁଗାମୀ ସମସ୍ତେ ଏଠାରେ ଏକାଠି ରହିବେ। ଏହି ଅବସରରେ ସେ ଭବାନୀପୁର ଆସନରୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ ହେବା ତାଙ୍କ ଭାଗ୍ୟର ଖେଳ(ତକ୍‌ଦିର କା ଖେଲା) ବୋଲି କହିଛନ୍ତି।



ଭବାନୀପୁର ନିର୍ବାଚନମଣ୍ଡଳୀରେ ପ୍ରଚାର କରୁଛନ୍ତି ମମତା ବାନାର୍ଜୀ।

# ଭାରତରୁ ରାଷ୍ଟ୍ରଦୂତ ଫେରାଇ ନେବ ନେପାଳ

**କାଠମାଣ୍ଡୁ, ୨୨।୯:** ନେପାଳ ପ୍ରଧାନମନ୍ତ୍ରୀ ଶେର୍ ବାହାଦୁର ଦେଉବା ୧୨ ଦେଶରୁ ପୂର୍ବ ନିଯୁକ୍ତ ରାଷ୍ଟ୍ରଦୂତଙ୍କୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ. ପି. ଶର୍ମା ଓଲିଙ୍କ ସମୟରେ ଭାରତରେ ଅବସ୍ଥାପିତ ରାଷ୍ଟ୍ରଦୂତ ନୀଳାମ୍ବର ଆଚାର୍ଯ୍ୟ ମଧ୍ୟ ନେପାଳ ଫେରିଯିବେ। କ୍ୟାବିନେଟ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ଦ୍ୱାରା ବିଦେଶରେ ନେପାଳର ୩୩ କୁଟନୀତିଜ୍ଞ ମିଶନରୁ ୨୩ଟି ୩ ସପ୍ତାହରୁ ମାସେ ପର୍ଯ୍ୟନ୍ତ ଖାଲି ରହିବ। ଅର୍ଥାତ ଭାରତ ସମେତ, ଚାଇନା, ଆମେରିକା, ବ୍ରିଟେନ ଭଳି ପ୍ରମୁଖ ରାଷ୍ଟ୍ରରେ ନେପାଳର କେହି ରାଷ୍ଟ୍ରଦୂତ ରହିବେ ନାହିଁ।

# ରାଜୀବ ବଂଶଲ ବେସାମରିକ ବିମାନ ଚଳାଚଳ ସଚିବ

ନୂଆଦିଲ୍ଲୀ,୨୨।୯

ଏୟାର ଇଣ୍ଡିଆ ଅଧ୍ୟକ୍ଷ ରାଜୀବ ବଂଶଲଙ୍କୁ କେନ୍ଦ୍ର ସରକାର ବେସାମରିକ ବିମାନ ଚଳାଚଳ ସଚିବ ଭାବେ ନିଯୁକ୍ତ କରିଛନ୍ତି। ବେସାମରିକ ବିମାନ ଚଳାଚଳ ସଚିବ ଭାବେ କାର୍ଯ୍ୟରତ ପ୍ରଦୀପ ସିଂ ଖରୋଲାଙ୍କ କାର୍ଯ୍ୟକାଳ ଚଳିତ ମାସ ଶେଷରେ ସମାପ୍ତ ହେଉଛି। ତାଙ୍କ ସ୍ଥାନରେ ୧୯୮୮ ବ୍ୟାଚ୍ ନାଗାଲାଣ୍ଡ କ୍ୟାଡର ଆଇଏଏସ୍ ଅଫିସର ବଂଶଲ ଅବସ୍ଥାପିତ ହେବେ। ସେହିଭଳି ଅର୍ଥନୈତିକ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ କେ.ରାଜାରାମଙ୍କୁ ଟେଲିକମ୍ୟୁନିକେଶନ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେପ୍ଟେମ୍ବର ୩୦ରେ ଏହି ପଦବୀରେ କାର୍ଯ୍ୟ କରୁଥିବା ଅଂଶୁ ପ୍ରକାଶଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ରାଜାରାମ ନୂଆକରି ଦାୟିତ୍ୱ ଗ୍ରହଣ କରିବେ। ସେହିଭଳି ଇସ୍ପାତ ସଚିବ ପ୍ରଦୀପ କୁମାର



ତ୍ରିପାଠୀଙ୍କୁ କାର୍ମିକ ଏବଂ ତାଲିମ ବିଭାଗର ସଚିବ ଭାବେ ନିଯୁକ୍ତ କରାଯାଇଛି।

ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ସଚିବ ଗୋବିନ୍ଦ ମୋହନ ସଂସ୍କୃତି ମନ୍ତ୍ରଣାଳୟ ସଚିବ, ଦିଲ୍ଲୀ ବିକାଶ କର୍ତ୍ତୃପକ୍ଷଙ୍କ ଉପାଧ୍ୟକ୍ଷ ଅନୁରାଗ ଜୈନ ଶିଳ୍ପ ପ୍ରୋତ୍ସାହନ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ସଚିବ, ନ୍ୟାଶନାଲ ଇଣ୍ଡଷ୍ଟ୍ରିଆଲ କରିଡର ଡେଭଲପମେଣ୍ଟ କର୍ପୋରେଶନ ଲିମିଟେଡ୍‌ର ଏମ୍‌ଡି ତଥା ସିଇଓ କେ. ସଞ୍ଜୟ ମୂର୍ତ୍ତି ଉଚ୍ଚଶିକ୍ଷା ବିଭାଗ ସଚିବ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦେବେନ୍ଦ୍ର କୁମାର ସିଂଙ୍କୁ କର୍ପୋରେଶନ ସଚିବ ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି କମିଶନର ଭାବେ କାର୍ଯ୍ୟରତ ସୁନୀଲ ବର୍ଥୱାଲ ଶ୍ରମ ଏବଂ ନିୟୋଜନ ସଚିବ, ଶ୍ରମ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଅନୁରାଧା ପ୍ରସାଦ ଆନ୍ତଃରାଜ୍ୟ ସେକ୍ରେଟେରିଏଟ କାଉନସିଲ ସଚିବ, ଅନସୁଲି ଆର୍ଯ୍ୟା ସରକାରୀ ଭାଷା ବିଭାଗ, ରାଜେଶ ଅଗ୍ରୱାଲ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ସଚିବ, ଲୋକ ରଞ୍ଜନ ଓ ସୁଜାତା ଚତୁର୍ବେଦୀ ଉତ୍ତର ପୂର୍ବ ଅଞ୍ଚଳ ବିକାଶ ମନ୍ତ୍ରଣାଳୟ ଏବଂ କ୍ରୀଡା ବିଭାଗ ସଚିବ, ଭି. ଶ୍ରୀନିବାସ ପ୍ରଶାସନିକ ସଂସ୍କାର ବିଭାଗର ସ୍ୱତନ୍ତ୍ର ସଚିବ, କେ. ଶ୍ରୀନିବାସ ଏବଂ ଅରୁନ କୁମାରଙ୍କୁ ଭାରତ ସରକାରଙ୍କ ସଚିବ ର୍‍ୟାଙ୍କ ଏବଂ ପେ ପ୍ରଦାନ କରାଯାଇଛି।

## ଖେଳ ଖବର

# ୭ ଆଫଗାନ ଆଥ୍‌ଲେଟ ଅଷ୍ଟ୍ରେଲିଆରେ ଅବସ୍ଥାପିତ

ମେଲବୋର୍ନ,୨୨।୯(ଏପି)

ତାଲିବାନ ଶାସିତ ଆଫଗାନିସ୍ତାନ ଛାଡି ଚାଲିଯାଇଥିବା ୭ ଜଣ ମହିଳା ଟାଏକୋଣ୍ଡୋ ଆଥ୍‌ଲେଟ ଅଷ୍ଟ୍ରେଲିଆରେ ପୁନଃ ଅବସ୍ଥାପିତ ହୋଇଛନ୍ତି। ଏ ନେଇ ସ୍ପୋର୍ଟ୍ସ ଆସୋସିଏଶନ ଅଧିକାରୀ ସୂଚନା ଦେଇଛନ୍ତି।

ଏହି ଖେଳାଳିମାନେ ଚଳିତ ସପ୍ତାହରେ କ୍ୱାରାଣ୍ଟାଇନ ଅବଧି ଶେଷ କରିବେ ବୋଲି ଅଷ୍ଟ୍ରେଲୀୟ ଟାଏକୋଣ୍ଡୋ ମୁଖ୍ୟ କାର୍ଯ୍ୟନିର୍ବାହୀ ହଦର ଗ୍ୟାରିଓକ କହିଛନ୍ତି। ଏହି ଆଫଗାନ ଟାଏକୋଣ୍ଡୋ ମହିଳା ଆଥ୍‌ଲେଟମାନେ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ନ ଥିଲା। ପୂର୍ବତନ ଅଷ୍ଟ୍ରେଲିଆ ଫୁଟବଲ ଅଧିନାୟିକା ତଥା ହ୍ୟୁମାନଟାରିଆନ ଆଡଭୋକେଟ କ୍ରେଗ୍ ଫୋଷ୍ଟର ଏ ନେଇ ଅଷ୍ଟ୍ରେଲିଆ ସରକାରଙ୍କ ସହ କଥା ହେଉଛନ୍ତି ବୋଲି ଗ୍ୟାରିଓକ କହିଛନ୍ତି। ତାଲିବାନ ଶାସନ ହାତକୁ ନେବା ପରେ ଅଷ୍ଟ୍ରେଲିଆନ ଟାଏକୋଣ୍ଡୋ ଓ ଓସେନିଆ ଟାଏକୋଣ୍ଡୋ ଆଫଗାନିସ୍ତାନରେ ଖେଳାଳିଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ତେବେ ଏ ସଂକ୍ରାନ୍ତରେ ଅଧିକ କିଛି କୁହାଯାଇନାହିଁ।

ପୂର୍ବରୁ ମହିଳାମାନଙ୍କୁ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ତାଲିବାନ ସ୍ପଷ୍ଟ କରିସାରିଛି। ଏହି ମହିଳା ଖେଳାଳିମାନେ ସୁରକ୍ଷିତ ଅଛନ୍ତି ଓ ଅଷ୍ଟ୍ରେଲିଆ ସରକାର ଏବଂ ଓସେନିଆ ଟାଏକୋଣ୍ଡୋ ସେମାନଙ୍କୁ ଆଫଗାନିସ୍ତାନରୁ ସ୍ଥାନାନ୍ତର କରାଇବାରେ ସହାୟତା ଯୋଗାଇଥିବାରୁ ଆମେ କୃତଜ୍ଞ। ଆଫଗାନିସ୍ତାନରେ ମହିଳାମାନଙ୍କ ଜୀବନ ବିପନ୍ନ। ଏହି ମହିଳା ଆଥ୍‌ଲେଟମାନଙ୍କୁ ଖୋଲାମନରେ ସ୍ୱାଗତ କରାଯାଇଛି ବୋଲି ଗ୍ୟାରିଓକ କହିଛନ୍ତି।

ପୂର୍ବରୁ ଦୁଇଟି ଅଲିମ୍ପିକ୍ସରେ ଗ୍ୟାରିଓକ ଅଷ୍ଟ୍ରେଲିଆ ପାଇଁ ଫୁଟବଲ ଖେଳିଛନ୍ତି। ଆମକୁ ସ୍ଥାନାନ୍ତର ପ୍ରକ୍ରିୟାରେ ସହାୟତା କରିଥିବାରୁ ସମସ୍ତଙ୍କ ପାଖରେ ଆମେ କୃତଜ୍ଞ ବୋଲି ଆଫଗାନିସ୍ତାନର ମହିଳା ଆଥ୍‌ଲେଟ ଫାତିମା ଅହମ୍ମଦି କହିଛନ୍ତି। ଅଷ୍ଟ୍ରେଲିଆରେ ପହଞ୍ଚିବା ପରେ ଆମେ ଖୁସି ଓ ନିରାପଦରେ ଅଛୁ ଓ ଏଠାରେ ଆମ ପ୍ରତି କୌଣସି ବିପଦ ନାହିଁ ବୋଲି ସେ କହିଛନ୍ତି। ଅଷ୍ଟ୍ରେଲିଆନ ଟାଏକୋଣ୍ଡୋ ପାଖରେ ଆମେ ଋଣୀ ହୋଇ ରହିବୁ। ଅଷ୍ଟ୍ରେଲିଆରେ ଆମେ ଅଧିକ କିଛି କରିବାକୁ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ଆଫଗାନିସ୍ତାନର ମହିଳା ଫୁଟବଲ ଦଳର ସଦସ୍ୟଙ୍କୁ ଅଷ୍ଟ୍ରେଲିଆରେ ରହିବା ପାଇଁ ଭିଜା ପ୍ରଦାନ କରାଯାଇଛି। ଅଗଷ୍ଟରେ ତାଲିବାନ ଆଫଗାନିସ୍ତାନରେ ଶାସନ ହାତକୁ ନେବା ପରେ ମହିଳା, ବାଳିକାମାନଙ୍କ ସ୍ଥିତି ଦୁର୍ବିଷହ ହୋଇପଡିଛି।

# ସୁରେଖା, ଅଭିଷେକ ତୃତୀୟ ରାଉଣ୍ଡରେ



ଜ୍ୟୋତି ସୁରେଖା

ୟାଙ୍କଟନ,୨୨।୯

ଆମେରିକାର ୟାଙ୍କଟନରେ ଚାଲିଥିବା ଆର୍ଚେରୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ଜ୍ୟୋତି ସୁରେଖା, ଅଭିଷେକ ବର୍ମା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ଏହି ଦୁଇ ତୀରନ୍ଦାଜ କମ୍ପାଉଣ୍ଡ ପୁରୁଷ ଓ ମହିଳା କ୍ୱାଲିଫିକେଶନ ରାଉଣ୍ଡରେ ଯଥାକ୍ରମେ ଷଷ୍ଠ ଓ ସପ୍ତମ ସ୍ଥାନରେ ରହିବା ପରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କ୍ୱାଲିଫିକେଶନରେ ଅଭିଷେକ ୬୯୫ ସ୍କୋର କରିଥିବା ବେଳେ ସୁରେଖା ୬୮୪ ପଏଣ୍ଟ ସ୍କୋର କରିଥିଲେ। ଏହାପରେ ଦୁଇ ତୀରନ୍ଦାଜଙ୍କୁ ପ୍ରଥମ ଦୁଇଟି ଏଲିମିନେଶନ ରାଉଣ୍ଡରେ ବାଇ ମିଳିଥିଲା। କ୍ୱାଲିଫିକେଶନରେ ୨୯ତମ ସ୍ଥାନରେ ରହି ଅଭିଯାନ ଶେଷ କରିବା ପରେ ମହିଳା କମ୍ପାଉଣ୍ଡ ଇଭେଣ୍ଟରେ ମୁସକାନ କିରାର ପ୍ରଥମ ରାଉଣ୍ଡରେ ବାଇ ପାଇଥିଲେ। ମହିଳା କମ୍ପାଉଣ୍ଡ ଇଭେଣ୍ଟରେ ଅନ୍ୟତମ ଭାରତୀୟ ତୀରନ୍ଦାଜ ପ୍ରିୟା ଗୁର୍ଜର କ୍ୱାଲିଫିକେଶନରେ ୫୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେ ପ୍ରଥମ ରାଉଣ୍ଡରେ ଏବେ ଗ୍ରେଟ୍ ବ୍ରିଟେନର ଇସାବେଲ କାର୍ପେଣ୍ଟନଙ୍କୁ ଭେଟିବେ।

ଅଭିଷେକଙ୍କ ଅନ୍ୟ ସାଥୀ ଖେଳାଳି ସଂଗ୍ରାମପ୍ରୀତ ସିଂ ଓ ରିଷଭ ଯାଦବ ଯଥାକ୍ରମେ ୨୬ ଓ ୪୯ତମ ସ୍ଥାନରେ ରହିବା ପରେ ଏଲିମିନେଶନ ପ୍ରଥମ

## ଆର୍ଚେରି ବିଶ୍ୱ ଚାମ୍ପିୟନଶିପ୍

ରାଉଣ୍ଡରେ ଅଂଶଗ୍ରହଣ କରିବେ। ପୁରୁଷ ରିକର୍ଭ ସେକ୍‌ସନ୍‌ରେ ସାଲଙ୍ଖେ ପାର୍ଥ ସୁଶାନ୍ତ, ଆଦିତ୍ୟ ଚୌଧୁରୀ ଓ ଅତୁଲ ବର୍ମା ଯଥାକ୍ରମେ ୪୫, ୫୩ ଓ ୫୬ତମ ସ୍ଥାନରେ ରହିବା ପରେ ଏଲିମିନେଶନର ପ୍ରଥମ ରାଉଣ୍ଡରେ ଅଂଶଗ୍ରହଣ କରିବେ। ସେହିପରି ଅଙ୍କିତା ଭକତ, ରିଦ୍ଧି ଓ ବାରି କୋମାଲିକା ଯଥାକ୍ରମେ ୨୦, ୨୬ ଓ ୨୯ତମ ସ୍ଥାନରେ ରହିବା ପରେ ଦ୍ୱିତୀୟ ରାଉଣ୍ଡରେ ଅଂଶଗ୍ରହଣ କରିବେ।

# ବ୍ୟାଟିଂ ସୁଧାରିବା ଲକ୍ଷ୍ୟରେ ମୁମ୍ବାଇ

ଆବୁଧାବି,୨୨।୯

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୪ତମ ସଂସ୍କରଣର ୩୪ତମ ମ୍ୟାଚ୍‌ରେ ଗୁରୁବାର ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ଓ ଇଅନ ମୋର୍ଗାନଙ୍କ କୋଲକାତା ନାଇଟ ରାଇଡର୍ସ ମୁହାଁମୁହିଁ ହେବେ। ଗତଥରର ଚାମ୍ପିୟନ ମୁମ୍ବାଇ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରେରଣାରେ ବ୍ୟାଟିଂ ସୁଧାରିବାକୁ ପ୍ରୟାସ କରିବ। ଏହି ମ୍ୟାଚ୍‌ରେ ରୋହିତ ପ୍ରତ୍ୟାବର୍ତ୍ତନ କରିବେ। ବ୍ୟସ୍ତତା ତଥା କ୍ଳାନ୍ତି କାରଣରୁ ରୋହିତ ଓ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଲିଗ୍ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍ ଖେଳିପାରି ନ ଥିଲେ। ଏହି ମ୍ୟାଚ୍‌ରେ ମୁମ୍ବାଇ ୨୦ ରନରେ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସଠାରୁ ପରାସ୍ତ ହୋଇଥିଲା। ତେବେ କୋଲକାତା ବିପକ୍ଷ ମ୍ୟାଚ୍‌ରେ ରୋହିତ ଫିଟ୍ ହୋଇ ଖେଳିବେ ବୋଲି ମୁମ୍ବାଇ ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି।

ଅନ୍ୟପଟେ କୋଲକାତା ଗତ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ୯ ଉଇକେଟରେ ପରାସ୍ତ କରି ଲିଗ୍ ଦ୍ୱିତୀୟ ପର୍ଯ୍ୟାୟକୁ ପୂରା ଢଙ୍ଗରେ ଆରମ୍ଭ କରିଛି। ମୁମ୍ବାଇ ଏ ପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ୪ଟି ଲେଖାଏ ବିଜୟ ଓ ପରାଜୟ ସହ ୮ ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଏବେ ଲିଗ୍‌ର ଅଧା କାର୍ଯ୍ୟକ୍ରମ ବାକିଥିବା ବେଳେ ପଏଣ୍ଟ ତାଲିକାରେ ଟପ୍ ହାଫ୍‌ରେ ରହିବାକୁ ହେଲେ ମୁମ୍ବାଇକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇପଡିଛି। ଚେନ୍ନାଇ ବିପକ୍ଷରେ ବ୍ୟାଟିଂ ବିଫଳତାକୁ ପଛରେ ପକାଇ ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ମୁମ୍ବାଇ ତରଫରୁ କେବଳ ସୌରଭ ତିୱାରୀଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର ହାସଲ କରିପାରି ନ ଥିଲେ। ତିୱାରୀ ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିଲେ। ମୁମ୍ବାଇ ୧୫୬ ରନର ବିଜୟ ଲକ୍ଷ୍ୟ ମଧ୍ୟ ହାସଲ କରିପାରି ନ ଥିଲା।

ଅପରପକ୍ଷରେ କୋଲକାତା ଲିଗ୍ ଦ୍ୱିତୀୟ ଲେଗ୍‌ରେ ଦମ୍‌ଦାର ବିଜୟ ହାସଲ କରି ତା'ର ଆତ୍ମବିଶ୍ୱାସକୁ





ବୁଧବାର ଅଭ୍ୟାସ ଅବସରରେ ମୁମ୍ବାଇ ଇଣ୍ଡିଆନ୍ସର ରାହୁଲ ଚହର ଓ ନାଇଟ୍ ରାଇଡର୍ସର ରାହୁଲ ତ୍ରିପାଠୀ।

ଆହୁରି ଦୃଢ କରିଛି। ପ୍ରଥମ ପର୍ଯ୍ୟାୟରେ ଅବଶ୍ୟ କୋଲକାତା ସଂଘର୍ଷ କରିଥିଲା। ଏବେ କୋଲକାତା ଦଳ ସମ୍ପୂର୍ଣ୍ଣ ଭିନ୍ନ ମନେହେଉଛି। ବାଙ୍ଗାଲୋରକୁ ଯେଉଁଭଳି ଭାବେ କୋଲକାତା ହରାଇଲା ତାହା ଦଳର ସନ୍ତୁଳନକୁ ଦର୍ଶାଉଛି। କୋଲକାତା ଏ ପର୍ଯ୍ୟନ୍ତ ୮ ମ୍ୟାଚ୍ ଖେଳି ୩ ବିଜୟ ଓ ୫ ପରାଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ବୋଲିଂରେ ବିସ୍ମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ତାରକା ଅଲରାଉଣ୍ଡର ଆନ୍ଦ୍ରେ ରସେଲ ପ୍ରଭାବୀ ପ୍ରଦର୍ଶନ କରିଥିଲେ ଓ ବାଙ୍ଗାଲୋରକୁ ୯୨ ରନରେ ସୀମିତ ରଖିଥିଲେ। ବରୁଣ ଓ ରସେଲ ଯଥାକ୍ରମେ ୧୩ ଓ ୯ ରନ ବ୍ୟୟ କରି ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଏହାପରେ ଓପନର ଶୁଭମନ ଗିଲ ଓ ଭେଙ୍କଟେସ ଆୟାର ଯଥାକ୍ରମେ ୪୮ ଓ ଅପରାଜିତ ୪୧ ରନକରି ଦଳକୁ ବିଜୟୀ କରାଇଥିଲେ। କୋଲକାତା ଏହି ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ପୂର୍ବରୁ କୋଲକାତା ଏକ ବିପଜ୍ଜନକ ଦଳ ଭାବେ ଉଭା ହୋଇଛି ଓ ଦଳ ପାଇଁ ହରାଇବାକୁ କିଛି ନାହିଁ ବୋଲି ଅଧିନାୟକ ଇଅନ ମୋର୍ଗାନ କହିଥିଲେ। ତେଣୁ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଥିଲେ। କୋଲକାତା ମଧ୍ୟ ବାଙ୍ଗାଲୋର ବିପକ୍ଷରେ ଏହା କରି ଦେଖାଇଛି। କାଲକାତା ପ୍ରାରମ୍ଭିକ ବିଫଳତାକୁ ପଛରେ ପକାଇ ପ୍ରତ୍ୟାବର୍ତ୍ତନ କରିବ। ୨୦୧୪ ଭଳି କୋଲକାତା କ୍ରମାଗତ ୯ଟି ବିଜୟ ହାସଲ କରି ଟାଇଟଲ ହାସଲ କରିଥିଲା। ସ୍ଥାନୀୟ ଶେଖ ଜାଏଦ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। କୋଲକାତା ପାଖରେ ଏଠାରେ ଖେଳିବାର ଅପେକ୍ଷାକୃତ ଭଲ ଅଭିଜ୍ଞତା ରହିଛି। ତେଣୁ କୋଲକାତା ସୁବିଧାଜନକ ସ୍ଥିତିରେ ରହିବା ଭଳି ମନେ ହେଉଛି। ମୁମ୍ବାଇ ଦଳର ତାରକା ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ, ଇଶାନ କିଷନ, କ୍ୱିଣ୍ଟନ ଡି କକ ପୂର୍ବଭଳି ଭଲ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି। ଦଳର ଅଲରାଉଣ୍ଡରମାନଙ୍କୁ ମଧ୍ୟ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାକୁ ପଡିବ।

**ବିଧାୟକଙ୍କ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ**

**ବାଲିପାଟଣା,(ଡି.ଏନ୍.ଏ.):** ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ବୁଧବାର ବାଲିପାଟଣାସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ବର୍ଷାଦିନେ ଚିକିତ୍ସାଳୟ ଭିତରୁଜଳ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ଶୁଣିବାକୁ ପାଇଥିଲେ। ଏହି ଚିକିତ୍ସାଳୟ ବହୁ ପୁରୁଣା ହୋଇଥିବାରୁ ଆଜବେଷ୍ଟସ ଘରଗୁଡିକ ଫନୀ ବାତ୍ୟାରେ ନଷ୍ଟ ହୋଇଯାଇଥିଲା। ତେଣୁ ଏଠାରେ ରହିବା ଉପଯୋଗୀ ନ ହେବା ଓ ଆବଶ୍ୟକ ଅନୁସାରେ କର୍ମଚାରୀ ନ ଥିବା ଭେଟେରିନାରୀ ଅଫିସର ମାନସ କୁମାର ଚାନ୍ଦ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବେ ବୋଲି ବିଧାୟକ କହିଛନ୍ତି।

**ସଂକ୍ଷେପରେ**

## ଭାଗବତ ଗୋସେଇଁ ମେଳଣରେ ୧୪ ବିମାନ

**କଟକ ଅଫିସ,୨୨।୯:** ଶ୍ରୀମଦ୍ ଭାଗବତ ପୁନଃ ଉଦ୍ଧାର ସମିତି ପଶ୍ଚିମକଟକ ପକ୍ଷରୁ ଚାନ୍ଦିନୀଚୌକ ପଡ଼ିଆରେ ଭାଗବତ ଗୋସେଇଁଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଙ୍ଗାମନ୍ଦିରଠାରୁ ବିଡ଼ାନାସୀ ପର୍ଯ୍ୟନ୍ତ ୧୪ଗୋଟି ଗାଦିରୁ ଭାଗବତ ଗୋସେଇଁଙ୍କୁ ବିମାନ ଶୋଭାଯାତ୍ରାରେ ଚାନ୍ଦିନୀଚୌକ ମେଳଣ ପଡ଼ିଆକୁ ଅଣାଯାଇଥିଲା। ସେଠାରେ ସମିତି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଗବତ ପ୍ରବଚକ ଆଚାର୍ଯ୍ୟ ଅରୁଣ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଲିଙ୍ଗରାଜ ପତି, ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଚୌଧୁରୀ କାଶୀନାଥ ମଲ୍ଲିକ ଯୋଗଦେଇ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମିତି ସଭାପତି ପ୍ରତାପ କିଶୋର ସିଂହ, ଉପସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଶିବଶଙ୍କର ଦାସ, ରବୀନ୍ଦ୍ର ମହାରଣା, ଖବରଦାତା କୈଳାସ ଚନ୍ଦ୍ର ଜେନା, ଫାଲ୍‌ଗୁନି ହାଲଦାରଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଆଲଜିମର୍ସ ଦିବସ ପାଳିତ

**କଟକ ଅଫିସ,୨୨।୯:** ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ ନର୍ସିଂ ମାନସିକ ରୋଗ ବିଭାଗ ପକ୍ଷରୁ ବିଶ୍ୱ ଆଲଜିମର୍ସ ଦିବସ ବୁଧବାର ପାଳିତ ହୋଇଯାଇଛି। ଯାଜପୁର ଜିଲା ଅହିୟାସସ୍ଥିତ ଲକ୍ଷ୍ମୀନାରାୟଣ ଜରାଶ୍ରମଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିରଜା ସ୍କୁଲ ଅଫ ନର୍ସିଂ (ବିଏସଏନ୍)ର ପରିଚାଳନା ନିର୍ଦ୍ଦେଶକ ପରେଶ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏଥିରେ ଡ୍ରିମ୍‌ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଆଲଜିମର୍ସ ଦିବସର ଗୁରୁତ୍ୱ ବିଷୟରେ କହିଥିଲେ। ସେହିପରି ବିଏସ୍‌ଏନ୍‌ର ନିର୍ଦ୍ଦେଶକ ଶ୍ୟାମସୁନ୍ଦର କର, ଅଧକ୍ଷ ଚିନ୍ମୟ ରଞ୍ଜନ ଦାସ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲଜିମର୍ସ ସମ୍ପର୍କରେ ମତ ଦେଇଥିଲେ। ସହକାରୀ ପ୍ରାଧାପକ ସନ୍ତୋଷ କୁମାର ଜେ ଚଳିତବର୍ଷର ଥିମ୍ ଉପରେ ଆଲୋକପାତ କରିଥିଲାବେଳେ ସହକାରୀ ପ୍ରାଧାପିକା ସ୍ମୃତିଶ୍ରୀ ପି. ଦଳାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରିୟଙ୍କା ରଥ, ସ୍ମୃତିମୟୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ଶ୍ରଦ୍ଧାଞ୍ଜଳି ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ୧୧ ଦିନ ପରେ ଅଭିଯୁକ୍ତ ବାପା ଗିରଫ

### ପୁଅକୁ ଗୁଳିମାରି ହତ୍ୟା କରିଥିଲେ

**ବାରଙ୍ଗ,୨୨।୯(ଡି.ଏନ୍.ଏ.):** ଟଙ୍କା ପାଇଁ ପୁଅକୁ ଗୁଳିକରି ହତ୍ୟା କରି ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବାପା ୧୧ଦିନର ବ୍ୟବଧାନ ପରେ ବାରଙ୍ଗ ଥାନା ପୋଲିସ ହାତରେ ଧରା ପଡ଼ିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଣ୍ଟୁଆ ଗ୍ରାମର ଯଦୁମଣି ମୁଣ୍ଡା। ହତ୍ୟାକାଣ୍ଡ ପରେ ଯଦୁମଣି ଯାଜପୁର ଜିଲା ପାଣିକୋଇଲିସ୍ଥିତ ଶ୍ୱଶୁର ଘରକୁ ଚାଲିଯାଇଥିଲେ। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ବୁଧବାର ଶ୍ୱଶୁରଘରେ ଚଢ଼ାଉ କରି ଯଦୁମଣିଙ୍କୁ ଗିରଫ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକକୁ ବାରଙ୍ଗ ଗଦେଇକୁଦ ପାଣିପମ୍ପ ପଛପଟ ଜଙ୍ଗଲରୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଗତ ୧୦ତାରିଖ ସକାଳେ ବେଣ୍ଟୁଆ ଗ୍ରାମରେ ବାଇଗଣ ତୋଳିବା ଓ ବିକ୍ରି ଟଙ୍କାକୁ ନେଇ ଯଦୁମଣି ଓ ୨୪ବର୍ଷୀୟ ପୁଅ ଶିବଶଙ୍କରଙ୍କ ମଧ୍ୟରେ ବଚସା ହୋଇଥିଲା। କିନ୍ତୁ ପରିବାର ସଦସ୍ୟ ଓ ପଡ଼ୋଶୀଙ୍କ ହସ୍ତକ୍ଷେପ ପରେ ବାପପୁଅଙ୍କ ପାଟିତୁଣ୍ଡ ଶାନ୍ତ ହୋଇଥିଲା। ସନ୍ଧ୍ୟାରେ ଯଦୁମଣି ମଦ୍ୟପାନ କରି ଘରକୁ ଫେରିବା ସହ ପୁଣି ଶିବ ସହ ପାଟିତୁଣ୍ଡ ଆରମ୍ଭ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଯାଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯଦୁମଣି ଘରେ ରଖିଥିବା ଦେଶୀବନ୍ଧୁକ ଆଣି ପୁଅ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ଶିବର ଛାତିରେ ବାଜିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ହୋଇଥିବା ଜାଣିବା ପରେ ବାପା କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ନଂ.୧୮୩/୨୧ରେ ଏକ ମାମଲା ରୁଜୁ କରି ହତ୍ୟାକାରୀଙ୍କୁ ଧରିବା ପାଇଁ ଯାଞ୍ଚ କରିଥିଲା। ୧୧ଦିନ ପରେ ଯଦୁମଣି ଶ୍ୱଶୁର ଘରେ ଥିବା ଜାଣି ପୋଲିସ ଚଢ଼ାଉ କରି ଧରିଥିଲା।

# ଗଣ୍ଡା ନ ଥାଇ ଦିବସ ପାଳିଲା ନନ୍ଦନକାନନ

**ବାରଙ୍ଗ,୨୨।୯(ଡି.ଏନ୍.ଏ.)**

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗଣ୍ଡା ନାହାନ୍ତି। ୫ବର୍ଷ ତଳୁ ଏଠାରେ ବଂଶ ଲୋପ ପାଇଯାଇଥିବାବେଳେ ଗଣ୍ଡା ଖୁଆଡ଼ ଖାଲି ପଡିଛି। ପର୍ଯ୍ୟଟକମାନେ ଗଣ୍ଡା ଦେଖି ନ ପାରି ନିରାଶରେ ଫେରୁଛନ୍ତି। ବର୍ଷ ବର୍ଷ ବିତୁଥିଲେ ଧ ନନ୍ଦନକାନନ କର୍ତ୍ତୃପକ୍ଷ ଗଣ୍ଡାଟିଏ ଆଣିପାରିନାହାନ୍ତି। ଏପରିସ୍ଥଳେ ବୁଧବାର ବିଶ୍ୱ ଗଣ୍ଡା ଦିବସ ପାଳିଛି ନନ୍ଦନକାନନ। ପର୍ଯ୍ୟଟକ ଓ କର୍ମଚାରୀଙ୍କୁ ଗଣ୍ଡାର ଫଟୋ ଚିତ୍ର ଦେଖାଇ ପ୍ରତିଯୋଗିତା କରିବାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁସାରେ, ନନ୍ଦନକାନନର ଶେଷ ସନ୍ତକ ଥିଲା ଅଣ୍ଡିରା ଗଣ୍ଡା 'ନନ୍ଦ'। ୬ ମାସ ଧରି ରୋଗରେ ପଡି ପଡି ୪୦ବର୍ଷ ବୟସରେ ୨୦୧୬ ସେପ୍ଟେମ୍ବର ୨୮ରେ ମୃତ୍ୟୁ ହୋଇଥିଲା। ୧୯୭୯ରେ ଗୁଆହାଟୀ ଚିଡ଼ିଆଖାନାରୁ ନନ୍ଦକୁ ଅଣାଯାଇଥିଲା। ତେବେ ନନ୍ଦର ମୃତ୍ୟୁ ପରେ ଗୁଆହାଟୀ ଓ ପାଟଣା ଚିଡ଼ିଆଖାନାରୁ ଆଉ ଦୁଇ



ଗଣ୍ଡା ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।


ଖାଲି ପଡ଼ିଥିବା ଗଣ୍ଡା ଖୁଆଡ଼।

### ଫଟୋ ଦେଖି ସନ୍ତୁଷ୍ଟ ହେଲେ ପର୍ଯ୍ୟଟକ

ଗଣ୍ଡା ଆଣିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ସେହିସମୟରେ କଥାବାର୍ତ୍ତା ଥିବା ସୂଚନା ଦେଇଥିଲେ। ସେହିପରି ୨୦୨୦ରେ ଶ୍ରୀଲଙ୍କା ଓ ସିଙ୍ଗାପୁରରୁ ଧଳା ଗଣ୍ଡା ଆଣିବାକୁ ନନ୍ଦନକାନନ ପରିଚାଳନା କମିଟିରେ ପ୍ରସ୍ତାବ ଦିଆଯାଇଥିଲା। ହେଲେ ତାହା ଏଯାବତ୍ ସଫଳ ହୋଇପାରି ନାହିଁ।

ସୂଚନାଯୋଗ୍ୟ, ୨୦୧୦ ସେପ୍ଟେମ୍ବର ୨୨ରୁ ଭାରତରେ ଥିବା ଚିଡ଼ିଆଖାନାରେ ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ପ୍ରଥମଥର ପାଇଁ ଇଣ୍ଡିଆନ ଅଏଲ ମାର୍କେଟିଂ ଡିଭିଜନ ତରଫରୁ କଟକଣା ମଧ୍ୟରେ ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ନନ୍ଦନକାନନ କର୍ମଚାରୀ ଓ ପ୍ରାଣୀ ଉଦ୍ୟାନକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ନେଇ ଗଣ୍ଡାର ଫଟୋ ଚିତ୍ର ପ୍ରଦର୍ଶନ କରାଯିବା ସହ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ନନ୍ଦନକାନନ ପର୍ଯ୍ୟଟକ ଏସିଏଫ୍ ଅମୂଲ୍ୟ କୁମାର ପରିଡା, ଶିକ୍ଷା ଅଧିକାରୀ ମିଳନ ପଣ୍ଡା, ଇଣ୍ଡିଆନ ଅଏଲର ଚିଫ୍ ଜେନେରାଲ ମ୍ୟାନେଜର ଶୁଭ୍ରଜିତ ଘୋଷ, ମାନବସମ୍ବଳ ଚିଫ୍ ମ୍ୟାନେଜର ଦେବୀପ୍ରସାଦ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗଣ୍ଡା ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

## ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ

**କଟକ ଅଫିସ,୨୨।୯**

ତେଲେଙ୍ଗାବଜାରସ୍ଥିତ ମଣିନୀଳୟଠାରେ ନୀଳଶୈଳ ଅନୁଷ୍ଠାନର ପ୍ରତିଷ୍ଠାତା ରାଜକିଶୋର ରାଜଙ୍କ ଶ୍ରାଦ୍ଧ ଦିବସକୁ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ ଭାବେ ବୁଧବାର ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଆଡ୍‌ଭୋକେଟ ଧରଣୀଧର ନାୟକ ଅଧ୍ୟକ୍ଷତା କରି ରାଜକିଶୋରଙ୍କର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ରାଜକିଶୋର ରାଜ ସ୍ମୃତି ସଂସଦ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି, ବିଶ୍ୱ ଓଡ଼ିଆ ସମ୍ମିଳନୀର ସଭାପତି ଡ. ମୁରଲୀ ମନୋହର ଶର୍ମା, ଉପଦେଷ୍ଟା ସଜ୍ଜନ ଶର୍ମା, ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ନାୟକ, ଡ. ସଂଗ୍ରାମ ସାମନ୍ତରାୟ, ଆଡ୍‌ଭୋକେଟ ତରୁଣ ପତି, ମନୋରଞ୍ଜନ ରାଉତରାୟ, ଶକ୍ତିଶଙ୍କର ରାଜ, ସବିତା ମହାନ୍ତି, ଡା. ମୃଣ୍ମୟ ମହାନ୍ତି ଓ ଆଡ୍‌ଭୋକେଟ ଦିଲ୍ଲୀପ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ନିର୍ବାଚନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୨।୯**

ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ୨୦୧୧ରେ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିଆସୁଛି। ଦୀର୍ଘବର୍ଷ ହେଲା ପରିଷଦ ସମ୍ବିଧାନ ଅନୁସାରେ ନିର୍ବାଚନ ନ କରି ବିଭିନ୍ନ କମିଟି ଗଠନ କରାଯାଉଥିବାରୁ ସୋସାଇଟି ପଞ୍ଜୀକରଣ ମହାନିରୀକ୍ଷକ ଓଡ଼ିଶା ଚିଠି ନଂ.୪୨୨୨, ତା୧୦।୯।୨୦୨୧ରେ ପରିଷଦର ପ୍ରଥମ ପରିଚାଳନା କମିଟି ଯାହାକି ୨୦୧୧ରେ ଗଠିତ ହୋଇଥିଲା, ସେହି କମିଟିକୁ ନିର୍ବାଚନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ୨୦୨୦ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସଭ୍ୟ ହୋଇଥିବେ, ସେମାନେ କେବଳ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ବୋଲି ପଞ୍ଜୀକରଣ ମହାନିରୀକ୍ଷକ ଚିଠିରେ ଉଲ୍ଲେଖ କରିଥିବା ପରିଷଦ ସମ୍ପାଦକ ଦେବେନ୍ଦ୍ର କୁମାର ଦାସ ଜଣାଇଛନ୍ତି। କେତେକ ସଭ୍ୟ କୌଣସି ପଦପଦବୀରେ ନ ଥାଇ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ନାମରେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବାରୁ ସେଥିରୁ ବିରତ ରହିବାକୁ ଅନୁରୋଧ କରାଯାଇଛି।

**ପଞ୍ଚାୟତ ସମିତି ବୈଠକ**

## ଫସଲ କ୍ଷୟକ୍ଷତି ଆକଳନ, ଟିକାକରଣକୁ ଗୁରୁତ୍ୱ

**କଣ୍ଟାପଡା,୨୨।୯(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କଣ୍ଟାପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ପରିତ୍ୟକ୍ତ ଗୃହଗୁଡିକ ଭଙ୍ଗାଯାଇ ସଫା କରାଯିବା ସହ ୭ଦିନ ଭିତରେ ମିଶନଶକ୍ତି ଭବନ ପାଇଁ ଟେଣ୍ଡର କରିବା, ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ପ୍ରାଥମିକ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମପଞ୍ଚାୟତ ଓ ହାଇସ୍କୁଲ ଅଧୀନରେ ଥିବା ସମ୍ପତ୍ତିର ରକ୍ଷଣାବେକ୍ଷଣ ପଞ୍ଚାୟତ ସମିତି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ନାହାଳପୁର ପଞ୍ଚାୟତ କେ.ଏନ୍. ହାଇସ୍କୁଲ ପୋଖରୀ ନିଲାମ କରିବାକୁ ଅତିରିକ୍ତ ବିଡିଓ ଏବଂ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବର୍ଷା ଜନିତ ଫସଲ କ୍ଷୟକ୍ଷତିର ଠିକ୍ ଆକଳନ ଓ କରୋନା ଟିକାକରଣକୁ ଗୁରୁତ୍ୱଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ନୂତନଭାବେ ଯୋଗ ଦେଇଥିବା ବିଡିଓ ସନ୍ତୋଷ ପତିଙ୍କୁ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ନିଆଳି ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନି ବିମାନ ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

## ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାଫଳ

### ସାଲେପୁର ମହାବିଦ୍ୟାଳୟରେ ପାସ ହାର ୯୭.୮୯%

**ସାଲେପୁର,୨୨।୯(ଡି.ଏନ.ଏ.)**

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ ବିଭାଗର ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ଉପସ୍ଥିତିରେ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଦାଶ ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରିଥିଲେ। କଳା ବିଭାଗରେ ୨୫୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୪୫ଜଣ (୯୭.୬୧%) ପାସ୍ କରିଛନ୍ତି। ବିଜ୍ଞାନରେ ୨୩୩ ଜଣ ପରୀକ୍ଷା ଦେଇଥିବାବେଳେ ୨୨୯ ଜଣ (୯୮.୨୮%) ପାସ୍ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୧୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୭୭ ପରୀକ୍ଷାର୍ଥୀ ପାସ କରିଛନ୍ତି। ପାସ ହାର ୯୭.୭୯% ରହିଛି। ୩ଟି ବିଭାଗରେ ମୋଟ ୭୧୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୬୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୫୧ ପରୀକ୍ଷାର୍ଥୀ ପାସ କରିଥିବା ବେଳେ ୧୪ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି। କଲେଜ ପାସ ହାର ୯୭.୮୯% ରହିଛି। ପୁସ୍ତିକା ଉନ୍ମୋଚନ ସମୟରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ପତି, ପ୍ରାଧାପିକା ଡ. ସଙ୍ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷାରେ ଅଙ୍କିତା, ସଂସ୍କୃତରେ ସ୍ନିଗ୍ଧା ଟପ୍ପର



**ବାଙ୍କୀ,୨୨।୯(ସ୍ୱ.ପ୍ର.)**

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତୋକତ୍ତର ପରୀକ୍ଷା ଫଳକୁ ବୁଧବାର ଅଧ୍ୟକ୍ଷ ଡ.ଅରୁଣ କୁମାର ବେହେରା ଆନୁଷ୍ଠାନିକ ଭାବେ ପ୍ରକାଶ କରିବା ସହ ଫଳାଫଳକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷା ବିଭାଗରେ ଅଙ୍କିତା ପଟ୍ଟନାୟକ ୧୭୧୧ ନମ୍ବର ଓ ସଂସ୍କୃତ ବିଭାଗରେ ସ୍ନିଗ୍ଧା ସୁଚରିତା ରାଉତ ୧୫୨୧ ନମ୍ବର ରଖି ଟପ୍ପର ହୋଇଛନ୍ତି। ଶିକ୍ଷା ବିଭାଗରେ ମୋଟ୍ ୧୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ସେହିପରି ସଂସ୍କୃତ ବିଭାଗରେ ୧୪ଜଣଙ୍କ ଛାତ୍ରୀଛାତ୍ର ମଧ୍ୟରୁ ୧୩ ଜଣ ପାସ୍ କରିଛନ୍ତି। ପରୀକ୍ଷା ଫଳ ପ୍ରକାଶନ ବେଳେ ପରୀକ୍ଷା ନିୟନ୍ତ୍ରକ ଡ. ନିବାସିନୀ ପଣ୍ଡା, ଉପାଧ୍ୟକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଉପପରୀକ୍ଷା ନିୟନ୍ତ୍ରକ ଡ. ମୁରଲୀଧର ରଥ ଓ ପ୍ରାଧାପକ ତ୍ରୈଲୋକ୍ୟନାଥ ଦାସ, ପ୍ରଶାସନିକ ଅଧିକାରୀ ପ୍ରାଧାପକ ସମୀର କୁମାର ମହାପାତ୍ର ଓ ଅଧାପକ ଶୈଳେନ୍ଦ୍ର ନାରାୟଣ ଦେଓ, ବୃନ୍ଦାବନ ପ୍ରଧାନ, ନକୁଳ ବେହେରା ପ୍ରମୁଖ ବିଭିନ୍ନ ବିଭାଗର ଅଧାପିକାଅଧାପକ ଓ କର୍ମଚାରୀ ଉପସ୍ଥିତ ରହଥିଲେ।

## ବଡ଼କୁ ଛାଡ଼ିଲେ, ଛୋଟ ଦୋକାନରୁ ଜରିମାନା

**ଜଳଖିଆ, ପାନଦୋକାନ ଉପରେ ଫୁଡ୍ ଇନ୍ସପେକ୍ଟରଙ୍କ ଚଢ଼ାଉ**

**ନିଶ୍ଚିନ୍ତକୋଇଲି,୨୨।୯ (ସ୍ୱ.ପ୍ର)**

କଟକ ଜିଲା ଫୁଡ୍ ଇନ୍ସପେକ୍ଟରଙ୍କ ସ୍କ୍ୱାଡ୍ ନିଶ୍ଚିନ୍ତକୋଇଲି ବଜାରର ବିଭିନ୍ନ ପାନ, ଜଳଖିଆ ଓ ହୋଟେଲ ଉପରେ ବୁଧବାର ଚଢ଼ାଉ କରିଥିଲା। ୪୦ଟି ଦୋକାନରୁ ୭ ହଜାର ୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅପମିଶ୍ରଣର ମୁଖ୍ୟ କୁହାଯାଉଥିବା ବଡ ହୋଟେଲ, ହୋଲସେଲ ଗୋଦାମ ଉପରେ ବିଭାଗୀୟ ଦୃଷ୍ଟି ନ ଥିବା ଚଢ଼ାଉ ସମୟରେ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଜିଲା ଟିମ୍‌ରେ ଫୁଡ୍ ଇନ୍ସପେକ୍ଟର ରାକେଶ ସାହୁ, ଡ୍ରଗସ ଇନ୍ସପେକ୍ଟର ସୁଶୀଲ ସାହୁ, ୱେଲଫେୟାର ଅଫିସର ଦେବେନ୍ଦ୍ର ପ୍ରସାଦ ମହାନ୍ତି ଓ ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକଙ୍କ ସହାୟତାରେ ନିଶ୍ଚିନ୍ତକୋଇଲି ବଜାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଏହି ଟିମ୍‌ରେ ଆସିଥିବା ଅଧିକାରୀମାନେ ପାନଦୋକାନୀଙ୍କଠାରୁ ପ୍ରଥମ ଫାଇନ ଆଦାୟ କରିଥିଲେ। ହେଲେ ହୋଲସେଲରଙ୍କ ପାଖ ମାଡିପାରିନଥିଲେ।


ଏକ ମିଠା ଦୋକାନରେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି।

ପାନଦୋକାନୀ ଫାଇନ ଦେଇ ଗୁହାରି କରିଥିଲେ ହେଁ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଜର୍ଦ୍ଦା ଓ ଗୁଟ୍‌ଖା ନେଇ ଯାଇଥିଲେ। ଅପରପକ୍ଷେ ନିଶ୍ଚିନ୍ତକୋଇଲି ସେଣ୍ଟ୍ରାଲ ମାର୍କେଟରେ ବଡ ଜଳଖିଆ ଦୋକାନୀ ଫାଷ୍ଟଫୁଡ କରି ଅପମିଶ୍ରଣ ଖାଦ୍ୟ ବିକ୍ରି କରୁଥିଲେ ହେଁ ସେମାନଙ୍କ ପାଖକୁ ଯାଇ ନ ଥିଲେ। ଚଢାଉ ସମୟରେ ଫୁଡ ବିଭାଗ ପକ୍ଷରୁ ୨୫ଟି ଦୋକାନରୁ ୫ ହଜାର ଟଙ୍କା, ୧୫ଟି ପାନ ଦୋକାନରୁ ୨,୬୫୦ ଟଙ୍କା ମୋଟ ୪୦ଟି ଦୋକାନରୁ ୭,୬୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଫୁଡ ଇନ୍ସପେକ୍ଟର ସାହୁ କହିଛନ୍ତି। ମିଠା ଦୋକାନୀମାନେ ମିଠା ପ୍ରସ୍ତୁତ ତାରିଖ ନ ପକାଇବା, ବିଷାକ୍ତ ରଙ୍ଗର ବ୍ୟବହାର କରିବା, ପାନ ଦୋକାନୀ ଗୁଟ୍‌ଖା ଓ ଜର୍ଦ୍ଦା ବେପାର କରୁଥିବାରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଇନ୍ସପେକ୍ଟର ସାହୁ କହିଛନ୍ତି, ଯଦି ବଡ ଗୋଦାମରେ ଅବକାରୀ ଦ୍ରବ୍ୟ ଥାଏ ଅବା ବଡ଼ ହୋଟେଲରେ ଅପମିଶ୍ରଣ ହେଉଥାଏ ଖୁବ୍‌ଶୀଘ୍ର ଚଢାଉ କରାଯିବ। ସୁକରପଡା, କଟିକଟା, ନରେନ୍ଦ୍ରପୁର, ବିଲହାଟ, ନେମାଳ, ସାନ୍ତପୁର, କେନ୍ଦୁପାଟଣା, ଜହ୍ନିଆ ଓ ବରପଡାରେ ବ୍ୟାପକ ଅପମିଶ୍ରଣ ଖାଦ୍ୟ ଓ ଗୁଟ୍‌ଖା ବେପାର ହେଉଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ଥିବା ଅଭିଯୋଗ ହୋଇଛି।

## ବ୍ରାଉନସୁଗାର ବେପାରୀଙ୍କ ହାତରେ ଚୋରା ବନ୍ଧୁକ

**ଭୁବନେଶ୍ୱର,୨୨।୯(ବ୍ୟୁରୋ)**

**୭ଲକ୍ଷ ଟଙ୍କାର ବ୍ରାଉନସୁଗାର, ବନ୍ଧୁକ, ୫ ରାଉଣ୍ଡ ଗୁଳି ଜବତ**

ଏବେ ବ୍ରାଉନସୁଗାର ବେପାରୀଙ୍କ ହାତରେ ବି ଦେଖିବାକୁ ମିଳିଲାଣି ଚୋରା ବନ୍ଧୁକ। କମିଶନରେଟ ପୋଲିସ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିବା ପରେ ରାଜଧାନୀରେ ବନ୍ଧୁକ ମୁନରେ ନିଶା କାରବାର ଚାଲିଥିବା ସ୍ପଷ୍ଟ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଭରତପୁର ଥାନା ଅଞ୍ଚଳର ଭାବଗ୍ରାହୀ ସାହୁ। ସ୍ଥାନୀୟ ପୋଲିସ ତାଙ୍କଠାରୁ ୭୦ ଗ୍ରାମର ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ୫ ରାଉଣ୍ଡ ଗୁଳି ଜବତ କରିଛି। ଜବତ ବ୍ରାଉନସୁଗାର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ପୋଲିସ ମାମଲା ନଂ.୩୩୬/୨୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ବନ୍ଧୁକ ଓ ଗୁଳି ଚୋରା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ସେ କେତେ ଦିନ ହେଲା ଏହି କାରବାରରେ ଲିପ୍ତ ଅଛନ୍ତି, ତାଙ୍କ ସହ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ବ୍ରାଉନସୁଗାର କେଉଁଠୁ ଆଣୁଛନ୍ତି, ଚୋରା ବନ୍ଧୁକ ତାଙ୍କ ପାଖରେ ଆସିଲା କେଉଁଠୁ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଭାବଗ୍ରାହୀଙ୍କୁ ଜିଏ କଲୋନୀରୁ ବ୍ରାଉନସୁଗାରର ଏକ ଅର୍ଡର ଆସିଥିଲା। ସେ ରାତି ପ୍ରାୟ ୨ଟାରେ ବ୍ରାଉସୁନଗାର ପହଞ୍ଚାଇବାକୁ ସେଠାକୁ ଯାଉଥିଲେ। ଏନେଇ ପୋଲିସ ଖବର ପାଇ ଚଢାଉ କରି ତାଙ୍କୁ କାବୁ କରିଥିଲା।



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

# ରାସ୍ତାସାରା ଖାଲଖମା, ଯାତାୟାତରେ ଅସୁବିଧା

**ବାଲିଅନ୍ତା,୨୨।୯(ଡି.ଏନ୍.ଏ.)**

- ବର୍ଷା ହେଲେ ସମସ୍ୟା ବଢ଼ୁଛି
- ୨୦୦୫ରେ ମରାମତି ହୋଇଥିଲା

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ବେଣ୍ଟପୁର ବାଲିପାଟଣା ଆର୍‌ଡି ରାସ୍ତାର ମଣିଦାସବର ଛକଠାରୁ ପଣ୍ଡା ସାହି ଗ୍ରାମକୁ ସଂଯୋଗୀକରଣ କରୁଥିବା ରାସ୍ତାଟି ଅବହେଳିତ ଅବସ୍ଥାରେ ପଡ଼ିଛି। ଉକ୍ତ ରାସ୍ତା ଦେଇ ଲୋକେ ଯାତାୟାତ କରିବା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ଅତି ପୁରୁଣା ହୋଇଯାଇଥିବାରୁ ଅଧିକାଂଶ ସ୍ଥାନରେ ଖାଲଖମା ହୋଇଯାଇଛି। ଫଳରେ ବର୍ଷାଦିନେ ରାସ୍ତାର ଖାଲଗୁଡ଼ିକରେ ପାଣି ଜମି ରହୁଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାଟିର ମରାମତି ଆବଶ୍ୟକ ଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ସଂଯୋଗୀକରଣ ରାସ୍ତାଟି ଉପରେ ପଣ୍ଡା ସାହି ଗେଣ୍ଡାମାଳିଆ, ହରିଜନ ଓ ଖୁଣ୍ଟିଆ ସାହିର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରୁଛନ୍ତି। ଏଥିସହିତ ୪ଟି ସାହିର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି


ମଣିଦାସବର ଛକଠାରୁ ପଣ୍ଡା ସାହି ଗ୍ରାମକୁ ସଂଯୋଗୀକରଣ କରୁଥିବା ରାସ୍ତା।

ରାସ୍ତାଦେଇ ନିକଟସ୍ଥ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟ, ବେଣ୍ଟପୁରସ୍ଥିତ ଶ୍ରୀ ବାଣେଶ୍ୱର କଲେଜ ଓ ଜୟଦେବ ବିଦ୍ୟାମନ୍ଦିରକୁ ଯାଇଥାନ୍ତି। ୨କିମି ବିଶିଷ୍ଟ ଏହି ରାସ୍ତାରେ ଖାଲଖମା ସହିତ ୧କିମି ପର୍ଯ୍ୟନ୍ତ ମାଟି ରାସ୍ତା ଥିବାରୁ ବର୍ଷାଦିନେ ପାଣି ଜମି କାଦୁଅ ସୃଷ୍ଟି ହେଉଛି। ଏପରିକି ବାକି ଥିବା ୧ କିମି ରାସ୍ତାରେ ପୂର୍ବରୁ ପଡ଼ିଥିବା ମେଟାଲ ସବୁ ଉଠିଗଲାଣି। ଗ୍ରାମର ଲୋକେ ଜରୁରୀ ସମୟରେ ପାଖ ମେଡିକାଲରୁ ଏହି ରାସ୍ତା ଦେଇ ଯିବାବେଳେ ଅସୁବିଧା ହେବା ସହ ପିଲାମାନେ ସ୍କୁଲ, କଲେଜ ଯିବାବେଳେ ସାଇକେଲରୁ ଖସି ଆହତ ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ପ୍ରକାଶ ସାହୁ କହିଛନ୍ତି। ସ୍ଥାନୀୟ ଗ୍ରାମର ସାମାଜିକ କର୍ମୀ ରମେଶ ବିଶ୍ୱାଳ କହିଛନ୍ତି, ୨୦୦୫ରେ ରାସ୍ତାର କିଛି ଅଂଶ ମେଟାଲ ଓ ମୋରମ ପଡ଼ି ମରାମତି ହୋଇଥିଲା। ତା'ପରଠାରୁ ରାସ୍ତା ଅବସ୍ଥାରେ କୌଣସି ଉନ୍ନତି ହୋଇ ନାହିଁ। ଏହି ପଣ୍ଡା ସାହି ଗ୍ରାମର ଲୋକେ ଜମିରୁ ଉତ୍ପାଦିତ ଧାନ ଓ ପନିପରିବା ଫସଲକୁ ଘରକୁ ଆଣିବାରେ ବିଶେଷ ଅସୁବିଧା ହେଉଛନ୍ତି। ବର୍ଷାଦିନେ ଜମି ରହୁଥିବା ପାଣିକୁ ନିଷ୍କାସନ ପାଇଁ ରହିଥିବା ସୋଠଗୁଡ଼ିକ ଦୀର୍ଘଦିନ ହେବ ଭାଙ୍ଗିରୁଜି ଗଲାଣି। ଫଳରେ ବର୍ଷାଜଳ ନିଷ୍କାସିତ ନ ହୋଇ ରାସ୍ତା ଉପରକୁ ଉଠିଯାଉଛି। ଏହି ରାସ୍ତା ଉଭୟ ଗ୍ରାମବାସୀଙ୍କ ପାଇଁ ଏକ ପ୍ରମୁଖ ରାସ୍ତା ଥିବାରୁ ଏହାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ସରପଞ୍ଚ ଜୟଶ୍ରୀ ନାୟକ କହିଛନ୍ତି, ଏହି ରାସ୍ତାଟି ବ୍ଲକ ଅଧୀନରେ ରହିଛି। ପଞ୍ଚାୟତକୁ ଆସୁଥିବା ସ୍ୱଳ୍ପ ଅନୁଦାନରେ ଯଥାସମ୍ଭବ ମରାମତି ହେଉଛି। କିନ୍ତୁ ଏହି ରାସ୍ତାଟିକୁ ଆର୍‌ଡି ବିଭାଗକୁ ହସ୍ତାନ୍ତର ପାଇଁ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବହୁବାର ଖୋର୍ଦ୍ଧା ଜିଲାପାଳ ଓ ଆର୍‌ଡି ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଭେଟି କଥା ହୋଇଥିବା ସତ୍ତ୍ୱେ କିଛି ସୁଫଳ ମିଳି ନାହିଁ। ବର୍ତ୍ତମାନ ବାଲିଅନ୍ତା ବ୍ଲକ ପକ୍ଷରୁ ଗ୍ରାଣ୍ଟ ଇନ୍ ଏଡ୍ ଅନୁଦାନ ଆସିଛି। ସେଥିରେ ଯାହାକିଛି ମରାମତି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ଜିଡିପି ୧୦% ରହିବ

ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୧୦% ହାରରେ ଅଭିବୃଦ୍ଧି କରିବ। ଘରୋଇ ବଜାରରେ ଚାହିଦା ଏବଂ ରପ୍ତାନିରେ ଉନ୍ନତି ଆସିବାରୁ ଅଭିବୃଦ୍ଧି ଅପେକ୍ଷାକୃତ ଭଲ ରହିବ ବୋଲି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି)ର ଇକୋନୋମିକ ଆଉଟ୍‌ଲୁକ୍ ରିପୋର୍ଟରେ ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷରେ ଭାରତ ୧୧% ହାରରେ ଅଭିବୃଦ୍ଧି କରିବ ବୋଲି ଏଡିବି ପୂର୍ବରୁ ଆକଳନ କରିଥିଲା। କରୋନା ମହାମାରୀର ଦ୍ୱିତୀୟ ଲହର ସେବା କ୍ଷେତ୍ର, ଘରୋଇ ବଜାରର ଚାହିଦା, ସହରାଞ୍ଚଳର ଅଣସଂଗଠିତ କ୍ଷେତ୍ର ଉପରେ ଗଭୀର ପ୍ରଭାବ ପକାଇଛି।

### ସଂକ୍ଷେପରେ

## ସୋନି ପିକ୍‌ଚର୍ସ ସହ ମିଶିଯିବ ଜି ଏଣ୍ଟରଟେନମେଣ୍ଟ

**ନୂଆଦିଲ୍ଲୀ,୨୨।୯:** ମିଡିଆ ଏବଂ ମନୋରଞ୍ଜନ କମ୍ପାନୀ ଜି ଏଣ୍ଟରଟେନମେଣ୍ଟ ଏଣ୍ଟରପ୍ରାଇଜେସ ଲିମିଟେଡ୍ ସୋନି ପିକ୍‌ଚର୍ସ ନେଟ୍‌ୱର୍କ ଇଣ୍ଡିଆ ସହ ମିଶିଯିବ। ଜି କମ୍ପାନୀର ବୋର୍ଡ ଏହି ପ୍ରସ୍ତାବକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରିଥିବା ବୁଧବାର ଜଣାପଡିଛି। ଜି ଟିଭି ନାମରେ ଟେଲିଭିଜନ ବ୍ରଡ୍‌କାଷ୍ଟିଂ ଏବଂ ଡିଜିଟାଲ ମିଡିଆ କ୍ଷେତ୍ରରେ ଜି କାର୍ଯ୍ୟ କରୁଛି। ମିଶ୍ରଣ ଲାଗି ୨ କମ୍ପାନୀ ସହମତ ହୋଇଥିବା ଜି ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ପ୍ରକାଶ କରିଛି। କମ୍ପାନୀର ଏମ୍‌ଡି ଏବଂ ସିଇଓ ଭାବେ ପୁନୀତ ଗୋଏଙ୍କା କାର୍ଯ୍ୟ କରିବେ।

## ସ୍ୱାସ୍ଥ୍ୟ, ଭିତ୍ତିଭୂମି କ୍ଷେତ୍ର ନିବେଶ ଜରୁରୀ

**ନୂଆଦିଲ୍ଲୀ,୨୨।୯:** କୋଭିଡ୍ ପରବର୍ତ୍ତୀ ସମୟରେ ନିରନ୍ତର ଅଭିବୃଦ୍ଧି ଲାଗି ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ଜରୁରୀ। ଏଭଳି କ୍ଷେତ୍ରଗୁଡିକରେ ଉଚ୍ଚ ନିବେଶ ଆବଶ୍ୟକତା ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ବୁଧବାର ଗୁରୁତ୍ୱାରୋପ କରିଛନ୍ତି। ଜାତୀୟ ମ୍ୟାନେଜମେଣ୍ଟ କନ୍‌ଭେନଶନକୁ ସମ୍ବୋଧିତ କରି ଶକ୍ତିକାନ୍ତ କହିଛନ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, ଡିଜିଟାଲ ସହ ଅନ୍ୟ ଭିତ୍ତିଭୂମିରେ ନିବେଶ ଦ୍ୱାରା ନିରନ୍ତର ବିକାଶ ସହ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ।

# ବଜାରରେ ନୂଆ ଟିଭିଏସ୍ 'ରେଡର'

**କଟକ ଅଫିସ,୨୨।୯**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ନୂଆ ୨ ଚକିଆ ଯାନ 'ରେଡର' ବଜାରକୁ ଆସିଛି। ସ୍ଥାନୀୟ ସାଇଦୁର୍ଗା ଟିଭିଏସ୍‌ଠାରେ ଏହି ମଡେଲକୁ ବୁଧବାର ଅପରାହ୍ନରେ ଉନ୍ମୋଚନ କରାଯାଇଥିଲା। କମ୍ପାନୀର ଟେରିଟୋରି ମ୍ୟାନେଜର ବରଦା ପ୍ରସନ୍ନ ଜେନା, ସ୍ୱତ୍ୱାଧିକାରୀ ବୈଦ୍ୟନାଥ ଖୁଣ୍ଟିଆ, ଶୋ'ରୁମ୍ ମୁଖ୍ୟ ପ୍ରଦୀପ ଖୁଣ୍ଟିଆ ଏବଂ ରାଜଦୀପ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ନୂଆ ମଡେଲକୁ ବଜାର ପ୍ରବେଶ କରିଥିଲେ।

**ମୂଲ୍ୟ ୭୭,୫୦୦ ଟଙ୍କାରୁ ଆରମ୍ଭ**

ଶୋ'ରୁମ୍‌ରୁ ଏହି ଯାନଟିର ପ୍ରଥମ ଗ୍ରାହକ ସୁଧାଂଶୁ ଶେଖର ବେହେରାଙ୍କୁ ଯାନର ଚାବି ଏହି ଅବସରରେ ହସ୍ତାନ୍ତର କରାଯାଇଥିଲା। ଯୁବ ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ୧୨୫ ସିସି ବର୍ଗରେ କମ୍ପାନୀ ଏହି ମଡେଲଟିକୁ ବଜାରକୁ ଛାଡ଼ିଛି।

ଏଥିରେ ବିଭିନ୍ନ ସ୍ପୋର୍ଟି ଫିଚର ରହିଛି। ଗ୍ରାହକ ଏଲ୍‌ସିଡି ଡିଜିଟାଲ ସ୍ପିଡୋମିଟର, ଅପ୍ସନାଲ ୫ ଇଞ୍ଚ ଟିଏଫ୍‌ଟି କ୍ଲଷ୍ଟର, ଭଏସ୍ ଆସିଷ୍ଟ, ମଲ୍ଟିପୁଲ ରାଇଟ ମୁଡ୍, ଫାଷ୍ଟ ଇନ୍ ସେଗ୍‌ମେଣ୍ଟ ଅଣ୍ଡର ସିଟ୍ ଷ୍ଟୋରେଜ ଏଥିରେ ଲାଭ କରିପାରିବେ। ସେହିଭଳି ଅତ୍ୟାଧୁନିକ ୩ ଭି ଇଞ୍ଜିନ, ମନୋସକ ସସ୍‌ପେନଶନ, ୱାଇଡର ସ୍ପ୍ଲିଟ ସିଟ୍, ଇଟିଫାଇ, ଇଣ୍ଟେଲିଜେନ୍ସ ଗୋ, ସାଇଡ ଷ୍ଟାଣ୍ଡ ଇଣ୍ଡିକେଶନ, ହେଲ୍‌ମେଟ ରିମାଇଣ୍ଡର ଭଳି ପ୍ରମୁଖ ବୈଶିଷ୍ଟ୍ୟ ଏହି ଯାନଟିରେ ରହିଥିବା ଶୋ'ରୁମ୍ ପକ୍ଷରୁ ସୂଚନା ରହିଛି।

ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କମ୍ପାନୀର ସିଇଓ କେ.ଏନ୍. ରାଧାକ୍ରିଷ୍ଣ କହିଛନ୍ତି। ଏଥିରେ ୧୨୪.୮ ସିସିର ଅଏଲ କୁଲଡ ୩ଭି ଇଞ୍ଜିନ, ସ୍ମାର୍ଟ ଏକ୍ସୋନେଟେଡ ବ୍ଲୁଟୁଥ ସଂଯୋଗ, ନାଭିଗେସନ ଭଳି ଅନ୍ୟ ପ୍ରମୁଖ ଫିଚର ଗ୍ରାହକ ଲାଭ କରିପାରିବେ। ମଡେଲଟିର ଏକ୍ସ ଶୋ'ରୁମ ବଜାର ଦର ୭୭,୫୦୦ ଟଙ୍କାରୁ ଆରମ୍ଭ ହେଉଛି। ଏହା ଷ୍ଟ୍ରାଇକିଂ ରେଡ୍, ବ୍ଲେଜିଂ ବ୍ଲୁ ୱିକେଡ, ବ୍ଲାକ ଓ ଫିଏରି ୟେଲୋ ରଙ୍ଗରେ ଉପଲବ୍ଧ।



ସାଇଦୁର୍ଗା ଟିଭିଏସ୍‌ଠାରେ ନୂଆ ମଡେଲର ବଜାର ପ୍ରବେଶ ଅବସରରେ ଉପସ୍ଥିତ ଅତିଥି, କମ୍ପାନୀର କର୍ମଚାରୀ ଓ ଶୋ'ରୁମ୍‌ର କର୍ମକର୍ତ୍ତା।

# 'ଧୋତି ୧୦୦' କାର୍ଯ୍ୟକ୍ରମ




**କୋଏମ୍ବାଟୁର,୨୨।୯**

ମହାତ୍ମା ଗାନ୍ଧୀଙ୍କ ଧୋତି ଶତବାର୍ଷିକୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ତାଙ୍କ ପରିଧାନକୁ ଧୋତିକୁ ରୂପାନ୍ତରିତ କରିବାକୁ ମନେ ରଖିବାକୁ ଯାଇ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ରାମରାଜ କଟନ ପକ୍ଷରୁ ଏ ନେଇ 'ଧୋତି ୧୦୦' ନାମରେ ଏକ ଗ୍ରାଣ୍ଡ ଇଭେଣ୍ଟ ଆୟୋଜନ କରାଯାଇଥିଲା। ୧୦୦ ଶହୀଦ, ୧୦୦ ବୁଣାକାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଗାନ୍ଧୀଙ୍କ ଜୀବନ କଥାକୁ ନେଇ କଳାକାରମାନେ ଏକ ସ୍ୱତନ୍ତ୍ର ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ କେ.ଆର୍. ନାଗରାଜନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଯୁବବର୍ଗଙ୍କୁ ଉତ୍ସାହିତ କରିବା ଲାଗି ଧୋତିରେ ନୂତନତ୍ୱ ଆଣିବାକୁ ପ୍ରଚେଷ୍ଟା ଜାରି ରହିଛି। ବର୍ତ୍ତମାନ ଆସୁଥିବା ଧୋତି ଆରାମଦାୟକ ହେବା ସହ ନୂଆ ଦର୍ପଣ ଭାବେ ପରିଗଣିତ ହୋଇଛି। ନୂଆ ଷ୍ଟାଇଲ ଷ୍ଟେଟମେଣ୍ଟ ଭାବେ ଏହା ପ୍ରତି ଭାରତୀୟଙ୍କ ଲାଗି ଗର୍ବ। ଗାନ୍ଧୀଙ୍କ ବସ୍ତ୍ରକୁ ଜାତୀୟ ପରିଧାନର ପରିଚୟ ଭାବେ ରୂପାନ୍ତରିତ କରିବା ଦିଗରେ ଉଦ୍ୟମ ଜାରି ରହିଥିବା ସେ ମତ ପ୍ରକାଶ କରିଛନ୍ତି। ୪୦ ହଜାର ବୁଣାକାର ପରିବାରଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି କାର୍ଯ୍ୟକ୍ରମ ଜାରି ରହିଛି। ଗତ ୪୦ ବର୍ଷ ଧରି ସାରା ବିଶ୍ୱରେ କମ୍ପାନୀ ନିଜର ସେବା ପ୍ରଦାନ କରିଛି। ଭାରତୀୟ ବିଦ୍ୟାଭବନ କୋଏମ୍ବାଟୁରର ଅଧ୍ୟକ୍ଷ ବି.କେ କୃଷ୍ଣରାଜ ମୁଖ୍ୟ ଅତିଥି ଭାବେ 'ମହାତ୍ମାବାଇ କୋଣ୍ଡାଦୋଭମ' ପୁସ୍ତକ ଉନ୍ମୋଚନ କରିଥିଲେ। ରୁଟସ ଗ୍ରୁପ ଅଫ୍ କମ୍ପାନୀର ଅଧ୍ୟକ୍ଷ କେ. ରାମାସ୍ୱାମୀଙ୍କୁ ଏହାର ପ୍ରଥମ କପି ପ୍ରଦାନ କରାଯାଇଛି।

### ଫୁର୍‌ସତ୍

# ଶ୍ରବଣବାଧିତଙ୍କ ପାଇଁ ସାଙ୍କେତିକ ଭାଷା



**ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ**

ଚିକିତ୍ସା ବିଜ୍ଞାନ ଅନୁସାରେ ଶୁଣି ଅନୁକରଣ କରିବା ପ୍ରତିଟି ପ୍ରାଣୀର ସହଜାତ ପ୍ରବୃତ୍ତି। ମାତ୍ର ଶ୍ରବଣ ସମସ୍ୟା ରହିଲେ ଅନୁକରଣ କରିବା ସମ୍ଭବ ହୋଇ ନ ଥାଏ। ଶ୍ରବଣ ସମସ୍ୟା ଯୋଗୁ ବାକ୍ କ୍ଷମତା ହରାଇଥିବା ଶିଶୁ ବଡ଼ ହୋଇ କିଭଳି ସହଜରେ ନିଜ ଜୀବନ ଜିଇଁପାରିବ ସେ ନେଇ ବିଭିନ୍ନ ସାଙ୍କେତିକ ଭାଷା ମାଧ୍ୟମରେ ତା'ର ବୋଧଗମ୍ୟତାର ବିକାଶ କରାଯାଇଥାଏ। ପୃଥିବୀରେ ଏଭଳି ଲୋକଙ୍କ ସଂଖ୍ୟା ୭୦ ନିୟୁତରୁ ଅଧିକ। ୱାର୍ଲ୍ଡ ଫେଡେରେଶନ ଅଫ୍ ଡିଫ୍ (ଡବ୍ଲ୍ୟୁଏଫ୍‌ଡି) ଅନୁସାରେ ଅନ୍ୟର ଭାବନାକୁ ବୁଝିବା ପାଇଁ ସେମାନେ ୩୦୦ରୁ ଅଧିକ ସାଙ୍କେତିକ ଭାଷାର ବ୍ୟବହାର କରିଥାନ୍ତି। ଏଭଳି ଲୋକଙ୍କ ମାନବିକ ଅଧିକାରକୁ ସୁରକ୍ଷିତ କରିବା ଲାଗି ଅନ୍ତର୍ଜାତୀୟସ୍ତରରେ ପ୍ରୟାସ କରାଯାଇଥିଲା। ଶ୍ରବଣବାଧିତଙ୍କ ଭାଷା ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ୧୯୫୧ ସେପ୍ଟେମ୍ବର ୨୩ରେ ଡବ୍ଲ୍ୟୁଏଫ୍‌ଡି ଗଠନ ହୋଇଥିଲା। ଏଥିରେ ୧୩୫ଟି ଜାତୀୟ ସଂଗଠନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଶ୍ରବଣବାଧିତଙ୍କ ଲାଗି ଅନ୍ତର୍ଜାତୀୟ ସପ୍ତାହ ପ୍ରଥମେ ୧୯୫୮ ସେପ୍ଟେମ୍ବରରେ ପାଳନ କରାଯାଇଥିଲା। ପରେ ୨୦୧୭ ଡିସେମ୍ବର ୧୯ରେ ଜାତିସଂଘର ସାଧାରଣ ସଭାରେ ୯୭ ଜଣ ସଦସ୍ୟ ରାଷ୍ଟ୍ର ଡବ୍ଲ୍ୟୁଏଫ୍‌ଡି ଗଠନ ସ୍ମୃତିରେ ୨୩ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ୨୦୧୮ ସେପ୍ଟେମ୍ବର ୨୩ରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପ୍ରଥମେ ପାଳନ କରାଯାଇଥିଲା। ଏହି ଅବସରରେ ଶ୍ରବଣବାଧିତଙ୍କ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ ନେଇ ସଚେତନତା ଉପରେ ଗୁରୁତ୍ୱାରୋପ ଦିଆଯାଇଥାଏ। ସେହିପରି ଭାଷାଭିତ୍ତିକ ଏବଂ ସାଂସ୍କୃତିକ ବିବିଧତାର ଏକ ଅଂଶ ଭାବରେ ସଙ୍କେତ ଭାଷାଗୁଡ଼ିକୁ ସଂରକ୍ଷଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥାଏ।

# ଶୁଟିଂକୁ ଫେରିବେ ଶେହନାଜ ଗିଲ୍



**ବମ୍ବେ:** କଥିତ ପ୍ରେମିକ ସିଦ୍ଧାର୍ଥ ଶୁକ୍ଲାଙ୍କ ମୃତ୍ୟୁ ପରେ ଭାଙ୍ଗି ପଡ଼ିଛନ୍ତି ଗାୟିକା ତଥା ଅଭିନେତ୍ରୀ ଶେହନାଜ ଗିଲ୍। ଦିଲଜିତ ଦୋସାଞ୍ଝଙ୍କ ସହ ଫିଲ୍ମ 'ହୋସଲା ରଖ୍' ଶୁଟିଂ କରୁଥିବା ବେଳେ ସେ ଦୁଃଖଦ ଖବର ଶୁଣିଥିଲେ। ସେବେଠାରୁ ଶୁଟିଂ ବନ୍ଦ ରହିଥିଲା। ଏବେ ପୁଣି ଥରେ ଶେହନାଜ ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ଫିଲ୍ମ ନିର୍ମାତା ପ୍ରଥମେ ସେପ୍ଟେମ୍ବର ୧୫ରେ ପ୍ରମୋଶନାଲ ଗୀତ ଶୁଟିଂ କରିବେ ବୋଲି ଭାବିଥିଲେ। ହେଲେ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। କାରଣ ଶେହନାଜ ଶୁଟିଂ କରିବା ସ୍ଥିତିରେ ନ ଥିଲେ। ଏବେ ଶେହନାଜଙ୍କ ମାନସିକ ସ୍ଥିତିରେ ସୁଧାର ଆସିବା ପରେ ଶୁଟିଂ ଆରମ୍ଭ କରାଯିବ। ଏହାକୁ ନେଇ ଖୁବଶୀଘ୍ର ପ୍ରଯୋଜକ ନୂଆ ଡେଟ୍ ଫାଇନାଲ କରିବେ। ଶେହନାଜ ମ୍ୟାନେଜରଙ୍କ ସହ ଏ ନେଇ ଆଲୋଚନା କରିଥିବା ଜଣାପଡ଼ିଛି। ସିଦ୍ଧାର୍ଥଙ୍କ ମୃତ୍ୟୁ ପରେ ଶେହନାଜ ବାହାରକୁ ଆସୁନାହାନ୍ତି। ଡିପ୍ରେସନକୁ ଚାଲି ଯାଇଥିବା ହେତୁ ତାଙ୍କୁ ସିଦ୍ଧାର୍ଥଙ୍କ ପରିବାରଠାରୁ ଆରମ୍ଭ କରି ଅନେକ କଳାକାର ତାଙ୍କୁ ବୁଝାଉଥିବା ଦେଖାଯାଇଛି।

**ପ୍ରଥମ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା**



**ଲିଙ୍କନ ଦାସ (ଜଗା)**
ଶ୍ରୀରାମ ନଗର, ଓଲ୍‌ଡ ଟାଉନ୍, ଭୁବନେଶ୍ୱର
ଆଜି ତୋର "ପ୍ରଥମ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଜୟ ମାତାଦୀ
ଧ-୭୦୯୫୭

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଯୁଗଳ କୃଷ୍ଣ ମିଶ୍ର**
ଶାସନ ଦାମୋଦରପୁର, ପୁରୀ
ଆବିର୍ଭାବ: ୦୨।୦୫।୧୯୬୩
ତିରୋଧାନ:୦୫।୧୦।୨୦୨୦
ହେ ମହାନ୍ ଆତ୍ମା ନିଜର କର୍ମମୟ ଜୀବନର ଅବସାନ କରି ଆମକୁ ଶୋକ ସାଗରରେ ଭସାଇ ଛାଡ଼ି ଯିବାର ଏକ ବର୍ଷ ବିତିଗଲାଣି। ଆପଣଙ୍କର ସ୍ନେହ, ନିର୍ମଳ ହୃଦୟ, ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରେରଣା ଆମର ଚିର ସ୍ମରଣୀୟ। ଆଜିର ପବିତ୍ର ଶ୍ରାଦ୍ଧଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଭକ୍ତିପୂର୍ବ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଝୁନୁ, ଝିଅ: ଓଁ, ବନ୍ଧୁ, ସପରିବାରବର୍ଗ।
ଧ-୨୧୭୨୩

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ପ୍ରଭାସିନୀ ପାତ୍ର**
ଭୁବନେଶ୍ୱର ନାଗେଶ୍ୱରଟାଙ୍ଗୀ (କୈବଲ୍ୟ କୁଟୀର)
ଆବିର୍ଭାବ-୧୯୪୨
ତିରୋଧାନ- ୦୫।୧୦।୨୦୨୦
ଆଶ୍ୱିନ ମାସ କୃଷ୍ଣପକ୍ଷ ୩ୟା ତିଥିରେ ତୁମେ ଆମ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ଆଦର୍ଶ, ସ୍ନେହ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ହତଭାଗ୍ୟ ପୁତ୍ର: ବାବୁଲି, କାବୁଲି, ବୁଟୁ, ବିଭୂତି, ସୁନୀଲ (ଜ୍ୱାଇଁ), ବେବିନା (ଝିଅ), ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୦୯୫୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଦିବ୍ୟସିଂହ ମହାରଥୀ**
ଆବିର୍ଭାବ: ୧୩।୦୨।୧୯୩୩
ତିରୋଧାନ: ୦୫।୦୯।୨୦୨୦
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ୍ଭମାନଙ୍କ ଚଲାପଥରେ ସହାୟକ ହେଉ। ଆଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୭୧୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଦୁର୍ଗାପ୍ରସାଦ ମିଶ୍ର**
ଆବିର୍ଭାବ: ୧୫।୦୫।୧୯୪୧
ତିରୋଧାନ:୦୪।୧୦।୨୦୨୦
(ଆଶ୍ୱିନ କୃଷ୍ଣପକ୍ଷ ତୃତୀୟା ତିଥି)
ନନା, ଚାହୁଁ ଚାହୁଁ ବର୍ଷେ ବିତିଗଲା। ଆପଣ ଆମ୍ଭମାନଙ୍କୁ ଛାଡ଼ି ପରପାରିକୁ ଚାଲିଗଲେ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ କାର୍ଯ୍ୟଦକ୍ଷତା ଆମମାନଙ୍କର ପାଥେୟ ହେଉ। ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣ ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ।
-:ଶୋକ ସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୭୧୯

**୧୬ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ବଂଶୀଧର ମିଶ୍ର**
ଜନାର୍ଦ୍ଦନପୁର, ମଙ୍ଗଳପୁର, ପିପିଲି, ପୁରୀ
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୨୦୮୧୫

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰କେତକୀ ମହାରଣା**
ଦାଢ଼ାପାଟଣା, ବାରଙ୍ଗ, କଟକ
ଆବିର୍ଭାବ : ୧୨.୦୨.୧୯୪୦ (ପଟିଆ)
ତିରୋଧାନ : ୦୪.୧୦.୨୦୨୦ (ଦାଢ଼ାପାଟଣା)
ହେ ଅବିସ୍ମରଣୀୟା, ତୁମର ସେ ସ୍ନେହବୋଳା ସ୍ପର୍ଶ, ମଧୁର କଥା ଓ ନୀତିବାଣୀ ଆମ ପାଇଁ ଚିରକାଳ ପୁଞ୍ଜି ହୋଇ ରହିବ। ତୁମେ ଆମ ଚିର ସ୍ମରଣୀୟା ଓ ବନ୍ଦନୀୟା, ସଶ୍ରଦ୍ଧ ପ୍ରଣାମ...
ଶୋକସନ୍ତପ୍ତ: ପୁତ୍ର-ଅର୍ଜୁନ, ଅମୂଲ୍ୟ, ପୁତ୍ରବଧୂ-ମାନସୀ, ରୀନା, ନାତି-ଅଜିତ୍, ବିଭୁଦତ୍ତ, ପ୍ରଭୁଦତ୍ତ, ଶୁଭଜିତ୍, ନାତୁଣୀ-ସୁଚିସ୍ମିତା, ସୁଦିପ୍ତା, ସ୍ୱରୂପା, ସର୍ମିଷ୍ଠା, ସୁନନ୍ଦା, ସୁପ୍ରିୟା, ଅଣନାତି/ ଅଣନାତୁଣୀ-ଅମିତ, ଆଦିତ୍ୟ, ଅଂଶୁ, ଖୁସି, ଶ୍ରଦ୍ଧା, ଗୁଗୁ, ମଙ୍ଗଳ, ବନ୍ଧୁ ଓ ପରିବାରବର୍ଗ।
M/s SMITH UDYOG, M/S SWASTIK PROFILES, M/S OMM INDUSTRIES, M/S SPM INDUSTRIES, M/S APEX SOLAR SOLUTION, M/S SHREE ENGINEERING
ଧ-୭୦୯୫୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**୰ମଦନ ମୋହନ ସାହୁ**
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ
ଧ-୨୧୭୨୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ୭୫ ବର୍ଷ ପୁରୁଣା ଗଛକୁ ମିଳିବ ପେନ୍‌ସନ

**ଚଣ୍ଡୀଗଡ଼, ୨୨।୯**

ହରିୟାଣାରେ ଖଟ୍ଟାର ସରକାର ପୁରୁଣା ଗଛ ରକ୍ଷଣାବେକ୍ଷଣ ନିମନ୍ତେ ଏକ ଯୋଜନା ଲାଗୁ କରିଛନ୍ତି। ରାଜ୍ୟରେ ରହିଥିବା ୭୫ ବର୍ଷରୁ ଅଧିକ ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ପାଇଁ ପେନ୍‌ସନ ଯୋଜନା କରାଯାଇଛି। ରାଜ୍ୟରେ ବାୟୁର ଗୁଣବତ୍ତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗତ ଜୁନ୍‌ରେ ପ୍ରାଣ ବାୟୁ ଦେବତା ପେନ୍‌ସନ ସ୍କିମ୍(ପିଭିଡିପିଏସ୍)-୨୦୨୧ ଆରମ୍ଭ ହୋଇଛି। ଏହି ଯୋଜନାରେ ବାର୍ଷିକ ୨୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯିବ। ସ୍ଥାନୀୟ ଲୋକଙ୍କୁ ଏଥିରେ ସାମିଲ କରାଯାଇ ପୁରୁଣାଗଛକୁ ଚିହ୍ନଟ କରାଯିବା ସହ ଏହାର ରକ୍ଷଣାବେକ୍ଷଣ କିପରି ଠିକ୍ ଭାବେ କରାଯାଇପାରିବ ସେନେଇ ନିଶ୍ଚିତ କରିବାକୁ ୱାର୍ଲ୍ଡ କାର୍ ଫ୍ରି ଡେ'(ବିଶ୍ୱ କାର୍ ମୁକ୍ତ ଦିବସ) ଅବସରରେ ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର କହିଛନ୍ତି। ଏହି ଅବସରରେ ଖଟ୍ଟାର ତାଙ୍କ କ୍ୟାବିନେଟ ସଦସ୍ୟ ଏବଂ ବିଧାୟକଙ୍କ ସହ ନିଜ ବାସଭବନରୁ ସଚିବାଳୟ ପର୍ଯ୍ୟନ୍ତ ସାଇକେଲ୍ ଚଳାଇ ଆସିଥିଲେ। ଖୁବ୍‌ଶୀଘ୍ର ହରିୟାଣା ସରକାର ଇଲେକ୍ଟ୍ରିକ ଭେଇକିଲ ପଲିସି ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା କରାଯିବାର ଯୋଜନା ରହିଛି। ଏପରି କି ଇଲେକ୍ଟ୍ରିକ ବସ୍ କିଣିବାର ବିଚାର କରାଯାଉଛି ବୋଲି ଖଟ୍ଟାର କହିଛନ୍ତି। ଆମେ ପରିବେଶରୁ ଶୁଦ୍ଧ ବାୟୁ ପାଇଥାଉ ଯାହା ସମଗ୍ର ମାନବିକତାକୁ ଲାଭ ଦିଏ। ଏଥିପାଇଁ ହରିୟାଣା ସହରରେ ୫ ଏକରରୁ ୧୦୦ ଏକର ପର୍ଯ୍ୟନ୍ତ ଜମିରେ ଅକ୍ସି ଫରେଷ୍ଟ ବା ଅମ୍ଳଜାନ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଖଟ୍ଟାର ଜୁନ୍ ୫ ରେ କହିଥିଲେ।

**ରକ୍ଷଣାବେକ୍ଷଣ ପାଇଁ ବାର୍ଷିକ ଅଢ଼େଇ ହଜାର**

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଭାରତର ନଂ.1 Tower Company**
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଖେତ, ପ୍ଲଟ୍‌ରେ 4G/5G Digital Tower ଲଗାନ୍ତୁ। ପାଆନ୍ତୁ ଅଗ୍ରିମ 90 ଲକ୍ଷ, ଭଡ଼ା 90000+ 20 ବର୍ଷର ଏଗ୍ରିମେଣ୍ଟ + 1 ବାଇକ୍, ରେଜିଷ୍ଟ୍ରେଶନ୍ ଫିସ୍ ୨୨୨/-
ସିଧାସଳଖ କମ୍ପାନୀ ସହ କଥା ହୁଅନ୍ତୁ
8004625362
9450762304

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସନିୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mob. 9999268493
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରିଲିଜ ଅପେକ୍ଷାରେ...
# ଆଇଆଇସି ଧୀରେନ୍

ନବାଗତ ଧୀରେନ୍ ତ୍ରିପାଠୀ ସିନେମାଟିଏ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ରିଲିଜ ଅପେକ୍ଷାରେ ଥିବା ଏହି ଚଳଚ୍ଚିତ୍ରଟି ହେଲା 'ଆଇ ଆଇସି ଧୀରେନ୍'। ରହସ୍ୟ, ରୋମାଞ୍ଚଭରା କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡିର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ସହ-ପ୍ରଯୋଜକ ହେଉଛନ୍ତି ଉମା ପ୍ରଧାନ ଏବଂ ସ୍ମିତା ତ୍ରିପାଠୀ। ଧୀରେନଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରୁଛନ୍ତି ଅର୍ପିତା ଏବଂ ଈପ୍‌ସିତା। ଏଥିରେ ସଂଯୋଜିତ ୫ଟି ଗୀତକୁ ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ଯୋଡ଼ି କାଳୀପ୍ରସାଦ-ରବି କୁମାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ରଥ। ଫିଲ୍ମଟିର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଏହା ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅର୍ପିତା-ଧୀରେନ୍

# ସେହି ଗୀତ ପାଇଁ

ରଣବୀର କପୁର ଏବେ ଦିନରାତି ଏକାଠି କରିଦେଇଛନ୍ତି। କାରଣ ଏପରି ଦାୟିତ୍ୱକୁ ସେ ବେଶ୍ ଗମ୍ଭୀରତାର ସହ ନେଇଛନ୍ତି। ଆଉ ତାହାକୁ ତୁଲାଇବା ଲାଗି ସ୍ପେଶାଲ ସଜବାଜ ହେଉଛନ୍ତି। କଥା କ'ଣ କି ରଣବୀର ଖୁବ୍ ଶୀଘ୍ର ଏକ ଅତିଥି କଳାକାର ଭୂମିକାରେ ଅଭିନୟ କରିବେ। ଶଶାଙ୍କ ଖୈତାନଙ୍କ ନିର୍ମାଣାଧୀନ ନୂଆ ସିନେମା 'ମି. ଲି'ରେ ସଂଯୋଜିତ ଏକ ସ୍ୱତନ୍ତ୍ର ଗୀତରେ ତାଙ୍କୁ ନାଚୁଥିବାର ଦେଖିବାକୁ ମିଳିବ। ଏ ନେଇ ରଣବୀର କହନ୍ତି, 'ଯେତେବେଳେ ଶଶାଙ୍କ ମୋତେ ଏହି ଗୀତ ବିଷୟରେ ସୂଚନା ଦେଲେ ଆଉ ମୋତେ ଅଭିନୟ କରିବାକୁ କହିଲେ, ସେତେବେଳେ ତାହାକୁ ଟାଳି ପାରି ନ ଥିଲି। ଏହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ ଏବେଠାରୁ ଲାଗି ପଡିଛି।' ଏହି ଫିଲ୍ମରେ କିଆରା ଆଡୱାନୀ ନାୟିକା ଭାବରେ ଦେଖାଦେବେ। ଏହି ଫିଲ୍ମ ବ୍ୟତୀତ ରଣବୀରଙ୍କ ହାତରେ ଆଉ ଏକ ସିନେମା ରହିଛି, ଯାହାର ଟାଇଟଲ ହେଲା 'ସମସେରା'। ଏଥିରେ ତାଙ୍କ ବ୍ୟତୀତ ବାଣୀ କପୁର ଏବଂ ସଞ୍ଜୟ ଦତ୍ତ ମଧ୍ୟ ଅଭିନୟ କରୁଛନ୍ତି। ତେବେ ରଣବୀରଙ୍କ ଏହି ସ୍ପେଶାଲ ଗୀତ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।


ରଣବୀର କପୁର

ନୂଆ ସିନେମା

## ମୋ ସରପଞ୍ଚ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ମୋ ସରପଞ୍ଚ'। ଏପରି ଏକ ବିଷୟବସ୍ତୁକୁ ଆଧାର କରି କାହାଣୀ ସହ ସଂଳାପ ରଚନା କରିଛନ୍ତି ପ୍ରଦେଶ ରଞ୍ଜନ ମହାପାତ୍ର। ପୃଥ୍ୱୀ ସିନେ ଇଣ୍ଡିଆ ଲିମିଟେଡ ବ୍ୟାନରରେ ଉକ୍ତ ସିନେମାର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି ମନ୍ମୟ ମହାପାତ୍ର। ସେ ଏହାପୂର୍ବରୁ ବେଶ୍ କେତୋଟି ଆଲବମ୍ ଭିଡିଓ ଏବଂ ଓଡ଼ିଆ ସିନେମା 'ଧନ ଧନ ଡାକି ଗଲା ମୋ ଜୀବନ'ର ନିର୍ଦ୍ଦେଶନା ଦେଇସାରିଛନ୍ତି। ଖାସ୍ କଥା ହେଲା,ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି ପୃଥ୍ୱୀରାଜ। ତାଙ୍କ ସହ କିଏ ନାୟିକା ସାଜିବ ତାହା ଚୟନ ଚାଲିଛି। ଏ ନେଇ ମନ୍ମୟ କହନ୍ତି, 'ଏହାର କାହାଣୀ, ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା-ସବୁ ବିଷୟ ପ୍ରତି ସମାନ ଗୁରୁତ୍ୱ ଦେବି।' ନବାଗତ ପୃଥ୍ୱୀରାଜଙ୍କ ବ୍ୟତୀତ ସତ୍ୟଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହି ସିନେମାର ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ରାଜା ବେହେରା।

## କାଆ ବଡ଼-ସାନର

ଦିନ ଥିଲା ଅମିତାଭ ବଚ୍ଚନ-ଶଶୀ କପୁର ଯୋଡ଼ି ବଲିଉଡ୍‌ରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିଲା। ଏପରି କି ସେହି ଫିଲ୍ମଗୁଡ଼ିକର କେତେକ ସ୍ମରଣୀୟ ସଂଳାପ ଏବେ ମଧ୍ୟ ସିନେପ୍ରେମୀଙ୍କ ମନରେ ସତେଜ ହୋଇ ରହିଛି। ୧୯୮୧ରେ ରିଲିଜ ହୋଇଥିଲା 'ସିଲ୍‌ସିଲା'। ଏହି ଫିଲ୍ମରେ ଅମିତାଭଙ୍କ ବଡ଼ ଭାଇ ଭୂମିକାରେ ଅଭିନୟ କରିଥିଲେ ଶଶୀ। ହେଲେ ପରବର୍ତ୍ତୀ ସମୟରେ 'ଦିୱାର', 'ସୁହାଗ', 'ଦୋ ଔର ଦୋ ପାଞ୍ଚ' ଏବଂ 'ନମକ ହଲାଲ୍'ରେ ଶଶୀଙ୍କୁ ଅମିତାଭଙ୍କ ବଡ଼ ଭାଇ ଭାବରେ ଦେଖିବାକୁ ମିଳିଥିଲା।

# ବିକିନି ଲାଗି ଟେନ୍‌ସନ୍

ଜାହ୍ନବୀଙ୍କ ଆଖିରୁ ନିଦ ହଜିଯାଇଛି। କେବଳ ଗୋଟିଏ କଥାକୁ ନେଇ ତାଙ୍କର ଏହି ଅବସ୍ଥା। ତାହା କ'ଣ ଜାଣନ୍ତି ? 'ବିକିନି'। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ଏକ ସିକ୍ୱେନ୍ସରେ ତାଙ୍କୁ ବିକିନି ପିନ୍ଧିବାକୁ ପଡ଼ିବ। ଏକଥା ଜାଣିବା ପରେ ଅଡୁଆରେ ପଡ଼ିଯାଇଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଯେତେବେଳେ ମୋତେ ଏ ବିଷୟରେ ଅବଗତ କରାଗଲା ସେତେବେଳେ ମୁଁ କି ନିଷ୍ପତ୍ତି ନେବି ଜାଣିପାରି ନ ଥିଲି। କାରଣ ଏହି ନୂଆ ସିନେମାର କେବଳ କାହାଣୀ ନୁହେଁ ଏଥିରେ ମୋତେ ମିଳିଥିବା ଭୂମିକା ବେଶ୍ ଦମଦାର। ହେଲେ କେବଳ ବିକିନି ସିକ୍ୱେନ୍ସ ହିଁ ମୋ ଟେନ୍‌ସନ୍ ବଢ଼ାଇ ଦେଇଛି। ଏ ନେଇ ନିଷ୍ପତ୍ତି ନେବାକୁ ମୁଁ ଦୁଇ ସପ୍ତାହ ସମୟ ନେଇଛି।' ନିକଟରେ ଜାହ୍ନବୀ କପୁର ବିକିନି ଟପ୍ ଏବଂ ତାକୁ ମ୍ୟାଚିଙ୍ଗ କରିବା ଭଳି ସ୍କର୍ଟ ପିନ୍ଧି ସେହି ଫଟୋକୁ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ, ଯାହା ବେଶ୍ ଭାଇରାଲ ହୋଇଛି। ତେବେ ଏପରି ଗେଟ୍‌ଅପରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସେ କି ନିଷ୍ପତ୍ତି ନେଉଛନ୍ତି ତାହା ଜାଣିବାକୁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ।


ଜାହ୍ନବୀ

# ଆଥଲେଟ୍ ତାପସୀ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ତାଙ୍କୁ କେମିତି ଅଫର ପରେ ଅଫର ମିଳିଚାଲିଛି। ସେ ହେଲେ ତାପସୀ ପାନ୍ନୁ। ତାଙ୍କ ଅଭିନୀତ 'ରଶ୍ମୀ ରକେଟ୍' ଆସନ୍ତା ମାସ ୧୫ରେ ଓଟିଟି ଫର୍ମାଟରେ ମୁକ୍ତିଲାଭ କରିବ। ଅନ୍ୟପକ୍ଷରେ ତାଙ୍କ ହାତରେ ଏବେ ୩-୪ଟି ଅଫର ରହିଛି। ସେଥିପାଇଁ ଡେଟ୍ ଫିକ୍ସ କରିବାକୁ ସେ ଲାଗି ପଡ଼ିଛନ୍ତି। ଏ ନେଇ ତାପସୀ କହନ୍ତି, 'ଏହି ଅଫରଗୁଡ଼ିକର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ତେଣୁ ସେଗୁଡ଼ିକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ଯଦିଓ ଏଗୁଡ଼ିକର ଶୁଟିଂ କ୍ରମାନ୍ୱୟରେ ହେବ ତେଣୁ ସେଥିପାଇଁ ମୋତେ ସମୟ ଦେବାକୁ ପଡ଼ିବ। ବ୍ୟସ୍ତତା ଭିତରେ ସେଗୁଡ଼ିକର ଶୁଟିଂ ଠିକ୍ ସମୟରେ ଶେଷ ହେବ ବୋଲି ଆଶା ରଖିଛି।' 'ରଶ୍ମୀ ରକେଟ୍'ର ଟାଇଟଲ ଭୂମିକାରେ ତାପସୀ ଅଭିନୟ କରିଛନ୍ତି। ଜଣେ ଗୁଜରାଟୀ ଆଥଲେଟ୍ ରଶ୍ମୀର ଜୀବନୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଆକାଶ ଖୁରାନାଙ୍କ ଏହି ଫିଲ୍ମରେ ତାପସୀଙ୍କ ବ୍ୟତୀତ ପୀୟୂଷ ପିନୁୟୁଲି ଏବଂ ଅପାରଶକ୍ତି ଖୁରାନା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି।



## ବଲିଉଡ୍ ହାଲ୍‌ଚାଲ୍

➤ନୂଆ ସିନେମା 'ଫୁକରୀ-୩'ର ଶୁଟିଂ ଫାଇନାଲ ହୋଇପାରୁନାହିଁ। ଯେହେତୁ ଏହାର କିଛି ଶୁଟିଂ ଲୋକେଶନରେ ପରିବର୍ତ୍ତନ ହେବାର ଅଛି ତେଣୁ ଶୁଟିଂ ଆରମ୍ଭ ହୋଇପାରୁନାହିଁ ବୋଲି ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବରୁଣ ଶର୍ମା ସୂଚନା ଦେଇଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରିଚା ଚଡ୍ଢା।

➤ଶ୍ରୀରାମ ରାଘବନଙ୍କ ନୂଆ ସିନେମାର ଟାଇଟଲ ରହିଛି 'ଏକ୍କିସ୍'। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିବେ ବରୁଣ ଧାୱନ।

➤ସଲମାନ-କ୍ୟାଟ୍ରିନା ଅଭିନୟ କରୁଥିବା 'ଟାଇଗର ୩'ର ଆକ୍ସନ ସିକ୍ୱେନ୍ସର ଶୁଟିଂ ଅଷ୍ଟ୍ରିଆରେ ଚାଲୁ ରହିଛି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ମହେଶ ଶର୍ମା।

-ବିଦ୍ୟା ବଲାନ ଅଭିନୟ କରୁଥିବା ନୂଆ ସିନେମାର ଟାଇଟଲ ରହିଛି 'ଲଭର୍ସ'। ଏଥିରେ ତାଙ୍କ ସହ ମେଲ୍ ଲିଡ୍‌ରେ ଅଛନ୍ତି ପ୍ରତୀକ ଗାନ୍ଧୀ।


ବରୁଣ ଧାୱନ

## ଲଭ୍ ୪୨୦

ପ୍ରେମରେ ଉତ୍ଥାନ ପତନ ଲାଗି ରହିଥାଏ। ବେଳେବେଳେ ଏହା ଏପରି ପରିସ୍ଥିତି ଧାରଣ କରେ ଯାହା ପ୍ରେମୀଯୁଗଳଙ୍କ ମନକୁ ଆନ୍ଦୋଳିତ କରିଥାଏ। ହେଲେ କେତେକ ପ୍ରେମରେ ମଜାର ସ୍ୱାଦ ଭରି ରହିଥାଏ। ତେବେ ସେପରି


ଜ୍ୟୋତି

ଏକ କାହାଣୀ ନେଇ ଏକ ନୂଆ ଓଡ଼ିଆ ସିନେମାର ଶୁଟିଂ ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ଏହାର ଟାଇଟଲ ରହିଛି 'ଲଭ୍ ୪୨୦'। ମୁନ୍ ମୁଭିଜ ବ୍ୟାନରରେ ଉକ୍ତ ସିନେମାର ପ୍ରଯୋଜନା କରିଛନ୍ତି ସଚିକାନ୍ତ ଜେନା ଏବଂ ବିନ୍ନ ପଟ୍ଟନାୟକ। ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶନାରେ ଏହାର ପ୍ରାରମ୍ଭିକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖାସ୍ କଥା ହେଲା, ଏହି ଫିଲ୍ମର ଲିଡ୍ ରୋଲରେ ଅଭିନୟ କରୁଛନ୍ତି ଜ୍ୟୋତି ଏବଂ ଶୀତଲ। ଫିଲ୍ମଟିର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଏହାର ଗୀତଗୁଡ଼ିକର ଦୃଶ୍ୟାୟନ ହାଇଦ୍ରାବାଦ ଓ ଦାର୍ଜିଲିଂରେ ହେବାର ଯୋଜନା ରହିଛି। ଏଥିରେ ସଂଯୋଜିତ ଗୀତଗୁଡ଼ିକର ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ ମଜୁମଦାର। ସୂଚନାଯୋଗ୍ୟ ଏହି ବ୍ୟାନରରେ ଏକାଥରେ ୧୦ଟି ସିନେମାର ଶୀର୍ଷକ ଘୋଷଣା ନିକଟରେ ଅନୁଷ୍ଠିତ ହୋଇଥିଲା। ଜ୍ୟୋତି-ଶୀତଲ ଯୋଡ଼ି ବ୍ୟତୀତ ଏଥିରେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ରବି ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୩/୨୦୨୧ Bhubaneswar, Thursday, September 23/ 2021


# ଏକ ନୂଆ ଅଭିଯାନର ଆରମ୍ଭ: ମୁଖ୍ୟମନ୍ତ୍ରୀ



ତାସ୍କେଣ୍ଟରେ ଅନୁଷ୍ଠିତ ଏସିଆନ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳକୁ ବୁଧବାର ଲୋକସେବା ଭବନରେ ସମ୍ବର୍ଦ୍ଧିତ କରାଯାଉଛି। ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

**ଭୁବନେଶ୍ୱର, ୨୨।୯(କ୍ରୀଡ଼ା ପ୍ରତିନିଧି)**

ଉଜ୍‌ବେକିସ୍ତାନର ତାସ୍‌କେଣ୍ଟରେ ଅନୁଷ୍ଠିତ ଏସିଆନ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳକୁ ବୁଧବାର ଲୋକସେବା ଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମାରୋହରେ ଓଡ଼ିଶା ସରକାର, ରଗ୍‌ବୀ ଇଣ୍ଡିଆ ଏବଂ ସହଯୋଗୀ ପାର୍ଟନର ବ୍ଲେଡ୍ ଅର୍ବାନ ମୋବିଲିଟି (ଇଣ୍ଡିଆ) ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଓଡ଼ିଶା ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିବାବେଳେ ରଗ୍‌ବୀ ଇଣ୍ଡିଆ ଓ ବ୍ଲେଡ୍ ଇଣ୍ଡିଆ ପକ୍ଷରୁ ୪ ଲକ୍ଷ ୩୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ କହିଥିଲେ ଯେ, "ତାସ୍‌କେଣ୍ଟରେ ରୌପ୍ୟ ପଦକ ଜିତିଥିବାରୁ ଭାରତୀୟ ବାଳିକା ରଗ୍‌ବୀ ଦଳକୁ ଅଭିନନ୍ଦନ। ତୁମେମାନେ ଚମତ୍କାର ଖେଳିଲ, ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହେଲ। ତୁମ ପ୍ରଦର୍ଶନକୁ ନେଇ ଆମେ ଗର୍ବିତ। ତୁମେମାନେ ସ୍ପିଡ୍, ଦକ୍ଷତା ଏବଂ ପ୍ରତିଶ୍ରୁତିବଦ୍ଧତା ଦେଖାଇଛ। ଏଠାରୁ ଏକ ନୂଆ ଅଭିଯାନର ଆରମ୍ଭ ହେଲା। ରଗ୍‌ବୀ ଇଣ୍ଡିଆ ସହିତ ଓଡ଼ିଶା ସହଭାଗିତା ବଜାୟ ରଖିବ ଏବଂ ସମର୍ଥନ ଜାରି ରଖିବ"। ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନର ସଭାପତି ବିକ୍ରମ ଆହୁଜା, ଅଭିନେତା, ନିର୍ଦ୍ଦେଶକ, ଲେଖକ ଏବଂ ରଗ୍‌ବୀ ଇଣ୍ଡିଆ ବୋର୍ଡର ସଦସ୍ୟ ରାହୁଲ ବୋଷ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ସଭାପତି ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୋସାଇଟି ଜେନେରାଲ (ଫାଇନାନସିଆଲ ପାର୍ଟନର୍ସ ଆଣ୍ଡ ଅଫିସିଆଲ ବ୍ୟାଙ୍କ), ଓଡ଼ିଶା ସରକାର ଓ କିଟ୍ (ହାଇ ପରଫରମାନ୍ସ ପାର୍ଟନର୍ସ), ବିଏଲ୍‌କେ (ମ୍ୟାଚ୍ କିଟ୍ ପାର୍ଟନର୍ସ), ଫାଷ୍ଟ ଆଣ୍ଡ ଅପ୍ (ନ୍ୟୁଟ୍ରିଶନ ପାର୍ଟନର), ବ୍ଲେଡ୍ ଇଣ୍ଡିଆ ଏବଂ ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ (ଏଟିବିଟି) ଆସୋସିଏଟ ପାର୍ଟନର ଭାବେ ଭାରତୀୟ ଜାତୀୟ ୧୮ ବର୍ଷରୁ କମ୍ ବାଳିକା ରଗ୍‌ବୀ ଦଳକୁ ସହଯୋଗ କରିଥିଲେ। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାର ଫାଇନାଲରେ ଭାରତ ୧୭-୨୧ ପଏଣ୍ଟରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ଭାରତୀୟ ଦଳରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଥିଲେ। ସେମାନେ ହେଲେ କେନ୍ଦୁଝରର ତରୁଲତା ନାଏକ, ମାମା ନାଏକ ଓ ବରଗଡ଼ର ନିର୍ମାଲ୍ୟ ରାଉତ।

**୧୮ ବର୍ଷରୁ କମ୍ ଭାରତୀୟ ବାଳିକା ରଗ୍‌ବୀ ଦଳ ସମ୍ବର୍ଦ୍ଧିତ**

# ଦିଲ୍ଲୀର ସହଜ ବିଜୟ

**ଦୁବାଇ, ୨୨।୯**



ଏନରିଚ୍ ନର୍ଜେ

ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରି ଦିଲ୍ଲୀ କ୍ୟାପିଟାଲ୍ସ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ପରାସ୍ତ କରିଛି। ସନ୍‌ରାଇଜର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୪ ରନ କରିଥିଲା। ଦିଲ୍ଲୀ ୧୭.୫ ଓଭରରେ ୨ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରି ନେଇଥିଲା। ଓପନର ପୃଥ୍ୱୀ ଶ' ମାତ୍ର ୧୧ ରନ କରି ଆଉଟ ହୋଇଥିଲେ ହେଁ ଶିଖର ଧାୱନ ଓ ଶ୍ରେୟାସ ଆୟାର ଦ୍ୱିତୀୟ ଉଇକେଟରେ ୪୮ ବଲ୍‌ରୁ ୫୨ ରନ ସଂଗ୍ରହ କରି ଦଳର ବିଜୟପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଧାୱନ ୩୭ ବଲ୍‌ରୁ ୬ ଚୌକା ଓ ୧ ଛକା ସହାୟତାରେ ୪୨ ରନକରି ଆଉଟ ହୋଇଥିଲେ। ତେବେ ଆୟାର ୪୧ ବଲ୍‌ରୁ ୪୭(୨ ଚୌକା, ୨ ଛକା) ଓ ଅଧିନାୟକ ରିଷଭ ପନ୍ତ ୨୧ ବଲ୍‌ରୁ ୩୫(୩ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅସମାପ୍ତ ୩ୟ ଉଇକେଟରେ ଏ ଦୁହେଁ ୪୨ ବଲ୍‌ରୁ ୬୭ ରନର ଭାଗୀଦାରି ଗଢ଼ିଥିଲେ। ହାଇଦ୍ରାବାଦର ଖଲିଲ ଅହମଦ ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ପ୍ରଥମ ଓଭରରେ ଓପନର ଡେଭିଡ ୱାର୍ନରଙ୍କ ଉଇକେଟ ହରାଇ ଯେଉଁ ଝଟ୍‌କା ଖାଇଥିଲା ସେଥିରୁ ଶେଷ ପର୍ଯ୍ୟନ୍ତ ମୁକୁଳିପାରି ନ ଥିଲା। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ଦଳ ପକ୍ଷରୁ ଅବଦୁଲ ସମଦ ସର୍ବାଧିକ ୨୮, ରଶିଦ ଖାଁ ୨୨, ଋଦ୍ଧିମାନ ଶାହା ୧୮, ଅଧିନାୟକ କେନ୍ ୱିଲିୟମସନ ୧୮ ଓ ମନୀଷ ପାଣ୍ଡେ ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଏନରିଚ୍ ନର୍ଜେ ଚମତ୍କାର ବୋଲିଂ କରି ନିଜ ୪ ଓଭର ସ୍ପେଲରେ ମାତ୍ର ୧୨ ରନ ଦେଇ ୨ଟି ଉଇକେଟ ନେଇଥିଲେ। କାଗିଶୋ ରାବାଡ଼ା ୩ଟି ଉଇକେଟ ନେଇଥିଲେ ହେଁ ୩୭ ରନ ବ୍ୟୟ କରିଥିଲେ। ଅକ୍ଷର ପଟେଲ ୨ଟି ଉଇକେଟ ପାଇଥିଲେ। ରଶିଦ ଖାଁ ଓ ସନ୍ଦୀପ ଶର୍ମା ରନ୍‌ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୪/୯(ଅବଦୁଲ ସମଦ-୨୮, ରଶିଦ ଖାଁ ୨୨, କାଗିଶୋ ରାବାଡ଼ା-୩/୩୭, ଏନରିଚ ନର୍ଜେ-୨/୧୨, ଅକ୍ଷର ପଟେଲ-୨/୨୧)। ଦିଲ୍ଲୀ କ୍ୟାପିଟାଲ୍ସ ୧୭.୫ ଓଭରରେ ୧୩୯/୨(ଶ୍ରେୟାସ ଆୟାର-୪୭*, ଶିଖର ଧାୱନ-୪୨, ରିଷଭ ପନ୍ତ-୩୫*, ଖଲିଲ ଅହମଦ-୧/୩୩, ରଶିଦ ଖାଁ-୧/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୬୧୩ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୬ | ୨ | ୧୨ | +୧.୨୨୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୫ | ୩ | ୧୦ | -୦.୭୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | -୦.୦୭୧ |
| ରାଜସ୍ଥାନ ରୟାଲ୍ସ | ୮ | ୪ | ୪ | ୮ | -୦.୧୫୪ |
| ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୧୧୦ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୩୪୫ |
| ସନ୍‌ରାଇଜର୍ସ | ୮ | ୧ | ୭ | ୨ | -୦.୬୮୯ |

**ଗୁରୁବାର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ନାଇଟ ରାଇଡର୍ସ



ପ୍ରସାରଣ
ସ୍ଥାନ : ଆବୁଧାବି
ସମୟ : ରାତି ୭.୩୦
ଷ୍ଟାର ସ୍ପୋର୍ଟ୍ସ

# ନ୍ୟୁଜିଲାଣ୍ଡକୁ ଧମକପୂର୍ଣ୍ଣ ଇମେଲ୍ ଭାରତରୁ ଆସିଥିଲା: ପାକ ମନ୍ତ୍ରୀ

**ଇସ୍‌ଲାମାବାଦ, ୨୨।୯**

ନ୍ୟୁଜିଲାଣ୍ଡ ପାକିସ୍ତାନ ଗସ୍ତ ବାତିଲ କରିବା ନୂଆ ମୋଡରେ ପହଞ୍ଚିଛି। ଗସ୍ତ ବାତିଲ ହେବା ନେଇ ପାକିସ୍ତାନ ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ ଭାରତକୁ ଦାୟୀ କରିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ନିକଟକୁ ଆସିଥିବା ଧମକପୂର୍ଣ୍ଣ ଇମେଲ୍ ଭାରତରୁ ହିଁ ଆସିଥିଲା ଓ ଏହି ଧମକ କାରଣରୁ ନ୍ୟୁଜିଲାଣ୍ଡ ପାକିସ୍ତାନ ଗସ୍ତ ବାତିଲ କରିଥିଲା ବୋଲି ସେ କହିଛନ୍ତି। ଧମକପୂର୍ଣ୍ଣ ଇମେଲ୍ ଭାରତ ସହିତ ଜଡିତ ଥିବା ଏକ ଡିଭାଇସ୍‌ରୁ ଆସିଥିଲା ବୋଲି ତଦନ୍ତ କରୁଥିବା ଏଜେନ୍ସି ସୂଚନା ଦେଇଥିବା ଚୌଧୁରୀ କହିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପାଇଁ ଏହା ଏକ ଷଡ଼ଯନ୍ତ୍ର ଓ ଏହା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

ପାକିସ୍ତାନରେ ଘଟିଥିବା କେତୋଟି ଆତଙ୍କବାଦୀ ଘଟଣା ପଛରେ ଭାରତର ହାତ ରହିଛି। ଏନେଇ ପାକିସ୍ତାନ ଅଭିଯୋଗ କରିଥିଲେ ମଧ୍ୟ ଭାରତ ଏହାକୁ ଖଣ୍ଡନ କରିଛି। ନିଜ ମାଟିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ନ ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ ପାକିସ୍ତାନକୁ ପରାମର୍ଶ ଦେଇଛି। ପାକିସ୍ତାନର ଏଭଳି ଅଭିଯୋଗ ଭିତ୍ତିହୀନ ଓ ଅମୂଳକ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗଚି କହିଛନ୍ତି।

# ପାକିସ୍ତାନ ଗସ୍ତ ରଦ୍ଦ କରିବାକୁ ବ୍ରିଟେନ ସରକାର ନିର୍ଦ୍ଦେଶ ଦେଇ ନ ଥିଲେ

**ଇସଲାମାବାଦ୍, ୨୨।୯**

ଇଂଲଣ୍ଡ ପୁରୁଷ ଓ ମହିଳା ଦଳର ପାକିସ୍ତାନ ଗସ୍ତ ବାତିଲ ହେବା ନେଇ ବିବାଦ ଥମି ନ ଥିବା ବେଳେ ବ୍ରିଟେନ ସରକାରଙ୍କ ଏକ ବଡ଼ ମନ୍ତବ୍ୟ ସାମ୍ନାକୁ ଆସିଛି। ଇଂଲଣ୍ଡ ପୁରୁଷ ଓ ମହିଳା ଦଳର ପାକିସ୍ତାନ ଗସ୍ତ ବାତିଲ କରିବାକୁ ବ୍ରିଟେନ ସରକାର ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)କୁ ନିର୍ଦ୍ଦେଶ ଦେଇ ନ ଥିଲେ। ଏ ନେଇ ୟୁନାଇଟେଡ କିଙ୍ଗଡମ (ୟୁକେ) ହାଇକମିଶନ ତରଫରୁ ସ୍ପଷ୍ଟ କରାଯାଇଛି।

ଏହା ଇସିବିର ନିଜ ନିଷ୍ପତ୍ତି ଥିଲା ବୋଲି ପାକିସ୍ତାନରେ ଅବସ୍ଥାପିତ ବ୍ରିଟିଶ ହାଇକମିଶନର ଖ୍ରୀଷ୍ଟିଆନ ଟର୍ନର କହିଛନ୍ତି। ଏହା ପାକିସ୍ତାନ କ୍ରିକେଟ ପ୍ରଶଂସକଙ୍କୁ ନିରାଶ କରିଛି ଓ ଏଥିରେ ଆମେ ଦୁଃଖିତ ବୋଲି ସେ କହିଛନ୍ତି। ବ୍ରିଟେନ ସରକାରଠାରୁ ଇସିବି ସ୍ୱତନ୍ତ୍ର ଓ ସ୍ୱାଧୀନ। ତେଣୁ ଖେଳାଳିଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇସିବି ଏହି ନିଷ୍ପତ୍ତି ନେଇଛି ବୋଲି ଟର୍ନର ନିଜର ଟୁଇଟର ହ୍ୟାଣ୍ଡଲରେ ଭିଡିଓ ପୋଷ୍ଟ କରି କହିଛନ୍ତି। ସୋମବାର ଇସିବି ପାକିସ୍ତାନ ଗସ୍ତରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଆସନ୍ତାବର୍ଷ ଇଂଲଣ୍ଡ ପାକିସ୍ତାନ ଗସ୍ତ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି ଇଂଲଣ୍ଡ ପୂର୍ବରୁ ନ୍ୟୁଜିଲାଣ୍ଡ ମଧ୍ୟ ସୁରକ୍ଷା ଆଳ ଦେଖାଇ ପାକିସ୍ତାନ ଗସ୍ତରୁ ଓହରିଯାଇଥିଲା।

# ରାଜସ୍ଥାନ-ଛତିଶଗଡ଼, ମଧ୍ୟପ୍ରଦେଶ-ତେଲଙ୍ଗାନା ଫାଇନାଲ



ପଞ୍ଜାବ ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍**

**ଭୁବନେଶ୍ୱର, ୨୨।୯(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ କଟକର ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ୩୩ତମ ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଓ ସେମିଫାଇନାଲ ପର୍ଯ୍ୟାୟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ରାଜସ୍ଥାନ ଓ ଛତିଶଗଡ଼ ଏବଂ ବାଳିକାରେ ମଧ୍ୟପ୍ରଦେଶ ଓ ତେଲଙ୍ଗାନା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ସେମିଫାଇନାଲରେ ରାଜସ୍ଥାନ ୮-୦ରେ ପଞ୍ଜାବ, ଛତିଶଗଡ଼ ୫-୦ରେ ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ୫-୨ରେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ୫-୦ରେ ରାଜସ୍ଥାନକୁ ପରାସ୍ତ କରିଛି। ପୂର୍ବରୁ ଅନୁଷ୍ଠିତ କ୍ୱାର୍ଟର ଫାଇନାଲର ବାଳକ ବିଭାଗରେ ରାଜସ୍ଥାନ ୭-୦ରେ ତେଲଙ୍ଗାନା, ପଞ୍ଜାବ ୧-୦ରେ ମଧ୍ୟପ୍ରଦେଶ, ଛତିଶଗଡ଼ ୮-୧ରେ ମହାରାଷ୍ଟ୍ର ଏବଂ ଉତ୍ତରାଖଣ୍ଡ ୩-୧ରେ କେରଳକୁ ପରାସ୍ତ କରିଥିଲା। ସେହିପରି ବାଳିକା ବିଭାଗରେ ମଧ୍ୟପ୍ରଦେଶ ୪-୨ରେ ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ ୫-୪ରେ ଛତିଶଗଡ଼, ତେଲଙ୍ଗାନା ୧-୦ରେ ଦିଲ୍ଲୀ ଏବଂ ରାଜସ୍ଥାନ ୯-୧ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା।

## ହାଇଦ୍ରାବାଦର ନଟରାଜନ କରୋନା ପଜିଟିଭ୍

**ଦୁବାଇ,୨୨।୯:** ସନ ରାଇଜର୍ସ ହାଇଦ୍ରାବାଦ ଦ୍ରୁତ ବୋଲର ଟି. ନଟରାଜନ କୋଭିଡ୍ ପଜିଟିଭ ହୋଇଛନ୍ତି। କିନ୍ତୁ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍ ଉପରେ ଏହାର ପ୍ରଭାବ ପଡିନାହିଁ। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ସେ କିଛିଦିନ ଖେଳରୁ ଦୂରେଇ ରହିଥିଲେ। କରୋନା ପଜିଟିଭ ବୋଲି ଜଣାପଡ଼ିବା ପରେ ନଟରାଜନଙ୍କ ସମେତ ତାଙ୍କ ସମ୍ପର୍କରେ ଆସିଥିବା ଅନ୍ୟ ୬ଜଣଙ୍କୁ ମଧ୍ୟ ଆଇସୋଲେଶନରେ ରଖାଯାଇଛି। ନିୟମିତ କରାଯାଉଥିବା ଆରଟି-ପିସିଆର ଟେଷ୍ଟରେ ସେ ପଜିଟିଭ ବୋଲି ଜଣାପଡିଥିଲା। ଦଳର ବାକି ସଦସ୍ୟଙ୍କଠାରୁ ଦୂରେଇ ରହିବା ସହ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ତେବେ ତାଙ୍କଠାରେ କରୋନାର କୌଣସି ଲକ୍ଷଣ ଦେଖିବାକୁ ମିଳିନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସକାଳ ୫ରେ କରାଯାଇଥିବା ଆରଟି-ପିସିଆର ଟେଷ୍ଟରେ ଅନ୍ୟ ଖେଳାଳିଙ୍କ ରିପୋର୍ଟ ନେଗେଟିଭ ଆସିଛି। ଫଳରେ ବୁଧବାର ଅନୁଷ୍ଠିତ ଦିଲ୍ଲୀ-ହାଇଦ୍ରାବାଦ ମ୍ୟାଚ୍ ପ୍ରଭାବିତ ହୋଇନାହିଁ। ନଟରାଜନଙ୍କ ସମ୍ପର୍କରେ ଆସିଥିବା ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ହେଲେ ଅଲରାଉଣ୍ଡର ବିଜୟ ଶଙ୍କର, ବିଜୟ କୁମାର (ଟିମ୍ ମ୍ୟାନେଜର), ଜେ. ଶ୍ୟାମସୁନ୍ଦର (ଫିଜିଓଥେରାପିଷ୍ଟ), ଅଞ୍ଜନା ବନାନ (ଡାକ୍ତର), ତୁଷାର ଖେଡକର (ଲଜିଷ୍ଟିକ ମ୍ୟାନେଜର) ଓ ପେରିଆସାମି ଗଣେଶନ (ନେଟ ବୋଲର)।

# ଜାତୀୟ ସିନିୟର ସଫ୍ଟ ଟେନିସରେ ଭାଗନେବ ଓଡ଼ିଶା



ଜାତୀୟ ସିନିୟର ସଫ୍ଟ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨୨।୯(କ୍ରୀଡ଼ା ପ୍ରତିନିଧି)**

ମଧ୍ୟପ୍ରଦେଶର ଦେୱାସଠାରେ ଚଳିତ ମାସ ୨୬ରୁ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ୧୮ତମ ଜାତୀୟ ସିନିୟର ସଫ୍ଟ ଟେନିସ ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ଭାଗନେବ । ଗତ ୨୦ ଓ ୨୧ ତାରିଖ ଦୁଇଦିନଧରି ଆୟୋଜିତ ରାଜ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଓଡ଼ିଶା ଦଳରେ ସାମିଲ କରାଯାଇଛି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘର ସମ୍ପାଦକ ମହମ୍ମଦ ଆଜାମ ସୂଚନା ଦେଇଛନ୍ତି। ଓଡ଼ିଶା ଦଳ ବୁଧବାର ମଧ୍ୟପ୍ରଦେଶ ଯାତ୍ରା କରିଛି। ଓଡ଼ିଶା ମହିଳା ଦଳ: ଅନସୂୟା ବାରିକ (ଅଧିନାୟିକା), ପୁପ୍‌ରନ ଓରାମ, ମନୀଷା ଓରାମ, ହେମନ୍ତି ବିଲୁଙ୍ଗ୍। ଓଡ଼ିଶା ପୁରୁଷ ଦଳ: ମାନସ ରଞ୍ଜନ ସିଂ (ଅଧିନାୟକ), ମହମ୍ମଦ ଅମନ୍, ଅଜିତ ସବାର, ରଜତ କୁମାର ରାଇତା, ବିକାଶ କୁମାର ମହାପାତ୍ର ଓ ଦାଶରଥି ମୁଦୁଲି। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଭଗବାନ ସେଠୀ।

# ବାଳକ ବିଭାଗରେ ଓଡ଼ିଶାର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯(କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ୪୦ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସମର୍ଥନ ଏବଂ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ଅନୁମୋଦନ ରହିଛି। ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ. ଏସ୍. ତ୍ୟାଗୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ଓଡ଼ିଶା ଖୋ ଖୋ ଆସୋସିଏଶନ ସଭାପତି ନାରାୟଣ ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ବିଜୟ ସହ ଓଡ଼ିଶା ବାଳକ ଦଳ ଅଭିଯାନ ଆରମ୍ଭ କରିଛି। ଓଡ଼ିଶାରେ ଏକ କ୍ରୀଡ଼ା ସଂସ୍କୃତି ସୃଷ୍ଟି କରିବା ଦିଗରେ ଏହା ଆଉ ଏକ ପଦକ୍ଷେପ। ଖୋ ଖୋ ଏପରି ଏକ ଖେଳ, ଯାହାକୁ ଆମେ ସମସ୍ତେ ଭଲପାଉ ବୋଲି ପ୍ରତିଯୋଗିତାକୁ ଉଦ୍‌ଘାଟନ ଅବସରରେ ଅଚ୍ୟୁତ ପ୍ରକାଶ କରିଛନ୍ତି। ଏପରି ଏକ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଓଡ଼ିଶା ସରକାର, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଓଡ଼ିଶା ଆସୋସିଏଶନକୁ ସେ ଧନ୍ୟବାଦ ଜଣାଇଥିଲେ। ଖୋ ଖୋ ଭାରତର ଏକ ପାରମ୍ପରିକ ଖେଳ। ଏଥିପାଇଁ ଏତେ ସଂଖ୍ୟକ ଯୁବ ଖେଳାଳି ଏକତ୍ରିତ ହୋଇଥିବାରୁ ବହୁତ ଖୁସି ଲାଗୁଛି ବୋଲି ଦିଲୀପ କହିଥିଲେ। କରୋନା ମହାମାରୀଜନିତ ଚ୍ୟାଲେଞ୍ଜ ସମୟରେ ସମସ୍ତେ ମିଶି ଏପରି ଏକ ପ୍ରତିଯୋଗିତା ଆୟୋଜନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ। ଜାତୀୟ ପ୍ରତିଯୋଗିତା କେବଳ ଆଗକୁ ବଢ଼ିବାକୁ ସୁଯୋଗ ଆଣି ନ ଥାଏ, ଏଥିରୁ ଅନେକ କିଛି ଶିଖିବାକୁ ମଧ୍ୟ ମିଳିଥାଏ। ଖେଳୁଆଡ଼ ମନୋଭାବ ନେଇ ସମସ୍ତେ ଟୁର୍ନାମେଣ୍ଟକୁ ଉପଭୋଗ କରନ୍ତୁ ବୋଲି ଭିନିଲ କ୍ରିଷ୍ଣା କହିଥିଲେ। ପ୍ରତିଯୋଗିତା ଆୟୋଜନ ପ୍ରତି ସମର୍ଥନ ଜଣାଇଥିବାରୁ ଓଡ଼ିଶା ସରକାରଙ୍କୁ ତ୍ୟାଗୀ ଧନ୍ୟବାଦ ଜଣାଇଥିଲେ।

ଆୟୋଜକ ଓଡ଼ିଶା ବାଳକ ବର୍ଗରେ ଗ୍ରୁପ୍ 'ଡି'ରେ କର୍ନାଟକ, ବିହାର, ମଧ୍ୟପ୍ରଦେଶ ଓ ମେଘାଳୟ ସହିତ ସ୍ଥାନ ପାଇଛି। ବାଳିକା ବିଭାଗରେ ଓଡ଼ିଶା ଗ୍ରୁପ୍ 'ଇ'ରେ ଆନ୍ଧ୍ର ପ୍ରଦେଶ, ମଣିପୁର ଓ ଜମ୍ମୁ-କଶ୍ମୀର ସହିତ ରହିଛି। ପ୍ରଥମ ଦିବସରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ପୁଡୁଚେରୀ (୨୩-୧୪) ୯ ପଏଣ୍ଟରେ ହିମାଚଳ ପ୍ରଦେଶ, ମହାରାଷ୍ଟ୍ର (୩୨-୬) ଏକ ଇନିଂସ ୨୬ ପଏଣ୍ଟରେ ନାଗାଲାଣ୍ଡ, ଆନ୍ଧ୍ର ପ୍ରଦେଶ (୧୭-୫) ଏକ ଇନିଂସ ୧୨ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, ଓଡ଼ିଶା (୨୮-୬) ଏକ ଇନିଂସ ୨୨ ପଏଣ୍ଟରେ ମଧ୍ୟପ୍ରଦେଶ, ରାଜସ୍ଥାନ (୧୬-୯) ଏକ ଇନିଂସ ୭ ପଏଣ୍ଟରେ ଉତ୍ତରାଖଣ୍ଡ, କେରଳ (୨୩-୨) ଏକ ଇନିଂସ ୨୧ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳି ଏବଂ ଝାଡ଼ଖଣ୍ଡ (୨୮-୨) ୨୬ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳିକୁ ପରାସ୍ତ କରିଛି। ସେହିପରି ବାଳିକା ବିଭାଗରେ ଦିଲ୍ଲୀ (୨୮-୫) ଏକ ଇନିଂସ ୫ ପଏଣ୍ଟରେ ଅରୁଣାଚଳ ପ୍ରଦେଶ, ପଞ୍ଜାବ (୩୫-୧) ଏକ ଇନିଂସ ୩୪ ପଏଣ୍ଟରେ ଦାଦ୍ରା ଓ ନଗର ହାବେଳି, ଉତ୍ତରାଖଣ୍ଡ (୯-୨) ଏକ ଇନିଂସ ୭ ପଏଣ୍ଟରେ ବିହାର, ତେଲଙ୍ଗାନା (୧୩-୧୧) ୨ ପଏଣ୍ଟରେ ଆସାମକୁ ହରାଇ ଦେଇଛି। ପ୍ରତିଯୋଗିତା ୨୬ ତାରିଖରେ ଉଦ୍‌ଯାପିତ ହେବ। ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୫୩ଟି ଦଳର ୬୦୦ରୁ ଉର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି।

**ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍ ଉଦ୍‌ଘାଟିତ**



ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ଅନୁଷ୍ଠିତ ବାଳକ ବିଭାଗ ଖୋ ଖୋ ମ୍ୟାଚର ଏକ ରୋମାଞ୍ଚକ ମୁହୂର୍ତ୍ତ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ନବମ ଶ୍ରେଣୀ ସଂସ୍କୃତ ପାଠ ଆରମ୍ଭ ହୋଇନି

**ଯାଁଳା,୨୨।୯(ଡି.ଏନ୍.ଏ.):** ମହାମାରୀ କରୋନା ଯୋଗୁ ଶିକ୍ଷାନୁଷ୍ଠାନଗୁଡିକ ବନ୍ଦ ରହିଥିଲେ ମଧ ସରକାରଙ୍କର ଗାଇଡ୍‌ଲାଇନକୁ ମାନି ଚଳିତବର୍ଷ ଅଗଷ୍ଟରୁ ନବମ ଶ୍ରେଣୀକୁ ଖୋଲି ଦିଆଯାଇ ପିଲାମାନଙ୍କୁ ଶ୍ରେଣୀ ଗୃହରେ ଶିକ୍ଷାଦାନ ଦିଆଯାଉଛି। କିନ୍ତୁ ଯାଁଳା ଅଞ୍ଚଳର ସରକାରୀ କୃଷ୍ଣଚନ୍ଦ୍ର ବିଦ୍ୟାପୀଠରେ ନବମ ଶ୍ରେଣୀର ସଂସ୍କୃତ ବହି ଏପର୍ଯ୍ୟନ୍ତ ଖୋଲା ହୋଇ ନାହିଁ। ଏହି ସ୍କୁଲର ଜଣେ ସଂସ୍କୃତ ଶିକ୍ଷୟିତ୍ରୀ ଦଶମ ଶ୍ରେଣୀ ସଂସ୍କୃତ ପଢ଼ାଉଥିବା ବେଳେ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପଢ଼ାଉ ନାହାନ୍ତି। ଏ ବାବଦରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସିଆର୍‌ସିସିଙ୍କୁ ପଚାରିବାରୁ ଜଣେ କହିଥିଲେ ଯେ, ତାଙ୍କୁ ବିଇଓ ମ୍ୟାଡାମ ମନା କରିଛନ୍ତି ଏବଂ ଅନ୍ୟଜଣେ କହିଥିଲେ ତାଙ୍କର ଦେହ ଖରାପ ଥିବାରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପଢ଼ାଇ ପାରିବେ ନାହିଁ। ଯେହେତୁ ସଂସ୍କୃତ ପାଠ ପିଲାମାନଙ୍କ ପାଇଁ ଏବର୍ଷ ନୂଆ ରହିଛି। ତେଣୁ ଛାତ୍ରୀଛାତ୍ରମାନେ କେମିତି ପଢ଼ିବେ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହି ଯାଁଳା କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ଆଗକୁ ସ୍ମାର୍ଟ ସ୍କୁଲର ମାନ୍ୟତା ପାଇବାକୁ ଯାଉଛି। ଏଭଳି ସମୟରେ ଏ ଘଟଣା ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଶିକ୍ଷାଦାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସ୍ୱଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ



**ଜଟଣୀ,୨୨।୯(ଡି.ଏନ୍.ଏ.):** ସ୍ୱଚ୍ଛତା ପକ୍ଷ ପରିପ୍ରେକ୍ଷୀରେ ଖୋର୍ଦ୍ଧା ରୋଡ ରେଳମଣ୍ଡଳ(ଜଟଣୀ) ପକ୍ଷରୁ ରେଳଗାଡିଗୁଡ଼ିକରେ ସ୍ୱଚ୍ଛତାକୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୬ରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ସ୍ୱଚ୍ଛତା ପକ୍ଷରେ ରେଳବିଭାଗ ପକ୍ଷରୁ ଯାତ୍ରୀମାନଙ୍କ ସୁବିଧା ଏବଂ ଉଚିତ୍ ସେବା ପ୍ରଦାନ କରିବା ନିମନ୍ତେ ୨ଦିନିଆ ସ୍ୱଚ୍ଛ ରେଳଗାଡ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ ମୁଖ୍ୟ ରେଳଷ୍ଟେଶନରେ ଟ୍ରେନ୍‌ଗୁଡିକୁ ରେଳ ଅଧିକାରୀ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ଟ୍ରେନ୍ ଏବଂ ଶୌଚାଳୟଗୁଡିକର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଟ୍ରେନ୍‌ରେ ବିଭିନ୍ନ ସୁରକ୍ଷା ଉପକରଣ ସହିତ ଅନ୍‌ବୋର୍ଡ ହାଉସ୍ କିପିଂ କର୍ମଚାରୀଙ୍କ ଠିକ୍ ଉପସ୍ଥିତିକୁ ମଧ ଯାଞ୍ଚ କରାଯାଇଥିଲା। ଯାତ୍ରୀମାନଙ୍କ ସଚେତନତା ନିମନ୍ତେ ଟ୍ରେନରେ ସ୍ୱଚ୍ଛତାକୁ ନେଇ ବିଭିନ୍ନ ପୋଷ୍ଟର ଲଗାଯାଇଥିଲା। ଟ୍ରେନ୍‌ଗୁଡ଼ିକରେ ଯାତ୍ରୀମାନଙ୍କୁ ଯାତ୍ରାକାଳରେ ଖାଦ୍ୟପେୟ ପ୍ରଦାନ ନିମନ୍ତେ ରହିଥିବା ପେଣ୍ଟ୍ରିକାର କୋଚଗୁଡିକର ସଫେଇ ଉପରେ ବିଶେଷ ଧାନ ଦିଆଯାଇଥିବା ସମୟରେ ଯାତ୍ରୀମାନଙ୍କଠାରୁ ମତାମତ ଗ୍ରହଣ କରାଯାଇଥିବା ମଣ୍ଡଳ ରେଳ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିପଦ ବଢ଼ାଉଛି ଖୋଲା ଡ୍ରେନ୍

**ସହରର ଅଧିକାଂଶ ସ୍ଥାନ ସମାନ ଅବସ୍ଥା**

- ଗୋଟିଏ ବି ଡ୍ରେନ୍‌ରେ ସ୍ଲାବ ନାହିଁ
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚେତୁନି

**ଖୋର୍ଦ୍ଧା ଅଫିସ,୨୨।୯**



ଖୋର୍ଦ୍ଧା ସହରର ଏକ ଡ୍ରେନ୍‌ରେ ଅଳିଆ ପଡ଼ିରହିଛି।

ମୁକୁଳା ଡ୍ରେନ ଯୋଗୁ ରାଜଧାନୀରେ ଜଣେ ଛାତ୍ରଙ୍କ ଜୀବନ ଯାଇଛି। ତେବେ ଖୋର୍ଦ୍ଧା ସହରରେ ମଧ ଅନେକ ମୁକୁଳା ଡ୍ରେନ ରହିଛି। ଏଥିଯୋଗୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି। ରାଜଧାନୀ ଘଟଣା ପରେ ବି ଖୋର୍ଦ୍ଧା ପୌର ପ୍ରଶାସନର ଚେତା ପଶିନି। ସହରର ମୁଖ୍ୟ ରାସ୍ତାକୁ ବାଦ ଦେଲେ ଅନ୍ୟ ସମସ୍ତ ଗଳିରେ ରହିଥିବା ଡ୍ରେନ ମୁକୁଳା ପଡ଼ିଛି। ଯେପରିକି ଏକ ଅଘଟଣକୁ ଆମନ୍ତ୍ରଣ କରୁଛି ଏହି ମୁକୁଳା ଡ୍ରେନ। ଖୋର୍ଦ୍ଧା ସହରରେ ଡ୍ରେନର କେଉଁଠି ଆରମ୍ଭ କେଉଁଠି ଶେଷ, ଏ ସମ୍ପର୍କରେ ନା ପୌର ପ୍ରଶାସନ ନା ଡ୍ରେନେଜ ବିଭାଗ କାହା ପାଖରେ ମଧ ସୂଚନା ନାହିଁ। ଉଭୟ ପରସ୍ପରକୁ ଦୋଷ ଲଦାଲଦି ହେଉଛନ୍ତି। ସହରର ସମସ୍ତ ଡ୍ରେନ ପ୍ରାୟ ପୋତି ହୋଇପଡ଼ିଲାଣି। ଅନେକ ଡ୍ରେନକୁ ବର୍ଷ ବର୍ଷ ଧରି ସଫା କରାଯାଉ ନାହିଁ। ଫଳରେ ସହରରୁ ବାହାରୁଥିବା ଆର୍ବଜନା ପଡ଼ି ପୋତି ହେଲାଣି। ଖ୍ରୀଷ୍ଟିଆନ ସାହି, ଚର୍ଚ୍ଚ, ମସଜିଦ୍ ଏବଂ ପୂର୍ତ୍ତ ବଙ୍ଗଳା ସମ୍ମୁଖ ଡ୍ରେନ ମୁକୁଳା ପଡିଛି। ସେହିପରି ଦୀପତଳ ଅନ୍ଧାର ଭଳି ପୌର ପ୍ରଶାସନର ଶହେ ମିଟର ପରିଧି ମଧ୍ୟରେ ରହିଥିବା କୌଣସି ଗୋଟିଏ ଡ୍ରେନରେ ସ୍ଲାବ ପଡିନି। ଏଥିସହିତ ବରୁଣେଇ ସାହି, ଉପରସାହି, ତଳସାହି, ବାସେଳି ସାହି, ଗୁରୁଜଙ୍ଗ, ୱର୍କ୍‌ସ ଲେନ, ବକ୍ସିଲେନ, ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଗୋପାଳବଲ୍ଲଭ ସାହି, ଶ୍ରୀରାମ ନଗର, ସମେତ ୨୨ଟି ୱାର୍ଡର ସମସ୍ତ ଡ୍ରେନ ମୁକୁଳା ପଡିଛି। କୌଣସି ଡ୍ରେନରେ ସ୍ଲାବ ନାହିଁ।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନେକ ସ୍ଥାନରେ ସ୍କୁଲ ନିକଟରେ ଥିବା ଡ୍ରେନ ମଧ ମୁକୁଳା ପଡିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ପ୍ରତିବର୍ଷ ବିଭିନ୍ନ ବାବଦକୁ ପୌର ପ୍ରଶାସନ କୋଟି କୋଟି ଟିକସ ଆଦାୟ କରୁଛି। ତେବେ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ଏବଂ ମରାମତି ତ ଦୂରର କଥା ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସାହିଗଳିରେ ରହିଥିବା ଡ୍ରେନଗୁଡିକୁ ସ୍ଲାବ ପଡି ନ ଥିବା କଂଗ୍ରେସ ନେତା ରଞ୍ଜିତ ମହାପାତ୍ର କହିଛନ୍ତି। ଖୋର୍ଦ୍ଧା ସହର ଡ୍ରେନରେ ଭାସି ଯିବା ଭଳି ସମସ୍ୟା ନ ଥିଲେ ମଧ ଅନେକ ସମୟରେ ଯାତାୟାତ ବେଳେ ଦୁର୍ଘଟଣା ମାନ ଘଟୁଛି। ଏପରିକି ସାହିଗଳିରେ ପିଲାମାନେ ଖେଳୁଥିବା ବେଳେ ମୁକୁଳା ଡ୍ରେନରେ ପଡି ଆହତ ହେବା ଭଳି ନଜିର ରହିଛି। ପ୍ରାୟ ବର୍ଷା ଦିନ ପୂର୍ବରୁ ଥରେ ଅଧେ ଡ୍ରେନ ଗୁଡିକ ସଫା କରାଯାଏ, ତାପରେ ପ୍ରଶାସନ ପକ୍ଷରୁ କୌଣସି ସଫା କରାଯାଇ ନ ଥାଏ ବୋଲି ଲୋକେ କହିଛନ୍ତି। ଶ୍ରୀରାମ ନଗର ହାଉସିଂ ବୋର୍ଡ ଗୋପାଳ ଦାସ କୁହନ୍ତି, ଆମ ସମ୍ମୁଖରେ ଥିବା ଡ୍ରେନ ପୋତି ହୋଇ ଅନାବନା ଗଛଲତା ମାଡ଼ିଗଲାଣି। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଉ ନାହିଁ। ନିକଟ ବସ୍ତିରେ ବଡ଼ ଖୋଲା ଡ୍ରେନ ରହିଛି। ବସ୍ତିର ପିଲାମାନେ ସେଠାରେ ଖେଳୁଛନ୍ତି। କେତେବେଳେ ଯେ, ଅଘଟଣ ଘଟିବ କହି ହେଉନି। ଅଭିଯୋଗ ସତ୍ତ୍ୱେ ମଧ ପ୍ରଶାସନ ଦିନ ଗଡାଇ ଚାଲିଛନ୍ତି। ବୋଧହୁଏ କୌଣସି ଏକ ବଡ଼ ଅଘଟଣକୁ ପୌର ପ୍ରଶାସନ ଅପେକ୍ଷା କରିଛନ୍ତି ବୋଲି ସ୍ଥାନୀୟ ବସ୍ତିବାସିନ୍ଦା କହିଛନ୍ତି। ନିକଟରେ ଲଘୁଚାପଜନିତ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚରେ ପାଣି ଜମିବା ସହ ଡ୍ରେନ ବୁଡିଯିବା ଯୋଗୁ ପ୍ରାୟ ସ୍ଥାନରେ ସାଇକେଲ ଏବଂ ବାଇକ୍ ଆରୋହୀ ଜାଣି ନ ପାରି ଦୁର୍ଘଟଣାର ଶିକାର ହୋଇଥିଲେ। ଏ ନେଇ ଜଣେ ପୌର ଅଧିକାରୀ କହିଛନ୍ତି, ଖୋର୍ଦ୍ଧା ସହରର କେଉଁଠି ଡ୍ରେନ ମୁକୁଳା ପଡିଛି। ତାହାର ସମ୍ପୂର୍ଣ୍ଣ ସର୍ଭେ କରାଯିବ। ବର୍ଷା ଛାଡ଼ିବା ପରେ ପ୍ରାଥମିକତା ଭିତ୍ତିରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ରାସ୍ତାରେ ଦନ୍ତା ଯାତାୟାତ

**ନିରାକାରପୁର, ୨୨।୯(ଡି.ଏନ୍.ଏ.)**

**ଲୋକେ ଆତଙ୍କିତ**



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଭୁଷଣ୍ଡପୁର ଫରେଷ୍ଟର ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉତ୍ପାତ ଦିନକୁ ଦିନ ବଢିବାରେ ଲାଗିଛି। କେତେକ ହାତୀ ଗୋଷ୍ଠୀରୁ ଅଲଗା ହୋଇଯିବା ଦ୍ୱାରା ସେମାନେ ଅଞ୍ଚଳର ବିଭିନ୍ନ ସ୍ଥାନରେ ରହି ବିଚ ରାସ୍ତା ଉପରେ ବୁଲି ଆତଙ୍କ ସୃଷ୍ଟି କରିଛନ୍ତି। ଏବେ ଦୁଇଦିନ ହେଲା ଦୁଇଟି ଦନ୍ତା ମା' ତାରାଦେବୀଙ୍କ ମନ୍ଦିର ନିକଟରେ ଥିବା ରାସ୍ତା ଉପରେ ସନ୍ଧ୍ୟାରୁ ରହି ଏପଟ ସେପଟ ହେଉଛନ୍ତି। ଫଳରେ ଏହି ରାସ୍ତାରେ ଗମନାଗମନ ଏକ ପ୍ରକାର ଠପ୍ ହୋଇଯାଇଛି। ଖବରପାଇ ଭୁଷଣ୍ଡପୁର ଫରେଷ୍ଟ ବିଭାଗ ହାତୀ ଘଉଡ଼ାଇବା ପାଇଁ ଅହରହ ଚେଷ୍ଟା କରି ନାକେଦମ ହୋଇଗଲାଣି। ହାତୀ ଥିବା ଆଖପାଖ ଗ୍ରାମରେ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଗାଁ ଗାଁ ବୁଲି କାମ ନ ଥିଲେ ଘରୁ ବାହରକୁ ନ ଯିବା ପାଇଁ ସଚେତନତା କରାଯାଉଛି। ହାତୀ ଘଉଡ଼ାଇବା ପାଇଁ ଦୁଇଟି ଦଳ ସେଠାରେ ଥିବାବେଳେ ଲୋକଙ୍କ ଧନ ଜୀବନ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ସହିତ ଉକ୍ତ ରାସ୍ତାରେ ଲୋକ ଓ ଗାଡମୋଟର ଯାତାୟାତକୁ ବନ୍ଦ କରାଯାଇଛି ବୋଲି ଭୁଷଣ୍ଡପୁର ଫରେଷ୍ଟର ସାଧୁଚରଣ ସିଂ ସୂଚନା ଦେଇଛନ୍ତି।

## କୃଷ୍ଣପ୍ରସାଦରେ ପୋଷଣ ସଚେତନତା



**କୃଷ୍ଣପ୍ରସାଦ,୨୨।୯(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ କୃଷ୍ଣପ୍ରସାଦ ସେକ୍ଟରର ସିଆଣ୍ଡି ପଞ୍ଚାୟତ ଅଣୁଆଁ ଅଙ୍ଗନୱାଡି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହିଳା ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ। ସିଆଣ୍ଡି ସରପଞ୍ଚ ଅନିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ସେବିକା ଦୀପ୍ତିରାଣୀ ଦଣ୍ଡପାଟ, ଗ୍ରାମ୍ୟ କମିଟି ମୁଖିଆ ରାମଚନ୍ଦ୍ର ବିଶ୍ୱାଳ, ଦଳିତ ସେବା ସଂଗଠନ ସମ୍ପାଦକ ପ୍ରବୀର କୁମାର ନାୟକଙ୍କ ସମେତ ଗର୍ଭବତୀ, ପ୍ରସୂତି, ସ୍ୱୟଂସହାୟକ ସଂଗଠନର ମହିଳାମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ଟିକର ଖାଦ୍ୟର ଉପକାରିତା ଦିଗରେ ସଚେତନତା କରିବା ସହ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ସିଆଣ୍ଡି ଅଙ୍ଗନୱାଡି କର୍ମୀ କବିତାରାଣୀ ବିଶ୍ୱାଳ, ଅଣୁଆଁ ଅଙ୍ଗନୱାଡି କର୍ମୀ ଜାନକୀ ମିସ୍ତ୍ରି, ଗୋପାଳପୁର ଅଙ୍ଗନୱାଡି କର୍ମୀ ଅହଲ୍ୟା ପଲେଇ, ଓରା/ପାଟପୁର ଅଙ୍ଗନୱାଡି କର୍ମୀ ସଂଯୁକ୍ତା ଦଳେଇ ପ୍ରମୁଖ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରି ଗ୍ରାମବାସୀଙ୍କଠାରୁ ପ୍ରଶଂସା ସାଉଁଟିଥିଲେ। କୃଷ୍ଣପ୍ରସାଦ ବ୍ଲକର ୧୩୪ଟି ଅଙ୍ଗନୱାଡି କେନ୍ଦ୍ର ଏବଂ ୨ଟି ମିନି କେନ୍ଦ୍ରରରେ ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପୁଷ୍ଟିକର ଖାଦ୍ୟ ପାଇଁ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସିଡିପିଓ ମନୋରମା ଦେବୀ ପ୍ରକାଶ କରିଛନ୍ତି।

## ୩୪୦୦ ଲିଟର ପୋଚ ନଷ୍ଟ, ମହିଳାଙ୍କ ସମେତ ୨ ଗିରଫ

**ବାଲୁଗାଁ/ବାଣପୁର,୨୨।୯(ଡି.ଏନ୍.ଏ.)**

**ଅବକାରୀ, ପୋଲିସର ମିଳିତ ଚଢ଼ାଉ**



ଦୁଇ ଅଭିଯୁକ୍ତଙ୍କ ସହ ମଦ ଜବତ।

ଚିଲିକା ଅତିରିକ୍ତ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗୀ ଅବକାରୀ ବିଭାଗ ଏବଂ ବାଣପୁର ପୋଲିସ ମିଳିତ ଭାବେ ବୁଧବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଚଢ଼ାଉରେ ବାଣପୁର ଥାନା ଅନ୍ତର୍ଗତ ପୋଡ଼ାସାହି ଓ ସାଳିଆ ଡ୍ୟାମ୍ ନିକଟରୁ ବେଆଇନ ଭାବେ ବିକ୍ରି ହେଉଥିବା ୧୩୩ଲିଟର ଦେଶୀ ମଦ ଜବତ କରାଯିବା ସହ ଦେଶୀମଦ ପାଇଁ ପ୍ରସ୍ତୁତି ୩୪୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ଜଣେ ମହିଳା ସମେତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣପୁର ଥାନା ପୋଡ଼ାସାହିର ପଟ ନାୟକ(୫୨) ଓ ହେମନ୍ତ ଘଡ଼ାଇ(୪୫)। ବୁଧବାର ସକାଳେ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଡାଙ୍ଗୁଆଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା, ବାଲୁଗାଁ ଓ ଟାଙ୍ଗି ଅବକାରୀ ବିଭାଗ ସହ ବାଣପୁର ପୋଲିସର ମିଳିତ ଚଢ଼ାଉ ଜାରି ରହିଥିଲା । ଏହି ଚଢ଼ାଉ ବେଳେ ପୋଡ଼ାସାହି ଅଞ୍ଚଳର ବ୍ୟବସାୟୀ ହେମନ୍ତଙ୍କଠାରୁ ୧୦୬ଲିଟର ଓ ମହିଳାଙ୍କଠାରୁ ୨୭ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ଏ ନେଇ ବାଲୁଗାଁ ଅବକାରୀ ବିଭାଗ ଓ ବାଣପୁର ପୋଲିସ ପକ୍ଷରୁ ପୃଥକ ୨ଟି ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ଖୋର୍ଦ୍ଧା ଜିଲା ଅବକାରୀ ସହ ଅଧୀକ୍ଷକ ସୁମିତ୍ରା ଓରାମ, ଅବକାରୀ ଅଧିକାରୀ ଭୈରବ ସାହୁ, ଟାଙ୍ଗି ଅବକାରୀ ବିଭାଗ ନିରୀକ୍ଷକ ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଉପ-ନିରୀକ୍ଷକ ମନୋଜ ବାରିକ ଏବଂ ବାଣପୁର ପୋଲିସ କର୍ମଚାରୀ ସାମିଲ ଥିଲେ।

## ଚିଙ୍ଗୁଡ଼ି ଘେରିମୁକ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି ଶେଷ

**ବ୍ରହ୍ମଗିରି, ୨୨।୯(ଡି.ଏନ୍.ଏ.)**

ଚିଲିକାରୁ ଘେରି ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ଏକ ଅଭିନବ ଉପାୟ ଗ୍ରହଣ କରି ବୁଧବାର ପ୍ରସ୍ତୁତି ଶେଷ କରିଛି। ସୂଚନା ଅନୁଯାୟୀ, ଚିଲିକାରେ ଅବାଧ ଭାବେ ବେଆଇନ ଘେରି କରି ଚିଲିକାକୁ ଜବରଦଖଲ କରିଛନ୍ତି। ଏହି ଘେରି ମୁକ୍ତ ପାଇଁ ଜିଲା ପ୍ରଶାସନ ବାରମ୍ବାର ଚେଷ୍ଟା କରି ଘେରି ଭଙ୍ଗା ଓ ବନ୍ଧ କାଟିବା ସତ୍ତ୍ୱେ ଘେରି ମୁକ୍ତରେ ବିଫଳ ହୋଇଥିଲା। ଶେଷରେ ଡିନାମାଇଟ ସାହାଯ୍ୟରେ ଚିଲିକାରେ ତିଆରି ହୋଇଥିବା ଘେରି ଭାଙ୍ଗିବ। ବ୍ରହ୍ମଗିରି ତହସିଲ ଅଧୀନ ସୁନାମୁହିଁ ରାଜସ୍ୱ ଅନ୍ତର୍ଗତ ବାହ୍ୟ ଚିଲିକାରେ ଥିବା ଏକ ହଜାର ଏକର ବିଶିଷ୍ଟ କଣ୍ଟେଇ ଘେରିକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରିଛି। ଏହି ମାଟି ବନ୍ଧରେ ନିର୍ମିତ ଘେରିବନ୍ଧକୁ ଡିନାମାଇଟ ଦ୍ୱାରା ବ୍ଲାଷ୍ଟିଙ୍ଗ କରି ଭଙ୍ଗାଯିବ। ଏ ନେଇ ଚୈତନ୍ୟ ଏଣ୍ଟରପ୍ରାଇଜର୍ସକୁ ଦାୟିତ୍ୱ ଦେବା ସହିତ ୧୦୦ଟି ଡିନାମାଇଟ ବ୍ଲାଷ୍ଟିଙ୍ଗ କରାଯିବ ବୋଲି ତହସିଲଦାର କାହ୍ନୁଚରଣ ଘଡାଇ ସୂଚନା ଦେଇଛନ୍ତି।

## ବିଧାୟକଙ୍କ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ

**ବାଲିପାଟଣା,୨୨।୯(ଡି.ଏନ୍.ଏ.)**

ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ବୁଧବାର ବାଲିପାଟଣାସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ବର୍ଷାଦିନେ ଚିକିତ୍ସାଳୟ ଭିତରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା ଅଭିଯୋଗ ଶୁଣିବାକୁ ପାଇଥିଲେ। ଏହି ଚିକିତ୍ସାଳୟ ବହୁ ପୁରୁଣା ହୋଇଥିବାରୁ ଆଜବେଷ୍ଟସ ଘରଗୁଡିକ ଫନୀ ବାତ୍ୟାରେ ନଷ୍ଟ ହୋଇଯାଇଥିଲା। ତେଣୁ ଏଠାରେ ରହିବା ଉପଯୋଗୀ ନ ହେବା ଓ ଆବଶ୍ୟକ ଅନୁସାରେ କର୍ମଚାରୀ ନ ଥିବା ଭେଟେରିନାରୀ ଅଫିସର ମାନସ ଚାନ୍ଦ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଭାଗୀୟ ଉଚ୍ଚ ପଦାଧିକାରୀ, ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବେ ବୋଲି ବିଧାୟକ କହିଛନ୍ତି।

## ମନୋରମା ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଜଟଣୀ,୨୨।୯(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅଧୀନ ବିକାଶନଗରସ୍ଥ ବିପିନ ବିହାରୀ ପାଠାଗାର ପରିସରରେ ଏକ ଶୋକସଭାର ଆୟୋଜନ ହୋଇଯାଇଛି। ସମାଜର ପୂର୍ବତନ ସମ୍ପାଦିକା, ବିଶିଷ୍ଟ ଶିକ୍ଷାବିତ୍, ସୁଲେଖିକା, ସୁବକ୍ତା ତଥା ସମାଜସେବୀ ମନୋରମା ମହାପାତ୍ରଙ୍କର ବିୟୋଗରେ ଉକ୍ତ ଶୋକସଭା ଅନୁଷ୍ଠିତ ହୋଇଥିଲା। ପାଠାଗାର ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରାଗତ ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ଏକ ଶୋକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅଧ୍ୟକ୍ଷ ମହାନ୍ତି କହିଥିଲେ, ଏକଦା ସେ ଏବଂ ମନୋରମା ମହାପାତ୍ର ଗୋଟେ କବିତା ଆସରରେ ଅତିଥି ଥିଲେ। ସେହି ଆସରରେ ଅଧ୍ୟକ୍ଷ ମହାନ୍ତି ତାଙ୍କ କବିତାଟିର ଲେଖା ନ ଦେଖି ତୁଣ୍ଡେ ତୁଣ୍ଡେ ଗାଇଯାଇଥିଲେ। ଏହାକୁ ଦେଖି ସୁସାହିତ୍ୟିକା ମନୋରମା ତାଙ୍କୁ ପ୍ରଶଂସା କରି କହିଥିଲେ ବିନା ଦେଖାରେ ବା ଲେଖା ଦେଖାରେ କବିତା ଆବୃତ୍ତି କରିବା କଥା, କିନ୍ତୁ ଓଡ଼ିଶାରେ ଏ ପରମ୍ପରା ନାହିଁ। ସେହି ଦିନଠାରୁ କବିତା ଲେଖା ନ ଦେଖି କବି ବା ଲେଖକମାନେ କବିତା ଆବୃତ୍ତି କରିବା ଉପରେ ସେ ଗୁରୁତ୍ୱ ଆରମ୍ଭ କରିଥିଲେ ବୋଲି ବିପିନ କହିଛନ୍ତି। ସଭାରେ ପ୍ରହ୍ଲାଦ ସ୍ୱାଇଁ, ପ୍ରଭାତ ସାହୁ, ଅଧାପିକା ଆରତି ସେନ, ତ୍ରିଲୋଚନ ମହାପାତ୍ର, ରବି ରାଉତରାୟ, ଜଗଦୀଶ ମହାପାତ୍ର, ରବୀନ୍ଦ୍ର ପ୍ରସାଦ ମିଶ୍ର ଏବଂ ଅଧାପିକା ସୁକାନ୍ତି ମହାପାତ୍ର ପ୍ରମୁଖ ଯୋଗଦେଇ ସୁଲେଖିକା ମନୋରମାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ତାଙ୍କ ନୀତି ଏବଂ ଆଦର୍ଶକୁ ପାଥେୟ କରି ଲେଖନୀ ଜାରି ରଖିବା ନିମନ୍ତେ ମତ ପ୍ରକାଶ କରିଥିଲେ ।

## ପରିତ୍ୟକ୍ତ ପୋଖରୀରୁ ୨ ଷଣ୍ଢ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୨।୯**

ଖୋର୍ଦ୍ଧା ଶ୍ରୀରାମନଗରସ୍ଥିତ ସନ୍ତୋଷୀ ଲେନ ନିକଟ ପରିତ୍ୟକ୍ତ ପୋଖରୀରୁ ଦୁଇ ଦିନରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ୨ଟି ଷଣ୍ଢଙ୍କୁ ଉଦ୍ଧାର କରିଛନ୍ତି। ସହରରେ ଏକାଧିକ ପରିତ୍ୟକ୍ତ ପୋଖରୀ ରହିଛି। ଅଳିଆ ଆର୍ବଜନା ପଡି ଅନେକ ପୋଖରୀ ପୋତି ହୋଇପଡ଼ିଲାଣି। ବୁଲା ଗୋରୁ ଖାଦ୍ୟ ଲାଳସାରେ ଏହି ପୋଖରୀକୁ ଆସି ଖସିପଡୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଏକ ପରିତ୍ୟକ୍ତ ପୋଖରୀରେ ଷଣ୍ଢ ପଡି ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ କର୍ମଚାରୀଙ୍କୁ ଜଣାଇଥିଲେ। ଉଭୟ ଲୋକେ ଏବଂ ଅଗ୍ନିଶମ କର୍ମଚାରୀ ଦୀର୍ଘ ସମୟ ପରିଶ୍ରମ କରି ଏକ ଷଣ୍ଢକୁ ଉଦ୍ଧାର କରିଥିଲେ। ଅନୁରୂପ ଭାବେ ବୁଧବାର ପୁଣି ଥରେ ଅପରାହ୍ନ ସମୟରେ ଏକ ଷଣ୍ଢ ପୁଣି ସେହି ପୋଖରୀରେ ପଡିଯାଇଥିଲା। ପରେ ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ମୋଟା ଦଉଡି ସାହାଯ୍ୟରେ ତାକୁ ବାହାର କରିଥିଲେ।

# ଗଣ୍ଡା ନ ଥାଇ ଦିବସ ପାଳିଲା ନନ୍ଦନକାନନ

**ବାରଙ୍ଗ,୨୨।୯(ଡି.ଏନ୍.ଏ.)**

**ଫଟୋ ଦେଖି ସନ୍ତୁଷ୍ଟ ହେଲେ ପର୍ଯ୍ୟଟକ**




ଗଣ୍ଡା ଦିବସ ପାଳନ ଅବସରରେ ଅତିଥି ଓ ଅନ୍ୟମାନେ।

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗଣ୍ଡା ନାହାନ୍ତି। ୫ବର୍ଷ ତଳୁ ଏଠାରେ ବଂଶ ଲୋପ ପାଇଯାଇଥିବାବେଳେ ଗଣ୍ଡା ଖୁଆଡ଼ ଖାଲି ପଡିଛି। ପର୍ଯ୍ୟଟକମାନେ ଗଣ୍ଡା ଦେଖି ନ ପାରି ନିରାଶରେ ଫେରୁଛନନ୍ତି। ବର୍ଷ ବର୍ଷ ବିତୁଥିଲେ ଧ ନନ୍ଦନକାନନ କର୍ତ୍ତୃପକ୍ଷ ଗଣ୍ଡାଟିଏ ଆଣିପାରିନାହାନ୍ତି। ଏପରିସ୍ଥଳେ ବୁଧବାର ବିଶ୍ୱ ଗଣ୍ଡା ଦିବସ ପାଳିଛି ନନ୍ଦନକାନନ। ପର୍ଯ୍ୟଟକ ଓ କର୍ମଚାରୀଙ୍କୁ ଗଣ୍ଡାର ଫଟୋ ଚିତ୍ର ଦେଖାଇ ପ୍ରତିଯୋଗିତା କରିବାକୁ ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାନୁସାରେ, ନନ୍ଦନକାନନର ଶେଷ ସନ୍ତକ ଥିଲା ଅଣ୍ଡିରା ଗଣ୍ଡା 'ନନ୍ଦ'। ୬ ମାସ ଧରି ରୋଗରେ ପଡି ପଡି ୪୦ବର୍ଷ ବୟସରେ ୨୦୧୬ ସେପ୍ଟେମ୍ବର ୨୮ରେ ମୃତ୍ୟୁ ହୋଇଥିଲା। ୧୯୭୯ରେ ଗୁଆହାଟୀ ଚିଡ଼ିଆଖାନାରୁ ନନ୍ଦକୁ ଅଣାଯାଇଥିଲା। ତେବେ ନନ୍ଦର ମୃତ୍ୟୁ ପରେ ଗୁଆହାଟୀ ଓ ପାଟଣା ଚିଡ଼ିଆଖାନାରୁ ଆଉ ଦୁଇ ଗଣ୍ଡା ଆଣିବାକୁ ନନ୍ଦନକାନନ କର୍ତ୍ତୃପକ୍ଷ ସେହିସମୟରେ କଥାବାର୍ତ୍ତା ଥିବା ସୂଚନା ଦେଇଥିଲେ। ସେହିପରି ୨୦୨୦ରେ ଶ୍ରୀଲଙ୍କା ଓ ସିଙ୍ଗାପୁରରୁ ଧଳା ଗଣ୍ଡା ଆଣିବାକୁ ନନ୍ଦନକାନନ ପରିଚାଳନା କମିଟିରେ ପ୍ରସ୍ତାବ ଦିଆଯାଇଥିଲା। ହେଲେ ତାହା ଏଯାବତ୍ ସଫଳ ହୋଇପାରି ନାହିଁ।

ସୂଚନାଯୋଗ୍ୟ, ୨୦୧୦ ସେପ୍ଟେମ୍ବର ୨୨ରୁ ଭାରତରେ ଥିବା ଚିଡ଼ିଆଖାନାରେ ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ପ୍ରଥମଥର ପାଇଁ ଇଣ୍ଡିଆନ ଅଏଲ ମାର୍କେଟିଂ ଡିଭିଜନ ତରଫରୁ କଟକଣା ମଧ୍ୟରେ ବିଶ୍ୱ ଗଣ୍ଡା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ନନ୍ଦନକାନନ କର୍ମଚାରୀ ଓ ପ୍ରାଣୀ ଉଦ୍ୟାନକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକଙ୍କୁ ନେଇ ଗଣ୍ଡାର ଫଟୋ ଚିତ୍ର ପ୍ରଦର୍ଶନ କରାଯିବା ସହ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ନନ୍ଦନକାନନ ପର୍ଯ୍ୟଟକ ଏସିଏଫ୍ ଅମୂଲ୍ୟ କୁମାର ପରିଡା, ଶିକ୍ଷା ଅଧିକାରୀ ମିଳନ ପଣ୍ଡା, ଇଣ୍ଡିଆନ ଅଏଲର ଚିଫ୍ ଜେନେରାଲ ମ୍ୟାନେଜର ଶୁଭ୍ରଜିତ ଘୋଷ, ମାନବସମ୍ବଳ ଚିଫ୍ ମ୍ୟାନେଜର ଦେବୀପ୍ରସାଦ ଶତପଥୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗଣ୍ଡା ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ଜିଲା କିଷାନ କଂଗ୍ରେସର ନୂତନ ସଭାପତି ଲୋଭାନ

**ସାକ୍ଷୀଗୋପାଳ,୨୨।୯(ଡି.ଏନ୍.ଏ.):** ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ୍ କୁମାର ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପୁରୀ ଜିଲାର ସତ୍ୟବାଦୀ ଅଞ୍ଚଳର ଚାଷୀ ସଙ୍ଗଠକ ଦେବେନ ଦେବ ଲୋଭାନଙ୍କୁ ପୁରୀ ଜିଲା କିଷାନ କଂଗ୍ରେସର ନୂତନ ସଭାପତି ଭାବେ ନିଯୁକ୍ତି କରିଛନ୍ତି। ରାଜ୍ୟ ସଂଗଠନର ଉପାଧକ୍ଷ ସୁବାସ ରାଉତ ଏକ ପ୍ରେସ ଇସ୍ତାହାରରେ ଏହି ଘୋଷଣା କରିଛନ୍ତି। ଜିଲାର ୧୧ଟି ବ୍ଲକ ଓ ନଗରାଞ୍ଚଳରେ କିଷାନ କଂଗ୍ରେସ ସଂଗଠନକୁ ପଞ୍ଚାୟତ ଓ ୱାର୍ଡସ୍ତରରୁ ସୁଦୃଢ଼ କରାଯିବ। ଏଥିସହ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ଲୋଭାନ କହିଛନ୍ତି।

### ଚିଙ୍ଗୁଡ଼ି ଘେରିମୁକ୍ତ ପାଇଁ ପ୍ରଶାସନର ପ୍ରସ୍ତୁତି ଶେଷ

**ବ୍ରହ୍ମଗିରି, ୨୨।୯(ଡି.ଏନ୍.ଏ.):** ଚିଲିକାକୁ ଘେରି ମୁକ୍ତ କରିବା ପାଇଁ ଜିଲା ପ୍ରଶାସନ ଏକ ଅଭିନବ ଉପାୟ ଗ୍ରହଣ କରି ବୁଧବାର ପ୍ରସ୍ତୁତି ଶେଷ କରିଛି। ସୂଚନା ଅନୁଯାୟୀ, ଚିଲିକାରେ ଅବାଧ ଭାବେ ବେଆଇନ ଘେରି କରି ଚିଲିକାକୁ ଜବରଦଖଲ କରିଛନ୍ତି। ଏହି ଘେରି ମୁକ୍ତ ପାଇଁ ଜିଲା ପ୍ରଶାସନ ବାରମ୍ବାର ଚେଷ୍ଟା କରି ଘେରି ଭଙ୍ଗା ଓ ବନ୍ଧ କାଟିବା ସତ୍ତ୍ୱେ ଘେରି ମୁକ୍ତରେ ବିଫଳ ହୋଇଥିଲା। ଶେଷରେ ଡିନାମାଇଟ ସାହାଯ୍ୟରେ ଚିଲିକାରେ ତିଆରି ହୋଇଥିବା ଘେରି ଭାଙ୍ଗିବ। ବ୍ରହ୍ମଗିରି ତହସିଲ ଅଧୀନ ସୁନାମୁହଁ ରାଜସ୍ୱ ଅନ୍ତର୍ଗତ ବାହ୍ୟ ଚିଲିକାରେ ଥିବା ଏକ ହଜାର ଏକର ବିଶିଷ୍ଟ କଣ୍ଟେଇ ଘେରିକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରିଛି। ଏହି ମାଟି ବନ୍ଧରେ ନିର୍ମିତ ଘେରିବନ୍ଧକୁ ଡିନାମାଇଟ ଦ୍ୱାରା ବ୍ଲାଷ୍ଟିଙ୍ଗ କରି ଭଙ୍ଗାଯିବ। ଚୈତନ୍ୟ ଏଣ୍ଟପ୍ରାଇଜର୍ସକୁ ଦାୟିତ୍ୱ ଦେବା ସହିତ ୧୦୦ଟି ଡିନାମାଇଟ ବ୍ଲାଷ୍ଟିଙ୍ଗ କରାଯିବ ବୋଲି ତହସିଲଦାର କାହ୍ନୁଚରଣ ଘଡାଇ କହିଛନ୍ତି।

### ନଇଗୁଆଁରେ କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ

**ଅସ୍ତରଙ୍ଗ,୨୨।୯(ଡି.ଏନ୍.ଏ.):** ଅସ୍ତରଙ୍ଗ ବ୍ଲକରେ କଂଗ୍ରେସର ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ବୈଠକ ବୁଧବାର ନଇଗୁଆଁ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଗୌତମ ମୁଦୁଲିଙ୍କ ସଭାପତିତ୍ୱରେ ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ କିପରି ବିଜୟ ଲାଭ କରିବ ସେ ସମ୍ପର୍କରେ କର୍ମୀମାନେ ସଜାଗ ହୋଇ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଆଗକୁ ଥିବା ନିର୍ବାଚନରେ କଂଗ୍ରେସକୁ ଭୋଟ ଦେବା ପାଇଁ କର୍ମୀମାନେ ଶପଥ ନେଇଥିଲେ। ଏହି ଅବସରରେ ପଞ୍ଚାୟତ ସଭାପତି ଭାବେ ସର୍ବସମ୍ମତି କ୍ରମେ ଗୌତମ ମୁଦୁଲି, ସନ୍ତୋଷ କୁମାର ଦାସ ଯୁବ କଂଗ୍ରେସ ସଭାପତି, ପ୍ରଣତି ସ୍ୱାଇଁ ମହିଳା କଂଗ୍ରେସ ସଭାପତି, ଅକ୍ଷୟ୍ କୁମାର ମୁଦୁଲି ଓବିସି ସେଲ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବୈଠକରେ ଜୋନ ସଭାପତି ବିକାଶ ବାରିକ, ପ୍ରଶାନ୍ତ ଭୋଳ, ବରିଷ୍ଠ ନେତା ପ୍ରତାପ ଲେଙ୍କା, ପୁରୀ ଜିଲା କଂଗ୍ରେସ ସମ୍ପାଦକ ପ୍ରତାପ ଖୁଣ୍ଟିଆ, ଆର୍ତ୍ତ ବିହାରୀ ମୁଦୁଲି, ଦୀପ୍ତି ରଞ୍ଜନ ସେନାପତି, ଯୁବନେତା ନିହାର ପଟ୍ଟନାୟକ, ସୁବାସ ବିଶ୍ୱାଳ, ବିଶ୍ୱନାଥ ମୁଦୁଲି, ତପନ ସ୍ୱାଇଁ, ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

### ବିନା ଟିକେଟରେ ଟ୍ରେନ୍ ଯାତ୍ରା: ୨୫ ଗିରଫ

**ପୁରୀ ଅଫିସ, ୨୨।୯:** ବିଭିନ୍ନ ଟ୍ରେନ୍‌ରେ ବିନା ଟିକେଟରେ ଯାତ୍ରା କରିବା ଅଭିଯୋଗରେ ୨୫ଜଣଙ୍କୁ ରେଲୱେ ପୋଲିସ ଗିରଫ କରିଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ସେମାନଙ୍କୁ ସ୍ୱତନ୍ତ୍ର ରେଲୱେ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇ ଦିଆଯାଇଛି। ପୁରୀ ରେଲୱେ ଥାନା ଅଧିକାରୀ ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ଟ୍ରେନ ଓ ଷ୍ଟେଶନରେ ଯାତ୍ରୀଙ୍କ ବିରୋଧରେ ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ଆରପିଏଫ୍ ପକ୍ଷରୁ ପୁରୀ ରେଳଷ୍ଟେଶନ ଅଞ୍ଚଳରେ ଅବାଞ୍ଛିତ ଭାବେ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତପସ୍ୱିନୀ ଏକ୍ସପ୍ରେସ, ପୁରୁଷୋତ୍ତମ ଏକ୍ସପ୍ରେସ, ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ, ହାୱଡା-ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ଅନଧିକୃତ ଯାତ୍ରା କରିବା ଏବଂ ଷ୍ଟେଶନ ଅଞ୍ଚଳରେ ବୁଲିବା ଅଭିଯୋଗରେ ୨୫ ଜଣଙ୍କୁ ଗିରଫ କରାଯାଇଛି।

# ଉପଭୋକ୍ତାଙ୍କ ପ୍ରତି ସହନଶୀଳ ମନୋଭାବ ରହୁ

- ବାକି ଶୁଝିବାକୁ ବାଧ କରିବ ନାହିଁ ବିଦ୍ୟୁତ କମ୍ପାନୀ
- ପ୍ରମାଣପତ୍ର ଦେଖାଇ ମିଟର ବସାଇବେ କର୍ମଚାରୀ

**ପୁରୀ ଅଫିସ,୨୨।୯**

ଘରୋଇ ବିଦ୍ୟୁତ୍ କମ୍ପାନୀର ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ପୁରୀ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପୂର୍ବରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ଏ ନେଇ ଏକ କମିଟି ଗଠନ କରିଥିଲେ। ବୁଧବାର ଉକ୍ତ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନିଷ୍ପତ୍ତି ହୋଇଛି ଯେ, ବିଦ୍ୟୁତ୍ ମିଟର ପରିବର୍ତ୍ତନ କରିବା କିମ୍ବା ନୂଆ ମିଟର ବସାଇବା ବେଳେ ବିଦ୍ୟୁତ୍ ବିଭାଗ ଏନେଇ ଜାରି ହୋଇଥିବା ପ୍ରମାଣପତ୍ର ସାଙ୍ଗରେ ଆଣିବ। ବିଦ୍ୟୁତ ବିଭାଗ କର୍ମଚାରୀ ସଂପୃକ୍ତ ପ୍ରମାଣପତ୍ର ଉପଭୋକ୍ତାଙ୍କୁ ଦେଖାଇବା ପରେ ମିଟର ବଦଳାଇ ପାରିବେ। ସେହିଭଳି ରେଗୁଲାର ଓ ଇରେଗୁଲାର ଉପଭୋକ୍ତାଙ୍କ ଅଲଗା ଅଲଗା ତାଲିକା ପ୍ରସ୍ତୁତ ହେବ। ବଡ଼ଧରଣର ବାକି ରଖିଥିବା



ବୈଠକରେ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

ଉପଭୋକ୍ତାଙ୍କ ବିଦ୍ୟୁତ୍ ଶୁଳ୍କ ଶୁଝିବା ପାଇଁ ଘରୋଇ କମ୍ପାନୀ ବାଧ କରିବ ନାହିଁ। ଏମାନେ ପର୍ଯ୍ୟାୟ କ୍ରମେ ବାକି ସୁଝିବେ। ଘରୋଇ କମ୍ପାନୀ ଉପଭୋକ୍ତାଙ୍କ ପ୍ରତି ସହନଶୀଳ ମନୋଭାବ ରଖିବ। ଏହାସହ ପୁରୀ ସହରର ୩୨ଟି ଯାକ ୱାର୍ଡରେ ନିରାପତ୍ତା କମିଟି ଗଠନ ହେବ। ଉପଭୋକ୍ତାଙ୍କ କୌଣସି ଅସୁବିଧା ସମୟରେ ଘରୋଇ କମ୍ପାନୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାର ମାଧ୍ୟମ ଭାବେ ଏହି କମିଟି କାର୍ଯ୍ୟ କରିବ। ଫଳରେ ଯୋଗଯୋଗ ଓ ବିଦ୍ୟୁତ ସରବରାହ ସୁବିଧା ମିଳିବା ସହଜ ହେବ। ଏଥିସହ କଷ୍ଟମର କେୟାର ସର୍ଭିସ୍‌କୁ ଅଧିକ ଆକ୍ଟିଭ୍ କରାଯିବ। ଅନ୍ୟପକ୍ଷରେ ପୁରୀ ସହରରେ ୨ରୁ ୩ମାସରେ ବିଦ୍ୟୁତ୍ ଶୁଳ୍କ ଆଦାୟ ହୋଇଥିବା ବେଳେ ଏହାକୁ ମାସିକିଆ କରାଯିବ। ପ୍ରତି ମାସ ଶେଷରେ ବିଦ୍ୟୁତ୍ ଦେୟ ଦେବାକୁ ପଡ଼ିବ ବୋଲି କମିଟି ନିଷ୍ପତ୍ତି ନେଇଛି। ବ୍ଲକ୍‌ସ୍ତରରେ କମ୍ପାନୀ ପକ୍ଷରୁ ସଚେତନତା ଶିବିର କରାଯିବ। ଏହି ବୈଠକରେ କଂଗ୍ରେସ ଉପସଭାପତି ବିରେନ୍ଦ୍ର ପ୍ରସାଦ ହୋତା, ଛବିନ୍ଦ୍ର ପଡ଼ିହାରୀ, ବିନାୟକ ଦାସମହାପାତ୍ର, ମଧୁସୂଦନ ମିଶ୍ର, ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ସ୍ୱାଇଁ, ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକେଇରୁ ବର୍ତ୍ତିବା ପାଇଁ ମୌଳିକ ଜ୍ଞାନ ଆବଶ୍ୟକ

**ପୁରୀ ଅଫିସ, ୨୨।୯**

ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଆଭାସୀ ମାଧ୍ୟମରେ ସାଇବର ଆଇନ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଯୋଗଦେଇ ସାଇବର ଆଇନରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସାଇବର ଠକେଇରୁ ବର୍ତ୍ତିବା ପାଇଁ କିଛି ମୌଳିକ ଜ୍ଞାନ ରହିବା ଆବଶ୍ୟକ। ଯେପରି କି ନିଜ ଗୋପନୀୟ ତଥ୍ୟ ଅନ୍‌ଲାଇନରେ କୌଣସି ସାଇଟ୍‌ରେ ନ ଦେବା, ନିଜ ପାସ୍‌ୱାର୍ଡ କାହାରିକୁ ନ ଦେବା, କୌଣସି ଆପ୍ ଡାଉନଲୋଡ୍ କରିବା ପୂର୍ବରୁ ବିଶ୍ୱାସଯୋଗ୍ୟ ୱେବସାଇଟ୍‌ରୁ ଅପଲୋଡ କରିବା, ନିଜର ଓଟିପି, ପାସ୍‌ୱାର୍ଡ, ଆଧାର କାର୍ଡ ନମ୍ବର, ବ୍ୟାଙ୍କ ତଥ୍ୟ କାହାକୁ ନ ଦେବା, ଅଜଣା ବ୍ୟକ୍ତିଙ୍କ ସହ ଭିଡିଓ ଚାଟିଂ ନ କରିବା, ଅଜଣା ନମ୍ବରରୁ କଲ୍ ଓ ମେସେଜକୁ ଅଣଦେଖା କରିବା, ନିୟମିତ ଭାବେ ନିଜ ପାସ୍‌ୱାର୍ଡ ପରିବର୍ତ୍ତନ କରିବା, କମ୍ପ୍ୟୁଟର ଏବଂ ଲାପଟପରେ ଆଣ୍ଟିଭାଇରସ ଅପଲୋଡ କରିବା ଇତ୍ୟାଦି। କୋଭିଡ୍ ମହାମାରୀ ସମୟରେ ବିଦ୍ୟାର୍ଥୀମାନେ ଆଣ୍ଡ୍ରୋଏଡ ଫୋନ ବହୁଳ ବ୍ୟବହାର କରୁଥିବାରୁ ମାତାପିତା ଦୃଷ୍ଟି ଦେବା ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟବହର କରିବାକୁ ମହାପାତ୍ର ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ପାରା ଲିଗାଲ ସ୍ୱେଚ୍ଛାସେବୀ, ଆଇନଜୀବୀ, ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ଉପସ୍ଥିତ ଥିଲେ।

# ନିର୍ମାଣ ହୋଇପାରୁନି ମିଶନ ଶକ୍ତି ଗୃହ

**ଗୋପ,୨୨।୯(ଡି.ଏନ୍.ଏ.)**

ଗୋଟିଏ ବର୍ଷ ଭିତରେ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମାଞ୍ଚଳ ମହିଳା ମାନେ ଯେପରି ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କ ମଧ୍ୟରେ ଏକତା ସୃଷ୍ଟି ହେବ ସେନେଇ ଏକ ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ଏପ୍ରିଲ ୨୦ରେ ଗୋପ ବ୍ଲକର ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକ ଭର୍ଚୁଆଲ ମାଧ୍ୟମରେ ଏହି ନିର୍ଦ୍ଦେଶ ପୁରୀ ଜିଲା ଓ ବ୍ଲକ ପ୍ରଶାସନକୁ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ଦୀର୍ଘ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଗୋପ ବ୍ଲକର ୩୧ଟି ପଞ୍ଚାୟତ ମଧ୍ୟରୁ ମାତ୍ର ୨ଟି ପଞ୍ଚାୟତରେ ଏହି ମିଶନ ଶକ୍ତି ଗୃହ ନିର୍ମାଣ ହୋଇଛି। ରାଜ୍ୟ ସରକାର ଗୋଟିଏ ପଞ୍ଚାୟତରେ ଗୋଟିଏ ମହିଳା ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର କରିଥିବାବେଳେ ଏବେ ଏହି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ି ରହିଛି। ଫଳରେ ସରକାରଙ୍କ ମହିଳାମାନଙ୍କ ଲାଗି ଯେଉଁ ଉଦ୍ଦେଶ୍ୟ ରହିଥିଲା ତାହା ଗୋପ ବ୍ଲକରେ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଗୋପ ବ୍ଲକର ଅଚ୍ୟୁତପୁର, ଗଡଭିଙ୍ଗୁରା ପଞ୍ଚାୟତରେ ଏହି ମିଶନ ଶକ୍ତି ଗୃହ ନିର୍ମାଣ ଶେଷ ହୋଇ ଥିବାବେଳେ ବାକି ୨୯ଟି ପଞ୍ଚାୟତର କେତୋଟି ପଞ୍ଚାୟତରେ ଅଧାପନ୍ତରିଆ ହୋଇପଡ଼ିଛି। ଅପରପକ୍ଷେ ବ୍ଲକର ହେଡ୍ କ୍ୱାର୍ଟରରେ ବ୍ଲକ ମହିଳା ମିଶନ ଶକ୍ତି ଗୃହ ନିର୍ମାଣ ହେବା ଲାଗି ଜମି ଠିକ ଭାବରେ ବ୍ଲକ ପ୍ରଶାସନ ଦେଇ ପାରୁ ନ ଥିବା ବ୍ଲକ ମହିଳା ସଂଘ ସଭାପତି ମିନାକ୍ଷୀ ପୁଷ୍ଟି କହିଛନ୍ତି। ଗୋପ ବ୍ଲକରେ ଏଭଳି ଅବହେଳାକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଡିଓ ଦୀପ୍ତି ରାଣୀ ଦାସ କହିଛନ୍ତି, କରୋନା ଯୋଗୁ କିଛି ଅଟକି ଥିଲା। ସମସ୍ତ ପଞ୍ଚାୟତରେ ଖୁବଶୀଘ୍ର ଏହି ଗୃହ ନିର୍ମାଣ ଶେଷ ହେବ ବୋଲି ସେ କହିଛନ୍ତି।




ପୁରୀ ରୋଟାରି କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# 'ଅଳ୍ପରେ ସନ୍ତୁଷ୍ଟ ସହ ଆଧ୍ୟାତ୍ମିକତାକୁ ଆଦରିଲେ ଶାନ୍ତି ମିଳେ'

**ପୁରୀ ଅଫିସ, ୨୨।୯**

ପୁରୀ ରୋଟାରୀ କ୍ଲବ ପକ୍ଷରୁ ଶାନ୍ତି ସମ୍ପର୍କିତ ଆଲୋଚନାଚକ୍ର ଏବଂ ରୋଟାରି ଡିଷ୍ଟ୍ରିକ୍ଟ ୩୨୬୨ର ଗଭର୍ନରଙ୍କ କ୍ଲବ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଡିଷ୍ଟ୍ରିକ୍ଟ ଗଭର୍ନର ଶାନ୍ତନୁ ପାଣି ଉଦ୍‌ଘାଟନ କରିଥିଲେ। ଅଧିକ ସେବାମୂଳକ କାର୍ଯ୍ୟକ୍ରମ ଓ ରୋଟାରୀ ଭ୍ରାତୃତ୍ୱକୁ ପରିବ୍ୟାପ୍ତ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଶାନ୍ତି କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କ୍ଲବ ସଭାପତି ବଦ୍ରି ନାରାୟଣ ପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଆଦୃତ ଚିଲ୍‌ଡ୍ରେନ୍ ହୋମ୍ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ମହାନ୍ତି ମୁଖ୍ୟ ଅତିଥି, ଝାଞ୍ଜପିଟା ମଠର ମଠାଧୀଶ ବାବାଜୀ ସଚ୍ଚିଦାନନ୍ଦ ଦାସ ମୁଖ୍ୟବକ୍ତା ଏବଂ ଓଡ଼ିଆ ଚଳଚ୍ଚିତ୍ର ନାୟିକା ଭୂମିକା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର, ଶାନ୍ତି କମିଟି ସମ୍ପାଦକ ଜୟ ଦାସଗୁପ୍ତା, ପୁରୀ ଇନରହୁଇଲ୍ କ୍ଲବ୍ ସଭାନେତ୍ରୀ ସୁଖଜିତ୍ ସିନ୍ଧୁ କର ଓ ସମ୍ପାଦିକା ସରିତା ମିଶ୍ର ମଞ୍ଚାସୀନ ଥିଲେ। ଅଳ୍ପରେ ସନ୍ତୁଷ୍ଟ ରହିବା, ଅନ୍ୟ ପ୍ରତି ଈର୍ଷା ନ କରିବା ଏବଂ ଆଧ୍ୟାତ୍ମିକତାକୁ ହୃଦୟରେ ଧାରଣ କରିବା ଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଆଦୃତ ଚିଲ୍‌ଡ୍ରେନ୍ ହୋମ୍‌ର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟଶିଳ୍ପୀଙ୍କ ସମେତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଂକ୍ରାନ୍ତ ସଚେତନତା ଯାତ୍ରା ପାଇଁ ମଧୁସୂଦନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ପୂର୍ବତନ ସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର ଓ ଇନର ହୁଇଲ କ୍ଲବ୍‌ର ପୂର୍ବତନ ସଭାନେତ୍ରୀ ଅଳକାନନ୍ଦା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବତନ ସଭାପତି ବିଜୟ କୁମାର ପତି, ତପନ କୁମାର ଦାଶ, ଅଜୟ କୁମାର ଶାହା, କମଳେନ୍ଦୁ ଦାଶ, ସନ୍ତୋଷ କୁମାର ଲେଙ୍କା ଏବଂ ଶୈଳେଶ ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ନ୍ୟାୟ ପାଇଁ ତହସିଲ ଆଗରେ ଧାରଣା

**ଗୋପ,୨୨।୯(ଡି.ଏନ୍.ଏ.)**

ନିଜ ପୈତୃକ ଜମିକୁ ନେଇ ଲାଗିରହିଥିବା ପାରିବାରିକ ବିବାଦରୁ ନ୍ୟାୟ ପାଇଁ ଗୋପ ଥାନା ମଲ୍ଲିକ ସାହିର ଚନ୍ଦନ ଭୋଇ ସ୍ତ୍ରୀ ଓ ପିଲାଙ୍କୁ ନେଇ ବୁଧବାର ତହସିଲ ସମ୍ମୁଖରେ ଧାରଣାରେ ବସିଥିଲେ। ଖବରପାଇ ତହସିଲଦାର ଦାୟିତ୍ୱରେ ଥିବା ଶରତ କୁମାର ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଲୁଣେଇ ଆର୍‌ଆଇ ଆସି ୭ଦିନ ମଧ୍ୟରେ ବିବାଦ ଉପୁଜିଥିବା ଜମି ମାପଚୁପ ହେବ ବୋଲି କହିବା ପରେ ସମ୍ପୃକ୍ତ ପରିବାର ଧାରଣାରୁ ଉଠିଥିଲେ। ମଲ୍ଲିକସାହିରେ ଥିବା ଚନ୍ଦନଙ୍କ ପିତୃ ଅର୍ଜିତ ସମ୍ପତ୍ତିକୁ ନେଇ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ଏହାର ସମାଧାନ ପାଇଁ ଚନ୍ଦନ ଜୁଲାଇ ୨୩ରେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ କରି ନ ଥିଲା। ପରେ ତହସିଲ କାର୍ଯ୍ୟାଳୟରେ ପିତୃ ଅର୍ଜିତ ସମ୍ପତ୍ତିର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଗୋଟିଏ ଡିମାରକେସନ ଫାଇଲ କରିଥିଲେ। ତଥାପି ସମାଧାନ ନ ହେବାରୁ ଚନ୍ଦନ ବୁଧବାର ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ତହସିଲଦାର ଦାୟିତ୍ୱରେ ଥିବା ଶରତ ପରିଡ଼ା କହିଛନ୍ତି, ଅଭିଯୋଗ ଅନୁସାରେ ପୂର୍ବରୁ ମାପଚୁପ କରାଯାଇଥାନ୍ତା। ମାତ୍ର କରୋନା କଟକଣା ଯୋଗୁ ଏହି ମାପଚୁପ ବନ୍ଦ କରାଯାଇଥିଲା ବୋଲି ସେ କହିଛନ୍ତି।



ପୁରୀ ଜିଲାପାଳ ସମର୍ଥ ବର୍ମା ଜିଲା ମୁଖ୍ୟ ଚିକିତ୍ସାଳୟର ନବୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

# ୨୫ ବିଶୃଙ୍ଖଳାକାରୀଙ୍କୁ ଉଠାଇନେଲା ପୋଲିସ

**ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍**

**ପୁରୀ ଅଫିସ, ୨୨।୯**

ପୁରୀ ପୋଲିସ ପକ୍ଷରୁ ଅସାମାଜିକ ଏବଂ ବିଶୃଙ୍ଖଳା ସୃଷ୍ଟିକାରୀ ମଦ୍ୟପଙ୍କ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ସିଟିଡିଏସ୍‌ପି ଜନାର୍ଦ୍ଦନ ପାତ୍ରୀଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ଅଧିକାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବୁଧବାର ପୁରୀ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଶୃଙ୍ଖଳା ସୃଷ୍ଟି କରୁଥିବା ୨୫ଜଣ ମଦ୍ୟପଙ୍କୁ ଧରିନେଇ ଥାନାରେ ଅଟକ ରଖିଛି। ସେମାନେ କେତେ ପରିମାଣର ନିଶା ସେବନ କରିଛନ୍ତି ତାହା ନିଃଶ୍ୱାସ ବିଶ୍ଳେଷଣକାରୀ ଯନ୍ତ୍ର ଦ୍ୱାରା ପରୀକ୍ଷା କରାଯାଇଥିଲା। ଯେଉଁମାନେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମ ଦିନରେ ପୋଲିସ ୨୫ ମଦ୍ୟପଙ୍କୁ ଧରିଛି। ମଦ୍ୟପାନ କରି ସେମାନେ ସ୍ଥାନୀୟ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ ବୋଲି ପୋଲିସ କହିଛି। ପୋଲିସ ପକ୍ଷରୁ ୯୪୩୭୨୨୩୬୦୦ ନମ୍ବର ଜାରି କରାଯାଇଛି। ନାଗରିକମାନେ ଏହି ନମ୍ବରରେ ଫୋନ କରି ପୋଲିସକୁ ସୂଚନା ଦେଇପାରିବେ। ପୋଲିସ ସୂଚନା ପାଇବା ପରେ ତୁରନ୍ତ ପଦକ୍ଷେପ ନେବ।

# ବ୍ରାଉନ ସୁଗାର ଜବତ, ଜଣେ ଗିରଫ

**ପୁରୀ ଅଫିସ, ୨୨।୯**

ସମୁଦ୍ରକୂଳ ଥାନା ପୋଲିସ ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ପୁରୀ ଭିଆଇପି ରୋଡ୍ ଜଗନ୍ନାଥ କଲୋନୀର ରଞ୍ଜନ ପ୍ରଧାନଙ୍କୁ ବୁଧବାର ଗିରଫ କରିଛି। ତାଙ୍କଠାରୁ ୬ଗ୍ରାମ ୫ମିଲିଗ୍ରାମ ବ୍ରାଉନସୁଗାର ସହ ୪୫୦ ଟଙ୍କା ଜବତ କରାଯାଇଛି। ଏ ନେଇ କେସ୍ ନଂ ୨୦୧/୨୧ ରୁଜୁ ହୋଇଛି। ଏସ୍‌ଆଇ ବିଦ୍ୟାଧର ଭୋଳ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ସମୁଦ୍ରକୂଳ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ଚାଲିଥିବା ସୂଚନା ପାଇ ଚଢ଼ାଉ କରିଥିଲେ।

# ଶ୍ରୀମନ୍ଦିର ଆଗରେ ଦୀପସ୍ତମ୍ଭ ବ୍ୟବସ୍ଥା ଦାବି

**ପୁରୀ ଅଫିସ, ୨୨।୯**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରତିଦିନ ଶହ ଶହ ଭକ୍ତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରୁଛନ୍ତି। ତେବେ ଦୀପ ପ୍ରଜ୍ୱଳନ ପାଇଁ ପ୍ରଶାସନ ବ୍ୟବସ୍ଥା କରିବାକୁ ଅନୁରୋଧ ଜଣାଇ ବୁଧବାର 'ଉର୍ଜାବାନ ଓଡ଼ିଶା' ସଙ୍ଗଠନ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସଙ୍ଗଠନର ସଭାପତି ସନ୍ତୋଷ ସେନାପତି ଓ ସମ୍ପାଦିକା ନିହାରିକା ତ୍ରିପାଠୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଲାଗି ପ୍ରତିଦିନ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ଶ୍ରୀମନ୍ଦିରକୁ ଆସିଥାନ୍ତି। ସେହିଭଳି ସ୍ଥାନୀୟ ବାସିନ୍ଦା ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପ ଜାଳିଥାନ୍ତି। ତେବେ ସେଠାରେ ଦୀପସ୍ତମ୍ଭ ନ ଥିବାରୁ ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରିବା ପରେ ପଥର କିମ୍ବା ତଳେ ଦୀପ ରଖୁଛନ୍ତି। ତଳେ ଦୀପଗୁଡ଼ିକ ଗଦା ହେଉଥିବାରୁ ଲୋକେ ସେହି ବାଟ ଦେଇ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସିଂହଦ୍ୱାରଠାରେ ନୂତନ ଦୀପସ୍ତମ୍ଭ ବ୍ୟବସ୍ଥା କରାଯିବାକୁ ଏହି ସଙ୍ଗଠନ ଦାବି କରିଛି। ଏ ନେଇ ଜିଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସନଙ୍କୁ 'ଉର୍ଜାବାନ ଓଡ଼ିଶା' ସଭାପତି ଓ ସମ୍ପାଦିକାଙ୍କ ସମେତ କୋଷାଧ୍ୟକ୍ଷ ସୀତାରାମ ସେନାପତି, ଆଇନ ପରାମର୍ଶଦାତା ଅନିଲ କୁମାର ସାହୁ, ଦେବଜିତ ଦାସ, ଜଗନ୍ନାଥ ପଣ୍ଡା, ଗୌତମ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# କଟକଣାରେ ପାଳନ ହେବ ଦୁର୍ଗାପୂଜା

**ଗୋଷାଣୀ ଯାତ୍ରାବେଳେ ଦେବସଭାକୁ ଅନୁମତି ମିଳିବ**

**ପୁରୀ ଅଫିସ,୨୨।୯**

ଆସନ୍ତା ଦୁର୍ଗାପୂଜା ନିମନ୍ତେ ପୁରୀ ସହରବାସୀଙ୍କ ସହଯୋଗ ଲୋଡ଼ିଛି ଜିଲା ପ୍ରଶାସନ। ଏ ନେଇ ବୁଧବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି ହୋଇଛି ଯେ, ପୂଜାମଣ୍ଡପର ତିନି ପାର୍ଶ୍ୱ ବନ୍ଦ ରହିବ। ସମ୍ମୁଖ ପାର୍ଶ୍ୱ ପରଦା ଦ୍ୱାରା ଢଙ୍କାଯିବ। ଡାକବାଜି ଯନ୍ତ୍ର, ଶୋଭାଯାତ୍ରା, ଭୋଜିଭାତ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ଭକ୍ତଙ୍କୁ ମଣ୍ଡପ ନିକଟରେ ପୂଜା ଓ ଦର୍ଶନ ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ସେହିପରି ମୂର୍ତ୍ତି ଉଚ୍ଚତା ୪ଫୁଟ୍ ମଧ୍ୟରେ ସୀମିତ ରହିବ। ପୂଜକଙ୍କ ସମେତ ସର୍ବାଧିକ ୭ ଜଣଙ୍କୁ ପୂଜା ମଣ୍ଡପରେ ରହିବାକୁ ଅନୁମତି ମିଳିବ। ପୂଜାମଣ୍ଡପରେ ଥିବା କର୍ମକର୍ତ୍ତାଙ୍କୁ ପରିଚୟପତ୍ର ମିଳିବ ଓ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଲାଗୁ ହେବ। କୋଭିଡ୍ କଟକଣା କଡ଼ାକଡ଼ି ପାଳନ କରାଯିବା ସହ ସଫେଇ ଓ ଆଲୋକୀକରଣ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯିବ। ମୂର୍ତ୍ତି ବିସର୍ଜନ ନିମନ୍ତେ ମଙ୍ଗଳାଘାଟ ନିକଟରେ କୃତ୍ରିମ ପୋଖରୀ ହେବ ବୋଲି ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି। ସେହିପରି ପରମ୍ପରାକୁ ଦୃଷ୍ଟିରେ ରଖାଯାଇ ଶ୍ରୀମନ୍ଦିର ସମ୍ମୁଖରେ ଗୋଷାଣୀ ଯାତ୍ରା ବେଳେ ଦେବସଭାକୁ ଅନୁମତି ଦିଆଯିବ। ସହରାଞ୍ଚଳରେ ପୂଜା ମଣ୍ଡପ ନିମନ୍ତେ ଉପଜିଲାପାଳ ଓ ଅନ୍ୟ ଅଞ୍ଚଳରେ ତହସିଲଦାର ଅନୁମତି ଦେବେ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁବାସ ଚନ୍ଦ୍ର ନାଥଶର୍ମା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟରଙ୍କୁ ମନାଇବାକୁ ଚାଲିଛି ପ୍ରୟାସ

**ପିପିଲି/ଡେଲାଙ୍ଗ, ୨୨।୯ (ସ୍ୱ.ପ୍ର./ଡି.ଏନ୍.ଏ.)**

ପିପିଲି ଉପନିର୍ବାଚନକୁ ଦିନ ପାଖେଇ ଆସୁଥିବାବେଳେ ୩ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଭାଜପା ପକ୍ଷରୁ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ରାଜ୍ୟ ମହିଳା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅନିତା ପ୍ରିୟଦର୍ଶନୀ ପଟ୍ଟନାୟକ, ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମାଜ କଲ୍ୟାଣ ଯୋଜନା ଓ ସବ୍‌କା ସାଥ ସବ୍‌କା ବିକାଶର ବାର୍ତ୍ତାକୁ ସମସ୍ତଙ୍କ ନିକଟକୁ ପହଞ୍ଚାଇବାକୁ କହିଥିଲେ। ରାଜ୍ୟ ସରକାରଙ୍କ ଅନ୍ୟାୟ ବିରୋଧରେ



ଭାଜପା ପକ୍ଷରୁ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ମହିଳା ସମାବେଶ।

ନାରାବାଜି ଦେବା ସହ ଏଥରର ପରିବର୍ତ୍ତନ ସ୍ୱରରେ ସାମିଲ ହେବାକୁ ସଭାରେ ଆହ୍ୱାନ ଦେଇଥିଲେ। ଏଥିସହ ପ୍ରାର୍ଥୀ ଆଶ୍ରିତ କହିଥିଲେ, ନିର୍ବାଚିତ ହେଲେ ଏକ ମାସ ମଧ୍ୟରେ ପଞ୍ଚାୟତରେ ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବି। ଏପରିକି ସବୁବେଳେ ଆପଣଙ୍କ ସହ ରହି ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବି। ସମାରୋହରେ ମଣ୍ଡଳ ସଭାପତି ପର୍ଶୁରାମ ମହାପାତ୍ର, ପଞ୍ଚାୟତ ପ୍ରଭାରୀ ପ୍ରକାଶ ମଙ୍ଗରାଜଙ୍କ ସମେତ ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ।

ସେହିପରି ଡେଲାଙ୍ଗ ବ୍ଲକର ପୁରୁଷୋତ୍ତମପୁର, ଅଭୟମୁଖି ଓ ଚାଇଁପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଚିତଳପୁର, ବିଧିରିପୁର ଓ ଶ୍ରୀପୁରୁଷୋତ୍ତମପୁର ଗ୍ରାମରେ ଅନୁଷ୍ଠିତ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ସରପଞ୍ଚ ବାଲୁକେଶ୍ୱର ମହାପାତ୍ର, ଜିଲା ମ୍ୟୁନିସିପାଲିଟି ଅଧ୍ୟକ୍ଷ ସବ୍ୟସାଚୀ ମହାପାତ୍ର ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀଙ୍କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ। କର୍ମୀ ସଦାଶିବ ପ୍ରଧାନ ବିଜେଡିରେ ସାମିଲ ହୋଇଥିଲେ। ଚାଇଁପୁରର ଗଡଚଣ୍ଡି ମନ୍ଦିରରେ ବୁଥସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଉମାକାନ୍ତ ସାମନ୍ତରାୟ, ଚାଇଁପୁର ପର୍ଯ୍ୟବେକ୍ଷକ ତଥା ବିଧାୟକ ଧ୍ରୁବଚରଣ ସାହୁ, ଉପସଭାନେତ୍ରୀ ସନ୍ଧ୍ୟାରାଣୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅଭୟମୁଖି ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଓ ଜିଲା ପରିଷଦ ସଭ୍ୟ ଦେବାଶିଷ୍ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସାଉରିଆ, ଗଡମୋଟରୀ, ଅଭୟମୁଖି, ଚାଇଁପୁର, ଡେଲାଙ୍ଗ-କୋଠବାଡ, ମୁନିନ୍ଦା ଓ ଗୁଆଳିପଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଦଳୀୟ ନେତା ରୁଦ୍ରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।